


# ସଂଚାର
THE SANCHAR




Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 87 | ଭାଗ ୩୪ | ସଂଖ୍ୟା ୮୭ | Bhubaneswar | Thursday 19 June 2025 | Page 8 Rs. 4.00 | ● ଭୁବନେଶ୍ୱର ଗୁରୁବାର ୧୯ ଜୁନ୍ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା

## ପାଣିରୁ ହୋଇଛି ଝାଡ଼ାବାନ୍ତି ସଂକ୍ରମଣ

**ଭୁବନେଶ୍ୱର,୧୮।୬(ସଂଚାର ବ୍ୟୁରୋ):** ପିଇବା ପାଣି ପାଇଁ ହେଉଛି ଝାଡାବାନ୍ତି ସଂକ୍ରମଣ। ବେସରକାରୀ ଭାବେ ହଇଜା ଓ ଝାଡାବାନ୍ତିରେ ୨୧ଜଣଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହେଉଥିବା ବେଳେ ସରକାରୀ ଭାବେ ଆଜି ସୁଦ୍ଧା ୧୦ଜଣଙ୍କର ଝାଡାବାନ୍ତିରେ ମୃତ୍ୟୁ ହୋଇଥିବା ସ୍ୱାସ୍ଥ୍ୟ ସଚିବ ସ୍ପଷ୍ଟ କରିଛନ୍ତି।

- ୧୬ ନମୂନାରେ କଲେରା ପଜିଟିଭ ଚିହ୍ନଟ
- ଆଜିଠୁ ଆରମ୍ଭ ହେବ ଜଳ ଉତ୍ସ ବିଶୋଧନ ପ୍ରକ୍ରିୟା
- ଫୋକସରେ ଯାଜପୁର, କଟକ ଓ ଭଦ୍ରକ ଜିଲ୍ଲା

ବର୍ତ୍ତମାନ ସୁଦ୍ଧା ସଂଗ୍ରହ ହୋଇଥିବା ୪୬ଟି ନମୂନାରୁ ୧୬ଜଣଙ୍କ ଠାରେ ହଇଜା ବୀଜାଣୁ ଥିବା ଜଣାପଡିଛି। ଏଥିସହିତ ଯାଜପୁର ସମେତ ସଂକ୍ରମିତ ଜିଲ୍ଲାରେ ସବୁ ପାନୀୟ ଜଳ ଉତ୍ସର ବିଶୋଧନ କରାଯିବ ବୋଲି ଆଜି କେନ୍ଦ୍ରୀୟ ଟିମ ଓ ସ୍ୱାସ୍ଥ୍ୟ ବିଭାଗର ମିଳିତ ସମୀକ୍ଷା ବୈଠକରେ ନିଷ୍ପତ୍ତି ହୋଇଛି।

ସବୁ ସଂକ୍ରମିତ ଜିଲ୍ଲା ଗସ୍ତ କରିବା ପରେ ପାଣିରୁ ହିଁ ଡାଇରିଆ ବ୍ୟାପିଥିବା କେନ୍ଦ୍ରୀୟ ଟିମ ମତ ଦେଇଛି। ତେଣୁ



ସବୁ ପାଣି ଉତ୍ସର ତିନି ଦିନରେ ଥରେ ବିଶୋଧନ କରାଯିବ। ଆସନ୍ତାକାଲିଠାରୁ ଯାଜପୁର, କଟକ ଓ ଭଦ୍ରକକୁ କେନ୍ଦ୍ରୀୟ ଟିମ ସହ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ ମଧ୍ୟ ଗସ୍ତ କରିବ। ସବୁ ଜିଲ୍ଲାରେ ଗଠନ ହେବ କୋର ଟିମ। ଏହି କୋର ଟିମର ଆବାହର କରିବେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ। କଟକକୁ ଅନ୍ୟ ଜିଲ୍ଲାରୁ ସଂକ୍ରମିତମାନେ ଆସୁଥିବାରୁ କଟକକୁ ଫୋକସରେ ରଖିବାକୁ ଆଜି ନିଷ୍ପତ୍ତି ହୋଇଥିବା ସ୍ୱାସ୍ଥ୍ୟ ସଚିବ ସୂଚନା ଦେଇଛନ୍ତି।

ଯଦିଓ ସରକାରୀ ଭାବେ ଝାଡାବାନ୍ତିରେ ୧୦ଙ୍କ ମତ୍ୟୁ ହୋଇଥିବା କୁହାଯାଉଛି, ଯାଜପୁରରେ ଆଜି ଆଉ୨ ଜଣଙ୍କର ମୃତ୍ୟୁ ହୋଇଥିବା ଅଭିଯୋଗ ସହ ବେସରକାରୀ ଭବେ ➪ପୃଷ୍ଠା-୬

### ମଧ୍ୟାହ୍ନଭୋଜନ ପାଇଁ ସ୍ୱତନ୍ତ୍ର ମାର୍ଗଦର୍ଶିକା

ଆସନ୍ତା ୨୦ ତାରିଖରେ ରାଜ୍ୟର ସମସ୍ତ ସ୍କୁଲ୍ ଖୋଲିବା ସକାଶେ ନିକଟରେ ସରକାର ଘୋଷଣା କରିଛନ୍ତି। ସମ୍ପ୍ରତି ରାଜ୍ୟରେ ଯାଜପୁର ସମେତ ୭ଟି ଜିଲ୍ଲରେ ଝାଡ଼ାବାନ୍ତି କାୟା ବିସ୍ତାର କରିଥିବା ବେଳେ ଏଥିରେ ୧୦ରୁ ଉର୍ଦ୍ଧ୍ୱ ଲୋକଙ୍କର ଜୀବନ ଯାଇସାରିଛି। ଏହି ଝାଡ଼ାବାନ୍ତି ଦୂଷିତ ପାଣିରୁ ବ୍ୟାପିଥିବା ସ୍ପଷ୍ଟ ହେବା ପରେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କୌଣସି ପ୍ରକାର ପ୍ରତିକୂଳ ପରିସ୍ଥିତିକୁ ଏଡ଼ାଇବା ସକାଶେ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରିବା ସକାଶେ ନିଷ୍ପତ୍ତି ହୋଇଛି। ସ୍କୁଲ୍‌ରେ ବାଳ ବାଟିକାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନଭୋଜନ ଦେବା ସକାଶେ ଘୋଷଣା ହୋଇଥିବା ବେଳେ ଖାଦ୍ୟ ପ୍ରସ୍ତୁତିଠାରୁ ଆରମ୍ଭ କରି ପ୍ରତିଟି କ୍ଷେତ୍ରରେ ସଚେତନତା ଉପରେ ଗୁରୁତ୍ୱ ଦିଆଯିବ। ହଇଜାପ୍ରବଣ ଅଞ୍ଚଳର ସ୍ଥିତିକୁ ଦୃଷ୍ଟିରେ ରଖି ସ୍କୁଲରେ ମଧ୍ୟାହ୍ନଭୋଜନ ପ୍ରସ୍ତୁତ କରିବା ପାଇଁ ଏକ ସ୍ୱତନ୍ତ୍ର ➪ପୃଷ୍ଠା-୬

▶ ବାରିପଦାରେ ରାଜ୍ୟସ୍ତରୀୟ ଆଦିବାସୀ ଶକ୍ତି ସମାବେଶ, ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

## ବିକଶିତ ଓଡ଼ିଶା ପାଇଁ ଜନଜାତିଙ୍କ ବିକାଶ ଜରୁରୀ

- ‘ଆଦିବାସୀ ଶକ୍ତି ସମାବେଶ’ ସଂସ୍କୃତି ଓ ପରମ୍ପରାର ଏକ ଅପୂର୍ବ ମିଳନ
- ସାଂସ୍କୃତିକ ବୈଭବ ଚିତ୍ରପଟ୍ଟରେ ଜନଜାତି ସଂସ୍କୃତିର ସ୍ୱତନ୍ତ୍ର ସ୍ଥାନ ରହିଛି
- କେନ୍ଦ୍ର ଓ ରାଜ୍ୟ ସରକାର ଜନଜାତି କଲ୍ୟାଣ ପାଇଁ ପ୍ରତିବଦ୍ଧ



**ଭୁବନେଶ୍ୱର,୧୮।୬(ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ଆଜି ବାରିପଦାର ଛଉ ପଡ଼ିଆଠାରେ ରାଜ୍ୟସ୍ତରୀୟ ଆଦିବାସୀ ଶକ୍ତି ସମାବେଶ ଆୟୋଜିତ ହୋଇଥିବା ବେଳେ ଏହାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ ଓଡ଼ିଶା ସାଂସ୍କୃତିକ ବୈଭବ ଚିତ୍ରପଟ୍ଟରେ ଜନଜାତି ସଂସ୍କୃତି ଏକ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିଥିବାରୁ ଆଗାମୀ ୨୦୩୬ ସୁଦ୍ଧା ଓଡ଼ିଶାକୁ ସମୃଦ୍ଧ ଓଡ଼ିଶାରେ ପରିଣତ କରିବା ସକାଶେ ଜନଜାତିଙ୍କ ବିକାଶ ଜରୁରୀ ବୋଲି ମତ ବ୍ୟକ୍ତ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆଗାମୀ ୧୧ ବର୍ଷ ଭିତରେ ଏହି ଲକ୍ଷ୍ୟକୁ ସାକାର କରିବା ସକାଶେ ରାଜ୍ୟର ୪୦ ପ୍ରତିଶତ ଜନସଂଖ୍ୟା ବିଶିଷ୍ଟ ଜନଜାତି ଓ ଅନୁସୂଚିତ ଜାତିଙ୍କ ବିକାଶ ଅତ୍ୟାବଶ୍ୟକ। ଏହି ‘ଆଦିବାସୀ ଶକ୍ତି ସମାବେଶ’ରେ ସଂସ୍କୃତି ଓ ପରମ୍ପରାର ଏକ ଅପୂର୍ବ ମିଳନ। ରାଜ୍ୟ ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ଆୟୋଜିତ ଏହି ମେଳା ରାଜ୍ୟର ସମସ୍ତ ଆଦିବାସୀ ସମ୍ପ୍ରଦାୟଙ୍କୁ ଏକାଠି କରିବା ସହ ସେମାନଙ୍କୁ ପରସ୍ପରର ସଂସ୍କୃତି ସହ ପରିଚିତ କରାଇବାର ଏକ ସୁଯୋଗ ସୃଷ୍ଟି କରିଛି। ସମାବେଶର ମୁଖ୍ୟ ଉଦ୍ଦେଶ୍ୟ ଆଦିବାସୀ ସମ୍ପ୍ରଦାୟର ସମସ୍ତ ସମସ୍ୟା ଓ ଆବଶ୍ୟକତାକୁ ସୁନିଶ୍ଚିତ କରିବା। ଓଡିଶାର ପ୍ରାଣ ହେଉଛନ୍ତି ଏହାର ଜନଜାତି। ରାଜ୍ୟର ପ୍ରାୟ ଏକ-ଚତୁର୍ଥାଂଶ ଆଦିବାସୀ ସମ୍ପ୍ରଦାୟ ହୋଇଥିବା ବେଳେ ଆଦିବାସୀ ଜନଜାତି ଆଜି ଦେଶରେ ଶ୍ରେଷ୍ଠ ସ୍ଥାନ ଗ୍ରହଣ କରିଛି। ➪ପୃଷ୍ଠା-୬

## ବବି-ଅରୁଣଙ୍କୁ ନଣ୍ଡା କରିଦେଲେ ସୌଭିକ

**ଭୁବନେଶ୍ୱର,୧୮।୬(ସଂଚାର ବ୍ୟୁରୋ):** ବିଜେପି ବିରୋଧରେ ବିଜେଡିର ଯୁବ, ଛାତ୍ର ସମ୍ମିଳନୀ କରିବାକୁ ଯାଇ ଅଡୁଆରେ ପଡିଗଲେ ଦଳର ଦ୍ୱିତୀୟ କ୍ଷମତା କେନ୍ଦ୍ର ପ୍ରଣବ ପ୍ରକାଶ ଦାସ ଓରଫ କ୍ରୀତଦାସ ଓ ବରିଷ୍ଠ ବିଧାୟକ ଅରୁଣ ସାହୁ। ଏହି ଦୁଇ ନେତାଙ୍କ ମାର୍ଗଦର୍ଶନ ଓ ନେତୃତ୍ୱରେ ଦଳର ଯୁବ ଛାତ୍ର ସମ୍ମିଳନୀର ଆୟୋଜନ କରାଯାଇଥିଲା। ହେଲେ ଆଜି ଏହି ଦୁଇ ନେତାଙ୍କ ସମେତ ଏମାନଙ୍କ ଘଣି ସାଜିଥିବା ଆଉ କିଛି ନେତାଙ୍କ ପୋଲ୍ ଖୋଲିଦେଇଛନ୍ତି କଟକ-ଚୌଦ୍ୱାର



ବିଧାୟକ ସୌଭିକ ବିଶ୍ୱାଳ।

- ଲାଭବାନ ହୋଇଥିବା ନେତା ନେତୃତ୍ୱ ଛାଡ଼ନ୍ତୁ
- ନିଷ୍ଠାର ସହ କାମ କରିଥିବା ନେତାଙ୍କୁ ଦାୟିତ୍ୱ ଦିଅନ୍ତୁ

ସେ ସିଧାସଳଖ ଭାବେ ମଞ୍ଚ ଉପରୁ ଆକ୍ଷେପ କରିଥିଲେ ଯେ ଯେଉଁ ନେତାମାନେ ନବୀନ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରିତ୍ୱ କାଳରେ ଲାଭବାନ ହୋଇଛନ୍ତି ଆଉ ପ୍ରବଳ ରୋଜଗାର କରିଛନ୍ତି, ସେମାନେ ଆଗଧାଡ଼ିରେ ରହି ଦଳର ନେତୃତ୍ୱ ଛାଡନ୍ତୁ। ସେ କାହାରି ନାଁ ନେଇନଥିଲେ ବି ତାଙ୍କ ଇଙ୍ଗୀତ ଯେ ପ୍ରଣବ ଓ ଅରୁଣଙ୍କ ଆଡେ ଥିଲା, ଏକଥା ବୁଝିବାକୁ କାହାରିକୁ ବାକି ନଥିଲା। ସୌଭିକଙ୍କ ଏଭଳି କଥା ଶୁଣି ମଞ୍ଚରେ ଥିବା ନେତାମାନେ ବି ମୁରୁକି ମୁରୁକି ହସିବା ସହ ଟୁପୁରୁ ଟାପର ହେବା ଆରମ୍ଭ କରିଦେଇଥିଲେ। ସୌଭିକ ଯେ କେବଳ ଏହି ଦୁଇ ନେତାଙ୍କୁ ଟାର୍ଗେଟ କରିଥିଲେ ତା’ ନୁହେଁ, ଏମାନଙ୍କ ସହ ଯୋଡ଼ି ହୋଇଥିବା ଆଉ କିଛି ନେତାଙ୍କୁ ବି ସେ ପରୋକ୍ଷରେ ସଙ୍କେତ ଦେଇଥିଲେ। ➪ପୃଷ୍ଠା-୬

## ଟଳିଲେ ୩ ମାଓବାଦୀ

### ମୁଣ୍ଡରେ ଥିଲା ଦେଢ଼ କୋଟିର ପୁରସ୍କାର



**ମାଲକାନଗିରି,୧୮।୬(ସଂଚାର ବ୍ୟୁରୋ):** ପୁଲିସ୍ ଗୁଳିରେ ଟଳିପଡିଲେ ୩ ମାଓବାଦୀ। ପୁଲିସ୍ ଓ ମାଓବାଦୀ ଗୁଳିବିନିମୟରେ ମୃତ୍ୟୁବରଣ କରିଥିବା ଏହି ୩ ଟପ କ୍ୟାଡର ମାଓବାଦୀଙ୍କ ମୁଣ୍ଡରେ ଦେଢ଼ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ପୁରସ୍କାର ରାଶି ରହିଥିଲା। ମାଲକାନଗିରି ଜିଲ୍ଲା ସୀମାନ୍ତ ମରଡ଼ପଲ୍ଲୀ ଜଙ୍ଗଲରେ ଆନ୍ଧ୍ର ଗ୍ରେହାଉଣ୍ଡ ଓ ମାଓବାଦୀ ମଧ୍ୟରେ ଗୁଳିବିନିମୟ ହୋଇଥିଲା। ଏଥିରେ ଆନ୍ଧ୍ର ଓଡ଼ିଶା ବର୍ଡର୍ ସ୍ପେଶାଲ୍ ଜୋନାଲ୍ କମିଟି (ଏଓବିଏସ୍‌ଜେଡ୍‌ସି)ର ସେଣ୍ଟ୍ରାଲ କମିଟି ସଦସ୍ୟ ତଥା ସମ୍ପାଦକ ଗଜରାଲା ରବି ଓରଫ ଉଦୟ, ଜୋନାଲ୍ କମିଟିର ସଦସ୍ୟ ତଥା ଇଷ୍ଟ୍ ଡିଭିଜନ୍ ସମ୍ପାଦକ ରବି ଭେଙ୍କା ଚୈତନ୍ୟ ଓରଫ୍ ଅରୁଣା, ସୀତାରାମ ଜିଲ୍ଲା ଏରିଆ କମିଟି ଏସିଏମ୍ କ୍ୟାଡର୍ ମାଓବାଦୀ ଅମିତ ବରଦାର ନିହତ ହୋଇଛନ୍ତି। ଜଙ୍ଗଲରେ ଆହୁରି ମାଓବାଦୀ ଲୁଚି ରହିଥିବା ଆଶଙ୍କା କରି ସୁରକ୍ଷାକର୍ମୀମାନେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଗୁଳିବିନିମୟ ଜାରି ରଖିଥିବା ଜଣାପଡ଼ିଛି। ➪ପୃଷ୍ଠା-୬

### ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ଉନ୍ନତ ଶିକ୍ଷା ପାଇଁ ଚୁକ୍ତି ସ୍ୱାକ୍ଷରିତ

## ସର୍ବବ୍ୟାପୀ ଶିକ୍ଷା ଏନ୍‌ଇପିର ମୂଳ ବିଚାର: ଧର୍ମେନ୍ଦ୍ର

**ନୂଆଦିଲ୍ଲୀ,୧୮।୬:** ଦିବ୍ୟାଙ୍ଗଙ୍କ ପାଇଁ ସମାନ ଶିକ୍ଷା ସୁନିଶ୍ଚିତ କରିବା ଓ ସମାବେଶୀ ଭାରତ ଗଠନ ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଆଜି ଏଠାରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ କେନ୍ଦ୍ର ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରୀ ଡ. ବୀରେନ୍ଦ୍ର କୁମାରଙ୍କ ଉପସ୍ଥିତିରେ ଏକ ତ୍ରିପାକ୍ଷିକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷରିତ ହୋଇଛି। ଡିପାର୍ଟମେଣ୍ଟ ଅଫ୍ ଏମ୍ପାୱାରମେଣ୍ଟ୍ ଅଫ୍ ପର୍ସନ ୱିଥ୍ ଡିଜାବିଲିଟି (ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟ), ଜାତୀୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନ (ଏନଆଇଓଏସ) ଓ ଜାତୀୟ ଶିକ୍ଷା ଗବେଷଣା ଏବଂ ତାଲିମ ପରିଷଦ (ଏନସିଇଆରଟି), ଶିକ୍ଷା ମନ୍ତ୍ରଣାଳୟର ବିଦ୍ୟାଳୟ ଶିକ୍ଷା ଏବଂ ସାକ୍ଷରତା ବିଭାଗ ମଧ୍ୟରେ ଏହି




> ଦିବ୍ୟାଙ୍ଗଙ୍କ ପାଇଁ ସମାଜରେ ଦାୟିତ୍ୱବୋଧ ବଢ଼ିବା ଆବଶ୍ୟକ

ବୁଝାମଣା ସ୍ୱାକ୍ଷରିତ ହୋଇଥିବା ବେଳେ ସର୍ବବ୍ୟାପୀ, ସର୍ବସ୍ପର୍ଶୀ ଓ ସମାନ ଶିକ୍ଷା ହେଉଛି ଜାତୀୟ ଶିକ୍ଷା ନୀତି (ଏନ୍‌ଇପି)ର ମୂଳ ବିଚାର ବୋଲି ମତ ଦେଇଛନ୍ତି। ସେ କହିଛନ୍ତି ଯେ ଏହି ବୁଝାମଣାପତ୍ର ଏନ୍‌ଇପିର ଏହି ଭାବନାକୁ ଆଗକୁ ବଢ଼ାଇବା ଦିଗରେ ଏକ ଉତ୍ତମ ପ୍ରୟାସ। ଏହା ଦିବ୍ୟାଙ୍ଗ ପିଲାଙ୍କୁ ଶିକ୍ଷାର ସମାନ ସୁଯୋଗ ପ୍ରଦାନ କରିବା ସହ ସେମାନଙ୍କ ଅଧିକାରକୁ ସୁରକ୍ଷା ଦେବ। ଏହାଛଡ଼ା ଶିକ୍ଷାରେ ସମସ୍ତଙ୍କ ଅଂଶଗ୍ରହଣକୁ ଏହି ➪ପୃଷ୍ଠା-୬

## ୨୦ରେ ଦ୍ୱୈତନଗରୀର ସମସ୍ତ ସ୍କୁଲ୍ ବନ୍ଦ

### ଟ୍ରାଫିକ୍ କଟକଣା ସମସ୍ୟା ଏଡ଼ାଇବାକୁ ନିଷ୍ପତ୍ତି

**ଭୁବନେଶ୍ୱର,୧୮।୬(ସଂଚାର ବ୍ୟୁରୋ):** ଓଡ଼ିଶା ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ଆସନ୍ତା ୨୦ ତାରିଖରେ ଭୁବନେଶ୍ୱରର ଜନତା ମଇଦାନରେ ଏକ ରାଜ୍ୟସ୍ତରୀୟ ସମାବେଶ ଆୟୋଜିତ ହେବ। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୁଖ୍ୟ ଅତିଥି ଭାବେ ଯୋଗଦେବେ। ଏହି ସମାବେଶରେ ବିପୁଳ ଜନସମାଗମ ହେବାର ସମ୍ଭାବନା ରହିଥିବାରୁ ସହରରେ ଟ୍ରାଫିକ ସମସ୍ୟା ଉପୁଜିବାର ଯଥେଷ୍ଟ ଆଶଙ୍କା ରହିଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ଦ୍ୱୈତନଗରୀ ଭୁବନେଶ୍ୱର ଓ କଟକରେ ଥିବା ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଓ ବେସରକାରୀ ବିଦ୍ୟାଳୟଗୁଡ଼ିକୁ ଶୁକ୍ରବାର ବନ୍ଦ ରଖିବା ସକାଶେ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ନିଷ୍ପତ୍ତି ସହରରେ ଯାତାୟାତ ବ୍ୟବସ୍ଥାକୁ ସୁଗମ ରଖିବା ଓ ଛାତ୍ରଛାତ୍ରୀଙ୍କ ସୁରକ୍ଷା ନିଶ୍ଚିତ କରିବା ଉଦ୍ଦେଶ୍ୟରେ ନିଆଯାଇଛି। ସମାବେଶ ସମ୍ପର୍କରେ ଅଧିକ ତଥ୍ୟ ସାମ୍ନାକୁ ଆସିନଥିବା ବେଳେ ଏହାକୁ ରାଜ୍ୟ ସରକାରଙ୍କ ଏକ ବର୍ଷର କାର୍ଯ୍ୟକାଳର ସଫଳତା ପ୍ରଦର୍ଶନ ଓ ଆଗାମୀ ଯୋଜନାର ରୂପରେଖ ଉପସ୍ଥାପନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ଭାବେ ବିବେଚନା କରାଯାଉଛି। ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ନେଇ ସହରରେ ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ କଡ଼ାକଡ଼ି କରାଯାଇଛି। ସ୍ଥାନୀୟ ପ୍ରଶାସନ ପକ୍ଷରୁ ନାଗରିକମାନଙ୍କୁ ଟ୍ରାଫିକ ନିୟମ ମାନିବା ଏବଂ ଆବଶ୍ୟକ ସ୍ଥଳେ ବିକଳ୍ପ ପଥ ବ୍ୟବହାର କରିବାକୁ ମଧ୍ୟ ନିବେଦନ କରାଯାଇଛି।

## ଏଣିକି ବାର୍ଷିକ ଫାସ୍ ଟ୍ୟାଗ ପାସ୍



- ୩ ହଜାର ଟଙ୍କାରେ ବର୍ଷେ ଯାତ୍ରା ସୁବିଧା
- ଅଗଷ୍ଟ ୧୫ରୁ ସମଗ୍ର ଦେଶରେ ଲାଗୁ ହେବ

**ନୂଆଦିଲ୍ଲୀ,୧୮।୬(ସଂଚାର ବ୍ୟୁରୋ):** ଜାତୀୟ ରାଜପଥରେ ଥିବା ଟୋଲ୍ ଗେଟରେ ବିଭିନ୍ନ ଚାରିଚକିଆ ଦେଉଥିବା ଟିକସ ବ୍ୟବସ୍ଥାକୁ ଅଧିକ ସରଳ କରିବା ସକାଶେ ଆଜି କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନୀତିନ୍ ଗଡ଼କରୀ ଏକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି। ଏଣିକି ଗାଡ଼ି ଚାଳକମାନେ ବାର୍ଷିକ ପାସ୍ ମାଧ୍ୟମରେ ଫାସ୍ ଟ୍ୟାଗ୍ ସୁବିଧା ଉପଲବ୍ଧ କରାଇପାରିବେ। ଅର୍ଥାତ୍ ଏଣିକି ଗାଡ଼ି ଚାଳକମାନେ ବାର୍ଷିକ ୩ ହଜାର ଟଙ୍କା ଖର୍ଚ୍ଚ କରି ଟୋଲ୍‌ଗେଟ୍‌ଗୁଡ଼ିକରେ ସହଜରେ ଯାତାୟାତ କରିପାରିବେ। ଏହି ପାସ୍ ଗୋଟିଏ ବର୍ଷ କିମ୍ବା ସର୍ବାଧିକ ୨୦୦ ଯାତ୍ରା ସକାଶେ ବୈଧ ହେବ। ଏହାପରେ ଗାଡ଼ି ଚାଳକଙ୍କୁ ପୁନର୍ବାର ପାସ୍ ତିଆରି କରିବାକୁ ପଡ଼ିବ। ଏହି ବ୍ୟବସ୍ଥା ଆସନ୍ତା ଅଗଷ୍ଟ ୧୫ ତାରିଖରୁ ସମଗ୍ର ଦେଶରେ ଲାଗୁ ହେବ ବୋଲି କେନ୍ଦ୍ର ମନ୍ତ୍ରୀ ସୋସିଆଲ୍ ମିଡିଆ ‘ଏକ୍ସ’ରେ ଏକ ପୋଷ୍ଟ ମାଧ୍ୟମରେ ସୂଚନା ଦେଇଛନ୍ତି।ତେବେ ➪ପୃଷ୍ଠା-୬

SIKSHA ‘O’ ANUSANDHAN
SIKSHA ‘O’ ANUSANDHAN (DEEMED TO BE UNIVERSITY)

Empowering students for a brighter future

M.Sc. PROGRAMMES OFFERED
- M.Sc. (Physics)
- M.Sc. (Chemistry)
- M.Sc. (Mathematics)
- M.Sc. (Biotechnology)

APPROVAL & RECOGNITIONS
- Approved by UGC
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2024
- 14th Best in University Category
- 50th Best in Research Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through CUET (PG) - 2025, Please visit: www.soa.ac.in

## ଝଡ଼ ସୃଷ୍ଟି କଲା ନବୀନଙ୍କ ଅସୁସ୍ଥତା ଟୁଇଟ୍

**ଭୁବନେଶ୍ୱର,୧୮।୬(ସଂଚାର ବ୍ୟୁରୋ):** ମୁଁ ଅସୁସ୍ଥ। ଡାକ୍ତରଙ୍କ ପରାମର୍ଶ କ୍ରମେ ଚିକିତ୍ସା ପାଇଁ ମୁମ୍ବାଇ ଯିବି। ସେଠାରେ କୋକିଲାବେନ୍ ଧୀରୁଭାଇ ଅମ୍ବାନି ଡାକ୍ତରଖାନାରେ ଚିକିତ୍ସିତ ହେବି। ଜଗନ୍ନାଥଙ୍କ ଆର୍ଶୀବାଦ ଓ ଓଡିଶାର ଭାଇଭଉଣୀଙ୍କ ଭଲପାଇବା ଯୋଗୁଁ ଶୀଘ୍ର ଭଲ ହୋଇ ଫେରିବି। ଏହି କେଇପଦ ଆବେଗଭରା କଥାକୁ ନେଇ ନବୀନଙ୍କ ଟୁଇଟ୍ ଆଜି ସଂଧ୍ୟାରେ ଓଡ଼ିଶାରେ ଏକପ୍ରକାର ଝଡ଼ ସୃଷ୍ଟି କରିଛି। ନବୀନଙ୍କ ଟୁଇଟ୍ ପରେ ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ଆଶୁ ଆରୋଗ୍ୟ କାମନା କରି ଟୁଇଟ୍ କଲେ। ଏହାପରେ ଛୁଟିଲା ସମବେଦନଭରା ଟୁଇଟ୍‌ର ସୁଅ।


Naveen Patnaik
@Naveen_Odisha

Jai Jagannatha 🙏

As advised by medical experts I would be undergoing a procedure for cervical arthritis on 22nd of this month at Kokilaben Dhirubhai Ambani Hospital in Mumbai. My personal doctor Dr Ramakant Panda is coordinating this in Mumbai. With blessings of Lord Jagannatha and good wishes of my brothers and sisters of Odisha, looking forward to returning soon to continue to serve all of you.

- ଛୁଟିଲା ସମବେଦନାର ସୁଅ
- ସବୁ ଖବରକୁ ପଛକୁ ଠେଲିଦେଲା

ନବୀନଙ୍କ ଲୋକପ୍ରିୟତା ଓ ତାଙ୍କ ଭଲ ପାଇବାର ଆଜି ଏଭଳି ଏକ ଝଲକ ଦୀର୍ଘଦିନ ପରେ ଦେଖିବାକୁ ମିଳିଲା। ଓଡିଶା ମୁଖ୍ୟମନ୍ତ୍ରୀ ପଦରୁ ବର୍ଷକ ତଳୁ ବିଦା ହୋଇଥିବା ନବୀନଙ୍କ ପ୍ରତି ଯେ ସମସ୍ତଙ୍କର ଭଲପାଇବା ଅତୁଟ ରହିଛି, ତାହା ଆଜି ଜଳଜଳ ହୋଇ ଦିଶିଲା। ସୋସିଆଲ ମିଡିଆରେ ନବୀନଙ୍କ ପ୍ରତି ସମବେଦନାର ଯେଉଁ ସୁଅ ଛୁଟିଲା, ତାହା ପୁଣିଥରେ ତାଙ୍କର ବ୍ୟକ୍ତିତ୍ୱକୁ ପ୍ରମାଣିତ କରିଦେଲା।

ତେବେ ସବୁଠାରୁ ବଡ଼କଥା ହେଉଛି, ଆଜି ରାଜ୍ୟରେ ଏକାଧିକ ବଡ଼ ଖବର ଥିବା ବେଳେ ନବୀନଙ୍କ ଏହି କେଇପଦ ଟୁଇଟ୍ ଆଜି ସବୁ ଖବରକୁ ପଛକୁ ଠେଲିଦେଲା। ଆଜି ମୁଖ୍ୟମନ୍ତ୍ରୀଙ୍କର ବାରିପଦା ସଭା, ବିଜେଡିର ପୁରୀ ସମାବେଶ, ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ ପାଇଁ ପ୍ରସ୍ତୁତି, କଂଗ୍ରେସର ଆନ୍ଦୋଳନ, ହଇଜାକୁ ନେଇ ଚାଲିଥିବା ➪ପୃଷ୍ଠା-୬

## ୨୦ରେ ମୁମ୍ବାଇ ଯିବେ

- ସର୍ଭିକାଲ ଆର୍ଥ୍ରାଇଟିସ୍ ସମସ୍ୟା ରହିଛି
- ଆରୋଗ୍ୟ କାମନା କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୮।୬(ସଂଚାର ବ୍ୟୁରୋ):** ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବର୍ତ୍ତମାନର ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସର୍ଭିକାଲ୍ ଆର୍ଥ୍ରାଇଟିସ୍ ସମସ୍ୟା ଭୋଗୁଛନ୍ତି। ଏହାର ଚିକିତ୍ସା ପାଇଁ ସେ ଆସନ୍ତା ୨୦ ତାରିଖରେ ମୁମ୍ବାଇ ଗସ୍ତ କରିବେ। ୨୨ ତାରିଖରେ କୋକିଲାବେନ୍ ଧୀରୁଭାଇ



ଅମ୍ବାନୀ ଡାକ୍ତରଖାନାରେ ତାଙ୍କର ଚିକିତ୍ସା ହେବ। ଏହି ଚିକିତ୍ସା ଦାୟିତ୍ୱ ତାଙ୍କର ବ୍ୟକ୍ତିଗତ ଡାକ୍ତର ରମାକାନ୍ତ ପଣ୍ଡା ନେବେ ବୋଲି ଆଜି ଶ୍ରୀ ପଟ୍ଟନାୟକ ତାଙ୍କ ସୋସିଆଲ ମିଡିଆ ‘ଏକ୍ସ’ରେ ଏକ ପୋଷ୍ଟ ମାଧ୍ୟମରେ ସୂଚନା ଦେଇଛନ୍ତି। ମହାପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦ ଓ ରାଜ୍ୟବାସୀଙ୍କ ଭଲ ପାଇବା ବଳରେ ସେ ସୁସ୍ଥ ହୋଇ ଫେରିବେ ଓ ରାଜ୍ୟବାସୀଙ୍କ ସେବା ଜାରି ରଖିବେ ବୋଲି ଶ୍ରୀ ପଟ୍ଟନାୟକ ଆଶା ପ୍ରକଟ କରିଛନ୍ତି। ଏବେ ୭୮ ବର୍ଷ ବୟସରେ ପଦାର୍ପଣ ➪ପୃଷ୍ଠା-୬

# ଶୀତଳଭଣ୍ଡାର ଅଭାବରୁ ଚାଷୀ ହନ୍ତସନ୍ତ

## ଫେଲ୍ ମାରିଛି ଆଳୁ ମିଶନ୍

- ବଜାରରେ ଆଳୁ କିଲୋ ପିଛା ୧୮ରୁ ୨୦ ଟଙ୍କା
- ଗରିବ ମୁଣ୍ଡରେ ଚଡ଼କ ଆଗକୁ ବଢ଼ିପାରେ ଦର୍



**କେନ୍ଦ୍ରାପଡ଼ା,୧୮।୬(ସଂଚାର ବ୍ୟୁରୋ):** କୃଷିପ୍ରଧାନ କେନ୍ଦ୍ରାପଡ଼ା ଜିଲ୍ଲାରେ ଶୀତଳଭଣ୍ଡାର ନିର୍ମାଣ ନେଇ କୌଣସି ଉଦ୍ୟମ ନହେବାରୁ ହନ୍ତସନ୍ତ ହେଉଛନ୍ତି ଚାଷୀ । ଖୋଦ୍ ଚାଷୀ ଅଧିକ ଦର ଦେଇ ଆଳୁ କିଣୁଛନ୍ତି। ଯେଉଁ ଆଳୁକୁ ହିଡ଼ମୁଣ୍ଡରେ ମାତ୍ର କେଇଟଙ୍କାରେ ବେପାରୀ ହାତକୁ ଟେକି ଦେଇଥିଲେ ସେମାନେ ଏବେ କିଲୋ ପିଛା ୧୮ରୁ ୨୦ ଟଙ୍କା ଦେଇ ଆଳୁ କିଣୁଛନ୍ତି। ଜିଲ୍ଲାର ସ୍ଥାନୀୟ ଉତ୍ପାଦନ ଲୋକଙ୍କ ଆବଶ୍ୟକତା ପୂରଣ କରି ନପାରିବାରୁ ବାଧ ହୋଇ ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗ ଉପରେ ନିର୍ଭର କରିବାକୁ ପଡ଼ୁଛି। ଆଳୁ ମିଶନ ଆରମ୍ଭ ହେବାର ୧୦ ବର୍ଷ ବିତିଥିଲେ ମଧ ଅଦ୍ୟାବଧି ମୋଟ୍ ଆବଶ୍ୟକତାର ଏକ ଚତୁର୍ଥାଂଶ ପୂରଣ କରିବାରେ ସମ୍ଭବ ହୋଇପାରିଲା ନାହିଁ । ୨୦୧୫ ମସିହାଠାରୁ ଜିଲ୍ଲାରେ ଆଳୁ ମିଶନ୍ ଆରମ୍ଭ ହୋଇଥିଲା। ଉଦ୍ଦେଶ୍ୟ ଥିଲା, ଆବଶ୍ୟକତା ପୂରଣ ପାଇଁ ପଡ଼ୋଶୀ ରାଜ୍ୟ ଉପରେ ନିର୍ଭର ନକରି ନିଜେ ଉତ୍ପାଦନ କ୍ଷମତା ବଢ଼ାଇବା। ଏଥିପାଇଁ ଚାଷୀମାନଙ୍କୁ ସାର, ବିହନଠାରୁ ଆରମ୍ଭ କରି ପ୍ରୋତ୍ସାହନ ରାଶି ଆବଶ୍ୟକ ଭିତ୍ତିଭୂମି ଯୋଗାଇ ଦିଆଯାଉଛି। ମୁଖ୍ୟତଃ କୃଷି ଉପରେ ନିର୍ଭରଶୀଳ କେନ୍ଦ୍ରାପଡ଼ା ଜିଲ୍ଲାରେ ଧାନ ଓ ରବି ଫସଲ ପରେ ପ୍ରାୟ ୨୦ ହଜାର ଚାଷୀ ଆଳୁ ଚାଷ କରିଥାଆନ୍ତି। ତେବେ ଆଳୁ ଚାଷ କରୁଥିବା ଚାଷୀ ନାନାଦି ସମସ୍ୟାର ସମ୍ମୁଖୀନ ହୋଇ ଆସୁଛନ୍ତି। ଜଳସେଚନ ଏକ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି। ପାଣିପାଗରେ ପରିବର୍ତ୍ତନ ଓ ବାତ୍ୟା ପ୍ରଭୃତି ପ୍ରାକୃତିକ ଦୁର୍ବିପାକ ଚାଷୀ ପାଇଁ ଆହ୍ୱାନ ସୃଷ୍ଟି କରିଛି। ଏହା ସହ ଶୀତଳଭଣ୍ଡାର ଓ କୃଷିଭିତ୍ତିକ ଶିଳ୍ପ ନଥିବାରୁ ଅମଳ ସମୟରେ ଆଳୁ ସଂରକ୍ଷଣ କରିବାରେ ଚାଷୀ ବିଫଳ ହୋଇଛି। ବିଗତ ଦିନରେ ଶ୍ୟାମସୁନ୍ଦରପୁର ଠାରେ ଘରୋଇ ଉଦ୍ୟମରେ ଶୀତଳଭଣ୍ଡାର ପ୍ରତିଷ୍ଠା ହୋଇଥିଲେ ହେଁ ପରବର୍ତ୍ତୀ ସମୟରେ ତାହା କୌଣସି କାରଣରୁ ବନ୍ଦ ହୋଇଯାଇଥିଲା। ତେବେ ତା' ପରଠାରୁ ଲଗାତାର ପ୍ରଚେଷ୍ଟା ହୋଇଥିଲେ ମଧ ରାଜନୈତିକ ଇଚ୍ଛାଶକ୍ତିର ଅଭାବ, ପ୍ରଶାସନିକ ଅସହଯୋଗ କାରଣରୁ ସମ୍ଭବ ହୋଇପାରୁନାହିଁ । ନିୟନ୍ତ୍ରିତ ବଜାର କମିଟି (ଆରଏମ୍.ସି) ପରିସରରେ ପ୍ରାୟ ଦେଢ଼ ଏକର ଜମିରେ ଶୀତଳଭଣ୍ଡାର ନିର୍ମାଣହେବ ବୋଲି ପ୍ରସ୍ତାବ ଥିଲା। ଶୀତଳଭଣ୍ଡାର ନିର୍ମାଣ ପାଇଁ ପ୍ରାୟ ୯କୋଟି ଟଙ୍କା ଆବଶ୍ୟକ ଥିଲାବେଳେ ଏଠାରେ ସରକାର ୩ କୋଟି ସବ୍‌ସିଡି ଦେବେ ଓ ଅବଶିଷ୍ଟ ୬କୋଟି ଟଙ୍କା ଆରଏମ୍‌ସି ଖର୍ଚ୍ଚ କରିବ ବୋଲି ଆଲୋଚନା ହୋଇଥିଲା । ଆରଏମ୍‌ସି ପାଖରେ ସେତେବେଳେ ପ୍ରାୟ ୧୬ କୋଟି ଟଙ୍କା ଥିଲେ ମଧ ରାଜନୈତିକ ଉଦାସୀନତା କାରଣରୁ ହୋଇପାରିଲା ନାହିଁ । ପରେ ପ୍ରାୟ ୩ କୋଟି ଟଙ୍କା ବ୍ୟୟରେ ଆରଏମ୍‌ସି ପରିସରରେ ଥିବା ଗୋଦାମ ଗୃହକୁ ଶୀତଳଭଣ୍ଡାର ଭାବେ ପରିବର୍ତ୍ତିତ କରାଯିବାକୁ ନିଷ୍ପତ୍ତି ହୋଇଥିଲେ ମଧ ଅଦ୍ୟାବଧି କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଏଥିଲାଗି ୨୦୨୩ ମସିହା ମେ ୧୭ ତାରିଖରେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ହେଲେ ୨୦୨୫ ଜୁନ୍ ଶେଷ ହେବାକୁ ବସିଥିବା ବେଳେ କାର୍ଯ୍ୟକ୍ଷମ ହୋଇ ପାରିଲା ନାହିଁ ।

## କ୍ଷତିପୂରଣ ଦାବିରେ ଜିଲ୍ଲା କାର୍ଯ୍ୟାଳୟ ଆଗରେ ଶବ ରଖି ଧାରଣା



**କେନ୍ଦ୍ରାପଡା,୧୮।୬(ସଂଚାର ବ୍ୟୁରୋ):** ବିଦ୍ୟୁତ୍ ଆଘାତ ରେ ମୃତ୍ୟୁବରଣ କରିଥିବା ପାଣି ପାଇପ ମିସ୍ତ୍ରୀଙ୍କ ଶବ ରଖି ଜିଲ୍ଲା କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଛି । ମୃତକଙ୍କ ପରିବାରଙ୍କୁ କ୍ଷତିପୂରଣ ଦାବି ସହ ପରିବାର ର ଜଣକୁ ସରକାରୀ କାର୍ଯ୍ୟରେ ନିଯୁକ୍ତି ଦାବି କରି ପରିବାର ଲୋକଙ୍କ ସହ ଗ୍ରାମବାସୀ ମାନେ ଧାରଣା ଦେଇଥିଲେ । ଘଟଣା ମୁତାବକ କେନ୍ଦ୍ରାପଡା ସଦର ଥାନା ଅଧିନ ନରିଲୋ ଗ୍ରାମର ହରିହର ମଲିକ ଆଜି ସକାଳେ ନରିଲୋ ପାଣି ପମ୍ପରେ କାର୍ଯ୍ୟରତ ଥାଇ ନରିଲୋ ଆୟୁଷମାନ ଆରୋଗ୍ୟ କେନ୍ଦ୍ରରେ ଖରାପ ହୋଇଥିବା ପାଣି ପାଇପ ମରାମତି କାର୍ଯ୍ୟ କରୁଥିବା ସମୟରେ ଏକ ବିଦ୍ୟୁତ୍ ପରିବାହିତ ଖୋଲା କେବୁଲ ସର୍ଟ ହୋଇଥିବା ପାଣି ପମ୍ପ ସଂପର୍କରେ ଆସି ବିଦ୍ୟୁତ୍ ଆଘାତ ପାଇ ମୃତ୍ୟୁ ବରଣ କରିଥିଲେ । ଏନେଇ ତାଙ୍କ ପରିବାର ତରଫରୁ ଜିଲ୍ଲା କାର୍ଯ୍ୟାଳୟ ଆଗରେ ଶବ ରଖି କ୍ଷତିପୂରଣ ଦାବି କରିବା ସହ ଜଣକୁ ଚାକିରୀ ଦେବାପାଇଁ ଧାରଣା ଦେଇଥିଲେ । ଖବରପାଇ ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ଅମୀୟ ସ୍ୱାଇଁ ଘଟଣା ସ୍ଥଳରେ ପହଁଚି ଶବ ସଂସ୍କାର ପାଇଁ ସରକାରଙ୍କ ତରଫରୁ ୨୦ ହଜାର ଟଙ୍କା ସହାୟତା ଦେବା ସହ ଜିଲ୍ଲପାଳ ଘଟଣାର ବିଚାର କରିବେ ବୋଲି ପ୍ରତିଶୃତି ଦେବାରୁ ଧାରଣା ପ୍ରତ୍ୟାହୃତ ହୋଇଥିଲା ।

## ତୁଳସୀ ମହିଳା ମହାବିଦ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା



**କେନ୍ଦ୍ରାପଡା,୧୮।୬(ସଂଚାର ବ୍ୟୁରୋ):** ତୁଳସୀ ମହିଳା ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର୍ ରଞ୍ଜିତ୍ ରଞ୍ଜନ ସାହୁ ଏବଂ ଗଣିତ ବିଭାଗର ମୁଖ୍ୟ ପ୍ରାଧାପିକା ଜ୍ୟୋସ୍ନାମୟୀ ପତିଙ୍କ ସମ୍ମାନାର୍ଥେ ମହାବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀ ପରିଷଦ ତରଫରୁ ଏକ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ନୂତନ ଅଧକ୍ଷ ଡ଼ ମଥୁରି ଚରଣ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ପ୍ରାଧାପିକା ସବିତା ଦାସ, ଡ଼ ଏଲୋରା କବି, ଅଧାପିକା ଡ଼ ମମତା ସାହୁ, ଭାରତୀ ଜେନା, ପ୍ରଜ୍ଞା ପ୍ରିୟଦର୍ଶିନୀ ପଣ୍ଡା, ଅଧାପକ ରାଜେନ୍ଦ୍ର ସାହୁ, ପ୍ରତାପ ମହାନନ୍ଦା, କ୍ରୀଡା ପ୍ରଶିକ୍ଷିକା ସଂଯୁକ୍ତା ମହାନ୍ତି ଓ କର୍ମଚାରୀ ଅଖିଳେନ୍ଦୁ ସ୍ୱାଇଁ ପ୍ରମୁଖ ନିଜସ୍ୱ ବକ୍ତବ୍ୟ ମାଧମରେ ବିଦାୟୀ ଅଧକ୍ଷ ପ୍ରଫେସର୍ ସାହୁ ଓ ପ୍ରାଧାପିକା ଜ୍ୟୋସ୍ନାମୟୀ ପତିଙ୍କ କର୍ମକୁଶଳତା, କର୍ତବ୍ୟ ନିଷ୍ଠା, ଦାୟିତ୍ୱ ବୋଧତା, ଅନୁଷ୍ଠାନ ପ୍ରତି ଅଙ୍ଗୀକାର ବଦ୍ଧତା, ଶିକ୍ଷକ, କର୍ମଚାରୀ ଓ ଛାତ୍ରୀମାନଙ୍କ ପ୍ରତି ବନ୍ଧୁତ୍ୱପୂର୍ଣ୍ଣ ମନୋଭାବ ସମ୍ପର୍କରେ ସୂଚନା ଦେଇଥିଲେ । କାର୍ଯ୍ୟକ୍ରମ ରେ ନୂତନ ଅଧକ୍ଷ ଡ଼ ମଥୁରି ଚରଣ ନାୟକ, ଶିକ୍ଷକ ଓ କର୍ମଚାରୀ ପରିଷଦ ତରଫରୁ ଅବସରପ୍ରାପ୍ତ ଅଧକ୍ଷ ପ୍ରଫେସର୍ ରଞ୍ଜିତ୍ ରଞ୍ଜନ ସାହୁ ଓ ପ୍ରାଧାପିକା ଜ୍ୟୋସ୍ନାମୟୀ ପତିଙ୍କୁ ମାନପତ୍ର, ଉପଢୌକନ ଓ ପଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇ ଥିଲା। ଡ଼ ପଦ୍ମଜା କବି ଶତପଥୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ପରିଷଦର ସଦସ୍ୟ ଅଧାପିକା ବିଜୟଲକ୍ଷ୍ମୀ ଜେନା, ପ୍ରଭାସିନୀ ଜେନା, ବନ୍ୟା ବେହେରା, ଆରତୀ ଚୌଧୁରୀ, ବାଗ୍ମୀ ସାମଲ, ରଶ୍ମିତା ପଟ୍ଟନାୟକ, ସଂଯୁକ୍ତା ମହାନ୍ତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କଲେ ପୁରାତନ ଛାତ୍ରସଂସଦ ପ୍ରତିନିଧି



**କେନ୍ଦ୍ରାପଡ଼ା, ୧୮।୬ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପୁରାତନ ଛାତ୍ର ସଂସଦର ନବନିର୍ବାଚିତ କର୍ମକର୍ତା ଏକ ପ୍ରତିନିଧି ମଣ୍ଡଳୀ ବୁଧବାର ଜିଲ୍ଲା ପ୍ରଦକ୍ଷଣ ଭବନରେ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଭେଟି କଲେଜ ଜମିର ସୁରକ୍ଷା ତଥା କେନ୍ଦ୍ରାପଡା କଲେଜକୁ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ପାଇଁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ମନ୍ତ୍ରୀ ଶ୍ରୀ ସୂରଜ ଏଥିରେ ସନ୍ତୋଷ ପ୍ରକାଶ କରି ରାଜ୍ୟ ସରକାର ପ୍ରଥମେ ଏହି କଲେଜକୁ ସରକାରୀ ଶିକ୍ଷାନୁଷ୍ଠାନରେ ପରିଣତ କରିବେ ବୋଲି ଆଲୋଚନା ସମୟରେ ପ୍ରକାଶ କରିଥିଲେ । ଛାତ୍ର ସଂସଦର ସଭାପତି ପ୍ରାଧ୍ୟାପକ ଦୁର୍ଯ୍ୟୋଧନ ପରିଡାଙ୍କ ପରାମର୍ଶ କ୍ରମେ ସମ୍ପାଦକ ଡ. ପ୍ରମୋଦ କୁମାର ଦାସ ଓ ବରିଷ୍ଠ ସାମ୍ବାଦିକ ତଥା କାର୍ଯ୍ୟକାରିଣୀ ସଭ୍ୟ ଚିରଞ୍ଜନ ଦାସ ଏହି ପ୍ରତିନିଧି ମଣ୍ଡଳୀରେ ଯାଇ ଉଚ୍ଚଶିକ୍ଷାମନ୍ତ୍ରୀଙ୍କୁ ଭେଟିଥିଲେ ।

## ଜିଲ୍ଲାସ୍ତରୀୟ ବିକାଶ ମେଳା ସରକାରଙ୍କ ଏକବର୍ଷ ସଫଳତାକୁ ଉପସ୍ଥାପନ



କାର୍ଯ୍ୟକ୍ରମରେ ଯୋଗଦେଲେ ମନ୍ତ୍ରୀ, ସୂର୍ଯ୍ୟବଂଶୀ ସୂରଜ

**କେନ୍ଦ୍ରାପଡ଼ା,୧୮।୬(ସଂଚାର ବ୍ୟୁରୋ):** ବର୍ଷ ଏକ ଉପଲବ୍ଧି ଅନେକ । ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ସରକାରଙ୍କ ବିଭିନ୍ନ ଉପଲବ୍ଧିକୁ ଲୋକଙ୍କ ପାଖକୁ ପହଁଞ୍ଚେଇବା ଉଦ୍ଦେଶ୍ୟ ନେଇ ଗତ ୧୨ ତାରିଖ ଠାରୁ ଆୟୋଜିତ ହେଉଥିବା ବିକାଶ ମେଳା କାର୍ଯ୍ୟକ୍ରମର ଶେଷ ଦିନରେ ଜିଲ୍ଲା ପ୍ରଭାରୀ ମନ୍ତ୍ରୀ ତଥା ଓଡିଶା ସରକାରଙ୍କ ଉଚ୍ଚ ଶିକ୍ଷା, କ୍ରୀଡା ଓ ଯୁବ ବ୍ୟାପାର ଓ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗ ଦେଇଛନ୍ତି । ବୁଧବାର ପୂର୍ବାହ୍ଣରେ ମାଉସୀମା ମନ୍ଦିର ନିକଟରେ ଆୟୋଜିତ ହେଉଥିବା ବିକାଶ କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ମହାକାଳପଡା ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକ, ସାଂସଦଙ୍କ ପ୍ରତିନିଧି ତଥା ଜିଲ୍ଲା ବିଜେପି ସଭାପତି ଶଶାଙ୍କ ଶେଖର ସେଠୀ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି,ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ,ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ମଂଚାସୀନ ଥିଲେ । ବିକାଶ ମେଳା କାର୍ଯ୍ୟକ୍ରମରେ ମହାକାଳପଡା ବିଧାୟକ ପ୍ରସ୍ତୁତ କରିଥିବା ବର୍ଷକର ଶ୍ୱେତପତ୍ର ପୁସ୍ତକକୁ ମନ୍ତ୍ରୀ ଉନ୍ମୋଚନ କରିଥିଲେ । କେନ୍ଦ୍ର ସରକାରଙ୍କ ୧୧ ବର୍ଷ ପୂର୍ତ୍ତି ଓ ଓଡିଶା ସରକାରଙ୍କ ୧ବର୍ଷ ପୂର୍ତ୍ତି ପରେ ବିକାଶ ମେଳା ଜରିଆରେ ଲୋକଙ୍କ ପାଖକୁ ସଫଳତାର ଉପଲବ୍ଧି ଜଣେଇବାକୁ ଆସିଥିବା ମନ୍ତ୍ରୀ କହିଛନ୍ତି । ଡବଲ ଇଞ୍ଜିନ ସରକାର ଯାହା ପ୍ରତିଶୃତି ଦେଇଛନ୍ତି ତାକୁ ଅକ୍ଷର ଅକ୍ଷରେ ପାଳନ କରିଛନ୍ତି । ବିକଶିତ ଭାରତ ଓ ବିକଶିତ ଓଡିଶା ଲକ୍ଷ୍ୟକୁ ପୂରଣ କରିବା ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ, ନାରୀ ସଶକ୍ତିକରଣ, ସାଂସ୍କୃତିକ ପର୍ଯ୍ୟଟନର ବିକାଶ, ଅତ୍ୟାଧୂନିକ ଖେଳ ପଡିଆ, ଜାତୀୟ ଶିକ୍ଷା ନୀତି ସମେତ ଅନ୍ୟ ସମସ୍ତ କ୍ଷେତ୍ରର ବିକାଶ ନିମନ୍ତେ ଓଡିଶା ସରକାର କାର୍ଯ୍ୟ କରୁଛନ୍ତି । ଆପଣ ମାନଙ୍କ ପାଇଁ ଡବଲଇଞ୍ଜିନ ସରକାର ଗଠନ ହେଇପାରିଛି । ଆମେ ଆପଣ ମାନଙ୍କୁ ପ୍ରତିଶୃତି ଦେଇଛୁ । ବର୍ଷକ ଭିତରେ ଆମେ ପାଳନ କରିଛୁ। କିନ୍ତୁ ରାସ୍ତା ଲମ୍ବା ଅଛି ଆମକୁ ଆହୁରି ବହୁତ କାମ କରିବାକୁ ପଡିବ ସେଥିପାଇଁ ଆପଣମାନଙ୍କ ସହଯୋଗ ଅତ୍ୟନ୍ତ ଜରୁରୀ । କେନ୍ଦ୍ରାପଡ଼ା ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ସରକାରଙ୍କ ତରଫରୁ ଅନେକ ପ୍ରକଳ୍ପ ହାତକୁ ନିଆଯାଉଛି । ଆପଣ ମାନେ ଆଉ ଅଳ୍ପ ଦିନ ମଧ୍ୟରେ ଜାଣିପାରିବେ ।

## ଜିଲ୍ଲା ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବୈଠକ



**କେନ୍ଦ୍ରାପଡା,୧୮।୬(ସଂଚାର ବ୍ୟୁରୋ):** ବନ୍ୟା,ବାତ୍ୟା, ସୁନାମି ପ୍ରଭୃତି ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ କେନ୍ଦ୍ରାପଡା ଜିଲ୍ଲାରେ ବିପର୍ଯ୍ୟୟ ପରିଚାଳନା ପାଇଁ ଏକ ଜିଲ୍ଲା ସ୍ତରୀୟ ବୈଠକ ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବର୍ଷାଋତୁ ଆରମ୍ଭ ହୋଇଯାଇ ଥିବାରୁ ଆଗାମୀ ବନ୍ୟା ପରିସ୍ଥିତି ଓ ଆକସ୍ମିକ ବାତ୍ୟା ଓ ସୁନାମି ପ୍ରଭୃତି ପ୍ରାକୃତିକ ବିପର୍ଯ୍ୟୟ ଜିଲ୍ଲାପ୍ରତି ଆଶଙ୍କା ଥିବାରୁ ଆଗୁଆ ପଦକ୍ଷେପ ସ୍ୱରୂପ ଜିଲ୍ଲା ପ୍ରଶାସନ ପକ୍ଷରୁ ସତର୍କତା ମୂଳକ ପ୍ରସ୍ତୁତି କାର୍ଯ୍ୟ ଓ ବିପର୍ଯ୍ୟୟ ପରବର୍ତୀ ପରିଚାଳନା କାର୍ଯ୍ୟ ପାଇଁ ବିସ୍ତୃତ ଭାବେ ଅଲୋଚନା କରାଯାଇଥିଲା । ବିପର୍ଯ୍ୟୟକୁ ଦୃଷ୍ଟିରେ ରଖି ଉଦ୍ଧାର ଓ ସ୍ଥାନାନ୍ତର ପ୍ରଭୃତିର ମକ୍‌ଡ୍ରିଲ୍ ସହ ଔଷଧପତ୍ର, ଖାଦ୍ୟଶସ୍ୟ, ଗୋ-ଖାଦ୍ୟ, ପାଲ, କିରୋସିନ, ଦିଆସିଲ, ମହମବତୀ, ଶିଶୁ ଖାଦ୍ୟ ଓ ପ୍ରସୂତି ମାନଙ୍କ ପାଇଁ ଚିକିତ୍ସା ସାମଗ୍ରୀ ଆଦି ଅତ୍ୟାବଶ୍ୟକୀୟ ସାମଗ୍ରୀ ର ଗଚ୍ଛିତ ରଖିବା ଭଳି ଆଗୁଆ ପଦକ୍ଷେପ ସଂପର୍କରେ ବିସ୍ତୃତ ଅଲେଚନା କରାଯାଇ ଜିଲ୍ଲା ସ୍ତରୀୟ ଅଧିକାରୀ ମାନଙ୍କୁ ସଜାଗ ଓ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ବିପର୍ଯ୍ୟୟ ପରିଚାଳନା ସଂପର୍କରେ ସରକାରଙ୍କ ଗାଇଡଲାଇନ ମୁତାବକ ସମସ୍ତ ପଦକ୍ଷେପ ନେବା ସହ ବିପର୍ଯ୍ୟୟର ସୁପରିଚାଳନା ପାଇଁ ଓ ଶୁନ୍ୟମୃତ୍ୟୁ ଲକ୍ଷ୍ୟକୁ ପୁରଣ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ସମସ୍ତ ଅଧିକାରୀ ମାନଙ୍କୁ ସତର୍କ କରାଇ ଦେଇଛନ୍ତି ।

## ବାପାକୁ ଖୋଜୁଛନ୍ତି ଦୁଇ ଝିଅ ସହ ପରିବାର

- କେମିତି ଚାଲିବ ତେଲ ଲୁଣ ସଂସାର
- ରୋଜଗାରିଆ ବାପାଙ୍କ ଫେରିବା ବାଟକୁ ଚାହିଁ ବସିଛନ୍ତି

**ଆଳି,୧୮।୬(ସଂଚାର ବ୍ୟୁରୋ):** ଆଳି ଥାନା ଅଧୀନ କୁମାରଟଙ୍କା ଗ୍ରାମର ଶରତ କୁମାର ନାୟକ ୫୨ ବର୍ଷ ପେଶାରେ ଥିଲେ ଜଣେ ବ୍ୟବସାୟୀ। ଦିନେ ନୁହେଁ କି ମାସେ ନୁହେଁ ପ୍ରାୟ ୧୦ ମାସ ହେବ ବାପା ନିଖୋଜ ଥିବାରୁ ଦୁର୍ଦ୍ଦିନରେ ପରିବାର ଚାଲିଥିବା ବେଳେ ଦୁଇ ପାଠପଢା ଝିଅଙ୍କ ଭବିଷ୍ୟତ ଅନ୍ଧକାର ମଧ୍ୟକୁ ଠେଲି ହୋଇ ଯିବାକୁ ବସିଛି । ଏମିତିକି ତେଲ ଲୁଣ ସଂସାର ଚାଲିବା ବଡ଼ କାଠିକର ପାଠ ହୋଇ ଯାଇଛି।ଶରତ ଗାଁ ଗାଁ ବୁଲି ପୂଜାସାମଗ୍ରୀ ବିକ୍ରି କରିବା ସହ ନିଆଳ ହାଟରେ ବ୍ୟବସାୟ କରି ପରିବାର ପ୍ରତିପୋଷଣ କରନ୍ତି । ଶରତ ନାୟକଙ୍କ ପରିବାର କହିଲେ ପତ୍ନୀ ଅନୁପମା ନାୟକ,ଦୁଇ ଝିଅ ଶ୍ରଦ୍ଧାଞ୍ଜଳି ନାୟକ (୧୮), ଶ୍ରାବଣୀ ରାଧା ନାୟକ (୧୫) କ୍ଷ ବଡ଼ଝିଅ ଶ୍ରଦ୍ଧାଞ୍ଜଳି ଭୁବନେଶ୍ୱରର ଏକ ଇଞ୍ଜିନିଅରିଙ୍ଗ କଲେଜରେ ବି-ଟେକ ପାଠ ପଢ଼ୁଥିବା ବେଳେ ସାନଝିଅ ଚଳିତ ଥର ମାଟ୍ରିକ ପାସ କରିଛି କ୍ଷ ଶରତଙ୍କ ରୋଜଗାରରେ ଏହି ପରିବାର ଟି ହସଖୁସିରେ ଚାଲିଥିବା ବେଳେ ଗତ ସେପ୍ଟେମ୍ବର ମାସରେ ଶରତ ଘରୁ କେଉଁଆଡେ ପଳାଇ ଯାଇଥିଲେ। ଏ ନେଇ ଘରଲୋକ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିବା ବେଳେ ପ୍ରାୟ ୧୦ ମାସ ହେବ ଶରତ ନା ଘରକୁ ଫେରୁଛନ୍ତି ନା ପରିବାର ସହିତ କୌଣସି ଯୋଗାଯୋଗ କରୁଛନ୍ତି । ଶରତ କେଉଁଆଡେ ଚାଲିଯିବା ପରେ ପରିବାର ଚଳାଇବା କଷ୍ଟକର ହୋଇପଡ଼ିଛି । ଶରତଙ୍କ ପତ୍ନୀ ବଡ଼ କଷ୍ଟରେ ପରିବାର ଚଳାଉଥିବା ବେଳେ ଏବେ ଦୁଇ ଝିଅଙ୍କ ଭବିଷ୍ୟତକୁ ନେଇ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ପଡିଛନ୍ତି । ସ୍ୱାମୀ ଶରତ ନାୟକ ନିଖୋଜ ହେବା ପରେ ସେ ଆଳି ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ । ତାଙ୍କ ଦୁଇ ଝିଅଙ୍କ ପାଠପଢ଼ା ନିମନ୍ତେ ଅର୍ଥ ବାଧକ ସାଜିଥିବାରୁ ସେ ସରକାରୀ ଓ ବେସରକାରୀ ସହାୟତା ଲୋଡ଼ିବା ସହ ତାଙ୍କ ନିଖୋଜ ସ୍ୱାମୀଙ୍କ ସନ୍ଧାନ ଲଗାଇବା ନିମନ୍ତେ ପୋଲିସ ପ୍ରଶାସନ ଦୃଷ୍ଟି ଦେବାକୁ ସେ ନିବେଦନ କରିଛନ୍ତି ।



## ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ସ୍ଥିତି ପରଖିଲେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ



୧୯ ଜଣଙ୍କ ନାମରେ ମାମଲା ରୁଜୁ

**ଆଳି,୧୮।୬(ସଂଚାର ବ୍ୟୁରୋ):** ଆଳି ଥାନା ଅନ୍ତର୍ଗତ ବଉଳଯୋଡି ଠାରେ ମଙ୍ଗଳବାର ସନ୍ଧ୍ୟାରେ ଦୁଇ ଗୋଷ୍ଠୀ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଘଟିଥିବା ବେଳେ ସ୍ଥିତି ପରଖିଲେ ଜିଲ୍ଲା ଆରକ୍ଷୀ ଅଧିକାରୀ। ଏହି ଗୋଷ୍ଠୀ ସଂଘର୍ଷରେ ଉଭୟ ଗୋଷ୍ଠୀର ପ୍ରାୟ ୧୨ରୁ ଉର୍ଦ୍ଧ ଆହତ ହୋଇଥିବା ବେଳେ ୪ଜଣଙ୍କ ଅବସ୍ଥା ଗୁରୁତର ହେବା ସହ ଜଣଙ୍କର ଅବସ୍ଥା ସଂକଟାପନ୍ନ ହେବାରୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାଯାଇଛି । ଏହି ଗୋଷ୍ଠି ସଂଘର୍ଷ ରେ ଉଭୟ ପକ୍ଷରୁ ଥାନାରେ ଏତଲା ଦିଆ ଯାଇଥିବା ବେଳେ ୧୯ ଜଣଙ୍କ ନାମରେ ମାମଲା ରୁଜୁ ହୋଇ ଥିବା ସୂଚନା ଦେଇଛନ୍ତି ଜିଲ୍ଲା ଆରକ୍ଷୀ ଅଧିକ୍ଷକ।ଗୋଷ୍ଠୀ ସଂଘର୍ଷ ସମୟରେ ଗୋଟିଏ କାର ପୋଡି ଯାଇଥିବା ବେଳେ କିଛି ମୋଟର ସାଇକଲ ଭାଙ୍ଗିଥିବା ସୂଚନା ମିଳିଛି । ରାଜନୈତିକ ଘଟଣାକୁ କେନ୍ଦ୍ର କରି ଦୁଇ ଦଳର ରାଜନୈତିକ ସମର୍ଥକମାନେ ଗୋଷ୍ଠୀ ସଂଘର୍ଷ ହୋଇଥିବା ସୂଚନା ମିଳୁଥିବା ବେଳେ ଏହି ଘଟଣାକୁ ନେଇ ଆଳି ଅଞ୍ଚଳରେ ଚାପା ଉତ୍ତେଜନା ଦେଖାଦେଇଥିବା ବେଳେ ଗୋଟିଏ ପ୍ଲାଟୁନ ପୋଲିସ ମୁତୟନ ହୋଇଛନ୍ତି। ଆଇନ ଶୃଙ୍ଖଳା ପରିସ୍ଥିତିକୁ ଲକ୍ଷ କରି ଆଳି ଅଞ୍ଚଳର ପୋଲିସ ଫୋର୍ସ ମୁତୟନ ହେବା ସହ ଆଳି ପୋଲିସ, ରାଜକନିକା ପୋଲିସ ଓ ପଟ୍ଟାମୁଣ୍ଡାଇ ଏସଡିପିଓ ଆଳି ଥାନାରେ ପହଞ୍ଚି ପରିସ୍ଥିତି ଉପରେ ନଜର ରଖିଥିବା ଜଣାପଡିଛି। ବୁଧବାର ଅପରାହ୍ନ ରେ କେନ୍ଦ୍ରାପଡ଼ା ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟାରିଆ ଙ୍କ ସମେତ ଆଳି ଥାନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପଟ୍ଟାୟତ ଓ ଏସଡିପିଓ କ୍ଷମାସାଗର ପଣ୍ଡା ଉତ୍ତେଜନା ସ୍ଥଳରେ ପହଞ୍ଚି ସ୍ଥିତି ପରଖିବା ସହିତ ତଦନ୍ତ କରାଯାଇ ଦୋଷୀମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଗଣମାଧ୍ୟମ କୁ ସୂଚନା ଦେଇଛନ୍ତି।

## ଓକିଲ ସଂଘ ପକ୍ଷରୁ ନୂତନ ସବଜଜଙ୍କୁ ସ୍ୱାଗତ

**ପଟ୍ଟାମୁଣ୍ଡାଇତା,୧୮।୬(ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ଓକିଲ ସଙ୍ଘ ପକ୍ଷରୁ ନୂତନ ଭାବେ ଯୋଗ ଦେଇଥିବା ସିନଅର ସିଭିଲ ଯଜ ଶ୍ରୀମତୀ ଅପୂର୍ବା ଚୌଧୁରୀଙ୍କୁ ସ୍ୱାଗତ କରିବା ପାଇଁ ଏକ ସମ୍ବର୍ଦ୍ଧନା ସଭା କୋର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସଂଘ ସଭାପତି ସୂର୍ଯ୍ୟରଞ୍ଜନ ରାଉଳଙ୍କ ପୌରହିତ୍ୟ ରେ ଆୟୋଜିତ ସଭାରେ ଅତିରିକ୍ତ ଜିଲ୍ଲା ଜଜ ବିଦ୍ୟାଧର ପୃଷ୍ଟି, ଜେ ଏମ ଏଫ ସି ବିଦ୍ୟୁତଲତା ପ୍ରଧାନ ଓ ଡି କେ ବାଲକ୍ରିଷ୍ଣନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେଓ ସଂଘ ଉପ ସଭାପତି ଆଡ଼ଭୋକେଟ ସୁରେଶ କୁମାର ନରେନ୍ଦ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେଓ ସମ୍ପାଦକ ଆଡ଼ଭୋକେଟ ରବୀନ୍ଦ୍ର କୁମାର ଦାଶ ସଂଘ ପକ୍ଷରୁ ସିନିଅର ସିଭିଲ ଜଜଙ୍କୁ ଉତ୍ତରୀୟ ଓ ଫୁଲ ତୋଡ଼ା ଦେଇ ସ୍ୱାଗତ ସମର୍ଦ୍ଧନା କରିଥିଲେ। ଏହି ଓକିଲ ସଂଘ ପ୍ରାକ୍ତନ ସଭାପତି ତପନ କୁମାର ମିଶ୍ର. ଭୀମସେନ ପ୍ରଧାନ. ବିଜ୍ଞାନ ମିହିର ଜେନା. ସୁମନ୍ତ ମାଝୀ,ବିଦ୍ୟାଧର ଦାଶ. ଧୀରେନ୍ଦ୍ର ନାଥ ସାହୁ. ଗିରିଜା ଶଙ୍କର ଦାଶ. ପ୍ରମୁଖ ଭାଷଣ ଦେଇଥିଲେ ଓ ଶେଷରେ ଯୁଗ୍ମସଂମ୍ପାଦକ ମନୋଜ କୁମାର ନାୟକ ଧନ୍ୟବାଦ ଦେଇଥିଲେ।

## ଅଣ୍ଡରା ପ୍ୟାକ୍ସ ପକ୍ଷରୁ ଦେଶୀ ଧାନ ସୁରକ୍ଷା ଓ ଜୈବିକ କୃଷି କର୍ମଶାଳା

**ପଟ୍ଟାମୁଣ୍ଡାଇ,୧୮।୬(ସଂଚାର ବ୍ୟୁରୋ):** ସମ୍ପ୍ରତି ସମଗ୍ର ବିଶ୍ୱରେ କୃଷି ଉତ୍ପାଦନ ଉଲେଖନୀୟ ଭାବରେ ବିଭନ୍ନ ବିକାଶଶୀଳ ଦେଶରେ ବୃଦ୍ଧି ହୋଇଛି। ଅତ୍ୟଧିକ ରାସାୟନିକ ସାର ଓ କୀଟନାସକ ପ୍ରୟୋଗ ହେତୁ ବିଭନ୍ନ ପ୍ରକାର ରୋଗ ମଧ ସୃଷ୍ଟି ହେଉଛି ଏଣୁକରି ସଚେତନ ଲୋକମାନେ ଜୈବିକ ପଦ୍ଧତିରେ ଉତ୍ପାଦିତ ଖାଦ୍ୟକୁ ଆପଣେଇ ଥିବା ଦେଖିବାକୁ ମିଳୁଛି। ପଟ୍ଟାମୁଣ୍ଡାଇ ବ୍ଲକ ର ଅଗ୍ରଣୀ ଅଣ୍ଡରା ପ୍ୟାକ୍ସ ପକ୍ଷରୁ ପାରମ୍ପରିକ ଦେଶୀ ଧାନ ଓ ଜେବିକ କୃଷି କର୍ମଶାଳା ସ୍ଥାନୀୟ ମଧୁବାବୁ କଲ୍ୟାଣ ମଣ୍ଡପ ରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି।ଅଣ୍ଡରା ପ୍ୟାକ୍ସ ସଭାପତି ବୃନ୍ଦାବନ ମଲ୍ଲିକଙ୍କ ପୌରହିତ୍ୟରେ ଓ ପ୍ୟାକ୍ସ ନିର୍ଦ୍ଦେଶକ ତଥା ସାମ୍ବାଦିକ ଚିତ୍ତରଞ୍ଜନ ମଲ୍ଲିକଙ୍କ ସଂଯୋଜନା କାର୍ଯ୍ୟକ୍ରମ ରେ ପ୍ରାଧାପିକା ଚନ୍ଦ୍ରାବତୀ ପଣ୍ଡା, ପାତାଞ୍ଜଳି ଓଡିଶା ରାଜ୍ୟ କାର୍ଯ୍ୟକାରିଣୀ ସଂଯୋଜକ ବିଭୁ ପ୍ରସାଦ ଦାସ, ପରିବେସବିତ ବିଜୟ କବି, ସାମାଜିକ କର୍ମୀ କିଶୋର କୁମାର ସ୍ୱାଇଁ ଯୋଗଦେଇ ଉପସ୍ଥିତ କୃଷକ, ସଚେତନ ନାଗରିକ ମାନଙ୍କୁ ବିଭିନ୍ନ ଦୃଷ୍ଟାନ୍ତ ଦେଇ ଜୈବିକ କୃଷି ପଦ୍ଧତି ରେ ଚାଷକରିବାକୁ ପ୍ରବର୍ତ୍ତାଇଥିଲେ। ଏହି କାର୍ଯ୍ୟକ୍ରମ ରେ ପ୍ୟାକ୍ସ ନିର୍ଦ୍ଦେଶକ ତଥା ଅଗ୍ରଣୀ କୃଷକ ଉଲ୍ଲାସ ଚନ୍ଦ୍ର ମଲ୍ଲିକ, ଅଲେଖି ଚନ୍ଦ୍ର ମଲ୍ଲିକ, ବ୍ରଜକିଶୋର ସେଠି,ଦ୍ୱାରିକା ସେଠି, ପଦ୍ମ ଚରଣ ସେଠି, କୃଷକ ସାଥୀ ଅଲେଖ ମଲ୍ଲିକ,ସଂଜିତ ମଲିକ , ଭାବଗ୍ରାହୀ ମଲ୍ଲିକ, ରଂଜିତ ସ୍ୱାଇଁ,ସୁଶାନ୍ତ ବାରିକ, ଭକ୍ତ ଚରଣ ସେଠି ପ୍ରମୁଖ ଅଗ୍ରଣୀ ୫୦ ଜଣ କୃଷକ ଏହି କର୍ମଶାଳା ରେ ଯୋଗ ଦେଇ ଥିଲେ।



## ଜିଲ୍ଲାସ୍ତରୀୟ ଓଡିଶା ଭିଜନ କର୍ମଶାଳା ଅନୁଷ୍ଠିତ



**କେନ୍ଦ୍ରାପଡ଼ା,୧୮।୬(ସଂଚାର ବ୍ୟୁରୋ):** ବୁଧବାର ସ୍ଥାନୀୟ ଜିଲ୍ଲା ସଂସ୍କୃତି ଭଓ୍ୱନ ଠାରେ ଜିଲ୍ଲା ସ୍ତରୀୟ ଓଡିଶା ଭିଜନ ୨୦୩୬ ଓ ୨୦୪୭ ବିକଶିତ ଓଡିଶା ପାଇଁ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଉଚ୍ଚ ଶିକ୍ଷା, କ୍ରୀଡା ଓ ଯୁବ ବ୍ୟାପାର ଓ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂର୍ଯ୍ୟାବଂଶୀ ସୁରଜ ଯୋଗ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ମହାକାଳପଡା ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକ, ଆଳି ବିଧାୟକ ପ୍ରତାପ କେଶରୀ ଦେବ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଳିତା ଦାସ, ଉପାଧ୍ୟାକ୍ଷ ଭୀଷ୍ମ ମହାନ୍ତି, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ ଓ ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା ପ୍ରମୁଖ ମଂଚାସୀନ ଥିଲେ । ମନ୍ତ୍ରୀ ଶ୍ରୀ ସୂରଜ କର୍ମଶାଳାର ଆୟୋଜନର ଉଦ୍ଦେଶ୍ୟ କହିବା ସହିତ ସରକାର ଓ ପ୍ରଶାସନ ଯେତେବେଳେ ଜିଲ୍ଲା, ଧର୍ମ, ବର୍ଣ୍ଣ, ମତ ନିର୍ବିଶେଷରେ ସମସ୍ତ ଲୋକଙ୍କ କଥାକୁ ସ୍ୱାଗତ ଜଣାଇ ସମସ୍ତଙ୍କ ପାଇଁ କାମ କରିବ ତେବେ ନିଶ୍ଚିତ ଭାବେ ଲକ୍ଷ୍ୟ ପ୍ରତିହେଇପାରିବ । ବିକଶିତ ଓଡିଶାର ନେତୃତ୍ୱ କେନ୍ଦ୍ରାପଡ଼ାରୁ ହେବ । ତୃଣମୂଳ ସ୍ତରରେ ବିକାଶ ହେଲେ ହିଁ ଜିଲ୍ଲା, ରାଜ୍ୟ, ଦେଶ ବିକଶିତ ହୋଇପାରିବ । ଏହା ଛଡା ମୁଖ୍ୟମନ୍ତ୍ରୀ କେନ୍ଦ୍ରାପଡ଼ା ବାସୀଙ୍କ ପାଇଁ ବହୁତ ଶୀଘ୍ର ଖୁସି ଖବର ଶୁଣେଇବାକୁ ଯାଉଛନ୍ତି । ସରକାର ବିକଶିତ ଓଡିଶା ପାଇଁ ଶ୍ରମ ପ୍ରଧାନ ଶିଳ୍ପ, ଶିଳ୍ପାୟନ ଶକ୍ତି କେନ୍ଦ୍ର, ନିବେଶ ପାଇଁ ଉପଯୁକ୍ତ କ୍ଷେତ୍ର, ସହରୀକରଣ, ପ୍ରଯୁକ୍ତିବିଦ୍ୟା, ଶ୍ରେଷ୍ଠ ପରିବେଶଗଡ଼, ସାଂସ୍କୃତିକ ପର୍ଯ୍ୟଟନ ସ୍ଥଳରବିକାଶ, ବର୍ଦ୍ଧିତ ସେଚାଞ୍ଚଳ, ପ୍ରଯୁକ୍ତି ବିଦ୍ୟାର ବ୍ୟବହାର, ଦକ୍ଷତା ବିକାଶ, ଶିକ୍ଷା ବିକାଶ କେନ୍ଦ୍ର ଆଦି ପଦକ୍ଷେପ ଗ୍ରହଣ କରାଯାଇଛି । କର୍ମଶାଳାରେ ଅନ୍ୟ ମାନଙ୍କ ମଧ୍ୟରେ ସମସ୍ତ ପଂଚାୟତ ସମିତି, ପୌରାଞ୍ଚଳର ଅଧ୍ୟକ୍ଷ/ଅଧ୍ୟକ୍ଷା ସମେତ ଅନ୍ୟ ନିର୍ବାଚିତ ପ୍ରତିନିଧି, ଜିଲ୍ଲା, ବ୍ଲକ ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

## ପଞ୍ଚାୟତ ଆମ ଗାଁରେ ତହସିଲ କର୍ଯ୍ୟାଳୟ କାର୍ଯ୍ୟକ୍ରମ



**ଡେରାବିଶ,୧୮।୬(ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ 'ଆମ ଗାଁରେ ତହସିଲ କାର୍ଯ୍ୟାଳୟ' କାର୍ଯ୍ୟକ୍ରମ ଡେରାବିଶ ତହସିଲ କାର୍ଯ୍ୟାଳୟ ପକ୍ଷରୁ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି । ଦାନପୁର ପଂଚାୟତ କାର୍ଯ୍ୟାଳୟ ଅନୁଷ୍ଠିତ କାର୍ଯ୍ୟକ୍ରମକୁ କେନ୍ଦ୍ରାପଡ଼ା ଉପଜିଲାପାଳ ଅରୁଣ କୁମାର ନାୟକ ଉଦ୍‌ଘାଟନ କରି ଗ୍ରାମାଞ୍ଚଳ ଜନସାଧାରଣ ବହୁଦିନର ସମସ୍ୟା ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଦୂର ହୋଇ ପାରିବ ବୋଲି କହିଥିଲେ। ଏହା ମାଧ୍ୟମରେ ବିବିଧ ଓ ଜାତିଗତ ପ୍ରମାଣପତ୍ର ପ୍ରଦାନ,ପଟ୍ଟା ବଣ୍ଟନ ଓ ଇ-ପାଉତି ମାଧ୍ୟମରେ ରାଜସ୍ୱ ପୈଠ, ଦାଖଲ ଖାରଜ ମାମଲା, କିସମ ପରିବର୍ତ୍ତନ ମାମଲା, ଆପୋଷ ବୁଝାମଣାରେ, ଜମି ବଣ୍ଟନମାମଲା, ସିକିମ ସତ୍ତ୍ୱ ଓ ଦେବୋନ୍ଦୋବସ୍ତ ମାମାଲର ସାମୂହିକ ଅଭିଯୋଗର ସମାଧାନ,ସମସ୍ତ ପ୍ରକାର ରାଜସ୍ୱ ମାମଲାର ତ୍ୱରିତ ସମାଧାନ ଚିତ ସମାଧାନ, ଜମିପଟ୍ଟାର ପ୍ରଜାଖାନା ସଂଶୋଧନ ଓ ବସୁନ୍ଧରା ଯୋଜନା ମାଧ୍ୟମରେ ସ୍ଥାୟୀ ଘରଡିହ ପଟ୍ଟା ପ୍ରଦାନ ଏହି କାର୍ଯ୍ୟକ୍ରମର ରୂପରେଖ ବୋଲି ଡେରାବିଶ ତହସିଲଦାର କହିଥିଲେ। ୭୬ ଜଣଙ୍କୁ ପଟ୍ଟା ବଣ୍ଟନ କରାଯାଇଥିବା ବେଳେ ୭ ଜଣଙ୍କୁ ବ୍ୟୟ ବନ୍ଦୋବସ୍ତ ପଟ୍ଟା ଓ ଆବେଦନ କରିଥିବା ସମସ୍ତ ପ୍ରମାଣପତ୍ର କାର୍ଯ୍ୟକ୍ରମ ଜରିଆରେ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ତହସିଲଦାର ଭାସ୍କର ଚନ୍ଦ୍ର ବେହେରା, ରାଜସ୍ୱ ପରିଦର୍ଶକ ମାନସ ନାଥ ଓ ଦାନପୁର ସରପଞ୍ଚଙ୍କ ପ୍ରତିନିଧି ଉମେଶ ଚନ୍ଦ୍ର ତ୍ରିପାଠୀ ଉପସ୍ଥିତ ଥିବାବେଳେ ଦାନପୁର ରାଜସ୍ୱ ନିରୀକ୍ଷିକା ବିଜୟଲକ୍ଷ୍ମୀ ପଲେଇ ଙ୍କ ସହ ସମସ୍ତ ରାଜସ୍ୱ ନିରୀକ୍ଷକ ଉପସ୍ଥିତ ଥିଲେ।

# ଜୁଲାଇ ୨୦ ସୁଦ୍ଧା ଦାବି ପୂରଣ ନ ହେଲେ ଆନ୍ଦୋଳନ

● ଚେତାବନୀ ଦେଲା ସମନ୍ୱିତ ପ୍ରାଥମିକ ଶିକ୍ଷକ ସଂଗଠନ




**ଭୁବନେଶ୍ୱର,୧୮।୬(ସଂଚାର ବ୍ୟୁରୋ):** ସମନ୍ୱିତ ପ୍ରାଥମିକ ଶିକ୍ଷକ ସଂଗଠନର ମୁଖ୍ୟ ଆବାହକ ରାମଲାଲ୍ ପଟେଲ୍ଙ୍କ ସଭାପତିତ୍ୱରେ ଗୋଦାବରୀଶ ସାହିତ୍ୟ ସଂସଦ ପରିସରରେ ଆଜି ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଦୀର୍ଘଦିନ ହେଲା ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକଶିକ୍ଷୟିତ୍ରୀମାନେ କେନ୍ଦ୍ରୀୟ ଦରମାରୁ ବଞ୍ଚିତ ହୋଇଆସିଥିବା ବେଳେ ରାଜ୍ୟରେ ପ୍ରାଥମିକ ଶିକ୍ଷକମାନଙ୍କୁ ମାତ୍ର ଗ୍ରେଡ୍ ପେ' ୨୨୦୦ ଟଙ୍କା ପାଉଛନ୍ତି। ୬ରୁ ୧୮ ବର୍ଷ ବୟସର ପିଲାଙ୍କୁ ଗୁଣାତ୍ମକ ଶିକ୍ଷାଦାନ ପ୍ରଦାନ କରିବା ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଯୋଜନା କରୁଛନ୍ତି। କିନ୍ତୁ ଶିକ୍ଷକ, ଶିକ୍ଷାୟତନ ଏବଂ ଛାତ୍ରଛାତ୍ରୀଙ୍କ ବ୍ୟବସ୍ଥା ଠିକ୍ ନହେଲେ ଶିକ୍ଷାଦାନ ସମ୍ଭବ ନୁହେଁ। ବିଭିନ୍ନ ବିଭାଗରୁ ଚୁକ୍ତିଭିତ୍ତିକ ପ୍ରଥା ଓ ୬ ବର୍ଷର ଠିକା ସମୟକୁ ମୂଳ ଚାକିରିରେ ମିଶାଯାଇ ୬ଟି ନୋସନାଲ୍ ଇନ୍କ୍ରିମେଣ୍ଟ ଦିଆଯାଇଥିବା ବେଳେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ଏଥିରୁ ବଞ୍ଚିତ କରିଆସିଛନ୍ତି। ଏହି ଦାବି ପୂରଣ ପାଇଁ ବହୁବାର ଧାରଣା, ଆଲୋଚନା ହୋଇଥିଲେ ମଧ୍ୟ ସରକାର ପ୍ରତିଶ୍ରୁତି ଦେଇ କାର୍ଯ୍ୟକାରୀ କରିବାରେ କାଳକ୍ଷେପଣ ନୀତି ଅବଲମ୍ବନ କରିଆସିଛନ୍ତି। ତେଣୁ ବର୍ତ୍ତମାନର ସରକାର ଆଗାମୀ ଜୁଲାଇ ୨୦ ତାରିଖ ସୁଦ୍ଧା ବିଭିନ୍ନ ଦାବି ପୂରଣ ନ କଲେ ଆଗାମୀ ଦିନରେ ବିଭିନ୍ନ ବର୍ଗର ପ୍ରାୟ ୧ ଲକ୍ଷ ଶିକ୍ଷକଶିକ୍ଷୟିତ୍ରୀମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଶ୍ରୀ ପଟେଲ୍ ଚେତାବନୀ ଦେଇଛନ୍ତି। ପ୍ରମୁଖ ଦାବି ମଧ୍ୟରେ ଗ୍ରେଡ୍ ପେ' ୪୨୦୦ ଟଙ୍କାକୁ ବୃଦ୍ଧି, ୬ ବର୍ଷ ଠିକା କାର୍ଯ୍ୟକାଳକୁ ମୂଳ ଚାକିରିରେ ଗଣନା ସହ ୬ଟି ନୋସ୍‌ନାଲ୍ ଇନ୍କ୍ରିମେଣ୍ଟ ପ୍ରଦାନ ଆଦି ପ୍ରମୁଖ ରହିଛି। ବୈଠକରେ ଶ୍ରୀକାନ୍ତ ବାରିକ, ଧନଞ୍ଜୟ ନାୟକ, ଭରଦ୍ୱାଜ ପ୍ରଧାନ, ପୁଲିନ୍ଦ୍ର ବେହୁରିଆ, ଆଶିଷ ନାୟକ, ଲକ୍ଷ୍ମଣ ପଟେଲ୍, ଅକ୍ଷୟ ନାୟକ, ପ୍ରିୟମ୍ବଦା ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ।

# 'ବିକଶିତ ଓଡ଼ିଶା'ର ମୁଖଶାଳା ବାଲେଶ୍ୱର: ଧର୍ମେନ୍ଦ୍ର

**ବାଲେଶ୍ୱର,୧୮।୬(ସଂଚାର ବ୍ୟୁରୋ):** ବାଲେଶ୍ୱରର ବର୍ଷିୟାନ ଜନନେତା, ପୂର୍ବତନ ବିଧାୟକ ସ୍ୱର୍ଗତଃ ମଦନ ମୋହନ ଦତ୍ତ ତଥା ମଙ୍ଗୁ ଭାଇ ବିଜେପି ଓ ବିଚାରଧାରାର ବଡ଼ ସ୍ତମ୍ଭ ଥିଲେ। ସମାଜର ସାଧାରଣ ଓ ନିମ୍ନ ଶ୍ରେଣୀର ଲୋକଙ୍କ ସେବାକୁ ସେ ଜୀବନର ବ୍ରତ କରିଥିଲେ ବୋଲି ମଙ୍ଗଳବାର ଏଠାରେ ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆୟୋଜିତ ସ୍ମୃତିସଭାରେ ଯୋଗଦେଇ ମତ ବ୍ୟକ୍ତ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସେହିପରି ବାଲେଶ୍ୱର ଏକ ଉଦ୍ଦୀପନା, ଉଜ୍ଜ୍ୱଳ ଆଲୋକ, ବିକଶିତ ଓଡ଼ିଶାର ମୁଖଶାଳା ବୋଲି ଶ୍ରୀ ପ୍ରଧାନ ମତ ଦେଇଛନ୍ତି। ସ୍ମୃତିସଭାରେ ଯୋଗଦେବା ପୂର୍ବରୁ ଶ୍ରୀ ପ୍ରଧାନ ଷ୍ଟେସନ ଛକଠାରେ ସ୍ୱର୍ଗତଃ ଦତ୍ତଙ୍କ ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଉନ୍ମୋଚିତ କରିଥିଲେ। ଏଥିସହ ଶ୍ରୀ ଦତ୍ତଙ୍କ ସ୍ମୃତିରେ ଆୟୋଜିତ ରକ୍ତଦାନ ଶିବିରକୁ ଉଦଘାଟନ କରିବା ସହ ଶ୍ରୀ ପ୍ରଧାନ ଚାରା ରୋପଣ କାର୍ଯ୍ୟକ୍ରମରେ ବି ଭାଗ ନେଇଥିଲେ। ସ୍ଥାନୀୟ ଅଞ୍ଚଳର ଦିବ୍ୟାଙ୍ଗମାନଙ୍କୁ ସହାୟକ ଉପକରଣ, ଗରିବ ଓ ମେଧାବୀ ଛାତ୍ରଛାତ୍ରୀଙ୍କୁ ସହାୟତା ପ୍ରଦାନ କରିବା ସହ ସେ ସ୍ୱେଚ୍ଛାସେବୀଙ୍କୁ ବି ସମ୍ବର୍ଦ୍ଧିତ କରିଥିଲେ। 'ମଙ୍ଗୁ ଭାଇ ସ୍ମୃତି କମିଟି, ବାଲେଶ୍ୱର' ପକ୍ଷରୁ ଆୟୋଜିତ ସ୍ମୃତିସଭାରେ ଶ୍ରୀ ପ୍ରଧାନ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ସେ କହିଥିଲେ ଯେ ମଙ୍ଗୁ ଭାଇ ଥିଲେ ବାଲେଶ୍ୱର ମାଟିର ଜଣେ ପରିଚିତ ଚେହେରା ଥିଲେ। ତାଙ୍କର ସାମାଜିକ ଜୀବନ ଅନେକଙ୍କ ପାଇଁ ଉଦାହରଣ। ବାଲେଶ୍ୱରରେ ଶିକ୍ଷା, ସ୍ୱାସ୍ଥ୍ୟ,

● **ବାଲେଶ୍ୱର ଷ୍ଟେସନ ଛକରେ ମଙ୍ଗୁ ଭାଇଙ୍କ ପ୍ରତିମୂର୍ତ୍ତି ସ୍ଥାପିତ**

● **ରକ୍ତଦାନ ଶିବିର ଉଦ୍‌ଘାଟନ ସହ ଚାରାରୋପଣ କଲେ**

ନଗର ଉନ୍ନୟନ, ରୋଜଗାର ତଥା ସହରର ସର୍ବାଙ୍ଗୀନ ବିକାଶ ପାଇଁ ଅକ୍ଳାନ୍ତ ପରିଶ୍ରମ କରିଥିଲେ ମଙ୍ଗୁ ଭାଇ। ସେ ଥିଲେ ଜଣେ ଦରଦୀ ମଣିଷ। ସମାଜର ସାଧାରଣ ଓ ନିମ୍ନ ଶ୍ରେଣୀର ଲୋକମାନଙ୍କ ସେବାକୁ ସେ ଜୀବନର ବ୍ରତ କରିଥିଲେ। ଏଥିସହ ଅନେକ କାର୍ଯ୍ୟକର୍ତ୍ତା ତିଆରି କରିବା ସହ ମଙ୍ଗୁ ଭାଇ ତୃଣମୂଳ ସ୍ତରରେ ଦଳୀୟ ସଂଗଠନକୁ ସଶକ୍ତ କରିଥିଲେ। ଛାତ୍ର ଜୀବନରୁ ମଙ୍ଗୁ ଭାଇଙ୍କ ସହ ମୋର ଦୀର୍ଘ



୩୦ ବର୍ଷର ସମ୍ପର୍କ ରହିଥିଲା। ଦଳ ମତ ନିର୍ବିଶେଷରେ ସେ ବାଲେଶ୍ୱରବାସୀଙ୍କ ପ୍ରିୟଭାଜନ ହୋଇପାରିଥିଲେ ବୋଲି ଶ୍ରୀ ପ୍ରଧାନ କହିଥିଲେ। ବାଲେଶ୍ୱରର ଇତିହାସ ଉପରେ ଆଲୋକପାତ କରି ଶ୍ରୀ ପ୍ରଧାନ କହିଥିଲେ ଯେ ବାଲେଶ୍ୱର ମାଟି ସାହିତ୍ୟ, ସଂସ୍କୃତି ଓ ସଂଗ୍ରାମର ମାଟି। ବାଲେଶ୍ୱରରେ ଜନ୍ମ ଗ୍ରହଣ କରିଥିବା ମହାନ କବି ଓ ଲେଖକ ଫକୀର ମୋହନ ସେନାପତି ଓଡ଼ିଆ ଭାଷା ଓ ଅସ୍ମିତା ଲଢେଇ ପାଇଁ ସର୍ବସ୍ୱ ତ୍ୟାଗ କରିଥିଲେ। ଏଠାରେ ଥିବା ଏମ୍ସ ଭୁବନେଶ୍ୱର ସାଟେଲାଇଟ କେନ୍ଦ୍ରକୁ ଆଧୁନିକ କରିବା ପାଇଁ ଉଦ୍ୟମ କରାଯିବ। ଯୁବକଙ୍କ ସ୍ୱପ୍ନ ପୂରଣ କରାଯିବ ମଙ୍ଗୁ ଭାଇଙ୍କ ନୀତି ଆଦର୍ଶ ଆଧାରରେ ବାଲେଶ୍ୱର ଜିଲ୍ଲାକୁ ଆଗେଇ ନେବାରେ ସମସ୍ତେ ଉଦ୍ୟମ କରିବାକୁ ଶ୍ରୀ ପ୍ରଧାନ ଆହ୍ୱାନ ଦେଇଥିଲେ। ଏହି ଗସ୍ତ କାଳରେ ଭଦ୍ରକ ଓ ବାଲେଶ୍ୱରର ବିଭିନ୍ନ ସ୍ଥାନରେ ଶ୍ରୀ ପ୍ରଧାନଙ୍କୁ କାର୍ଯ୍ୟକର୍ତ୍ତାମାନେ ସ୍ୱାଗତ କରିଥିଲେ।



ବିଧାନସଭା ବୁଲିବାକୁ ଆସିଥିବା ବିଭିନ୍ନ ଜିଲ୍ଲାର ଜନଜାତି ଛାତ୍ରଛାତ୍ରୀଙ୍କ ସହ ବାଚସ୍ପତି ସୁରମା ପାଢ଼ୀ।

# ପାନୀୟ ଜଳ ବିକ୍ରି କରୁଥିବା ବ୍ୟବସାୟ ପ୍ରତିଷ୍ଠାନ ରେଡ କଲା ସିଏମସି ଟିମ୍




**କଟକ, ୧୮।୬ (ସଂଚାର ବ୍ୟୁରୋ) :** କଟକ ସହରରେ ବେଆଇନ ଭାବରେ ପାନୀୟ ଜଳ ବିକ୍ରି କରୁଥିବା ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ଉପରେ ଆଜି ରେଡ କରିଛି କଟକ ମହାନଗର ନିଗମର ସ୍ୱାସ୍ଥ୍ୟ ବିଭାଗ । ଶଙ୍କରପୁର ଦାସସାହି ଏବଂ ଉପର ସାହି ଅଞ୍ଚଳରେ ଏକାଧିକ ପାଣି କମ୍ପାନୀ ଉପରେ ସିଏମସିର ଟିମ୍ ଚଢାଉ କରିଛି । ନା ବୋରିଙ୍ଗ ପାଣି ବ୍ୟବହାର କରାଯାଉଛି ନା ଏହାକୁ ବିଶୋଧନ କରାଯାଉଛି, ନା ଅଛି କୌଣସି ପଞ୍ଜିକରଣ ସମ୍ପର୍କିତ କାଗଜପତ୍ର । ଚଢାଉ ପରେ ପାଣି କମ୍ପାନୀଗୁଡ଼ିକ ସିଲ କରିଛି ସି ଏମ ସି ସ୍ୱାସ୍ଥ୍ୟ ବିଭାଗ । ଡାଇରିଆର ଭୟାବହତାକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ଗ୍ରହଣ କରାଯାଉଥିବା ସୂଚନା ମିଳିଛି । ତେବେ ଯଦି ଡାଇରିଆକୁ ନେଇ ଏବେ ଚିନ୍ତାଜନକ ସ୍ଥିତି ଉତ୍ପନ୍ନ ହୋଇ ନ ଥାନ୍ତା, ହୁଏତ ଏହିପରି ରେଡ ଦେଖିବାକୁ ମିଳି ନ ଥାନ୍ତା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

# ମଧୁମେହ ନିୟନ୍ତ୍ରଣ ପାଇଁ ଯୋଗ ସଂକ୍ରାନ୍ତ ପୁସ୍ତକ ଉନ୍ମୋଚିତ



**ଭୁବନେଶ୍ୱର,୧୮।୬(ସଂଚାର ବ୍ୟୁରୋ):** ବିଜେତ୍ରୀ ଫାଉଣ୍ଡେସନ୍ ପକ୍ଷରୁ ଆଜି ସ୍ଥାନୀୟ ରୋଟାରୀ କ୍ଲବ୍‌ଠାରେ ପ୍ରେମାନନ୍ଦ ନାଥଙ୍କ ଦ୍ୱାରା ଲିଖିତ 'ଟ୍ରାନ୍ସଫର୍ମିଂ ଡାଇବେଟିସ୍ ୱିଥ୍ ୟୋଗା: ବାଲାନ୍ସ ୟୋର ବଡି ଆଣ୍ଡ୍ ମାଇଣ୍ଡ' ପୁସ୍ତକ ଉନ୍ମୋଚିତ ହୋଇଛି। କାର୍ଯ୍ୟକ୍ରମରେ ଯୋଗ ଏବଂ ଔଷଧ କ୍ଷେତ୍ରର ବିଶେଷଜ୍ଞ, ବୃତ୍ତିଗତ ଓ ଚିନ୍ତାନାୟକମାନେ ଏକତ୍ରିତ ହୋଇଥିବା ବେଳେ ସହ-ସଂଯୋଜକ, କାର୍ଯ୍ୟନିର୍ବାହୀ ସଂସ୍ଥା ସଦସ୍ୟ ଡକ୍ଟର ଝାନ୍ସି ମିଶ୍ର ଓ କାର୍ଯ୍ୟନିର୍ବାହୀ ସଂସ୍ଥା ସଦସ୍ୟ ଡକ୍ଟର ପ୍ରତାପ ଛୋଟରାୟ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଗୋବିନ୍ଦ ଚନ୍ଦ୍ର ରାଜଙ୍କ ସ୍ମୃତିରେ ସଂଗଠନ ଓ ବିଜେତ୍ରୀ ଶିକ୍ଷା ଫେଲୋସିପ୍ ବିଷୟରେ ସୂଚନା ଦେଇଥିଲେ। ଲେଖକ ଶ୍ରୀ ନାଥ ଯୋଗ ସହ ମଧୁମେହକୁ ପରିବର୍ତ୍ତନ କରିବା ଓ ଆପଣଙ୍କ ଶରୀର ଏବଂ ମନକୁ ସନ୍ତୁଳିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଡକ୍ଟର ବସନ୍ତ ପତି ମଧୁମେହ ରୋଗର ଜଟିଳ ସମସ୍ୟା ଏବଂ ଯୋଗ ଅଭ୍ୟାସ ଦ୍ୱାରା ନିରାକରଣ ଉପରେ ନିଜର ବିଶେଷଜ୍ଞତା ଏବଂ ଅଭିଜ୍ଞତା ଦର୍ଶକଙ୍କ ସହ ବାଣ୍ଟି ଗଭୀର ବକ୍ତବ୍ୟ ପ୍ରଦାନ କରିଥିଲେ। ମଧୁମେହର ଚିକିତ୍ସାରେ ଯୋଗର ଭୂମିକା ଉପରେ ପ୍ରଫେସର ଡକ୍ଟର ଗୋପାଳ ପ୍ରସାଦ ମହାପାତ୍ର ମତାମତ ଦେଇ କହିଥିଲେ ଯେ ସୁସ୍ଥ ମନ ଓ ରାଷ୍ଟ୍ର ବଜାୟ ରଖିବାରେ ଯୋଗର ଅନେକ ଲାଭ ଉପରେ ନିର୍ଭର କରେ। ଯୋଗ ଭାରତୀୟ ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଂଶ, ଯାହା ସ୍ୱାସ୍ଥ୍ୟ ଏବଂ ସୁସ୍ଥତାକୁ ପ୍ରୋତ୍ସାହିତ କରିବାରେ ଏହାର ବୃଦ୍ଧି ପାଉଥିବା ଗୁରୁତ୍ୱକୁ ପ୍ରତିଫଳିତ କରେ ବୋଲି ଡ. ମହାପାତ୍ର କହିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ଯୋଗ ଓ ସ୍ୱାସ୍ଥ୍ୟ ସେବା ଉପରେ ସରକାରଙ୍କ ବିଭିନ୍ନ ପଦକ୍ଷେପ ବିଷୟରେ ଆଲୋଚନା କରିଥିଲେ। ଶେଷରେ ବିଜେତ୍ରୀ ଫାଉଣ୍ଡେସନର ନିର୍ଦ୍ଦେଶକ, ସଂଯୋଜକ ଡକ୍ଟର ସୁଦର୍ଶନ ରାଜ ଧନ୍ୟବାଦ ଦେଇଥିଲେ।

# ଭଦ୍ରକ ଜିଲ୍ଲାରେ ୧୫ ହଜାର ସଦସ୍ୟ ଲକ୍ଷ୍ୟରେ ଏବିଭିପି




**ଭଦ୍ରକ,୧୮।୬(ସଂଚାର ବ୍ୟୁରୋ):** ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଚଳିତ ଶିକ୍ଷାବର୍ଷରେ ନୂତନ ବିଦ୍ୟାର୍ଥୀମାନଙ୍କୁ ନିଜ ସହ ଯୋଡିବା ଓ ରାଷ୍ଟ୍ରୀୟ ପୁନଃନିର୍ମାଣ ପାଇଁ ସଂକଳ୍ପବଦ୍ଧ ହୋଇ କାର୍ଯ୍ୟ କରିବ ବୋଲି ଘୋଷଣା କରିଛି। ଚଳିତ ଶିକ୍ଷାବର୍ଷରେ ପରିଷଦ ପକ୍ଷରୁ ଭଦ୍ରକ ଜିଲ୍ଲାରେ ୧୫ ହଜାର ସଦସ୍ୟଙ୍କୁ ନିଜ ସହ ଯୋଡ଼ିବା ସକାଶେ ଲକ୍ଷ୍ୟ ରଖିଛି। ଜିଲ୍ଲାର ସମସ୍ତ ମହାବିଦ୍ୟାଳୟରେ ବିଦ୍ୟାର୍ଥୀଙ୍କ ନିକଟରେ ପହଞ୍ଚି ପରିଷଦ ସଦସ୍ୟତା ପ୍ରକ୍ରିୟା ଆରମ୍ଭ କରିବ। ଆଜିଠାରୁ ସଦସ୍ୟତା ଅଭିଯାନ ଆରମ୍ଭ ହୋଇଥିବା ବେଳେ ବିଭିନ୍ନ କ୍ଷେତ୍ରରେ ରୁଚି ରଖୁଥିବା ଛାତ୍ରଛାତ୍ରୀଙ୍କୁ ଯୋଡିବା ପାଇଁ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସ୍ତରରେ କାର୍ଯ୍ୟକ୍ରମ ଆରମ୍ଭ ହୋଇସାରିଛି। ସେହିପରି ଓଡ଼ିଶାରେ ଦୀର୍ଘ ୭ ବର୍ଷ ଧରି ଛାତ୍ର ସଂସଦ ନିର୍ବାଚନ ବନ୍ଦ ଥିବାରୁ କ୍ୟାମ୍ପସରେ ଅନେକ ସମସ୍ୟା ରହିଛି। ଏବିଭିପି ଓ ଛାତ୍ର ନେତୃତ୍ୱଙ୍କ ମାଧ୍ୟମରେ ଏହାର ସମାଧାନ କରାଯାଇପାରିବ। ଆଜି ସ୍ଥାନୀୟ ସୀତାରାମ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସହସମ୍ପାଦକ ଶୁଭ୍ର ସମ୍ବିତ ନାୟକ କହିଛନ୍ତି ଯେ ଏବିଭିପି ପ୍ରତି କ୍ୟାମ୍ପସରେ ହେଲ୍ପ ଡେସ୍କ, ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ସହ କ୍ୟାମ୍ପସର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଅଣ୍ଟା ଭିଡ଼ିଛି। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଛାତ୍ର ସଂସଦ ନିର୍ବାଚନ ନେଇ ଉତ୍କଣ୍ଠା ବଢୁଛି। ବ୍ୟକ୍ତିତ୍ୱ ବିକାଶ ପାଇଁ ଛାତ୍ର ସଂସଦ ନିର୍ବାଚନ ଜରୁରୀ ଓ ଏହି ନିର୍ବାଚନ ହେଲେ କ୍ୟାମ୍ପସର ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ବାଟ ଫିଟିବ। ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ପ୍ରମୁଖ ସ୍ୱାଧୀନ ସୁନ୍ଦର ଦାସ, ସହପ୍ରମୁଖ ଜ୍ୟୋତି ପ୍ରକାଶ ସାହୁ, ଜିଲ୍ଲା ସଂଯୋଜକ ଓଁକାର ମହାନ୍ତି, ସହସଂଯୋଜକ ପୂଜାରାଣୀ ମଲ୍ଲିକ, ପ୍ରାନ୍ତ ସବିଷ୍କାର ସହସଂଯୋଜକ ଦେବୀ ପ୍ରସାଦ ଦାଶ ମଞ୍ଚାସୀନ ଥିଲେ। ସେହିପରି ଜିଲ୍ଲା ସହପ୍ରମୁଖ ଶିକ୍ଷାବିତ ଡ. ବସନ୍ତ କୁମାର ଦୀକ୍ଷିତ, ସହସଂଯୋଜକ ଅଭିଳାଷ ତ୍ରିପାଠୀ, ବିଭାଗ ଏସଏଫଏସ ସଂଯୋଜିକା ମାଧୁରୀ ରାଉତ, ଶୁଭମ ରାଉତ, କାହ୍ନା ଜେନା, ରଞ୍ଜୁଲତା ପୁଟିଆ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟରେ ବଢୁଛି ଦୁଷ୍କର୍ମ ମାମଲା

# ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରିଲା କଂଗ୍ରେସ

**ଭୁବନେଶ୍ୱର,୧୮।୬(ସଂଚାର ବ୍ୟୁରୋ):** ରାଜ୍ୟରେ ଦୈନିକ ମହିଳା ଦୁଷ୍କର୍ମ ଘଟଣା ଘଟୁଥିବା ବେଳେ ପରିସ୍ଥିତି ଏକରକମ ଅଣାୟତ ହୋଇପଡ଼ିଛି। ଓଡ଼ିଶାରେ ଆଜି ମହିଳାମାନେ ସମ୍ପୂର୍ଣ୍ଣ ଅସୁରକ୍ଷିତ। ରାଜ୍ୟରେ ଦୈନିକ ୧୫ରୁ ଅଧିକ ମହିଳା ଓ ନାବାଳିକା ଗଣଧର୍ଷଣ ତଥା ପାଶବିକ ଅତ୍ୟାଚାରର ଶିକାର ହେଉଥିବା ବେଳେ ଡବଲ ଇଞ୍ଜିନ ବିଜେପି ସରକାର ନିଜର ଏକବର୍ଷ ପୂର୍ତ୍ତିକୁ ଉତ୍ସବ ରୂପେ ପାଳନ କରୁଛି। ଯେଉଁଠି ୬୪ ହଜାରରୁ ଅଧିକ ମହିଳା ଓ ଶିଶୁ ନିଖୋଜ ଅଛନ୍ତି, ସେଠାକାର ସରକାର କ'ଣ ଏପରି ଉପଲବ୍ଧି ହାସଲ କରିଛନ୍ତି ଯେ ଏଥିସକାଶେ ଉତ୍ସବ ପାଳୁଛନ୍ତି, ତାକୁ ପ୍ରଶ୍ନ କରିଛି କଂଗ୍ରେସ। ରାଜ୍ୟରେ ବଢୁଥିବା ଅପରାଧ ବିରୋଧରେ ଆଜି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ ପ୍ରଦେଶ କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କରାଯାଇଥିଲା। ଏଥିରେ ରାଜ୍ୟ ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଯୋଗଦେଇ କହିଛନ୍ତି ଯେ ଓଡ଼ିଶାରେ ମହିଳାଙ୍କ ପ୍ରତି ଘଟୁଥିବା ଅପରାଧ ସମସ୍ତ ଜାତୀୟ ରେକର୍ଡକୁ ଟପିସାରିଛି। ଏହା କ'ଣ ଡବଲ ଇଞ୍ଜିନ ସରକାରଙ୍କର ସବୁଠାରୁ ବଡ଼ ସଫଳତା କି ବୋଲି ଶ୍ରୀ ଲଲ୍ଲୁ ପ୍ରଶ୍ନ କରିଛନ୍ତି। ରାଜ୍ୟରେ ମହିଳାଙ୍କ



ପ୍ରତି ନିର୍ଯାତନା ବଢ଼ିଚାଲିଥିବା ବେଳେ ମୁଖ୍ୟମନ୍ତ୍ରୀ ଇସ୍ତଫା ନ ଦେଇ ଉତ୍ସବ ମନାଇବା ପରିତାପର ବିଷୟ ବୋଲି ସେ କହିଛନ୍ତି। ସେହିପରି ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି ଯେ ମହିଳାଙ୍କ ପ୍ରତି ବଢୁଥିବା ଅତ୍ୟାଚାର ବିରୋଧରେ କଂଗ୍ରେସ ଅନବରତ ଲଢ଼େଇ କରିଆସୁଛି। ମନୁବାଦୀ ଚିନ୍ତାଧାରାସମ୍ପନ୍ନ ଦଳ ବିଜେପି ମହିଳାଙ୍କୁ ବସ୍ତୁ ଭାବେ ବିବେଚନା କରୁଥିବାରୁ କ୍ରମବର୍ଦ୍ଧିଷ୍ଣୁ ନିର୍ଯାତନା ସତ୍ତ୍ୱେ ଚୁପ୍ ବସିଛି। କିନ୍ତୁ ଆଗାମୀ ଦିନରେ କଂଗ୍ରେସ ଏହି ପ୍ରସଙ୍ଗକୁ ବିଧାନସଭାରେ ଉପସ୍ଥାପନ କରିବ ବୋଲି ଶ୍ରୀ ବାହିନୀପତି କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ ପାଇଁ କଂଗ୍ରେସ ଭବନରୁ ସହସ୍ରାଧିକ କର୍ମୀ ଓ ନେତା ବାହାରି ସରକାରବିରୋଧୀ ସ୍ଲୋଗାନ ଦେଇ ବାହାରିଥିଲେ। ସେମାନେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଭିତରକୁ ଧସେଇ ପଶିବା ସକାଶେ ବ୍ୟାରିକେଡ ଭାଙ୍ଗି ଆଗକୁ ବଢ଼ିଥିଲେ। ତେବେ ଏହି ସମୟରେ ସେମାନଙ୍କୁ ପୁଲିସ୍ ଅଟକାଇବା ଫଳରେ ସେଠାରେ କିଛି ସମୟ ପାଇଁ ଖଣ୍ଡଯୁଦ୍ଧ ଲାଗିଥିଲା। ଏହି ସମୟରେ ଶ୍ରୀ ଲଲ୍ଲୁ ଓ ଅନ୍ୟାନ୍ୟ ନେତୃବୃନ୍ଦ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି ନେଇ ଧାରଣାରେ ବସିଥିବା ବେଳେ ପୁଲିସ ସେମାନଙ୍କୁ ଉଠାଇ ଗାଡ଼ିରେ ନେଇ ଅନ୍ୟତ୍ର ଛାଡ଼ିଦେଇଥିଲା।

ଏହି କାର୍ଯ୍ୟକ୍ରମରେ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ସୁରେଶ ରାଉତରାୟ, ରଞ୍ଜୀବ ବିଶ୍ୱାଳ, ବିଧାୟକ ଅଶୋକ ଦାସ, ସମୀର ରାଉତରାୟ, ବିଧାୟିକା ସୋଫିଆ ଫିର୍ଦ୍ଦୋସ, ମିନାକ୍ଷୀ ବାହିନୀପତି, ନବଜ୍ୟୋତି ପଟ୍ଟନାୟକ, ରଣଜିତ ପାତ୍ର, ୟାସିର ନୱାଜଙ୍କ ସମେତ ଶତାଧିକ ନେତା ଓ କର୍ମୀ ଯୋଦେଇଥିଲେ।

# ଗାଧୋଇବାକୁ ଯାଇ ଭାସିଗଲେ ୩ ପର୍ଯ୍ୟଟକ

## ଜଣେ ମୃତ, ୧ ଉଦ୍ଧାର, ଅନ୍ୟ ଜଣଙ୍କ ପତ୍ତା ମିଳୁନି



**ଜଳେଶ୍ୱର, ୧୮।୬ (ସଂଚାର ବ୍ୟୁରୋ) :** ସମୁଦ୍ରରେ ଭାସିଗଲେ ୩ ପର୍ଯ୍ୟଟକ । ଜଣେ ମୃତ, ଜଣେ ଗୁରୁତର ଅବସ୍ଥାରେ ଉଦ୍ଧାର ଓ ଅନ୍ୟ ଜଣେ ନିଖୋଜ ଅଛନ୍ତି। ଓଡ଼ିଶା -ପଶ୍ଚିମବଙ୍ଗ ସୀମାନ୍ତ ତାଜପୁର ବେଳାଭୂମିରେ ଗାଧୋଇବା ବେଳେ ଏହି ଅଘଟଣ ଘଟିଛି । ସୂଚନା ଅନୁସାରେ ସମୁଦ୍ରରେ ଗାଧୋଇବା ବେଳେ ୩ଜଣ ପର୍ଯ୍ୟଟକ ବୁଡିଯାଇଥିଲେ । ଖବର ପାଇ ପ୍ରଶାସନ ପକ୍ଷରୁ ପର୍ଯ୍ୟଟକ ମାନଙ୍କୁ ଉଦ୍ଧାର କରିବା ପାଂଇ ସ୍ପିଡ ବୋଟ ପଠାଯାଇ ଥିଲା । ସେମାନଙ୍କ ମଧ୍ୟରୁ ୨ଜଣଙ୍କୁ ଉଦ୍ଧାର କରାଯାଇଛି । ସେଥି ମଧ୍ୟରୁ ଜଣେ ପର୍ଯ୍ୟଟକ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଥିଲାବେଳେ ଅନ୍ୟ ଜଣକୁ ଡାକ୍ତର ମୃତ ଘୋଷଣା କରିଛନ୍ତି । ସେହିପରି ନିଖୋଜ ପର୍ଯ୍ୟଟକଙ୍କର ପତ୍ତା ମିଳୁନଥିବାରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ଉକ୍ତ ଯୁବକମାନେ ପଶ୍ଚିମବଙ୍ଗ ବାରସାତ ଅଞ୍ଚଳର ବୋଲି ଜଣାପଡିଛି ।

# ୧୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଧରାପଡ଼ିଲେ ଏଏସ୍ଆଇ



**ପୁରୀ, ୧୮।୬ (ସଂଚାର ବ୍ୟୁରୋ) :** ବୁଧବାର ପୁରୀ ଜିଲା ଚନ୍ଦନପୁର ଥାନାର ସହକାରୀ ଉପ-ନିରୀକ୍ଷକ (ଏଏସଆଇ) ପ୍ରଭାତ କୁମାର ପ୍ରଧାନଙ୍କୁ ଭିଜିଲାନ୍ସ ଲାଞ୍ଚ ନେବା ଅଭିଯୋଗରେ ଗିରଫ କରିଛି। ଏକ ଜମି ବିବାଦ ମାମଲାରେ ଅଭିଯୋଗକାରୀ ଓ ତାଙ୍କ ଭାଇଙ୍କୁ ସାହାଯ୍ୟ କରିବା ପାଇଁ ଏଏସଆଇ ପ୍ରଧାନ ୧୫,୦୦୦ ଟଙ୍କା ଲାଞ୍ଚ ମାଗିଥିଲେ। ଏହି ମାମଲାରେ ସେ ନିଜେ ତଦନ୍ତକାରୀ ଅଧିକାରୀ ଥିଲେ। ଅଭିଯୋଗକାରୀ ଏ ସମ୍ପର୍କରେ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କୁ ଜଣାଇବା ପରେ, ଭିଜିଲାନ୍ସ ଦଳ ଏକ ଜାଲ ବିଛାଇ ଆଜି ଏଏସଆଇ ପ୍ରଧାନଙ୍କୁ ୧୫,୦୦୦ ଟଙ୍କା ଲାଞ୍ଚ ନେଉଥିବା ବେଳେ ରେଡ୍ ହ୍ୟାଣ୍ଡ ଧରିଥିଲେ। ଅଭିଯୁକ୍ତଙ୍କ ନିକଟରୁ ସମ୍ପୂର୍ଣ୍ଣ ଲାଞ୍ଚ ୧୫,୦୦୦ ଟଙ୍କା ଜବତ କରାଯାଇଛି। ଏହି ଘଟଣା ପରେ ଏଏସଆଇ ପ୍ରଧାନଙ୍କ ଦୁଇଟି ସ୍ଥାନରେ ଏକକାଳୀନ ତଦନ୍ତ ଆରମ୍ଭ ହୋଇଛି। ଏ ସମ୍ପର୍କରେ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ମାମଲା ନଂ ୧୨/୨୦୨୫, ପିସି (ସଂଶୋଧନ) ଆଇନ, ୨୦୧୮ର ଧାରା ୭ ଅନୁଯାୟୀ ଏକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତ ଏଏସଆଇ ପ୍ରଭାତ କୁମାର ପ୍ରଧାନଙ୍କ ବିରୋଧରେ ତଦନ୍ତ ଜାରି ରହିଛି।

# କାର୍ଯ୍ୟରେ ଅବହେଳା କରି ଡାକ୍ତର ସସ୍‌ପେଣ୍ଡ

**ଧର୍ମଶାଳା, ୧୮।୬ (ସଂଚାର ବ୍ୟୁରୋ) :** ଯାଜପୁରରେ ବ୍ୟାପୁଛି ଝାଡ଼ାବାନ୍ତି। ଦିନକୁ ଦିନ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବାରୁ ସ୍ଥିତି ଗମ୍ଭୀର ରହିଛି। ଏଭଳି ସ୍ଥିତିରେ କାର୍ଯ୍ୟରେ ଅବହେଳା ଲାଗି ଜଣେ ଡାକ୍ତରଙ୍କୁ ସସପେଣ୍ଡ କରାଯାଇଛି। ସେ ହେଲେ ଡା. ହେମନ୍ତ କୁମାର ମହାରଣା। ତାଙ୍କ ବିରୁଦ୍ଧରେ ଏକ ଶୃଙ୍ଖଳାଗତ



କାର୍ଯ୍ୟାନୁଷ୍ଠାନ ନିଆଯାଇ ନିଲମ୍ବନ କରାଯାଇ ଥିବା ଚିଠିରେ ଉଲ୍ଲେଖ ରହିଛି। ମିଳିଥିବା ସୂଚନା ଅନୁସାରେ, ଯାଜପୁରରେ ଝାଡ଼ାବାନ୍ତି ବ୍ୟାପୁଥିବା ଯୋଗୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସୋମବାର ସ୍ୱାସ୍ଥ୍ୟ ସଚିବ ଆଶ୍ୱତି ଏସ୍ ଅଚାନକ ପରିଦର୍ଶନ କରିଥିଲେ। ସେ ମେଡିକାଲର ପରିବେଶ ସହ ଔଷଧ, ଇଞ୍ଜେକ୍ସନ ଯୋଗାଇ ଦେବା ଉପରେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସେହି ସମୟରେ ଉପସ୍ଥିତି ଡାକ୍ତରଙ୍କୁ ମଧ୍ୟ ତାଗିଦ କରିଥିଲେ। ଏହାର ଏହି ଘଟଣାକୁ ନେଇ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ଆଲୋଚନା ହେଉଛି।

## ବିଜେଡିର ଯୁବ ଛାତ୍ର ଜନଜାଗରଣ ଅଭିଯାନ କାର୍ଯ୍ୟକ୍ରମ

# ରାଜ୍ୟରେ ଭୂଲୁଣ୍ଠିତ ହେଉଛି ଓଡ଼ିଆ ଅସ୍ମିତା

**ଭୁବନେଶ୍ୱର,୧୮।୬(ସଂଚାର ବ୍ୟୁରୋ):** ଆଜି ପୁରୀରେ ବିଜେଡି ପକ୍ଷରୁ ଯୁବ ଛାତ୍ର ଜନଜାଗରଣ ଅଭିଯାନ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଦଳର ଯୁବ ଛାତ୍ର ନେତୃମଣ୍ଡଳୀ ବିଜେପି ସରକାରଙ୍କ ଏକ ବର୍ଷର ବିଫଳତା ନେଇ ବର୍ଷିଛନ୍ତି। ସରକାରଙ୍କ ଲମ୍ବା ବିଫଳତା ତାଲିକା ଉପସ୍ଥାପନ କରିବା ସହ ନେତୃମଣ୍ଡଳୀ ସରକାରଙ୍କ 'ବର୍ଷ ଏକ ଉପଲବ୍ଧି ଅନେକ' ସ୍ଲୋଗାନର ଜବାବରେ 'ବର୍ଷ ଏକ ବିଫଳତା ଅନେକ' କହି କଟାକ୍ଷ କରିଛନ୍ତି।

କାର୍ଯ୍ୟକ୍ରମକୁ ଦଳର ସଭାପତି ନବୀନ ପଟ୍ଟନାୟକ ଭିଡିଓ ବାର୍ତ୍ତା ମାଧ୍ୟମରେ ଉଦ୍‌ଘାଟନ କରିବା ସହ ଯୁବ ଛାତ୍ରଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ। ସେ କହିଥିଲେ ଯେ ରାଜ୍ୟବାସୀଙ୍କୁ ବିଭିନ୍ନ ମିଛ ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିବା ବିଜେପି ସରକାର ପୂର୍ବ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ବିଭିନ୍ନ ଜନ କଲ୍ୟାଣ ଯୋଜନା ଓ ଉନ୍ନୟନମୂଳକ



କାର୍ଯ୍ୟଗୁଡିକର ନାମ ଓ ରଙ୍ଗ ପରିବର୍ତ୍ତନ କରୁଛନ୍ତି। ବିଏସକେୱାଇ ଭଳି ଲୋକପ୍ରିୟ ଯୋଜନା ବଦଳରେ ଆୟୁଷ୍ମାନ ଯୋଜନା ଲାଗୁ କରାଯାଇଛି, ଯାହା ଯୋଗୁଁ ରୋଗୀମାନେ ଚିକିତ୍ସା ପାଇବାରେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି କହିବା ସହ ଶ୍ରୀ ପଟ୍ଟନାୟକ ରାଜ୍ୟ ସରକାରଙ୍କ ମିଛ ପ୍ରଚାରକୁ ପ୍ରତିଟି ରାଜ୍ୟବାସୀଙ୍କ ପାଖରେ ପହଞ୍ଚାଇବା ପାଇଁ ଯୁବ ଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ବିଧାୟକ ତଥା ବରିଷ୍ଠ ସାଧାରଣ ସମ୍ପାଦକ ବ୍ୟୋମକେଶ ରାୟ ପୌରୋହିତ୍ୟ କରିଥିବା ବେଳେ ଯୁବ ଛାତ୍ର ସଂଗଠନର ବରିଷ୍ଠ କର୍ମକର୍ତ୍ତାଙ୍କ ସହ ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର, ସଞ୍ଜୟ ଦାସବର୍ମା, ପ୍ରମିଳା ମଲ୍ଲିକ ଓ ଡ. ଅରୁଣ କୁମାର ସାହୁ ସମ୍ବୋଧିତ କରି ରାଜ୍ୟରେ ଓଡ଼ିଆ ଅସ୍ମିତା ଭୂଲୁଣ୍ଠିତ ହେଉଥିବା ଅଭିଯୋଗ କରିଥିଲେ।

ବରିଷ୍ଠ ଉପସଭାପତି ଶ୍ରୀ ମିଶ୍ର ଉଦଘାଟନୀ ଭାଷଣରେ ନବୀନ ସରକାରଙ୍କ ସମୟରେ ଯୁବ ଛାତ୍ରଙ୍କ ପାଇଁ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ଯେଉଁସବୁ ସମ୍ଭାବନା ସୃଷ୍ଟି ହୋଇଥିଲା, ଆଜି ବିଜେପିର ଏକ ବର୍ଷର ଶାସନରେ ତାହା ମଉଳିବାକୁ ବସିଥିବା କହିଥିଲେ। ସେହିପରି ବରିଷ୍ଠ ବିଧାୟକ ତଥା ଦଳର ଓବିସି ସେଲ୍‌ର ଆବାହକ ଡ. ସାହୁ ଗତ ନିର୍ବାଚନ ସମୟରେ ବିଜେପି ତରଫରୁ ଦିଆଯାଇଥିବା ବିଭିନ୍ନ ପ୍ରତିଶ୍ରୁତିକୁ ମନେ ପକାଇ ଆସନ୍ତା ୨୦ରେ ଆସୁଥିବା ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କେତେକ ପ୍ରଶ୍ନ ରଖିଥିଲେ। ଦଳର ଉପସଭାପତି ଶ୍ରୀ ଦାସବର୍ମା ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ଡବଲ ଇଞ୍ଜିନ ଡବଲ ବିକାଶ ନାରା ଦେଇ କ୍ଷମତାକୁ ଆସିଥିବା ବିଜେପି ସରକାରଙ୍କର ଓଡିଶା ପ୍ରତି ଅବହେଳା ଜାରି ରହିଛି। ଏହାଛଡ଼ା ଦଳର ବରିଷ୍ଠ ଉପସଭାପତି ତଥା ବିଧାୟିକା ଶ୍ରୀମତୀ ମଲ୍ଲିକ ରାଜ୍ୟ ବିଜେପି ସରକାରଙ୍କ ସଫଳତାକୁ ନେଇ ଉତ୍ସବ ପାଳନକୁ ତାଚ୍ଛଲ୍ୟ କରିଥିଲେ। ଏହାଛଡ଼ା ଦଳର ବରିଷ୍ଠ ନେତା ପ୍ରଣବ ପ୍ରକାଶ ଦାସ, ସଂତୃପ୍ତ ମିଶ୍ର, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ନିରଞ୍ଜନ ପୂଜାରୀ, କଳିକେଶ ସିଂହଦେଓ, ପ୍ରଣବ ବଳବନ୍ତରାୟ, ବିଭୂତି ବଳବନ୍ତରାୟ, ସ୍ନେହାଙ୍ଗିନୀ ଛୁରିଆ, ରାଜଶ୍ରୀ ମଲ୍ଲିକ, ଟୁକୁନି ସାହୁ, ରୋହିତ ପୂଜାରୀ ମଧ୍ୟ ବକ୍ତବ୍ୟ ଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରତାପ ଜେନା, ଡ. ଅମର ପଟ୍ଟନାୟକ, ପ୍ରଫୁଲ୍ଲ ସାମଲ, ଅତନୁ ସବ୍ୟସାଚୀ ନାୟକ, ଅଶୋକ କୁମାର ପଣ୍ଡା, ଧ୍ରୁବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

# ଓଡ଼ିଶାକୁ ରାଜନୈତିକ ଗୁରୁତ୍ୱ

ରାଜ୍ୟରେ ବିଜେପି ସରକାରଙ୍କ ଏକବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ହେବାକୁ ଯାଉଥିବା ସମାରୋହରେ ଯୋଗ ଦେବା ନିମନ୍ତେ ଆସନ୍ତା ୨୦ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଗସ୍ତରେ ଆସୁଛନ୍ତି। ଗତ ବର୍ଷକ ଭିତରେ ପ୍ରଧାନମନ୍ତ୍ରୀଙ୍କର ଏହା ୬ଷ୍ଠ ଓଡ଼ିଶା ଆଗମନ। ଏଥିରୁ ବିଜେପି ବା ପ୍ରଧାନମନ୍ତ୍ରୀ ମୋଦି ଓଡ଼ିଶାକୁ ରାଜନୈତିକ ଦୃଷ୍ଟିରୁ କେତେ ଗୁରୁତ୍ୱ ଦେଉଛନ୍ତି ତାହା ଅନୁମାନ କରାଯାଇପାରେ। କହିବା ବାହୁଲ୍ୟ ଯେ, ସ୍ୱାଧୀନତାର ଦୀର୍ଘ ବର୍ଷ ପର୍ଯ୍ୟନ୍ତ ଓଡ଼ିଶା ଦେଶର ଅନ୍ୟତମ ଅବହେଳିତ ରାଜ୍ୟଭାବେ ବିବେଚିତ ହୋଇଆସୁଥିଲା। ଏହି ସମୟରେ ଓଡ଼ିଶାର ବିକାଶ ଯେ ହୋଇନାହିଁ, ସେକଥା ନୁହେଁ। କିନ୍ତୁ ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାର ବିକାଶ ପ୍ରକ୍ରିୟା ମନ୍ଥର ହୋଇଛି ବୋଲି ସ୍ୱୀକାର କରିବାକୁ ପଡ଼ିବ। ଏହାର ଅନେକ କାରଣ ରହିଛି। ତେବେ ଓଡ଼ିଶାର ଦୁର୍ବଳ ନେତୃତ୍ୱ ଏହାର ଏକ ପ୍ରମୁଖ କାରଣ। ସ୍ୱାଧୀନତା ପରେ ଉଭୟ କେନ୍ଦ୍ର ଏବଂ ରାଜ୍ୟରେ କଂଗ୍ରେସ ସର୍ବାଧିକ ସମୟ କ୍ଷମତାରେ ରହିଛି। କିନ୍ତୁ ହରେକୃଷ୍ଣ ମହତାବ ଏବଂ ବିଜୁ ପଟ୍ଟନାୟକଙ୍କ ପରେ ଓଡ଼ିଶାରେ କଂଗ୍ରେସରେ କେହି ସେପରି ପ୍ରଭାବୀ ନେତା ଦେଖିବାକୁ ମିଳିନଥିଲେ। ନନ୍ଦିନୀ ଶତପଥୀ ଖୁବ କମ ସମୟ ପାଇଁ ନିଜକୁ ଜଣେ ଜାତୀୟ ସ୍ତରର ନେତ୍ରୀଭାବେ ପ୍ରତିଷ୍ଠା କରିଥିଲେ। କିନ୍ତୁ ସେ ନିଜ ରାଜନୈତିକ ଜୀବନ ଅନ୍ତ ହେବାର ବହୁ ପୂର୍ବରୁ ନିଷ୍କ୍ରିୟ ହୋଇଗଲେ। ଜାନକୀ ବଲ୍ଲଭ ପଟ୍ଟନାୟକ ରାଜ୍ୟ କଂଗ୍ରେସର ଜଣେ ପ୍ରବୀଣ ନେତା ଥିଲେ। କିନ୍ତୁ ଜାତୀୟ ସ୍ତରରେ ବା କେନ୍ଦ୍ର ସରକାରଭିତ୍ତିକ ଉପରେ ତାଙ୍କର ପ୍ରଭାବ ନଥିଲା। ସେ କେବଳ ରାଜ୍ୟରେ ନିଜ କ୍ଷମତା ବଜାୟ ରଖିବା ଉପରେ ଦୃଷ୍ଟି ଦେଉଥିଲେ। ସେ ଯଦି କେନ୍ଦ୍ରୀୟ ରାଜନୀତିରେ ଦୃଷ୍ଟି ନିବନ୍ଧ କରିଥାନ୍ତେ ତେବେ କେନ୍ଦ୍ରରେ ଗୁରୁତ୍ୱପୂର୍ଣ୍ଣ ବିଭାଗର କ୍ୟାବିନେଟ ମନ୍ତ୍ରୀ ହୋଇପାରିଥାନ୍ତେ। ଏହା ଓଡ଼ିଶା ପାଇଁ ଲାଭଜନକ ହୋଇଥାନ୍ତା। କଂଗ୍ରେସର ଦୀର୍ଘ ବର୍ଷର ଶାସନ କାଳରେ ଓଡ଼ିଶା ଚରମ ଅବହେଳାର ଶିକାର ହୋଇଥିଲା। ସ୍ୱାଧୀନତାର ପ୍ରଥମ ୨୦ ବର୍ଷ ଭିତରେ ଓଡ଼ିଶାରେ ଯେପରି ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଥିଲା, ତାହା ପରବର୍ତ୍ତୀ ସମୟରେ ଧିମେଇ ଗଲା। ବିଶେଷ କରି ରେଳବିକାଶରେ ଓଡ଼ିଶା ସାରା ଦେଶରେ ପଛରେ ପଡ଼ିଥିଲା। ତେବେ ସବୁଠାରୁ ବଡ଼ କଥା ହେଲା ଓଡ଼ିଶାର ସମ୍ମାନ। ଓଡ଼ିଶା ଏକ ଗରିବ ଏବଂ ପଛୁଆ ରାଜ୍ୟ ବୋଲି ଏକ ଦୁର୍ନାମ ରହିଛି। ଅଶୀ ଦଶକରେ ପିଲା ବିକ୍ରି ଘଟଣା ସାରା ଦେଶରେ ଓଡ଼ିଶାକୁ ବଦନାମ କରିଥିଲା। ଏହା ହେଉଛି ସବୁଠାରୁ ଦୁର୍ଭାଗ୍ୟର ବିଷୟ। ଏସବୁ ବଦନାମ ଏବଂ ଅସମ୍ମାନ ଭିତରେ ବିଜୁ ବାବୁ ଓଡ଼ିଶାର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ତାଙ୍କ ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ସହ ଜାତୀୟ ସ୍ତରରେ ମଧ କେହି ସମକକ୍ଷ ନଥିଲେ। ଜାତୀୟ ସ୍ତରରେ ଅଣ କଂଗ୍ରେସ ରାଜନୀତିର ସେ ଥିଲେ ସର୍ବୋଚ୍ଚ ନେତା। ସେଥିପାଇଁ କେନ୍ଦ୍ରରେ ଯେତେବେଳେ ଅଣକଂଗ୍ରେସ ସରକାର ପ୍ରତିଷ୍ଠା ହୋଇଛି ସେତେବେଳେ ଓଡ଼ିଶାକୁ ଉଚିତ ସମ୍ମାନ ମିଳିଛି। ଏକଦା ଓଡ଼ିଶାର ୨୧ ଲୋକସଭା ଆସନରୁ କଂଗ୍ରେସ ୨୦ ଆସନ ଜିତୁଥିଲା। କେନ୍ଦ୍ରରେ ଓଡ଼ିଶାରୁ କେହି ଜଣେ ହେଲେ କ୍ୟାବିନେଟ ପାହ୍ୟା ମନ୍ତ୍ରୀ ପଦ ପାଇନଥିଲେ। ଏକଦା ଓଡ଼ିଶାରୁ କେବଳ ଜଣେ ବ୍ରଜ ମୋହନ ମହାନ୍ତି କେନ୍ଦ୍ରରେ ଉପମନ୍ତ୍ରୀ ଥିଲେ। ୨୦୦୯ରେ କଂଗ୍ରେସ ରାଜ୍ୟର ୬ଟି ଲୋକସଭା ଆସନ ଜିତିଥିଲା। କିନ୍ତୁ କେବଳ ଜଣେ ଶ୍ରୀକାନ୍ତ ଜେନା କେନ୍ଦ୍ରରେ ରାଷ୍ଟ୍ରପାହ୍ୟା ମନ୍ତ୍ରୀ ହୋଇଥିଲେ। ହେମାନନ୍ଦ ବିଶ୍ୱାଳ, ଭକ୍ତ ଚରଣ ଦାସଙ୍କ ଭଳି ବରିଷ୍ଠ ନେତା ଲୋକସଭାକୁ ନିର୍ବାଚିତ ହୋଇଥିଲେ ମଧ ସେମାନେ କେହି ମନ୍ତ୍ରୀ ପଦ ପାଇନଥିଲେ। ଏହା ଥିଲା ଓଡ଼ିଶା ପ୍ରତି କଂଗ୍ରେସର ହୀନମନ୍ୟତା। ଏଥିପାଇଁ କଂଗ୍ରେସ ଆଜି ରାଜ୍ୟରେ ତଳିତଳାନ୍ତ ହେବାକୁ ବସିଲାଣି। ଅତୀତରେ ଓଡ଼ିଶାରୁ ଚିନ୍ତାମଣି ପାଣିଗ୍ରାହୀ, କେ ପି ସିଂହଦେଓ, କାହ୍ନୁ ଚରଣ ଲେଙ୍କା ପ୍ରମୁଖ କେନ୍ଦ୍ରରେ ରାଷ୍ଟ୍ରପାହ୍ୟା ମନ୍ତ୍ରୀ ହୋଇଛନ୍ତି। ସେମାନେ କ୍ୟାବିନେଟ ମନ୍ତ୍ରୀ ହେବାକୁ ଯୋଗ୍ୟ ଥିଲେ। ଅନ୍ୟ ପକ୍ଷରେ ୧୯୭୭ରୁ ଆଜି ପର୍ଯ୍ୟନ୍ତ ଯେତେବେଳେ କେନ୍ଦ୍ରରେ ଅଣକଂଗ୍ରେସ ସରକାର ପ୍ରତିଷ୍ଠା ହୋଇଛି ସେତେବେଳେ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଓଡ଼ିଶାର ପ୍ରତିନିଧିତ୍ୱ ବଢ଼ିଛି। ଅଣକଂଗ୍ରେସ ସରକାର ସମୟରେ କେନ୍ଦ୍ରରେ ଓଡ଼ିଶାର ନେତାମାନେ ଅନେକ ଗୁରୁତ୍ୱପୂର୍ଣ୍ଣ ବିଭାଗର କ୍ୟାବିନେଟ ମନ୍ତ୍ରୀ ପଦ ପାଇଛନ୍ତି। ରବି ରାୟ ଲୋକସଭାର ବାଚସ୍ପତି ହୋଇଛନ୍ତି। ୨୦୧୪ରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଏନଡିଏ ସରକାର ପ୍ରତିଷ୍ଠା ହେବା ପରେ ଓଡ଼ିଶାକୁ ଯଥୋଚିତ ନ୍ୟାୟ ଏବଂ ସମ୍ମାନ ମିଳିଛି। ଏବେ କେନ୍ଦ୍ରରେ ଓଡ଼ିଶାର ୩ଜଣ କ୍ୟାବିନେଟ ମନ୍ତ୍ରୀ ଅଛନ୍ତି। ରେଳବାଇ, ସୂଚନା ଏବଂ ପ୍ରସାରଣ, ଶିକ୍ଷା, ଆଇଟି, ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ବିଭାଗ ମିଳିଛି। ଅଶ୍ୱିନୀ ବୈଷ୍ଣବ ରେଳବାଇ ମନ୍ତ୍ରୀ ହେବା ପରେ ଓଡ଼ିଶାରେ ରେଳ ବିକାଶ ତ୍ୱରାନ୍ୱିତ ହୋଇଛି। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦୀର୍ଘ ବର୍ଷ ଧରି କେନ୍ଦ୍ରରେ ପେଟ୍ରୋଲିୟମ ମନ୍ତ୍ରୀ ଥିଲେ। ସେ ମଧ ଅନେକ ଦିନ ଧରି ଦକ୍ଷତା ବିକାଶ ମନ୍ତ୍ରଣାଳୟ ଦାୟିତ୍ୱରେ ଥିଲେ। ତାଙ୍କ ଉଦ୍ୟମରେ ଓଡ଼ିଶାର ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଭାବେ କେନ୍ଦ୍ର ସହ ଉପଯୁକ୍ତ ସମନ୍ୱୟ ରକ୍ଷା କରି ଓଡ଼ିଶାର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛନ୍ତି। ନରେନ୍ଦ୍ର ମୋଦିଙ୍କ ସମୟରେ ଓଡ଼ିଶାର ଦ୍ରୌପଦୀ ମୁର୍ମୁ ଦେଶର ରାଷ୍ଟ୍ରପତି ହୋଇପାରିଲେ। ଏହା କିଛି କମ କଥା ନୁହେଁ। ଓଡ଼ିଶାରୁ କେହି ଜଣେ ଭାରତର ରାଷ୍ଟ୍ରପତି ହେବେ ଏକଥା କେହି କଳ୍ପନା କରିନଥିଲେ। କେନ୍ଦ୍ରର ଅନେକ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ଓଡ଼ିଆ ଅଫିସର ଅଛନ୍ତି। ସେଥିପାଇଁ ଗତ ନିର୍ବାଚନରେ ଓଡ଼ିଶାବାସୀ ବିଜେପିକୁ ଅକୁଣ୍ଠିତ ସମର୍ଥନ ପ୍ରଦାନ କରିଛନ୍ତି। ଓଡ଼ିଶାରେ ବିଜେପି ପ୍ରଥମ ଥର ପାଇଁ ଏକାକି ନିଜ ବଳରେ ସରକାର ଗଠନ କରିବାକୁ ସମର୍ଥ ହୋଇଛି। ଏହା ପରେ ମଧ ନରେନ୍ଦ୍ର ମୋଦି, ଅମିତ ଶାହା ଏବଂ ଜେପି ନଡ୍ଡା ଓଡ଼ିଶାକୁ ବାରମ୍ବାର ଆସିଛନ୍ତି ଏବଂ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବା ସହିତ ଓଡ଼ିଶାର ବିକାଶ ପ୍ରକ୍ରିୟାକୁ ଆଗେଇ ନେବାରେ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ବିଗତ ବର୍ଷକ ଭିତରେ ମୋଦିଜୀ ଅନେକ ଥର ଓଡ଼ିଶା ଆସିଛନ୍ତି। ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିଛନ୍ତି, ଡିଜିପି ସମ୍ମିଳନୀରେ ଯୋଗ ଦେଇଛନ୍ତି, ପ୍ରବାସୀ ଭାରତୀୟ ଦିବସ ଅବସରରେ ଆୟୋଜିତ ସମ୍ମିଳନୀରେ ଯୋଗ ଦେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ବ୍ୟତିତ ବିଜେପିର ଅନେକ ତୁଙ୍ଗ ନେତା, କେନ୍ଦ୍ରମନ୍ତ୍ରୀଗଣ ଓଡ଼ିଶା ଆସିଛନ୍ତି। ଓଡ଼ିଶାକୁ ବିଜେପିର ଏକ ଗଡ଼ରେ ପରିଣତ କରିବା ଲାଗି ମୋଦିଜୀ ଯୋଜନା କରିଛନ୍ତି। ଗୁଜରାଟ, ମଧ୍ୟପ୍ରଦେଶ, ୟୁପି ଭଳି ଓଡ଼ିଶାରେ ବିଜେପି ଯେପରି ଦୀର୍ଘ ବର୍ଷ ପର୍ଯ୍ୟନ୍ତ ଶାସନ କ୍ଷମତାରେ ରହିବ ସେଥିଲାଗି ବିଜେପି କେନ୍ଦ୍ରୀୟ ନେତୃତ୍ୱ ଯୋଜନା କରିଛନ୍ତି ଏବଂ ସୁଚିନ୍ତିତ ଉପାୟରେ ଏହାକୁ କାର୍ଯ୍ୟକାରୀ କରିଛନ୍ତି। ଓଡ଼ିଶାରେ କିଏ କ୍ଷମତାରେ ରହିବ, କିଏ ନିର୍ବାଚନରେ ବିଜୟୀ ହେବ ତାହା ବଡ଼ କଥା ନୁହେଁ। ବଡ଼ କଥା ହେଲା ଓଡ଼ିଶାର ବିକାଶ। ମୋଦିଙ୍କ ଶାସନ କାଳରେ ଓଡ଼ିଶାର ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ଓଡ଼ିଶାର ରାଜନୈତିକ ଗୁରୁତ୍ୱ ବଢ଼ିଛି। ଏହାକୁ ବିରୋଧୀ ମଧ ସ୍ୱୀକାର କରିବା ଉଚିତ। ୨୦୩୬ ସୁଦ୍ଧା ଓଡ଼ିଶାକୁ ଏକ ସମୃଦ୍ଧ ରାଜ୍ୟରେ ପରିଣତ କରିବା ପାଇଁ ସଙ୍କଳ୍ପ ନେବାକୁ ମୋଦିଜୀ ଆହ୍ୱାନ କରିଛନ୍ତି। ଆଶା କରାଯାଉଛି ତାଙ୍କର ଏହି ସଙ୍କଳ୍ପ ସଫଳ ହେବ। ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ପାଇବାର ୧୦୦ ବର୍ଷ ପୂରଣ ବେଳେ ରାଜ୍ୟର ବିକାଶରେ କାହାର ଅଧିକ ଭୂମିକା ରହିଛି ତାହାର ତର୍ଜମା କରାଯିବ। ସେଥିରେ ନରେନ୍ଦ୍ର ମୋଦିଙ୍କ ନାମ ନିଶ୍ଚିତ ଭାବେ ଚର୍ଚ୍ଚାକୁ ଆସିବ। ଆସନ୍ତା ୨୮ରେ ଭୁବନେଶ୍ୱରରେ ଉତ୍କର୍ଷ ଓଡ଼ିଶା ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି। ଏଥିରେ ଦେଶ ବିଦେଶର ଅନେକ ନିବେଶକ ଯୋଗ ଦେବେ। ଏହା ମାଧ୍ୟମରେ ଓଡ଼ିଶାକୁ ବିପୁଳ ପୁଞ୍ଜି ଆସିବ ଏବଂ ରାଜ୍ୟରେ ଶିଳ୍ପ ବିକାଶ ସହ ଭିତ୍ତିଭୂମି ବିକାଶ ସମ୍ଭବ ହୋଇପାରିବ। ଏକ ବିକଶିତ ଓଡ଼ିଶା ଗଠନ ଲାଗି ଏହିଠାରୁ ଭିତ୍ତିଭୂମି ପଡ଼ିବ ବୋଲି ଆଶା କରାଯାଉଛି। ଏବେ ଓଡ଼ିଶାରେ ସୁବର୍ଣ୍ଣଯୁଗ ଆରମ୍ଭ ହୋଇଛି। ଏହା ନିର୍ଣ୍ଣାୟକ ସାବ୍ୟସ୍ତ ହେବା ଉଚିତ। ପ୍ରଧାନମନ୍ତ୍ରୀ ମୋଦି ଓଡ଼ିଶାର ବିକାଶ ଦାୟିତ୍ୱ ଏକ ଟିମ ହାତରେ ଦେଇଛନ୍ତି। ଏହି ଟିମର ମୁଖିଆ ହେଲେ ମୋହନ ମାଝୀ। ତାଙ୍କ ସହିତ ଧର୍ମେନ୍ଦ୍ର ପ୍ରଧାନ, ଅଶ୍ୱିନୀ ବୈଷ୍ଣବ ଏବଂ ଜୁଏଲ ଓରାମ ମଧ ଅଛନ୍ତି। ଲୋକସଭାରେ ଓଡ଼ିଶାରୁ ବିଜେପି୨୦ଜଣ ସଭ୍ୟ ଅଛନ୍ତି। ବିକାଶ ପାଇଁ ଏହାଠାରୁ ଅଧିକ ବଡ଼ ସୁଯୋଗ ଆଉ କେବେ ମିଳିବ କି ନାହିଁ ସନ୍ଦେହ।

କିଶୋର କୁମାର ଜେନା

# 'ଧନ୍ୟ ମୋ ଜୀବନ, ଏ ଧନ୍ୟ ମୋ ଆଖି ଯାହାକୁ କୋଟି ଜନ ନିରତେ ଡାକି...'



ମହାପ୍ରଭୁ ଲୀଳାମୟ ତାଙ୍କ ଲୀଳାର ବର୍ଣ୍ଣନା ଯେତେ କଲେ ମଧ ସରିବ ନାହିଁ। ସେ ହେଉଛନ୍ତି ଅନେକ କିମ୍ବଦନ୍ତୀର ସ୍ରଷ୍ଟା। ସେଥିପାଇଁ ତାଙ୍କୁ ଶବର ଦେବତା ଭାବେ ଗ୍ରହଣ କରାଯାଏ। ଆମ ଓଡ଼ିଆ ଜୀବନ ଚେତନାର ମୂଳ ତତ୍ତ୍ୱ, ମୂଳ ମନ୍ତ୍ର, ମୂଳ ମତ ସବୁକିଛି ହିଁ ପୂର୍ଣ୍ଣବ୍ରହ୍ମ, ପରଂବ୍ରହ୍ମ ଶ୍ରୀଜଗନ୍ନାଥ। ସେ ହେଉଛନ୍ତି ଶାସ୍ୱତ ନିର୍ବାଣର ଉତ୍ସ। ସେ ହେଉଛନ୍ତି ଆମ ଜୀବନ ଚେତନାର ଆବାହନୀ। ଆଧ୍ୟାତ୍ମିକ ଭାବଧାରା ପୁଷ୍ଟ ଶ୍ରୀଜଗନ୍ନାଥ ସଂସ୍କୃତିରେ ମୂଳ ଅମୃତର ପାର୍ଥକ୍ୟ ନାହିଁ। ଶ୍ରୀଜଗନ୍ନାଥ ସଂସ୍କୃତି, ସାମ୍ୟ, ମୈତ୍ରୀ, ସ୍ୱାଧୀନତା, ଭ୍ରାତୃଭାବ, ନିରହଂକାରିତା, ଗୁଣଗ୍ରାହୀତା ପ୍ରଭୃତି କେତେକ ନୈତିକ ଆଦର୍ଶ ଉପରେ ପ୍ରତିଷ୍ଠିତ। ଶ୍ରୀଜଗନ୍ନାଥଙ୍କ ପତିତପାବନ ବାନା ତଳେ ଶାସକ-ଶାସିତ, ଚାଣ୍ଡାଳ-ବ୍ରାହ୍ମଣ, ଧନୀ-ନିର୍ଧନ ସମସ୍ତେ ସମାନ। ମାନବିକ ଐକ୍ୟ ଓ ସାର୍ବଜନୀନ ମୈତ୍ରୀଭାବ ମହାନ ଶ୍ରୀଜଗନ୍ନାଥ ସଂସ୍କୃତିର ମୂଳପିଣ୍ଡ। ଶ୍ରୀଜଗନ୍ନାଥଙ୍କ ଜଗବନ୍ଧୁ ନାମ ହିଁ ତାଙ୍କର ମୈତ୍ରୀ ଚେତନାର ପ୍ରତୀକ। ଆଜି ବି ଓଡ଼ିଶାର ପ୍ରାୟତଃ ସମସ୍ତ ଗାଁ ଗଣ୍ଡାରେ ଆପଣ ଭାଗବତ ଗୋସାଇଁଙ୍କୁ ପାଇବେ ଶ୍ରୀଜଗନ୍ନାଥ ଭାବରେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ହିଁ ଶ୍ରୀଗୁଣ୍ଡିଚା, ବାହୁଡ଼ା, ରାଇଦାମୋଦର ଏପରିକି ପୁଣ୍ୟ କାର୍ତ୍ତିକ ମାସରେ ଓଡ଼ିଶାର ପ୍ରାୟ ପ୍ରତ୍ୟେକ ହିନ୍ଦୁ ଗୃହିଣୀ ତୁଳସୀ ଚଉରା ମୂଳରେ ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ମହାପ୍ରଭୁଙ୍କ ଆୟୁଧ ଶଙ୍ଖ, ଚକ୍ର, ଗଦା, ପଦ୍ମ ଏବଂ ବାହନ ଗରୁଡ଼ ପ୍ରଭୃତିଙ୍କ ଚିତ୍ର ମୁରୁଜରେ ଆଙ୍କି ଆରାଧନା କରିଥାନ୍ତି। ପ୍ରତ୍ୟେକ ନୈଷ୍ଠିକ ଓଡ଼ିଆ ପ୍ରତିଦିନ ସ୍ନାନ ପରେ ନିର୍ମାଲ୍ୟ ସେବନ କଲେ ଯାଇ ଖାଦ୍ୟ ପଦାର୍ଥ ଗ୍ରହଣ କରନ୍ତି। ଅନେକ ନିର୍ମାଲ୍ୟ ସେବନ ପୂର୍ବରୁ ଜଳ ସୁଦ୍ଧା ସ୍ପର୍ଶ କରନ୍ତି ନାହିଁ। ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଶ୍ରୀଜଗନ୍ନାଥ ଓଡ଼ିଆଙ୍କର ଚିର ସାଥି। ଶିଶୁଟିଏ ଜନ୍ମ ନେବାର ସପ୍ତମ ଦିବସରେ ତାହାକୁ ସ୍ନାନ କରାଇ ଅଶୌଚ ଦୋଷ ନିବାରଣ କଲାବେଳେ ତା' ଓଠରେ ଶ୍ରୀଜଗନ୍ନାଥଙ୍କର ନିର୍ମାଲ୍ୟ ଛୁଆଁଇ ଦିଆଯାଏ। ସେହିଠାରୁ ହିଁ ତା'ମଧରେ ଆରୋପିତ ହୁଏ ଶ୍ରୀଜଗନ୍ନାଥ ଚେତନା। ଓଡ଼ିଆ ମରିବା ପୂର୍ବରୁ ତୁଣ୍ଡରେ ଟିକିଏ ନିର୍ମାଲ୍ୟ ପାଇବା ପାଇଁ କେତେ ବ୍ୟାକୁଳ ହୋଇଉଠେ! ଏହି ନିର୍ମାଲ୍ୟ ହିଁ ତାହାକୁ ମୁକ୍ତି ଦେବ ବୋଲି ରହିଛି ଅଟଳ ବିଶ୍ୱାସ। ଆମ ଓଡ଼ିଆଙ୍କ ଚେତନା ଭିତରେ ସବୁକିଛି ହିଁ ମହାପ୍ରଭୁଙ୍କୁ ନେଇ ଆତଯାତ। ଯେଉଁଠି ଜଗନ୍ନାଥ ସେଇଠି ରହସ୍ୟ। ତାଙ୍କ ଶକ୍ତି ଆଗରେ କୌଣସି ଶକ୍ତି କାମକରେ ନାହିଁ। ସେ ହାରନ୍ତି ଭାବ ଆଗରେ, ଭକ୍ତି ଆଗରେ ଏବଂ ସରଳତା ଆଗରେ। ସବୁକିଛି ଚାଲେ ତାଙ୍କରି ଇଚ୍ଛାରେ। ସେ ତାରନ୍ତି ବି, ମାରନ୍ତି ବି ଆଉ ଉଭୟ ତରିବା ଓ ମରିବା ସତ୍ତାକୁ ନିଜେ ନିଜର ମହାସତ୍ତା ଭିତରେ ବିଲୀନ କରାଇ ନିଅନ୍ତି।

ଶ୍ରୀଜଗନ୍ନାଥ ସଂସ୍କୃତିରେ ଜୀବନ ପ୍ରତି ଅମୃତ ଦୃଷ୍ଟିକୋଣ ସଂପ୍ରସାରିତ ହୋଇଅଛି। ସେଇଠି ନାହିଁ ମୃତ୍ୟୁର ଭାବନା, ଶୋକ ଆଉ ଶୋଚନା, ନିରାଶା ଆଉ ମୁହ୍ୟମାନତା। ସେଇଠି ଏକ ଅନନ୍ତ ଜାଗରଣ ଓ ଜ୍ୟୋତି ଜୀବନକୁ ଚିରସଞ୍ଜୀବିତ ଓ ଉର୍ଜ୍ଜସ୍ୱଳ କରି ରଖେ। ଓଡ଼ିଶାବାସୀ ଶ୍ରୀଜଗନ୍ନାଥଙ୍କ ଭିତରେ ଏହି ଅମୃତ ତତ୍ତ୍ୱର ସନ୍ଧାନ ପାଇଥିଲେ ବୋଲି ତାହାଙ୍କୁ ସର୍ବବିଶ୍ୱରେ ପରିବ୍ୟାପ୍ତ ପରଂବ୍ରହ୍ମସ୍ୱରୂପୀ ପୁରୁଷୋତ୍ତମ ବୋଲି ବନ୍ଦନା କରିଛନ୍ତି। ଶ୍ରୀଜଗନ୍ନାଥଙ୍କର ଏହି ସ୍ୱରୂପ ଉପନିଷଦ ମାନଙ୍କରେ ବର୍ଣ୍ଣିତ ଅପ୍ରାଣିପାଦ, ଅଚକ୍ଷୁ, ଅକର୍ଣ୍ଣ, ଅଥଚ ସର୍ବଗମ, ସର୍ବଦୃଷ୍ଟା ଓ ସର୍ବଶ୍ରୋତା ପୁରୁଷୋତ୍ତମଙ୍କ ସ୍ୱରୂପ ସହିତ ସମାନ। ନିଖିଳ ବିଶ୍ୱ ପାଇଁ ଆତ୍ମ ପୁରୁଷର ପୂର୍ଣ୍ଣତ୍ୱ ପ୍ରାପ୍ତି ଓ ଏହି ଲକ୍ଷରେ ତ୍ୟାଗ ତଥା ଆତ୍ମୋତ୍ସର୍ଗ ହିଁ ହେଉଛି ଉତ୍ତମ ପୁରୁଷ ବା ପୁରୁଷୋତ୍ତମର ଲକ୍ଷଣ। ଏହି ବିଶ୍ୱଚେତନା ଶିଖାଇଛି ଶ୍ରୀଜଗନ୍ନାଥ ସଂସ୍କୃତି। ମହାପ୍ରଭୁଙ୍କ କୃପା ବର୍ଣ୍ଣନା କରି ଭକ୍ତି ନୈବେଦ୍ୟ ଅର୍ପଣ କରି କବି ଭାଷାରେ ରଖୁଛି - "ଧନ୍ୟ ସେ କୃଷ୍ଣମୂର୍ତ୍ତି ଜଗନ୍ନାଥ, ନୟନ ପଥଗାମୀ ଡାକେ ଭକତ। ଧନ୍ୟ ମୋ ଜୀବନ, ଏ ଧନ୍ୟ ମୋ ଆଖି, ଯାହାକୁ କୋଟି ଜନ ନିରତେ ଡାକି।' ପ୍ରତିଟି ଓଡ଼ିଆ ଘରର ମୁଖ୍ୟ ଓ ଗୌରବମୟ ସମ୍ପତ୍ତି ହେଉଛି ନିର୍ମାଲ୍ୟ। ଆମର ପ୍ରତିଟି ଶୁଭକାର୍ଯ୍ୟରେ ଏହାର ସ୍ଥାନ ରହିଥାଏ। ଏପରିକି ଶିଶୁର ଅନ୍ନ ପ୍ରାସନ୍ନ ହେଉ ବା ଏକୋଇଶା ବା ଜନ୍ମ ବାର୍ଷିକୀ। ବ୍ରାହ୍ମଣଘରର ଉପନୟନ କାର୍ଯ୍ୟକ୍ରମ ଠାରୁ ବନ୍ଧୁ ଶଙ୍ଖୁଳା ଏ ସବୁ ଭିତରେ ଲୋଡ଼ା ପଡ଼ିଥାଏ ମହାପ୍ରଭୁଙ୍କ ମହାପ୍ରସାଦ ପୁଡ଼ିଆ। ଏବେ ବି ବନ୍ଧୁ ଲୋଡ଼ା ହେଉ କି ବନ୍ଧୁ ଶଙ୍ଖୁଳା ଏ ସବୁ ଭିତରେ ଚିଠି ଓ ଗୁଆ ସହିତ ମହାପ୍ରସାଦ ପଠାଇବାର ବିଧି ରହିଛି। ବିବାହ ଉତ୍ସବରେ ପ୍ରଥମେ ମହାପ୍ରସାଦ ଅର୍ପଣ କରାଯାଇ ବର ଓ ବରଯାତ୍ରୀ ମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଏ ଓ ତାହାପରେ ଭୋଜନର ବ୍ୟବସ୍ଥା ହୁଏ। ଶ୍ରୀଜଗନ୍ନାଥଙ୍କ ନାମରେ ବିବାହ ପୂର୍ବରୁ ନିର୍ବନ୍ଧ କାର୍ଯ୍ୟ ସମ୍ପାଦିତ ହୁଏ ସେଥିରେ ଉଭୟ ବରପିତା ଓ କନ୍ୟାପିତା ହସ୍ତରେ ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ ଟେକି ଦେଇ ବୈବାହିକ ସମ୍ବନ୍ଧ ସ୍ଥାପନ ଘୋଷଣା କରିବା ସଙ୍ଗେ ସଙ୍ଗେ ସମ୍ବନ୍ଧକୁ ଅତୁଟ ରଖିବା ପାଇଁ ଜଗନ୍ନାଥଙ୍କ ନାମରେ ଶପଥ ଗ୍ରହଣ କରିଥାନ୍ତି। ଜଗନ୍ନାଥଙ୍କ ନାମ ନେବା ପରେ ହିଁ ବର ବାଗଦତ୍ତ ଓ କନ୍ୟା ହୁଏ ବାଗଦତ୍ତା। ଏହାକୁ କୁହାଯାଏ ମହାପ୍ରସାଦ ନିର୍ବନ୍ଧ। ମହାପ୍ରଭୁଙ୍କ ପାଖରେ ଯେ କେହି ଏହି ମହାପ୍ରସାଦର ଅତୁଟ ଆଧାତ୍ମିକ ନିର୍ବନ୍ଧକୁ ଭାଙ୍ଗି ଦେଇଥାଏ ସେ ସେହି ଲୀଳାମୟଙ୍କ ପାଖରେ ଦ୍ରୋହୀ ହେବାର ବର୍ଷ ବର୍ଷର, ଯୁଗ ଯୁଗର ବନ୍ଧା ବିଶ୍ୱାସଟି ରହିଛି। କେତେକ କ୍ଷେତ୍ରରେ ଜାତକ ମେଳକ ନପଡ଼ିଲେ ସର୍ବମଙ୍ଗଳ ଜଗନ୍ନାଥ କୁହାଯାଇ ଆମ ହିନ୍ଦୁ ରୀତିରେ ବିବାହ କାର୍ଯ୍ୟ ସମ୍ପାଦିତ ହୁଏ। ପରବର୍ତ୍ତୀ ସମୟରେ ଝିଅ ଘରକୁ ଅର୍ଥାତ୍ ଶାଶୁଘରକୁ ଯେଉଁ ପ୍ରଥମ ବନ୍ଧୁ ବେଭାର ବା ଭାର ଯାଇଥାଏ ସେଥିରେ ନିଶ୍ଚିନ୍ତ ଭାବେ ରହିଥାଏ ମହାପ୍ରସାଦ।

ଏହି ମହାପ୍ରସାଦ ହିଁ କୋଟି କୋଟି ଓଡ଼ିଆଙ୍କ ପାଇଁ ବିଶ୍ୱାସ, ଆବେଗ ଓ ଅତୁଟ ଆତ୍ମୀୟତାର ଅମୃତ ତୁଲ୍ୟ କଣିକା। ମହାପ୍ରସାଦ ଦେଖିଲେ ତାହାକୁ ପ୍ରଣାମ ଜଣାଇବା, ସ୍ଥାନ କାଳପାତ୍ର ନିର୍ବିଶେଷରେ ତାହାକୁ ନିର୍ବିକାରରେ ଗ୍ରହଣ କରିବା, ସେବନ ବେଳେ ତାହାକୁ ସମ୍ମାନ ପ୍ରଦର୍ଶନ କରିବା ପାଇଁ ଆସନ ନ ପକାଇ ତଳେ ବସିବା ହେଉଛି ଓଡ଼ିଆର ଏକ ପବିତ୍ର କର୍ତ୍ତବ୍ୟ। ଜାତି, ଧର୍ମ, ବର୍ଣ୍ଣ, ନିର୍ବିଶେଷରେ ମହାପ୍ରସାଦକୁ ଏକତ୍ର ଭୋଜନ କରାଯାଏ। ମହାପ୍ରସାଦ ମାଧ୍ୟମରେ ହିଁ ଓଡ଼ିଶାରେ ଜାତି, ବର୍ଣ୍ଣ ଭେଦକୁ ବିଧିତଃ ଅସ୍ୱୀକାର କରାଯାଇଛି। ମହାପ୍ରସାଦ ମଧରେ ସୂର୍ଯ୍ୟବନ୍ଧୁ ସମ୍ପର୍କ ସ୍ଥାପନ କରାଯାଇ ଓଡ଼ିଶାରେ ମୈତ୍ରୀପୂର୍ଣ୍ଣ ପରିବେଶ ସୃଷ୍ଟିର ପ୍ରଶଂସନୀୟ ପୃଷ୍ଠଭୂମି ପ୍ରସ୍ତୁତ କରାଯାଇଅଛି। ଶ୍ରୀଜଗନ୍ନାଥଙ୍କ ଅବଢ଼ା କୁଡୁଆକୁ ଦାଣ୍ଡପାଖ ଚାଳରେ ଓହଳାଇଲେ ଗୃହକୁ ଆପଦ ପ୍ରବେଶ କରିପାରେ ନାହିଁ ଓ ବାହାରକୁ ଯାତ୍ରା କରିବା ଶୁଭଙ୍କର ହୁଏ ବୋଲି ଓଡ଼ିଆ ମାନଙ୍କର ବିଶ୍ୱାସ। ଅବଢ଼ା କୁଡୁଆରେ ତୁଳସୀ ଗଛ ଲଗାଇ ପୂଜା କଲେ ମୁକ୍ତି ମିଳେ ବୋଲି ମଧ ଓଡ଼ିଆ ବିଶ୍ୱାସ କରିଆସିଛି।

ମୃତ୍ୟୁବେଳେ ଜଗନ୍ନାଥଙ୍କ ନାମ ନେଲେ ଯମଦଣ୍ଡରୁ ମୁକ୍ତି ମିଳେ ଓ ଆତ୍ମା ବୈକୁଣ୍ଠଗାମୀ ହୁଏ ବୋଲି ବିଶ୍ୱାସ ଥିବାରୁ ଓଡ଼ିଆମାନେ ମୃତ୍ୟୁବେଳେ "ଜଗନ୍ନାଥ' ନାମ ସ୍ମରଣ କରନ୍ତି ଓ ଅନ୍ତିମ କାଳରେ ପୁତ୍ରକୁ ଡାକିବା ଛଳରେ ଜଗନ୍ନାଥଙ୍କୁ ଡାକିବା ସୁବିଧାଜନକ ହେବ ବୋଲି ଅନେକେ ପୁତ୍ରର ନାମ "ଜଗନ୍ନାଥ', "ପୁରୁଷୋତ୍ତମ' ବା ସେହି ଅର୍ଥସୂଚକ ନାମ ପ୍ରଦାନ କରିଥାନ୍ତି। ସମାଜର ପ୍ରତି କ୍ଷେତ୍ରରେ ରହିଛି ଶ୍ରୀଜଗନ୍ନାଥଙ୍କର ପ୍ରଭାବ। ଓଡ଼ିଶାର ମାଟି, ପାଣି, ପବନରେ ମିଶି ରହିଛି ଶ୍ରୀଜଗନ୍ନାଥ ଚେତନା, ଶ୍ରୀଜଗନ୍ନାଥଙ୍କୁ ଅଲଗା କରି ଓଡ଼ିଆ ସଂସ୍କୃତିର ସ୍ଥିତି ଚିନ୍ତା କରାଯାଇ ପାରେନା। ଓଡ଼ିଆ ଜାତିର ମର୍ମବାଣୀ ହେଉଛି ଜଗନ୍ନାଥ ଆଜି ମୂର୍ତ୍ତି ରୂପରେ ପୂଜିତ ହେଉଥିଲେ ହେଁ ସେ ଅମୃତ ଓ ଅମୃତ ଚେତନାର ଚିରନ୍ତନ ଅନନ୍ୟ ପ୍ରତୀକ। ଶ୍ରୀଜଗନ୍ନାଥ ସଂସ୍କୃତି ହେଉଛି ମହାମାନବର ମହାମିଳନର ମହତି ସଂସ୍କୃତି। ବିଶ୍ୱ ମାନବ ସମାଜକୁ ନିଜର କରି ସମସ୍ତଙ୍କର ସୁଖ, ଶୁଭ, ସୌଭାଗ୍ୟ କାମନା କରି ଆଜି ମାନବ ବିଶ୍ୱ ମାନବ ହେବା ପାଇଁ ଶ୍ରୀଜଗନ୍ନାଥ ସଂସ୍କୃତିରୁ ହିଁ ପାଇପାରିବ ମହାନ ଆଦର୍ଶର ପ୍ରେରଣା ଓ ଉଦବୋଧନା। ସେଥିପାଇଁ ଓଡ଼ିଶାର ସଂସ୍କୃତିକୁ କୁହାଯାଏ ଶ୍ରୀଜଗନ୍ନାଥ ସଂସ୍କୃତି।

ଜଗନ୍ନାଥ ଯେଉଁଠି ସ୍ୱୟଂ ପ୍ରକଟ ହୋଇଛନ୍ତି ତାହା ହେଲା ପୁଣ୍ୟଭୂମି ଉତ୍କଳ ଅନ୍ତର୍ଗତ ଶ୍ରୀକ୍ଷେତ୍ର, ଯାହାର ଅନ୍ୟନାମ ପୁରୁଷୋତ୍ତମ କ୍ଷେତ୍ର ବା ପୁରସ୍ତମ। ଏହି ଶ୍ରୀକ୍ଷେତ୍ର ବୈକୁଣ୍ଠର ପ୍ରତୀକ ଯେଉଁଠାରେ ସୂକ୍ଷ୍ମଭାବେ ପ୍ରତୀକ ରୂପେ ନିତ୍ୟ ଲୀଳା କରେ ଭାଗବତ ଜ୍ଞାନ, ଶକ୍ତି ଓ ଆନନ୍ଦ। ଏଣୁ ଏହା ହେଉଛି ସଚ୍ଚିଦାନନ୍ଦ ଧାମ, ଯାହାକୁ ବର୍ଣ୍ଣନା କରି ଗୀତାରେ କୁହାଯାଇଛି - "ନ ତଦ୍ ଭାସୟତେ ସୂର୍ଯ୍ୟୋ ନ ଶଶାଙ୍କୋ ନ ପାବକଃ, ଯଦ୍‌ଗତ୍ୱା ନ ନିବର୍ତ୍ତନ୍ତେ ତଦ୍ଧାମଂ ପରମଂ ମମ।' ସେହି କ୍ଷେତ୍ରକୁ "ତନ୍ତ୍ରୟାମଳ'ରେ କୁହାଯାଇଛି - "ଭାରତେ ଚୌକ୍ରଲେ ଦେଶେ ଭୂସ୍ୱର୍ଗେ ପୁରୁଷୋତ୍ତମଃ, ଦାରୁରୂପୀ ଜଗନ୍ନାଥଃ ଭକ୍ତାନାମଭୟପ୍ରଦଃ'। ପୁଣି ଶିବ ପୁରାଣରେ କୁହାଯାଇଛି - "ପୁରୁଷୋତ୍ତମାତ୍ ପରଂକ୍ଷେତ୍ରଂ ନାସ୍ତ୍ୟନ୍ୟତ୍ ଭବମୋଚନମ୍, ତନ୍ତ୍ର ସାକ୍ଷାତ୍ ପରଂବ୍ରହ୍ମ ଦାରୁବ୍ରହ୍ମ ବାରୀରଭୂତ୍'। ଏଣୁ ଧାମ ଓ କ୍ଷେତ୍ର ମାନଙ୍କ ମଧରେ ସର୍ବଶ୍ରେଷ୍ଠ ଏହି ଶ୍ରୀକ୍ଷେତ୍ର ଏତେ ପବିତ୍ର ଓ ସମଗ୍ର ଭାରତବାସୀଙ୍କର ଏତେ ପ୍ରିୟ।

ପୁଣ୍ୟଭୂମି ଭାରତବର୍ଷରେ ସର୍ବତ୍ର ପ୍ରସ୍ତର କିମ୍ବା ଧାତବ ଦେବ ବିଗ୍ରହ ଉପାସିତ ହେଉଥିବା ବେଳେ ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥ ଦାରୁବ୍ରହ୍ମ ରୂପେ ବିରାଜିତ। ଭୌଗୋଳିକର ଆବିଷ୍କାର, ଐତିହାସିକ, ତଥ୍ୟ, ପୌରାଣିକର ତତ୍ତ୍ୱ ବୈଜ୍ଞାନିକର ପ୍ରଜ୍ଞା, ଗବେଷକର ଅନୁସନ୍ଧିତ୍ସା ଓ ଦାର୍ଶନିକର ଦର୍ଶନ ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତି ପରିକଳ୍ପନା ନିକଟରେ ସ୍ତିମିତ ବୋଧ ହୋଇଥାଏ। ନିରାକାର ଭାବେ ସେ ସର୍ବେନ୍ଦ୍ରିୟ ବିବର୍ଜିତ ଶୂନ୍ୟ ଦେବତା। ସ୍ୱୟଂ ସଂପୂର୍ଣ୍ଣ ବିଗ୍ରହରେ ତାଙ୍କର ସର୍ବେନ୍ଦ୍ରିୟର ଉପସ୍ଥିତି ତୀର୍ଯ୍ୟକ ଭାବେ ପ୍ରତିଭାତ। ସେ ଇନ୍ଦ୍ରିୟ ରହିତ, ମାତ୍ର ଇନ୍ଦ୍ରିୟାନୁଭୂତି ଅଛି ତାଙ୍କର। ସସୀମ ମଧରେ ଅସୀମର ବ୍ୟଞ୍ଜନା। ପ୍ରତୀକାତ୍ମକ ବିଗ୍ରହ ମଧରେ ସାର୍ବଜନୀନ ତଥା ବିଶ୍ୱବ୍ୟାପ୍ତ ଚିନ୍ତା ପ୍ରକଟିତ। ସାକାର-ନିରାକାର, ପ୍ରାଚ୍ୟ-ପାଶ୍ଚାତ୍ୟ ସକଳ ଧର୍ମଦର୍ଶନର ଏକ ସାଙ୍କେତିକ ବିଗ୍ରହ ଶ୍ରୀଜଗନ୍ନାଥ।

ଶ୍ରୀଜଗନ୍ନାଥ ଧର୍ମର ମହତ୍ତ୍ୱ ପ୍ରଖ୍ୟାପନ କରି କୁହାଯାଇଛି ଏହି ଧର୍ମ ହେଉଛି ସନାତନ ଧର୍ମ, ଏହାର ପୁଣ୍ୟକ୍ଷେତ୍ର ହେଉଛି ଶ୍ରୀପୁରୁଷୋତ୍ତମ, ଦେବତା ହେଉଛନ୍ତି ଶ୍ରୀଜଗନ୍ନାଥ, ମାଳା ହରିନାମ, ତୀର୍ଥ ତୀର୍ଥରାଜ ସମୁଦ୍ର, ଧାନ ପରମବ୍ରହ୍ମ, ଜ୍ଞାନ ଓ ଆତ୍ମଜ୍ଞାନ, ଭକ୍ତିର ନାମ ସ୍ମରଣ ମଣୋହୀ ନିର୍ମାଲ୍ୟ, ବିବହାର ହେଉଛି ବୈକୁଣ୍ଠ। ଏହି ଧର୍ମର ସମଦର୍ଶୀ ବ୍ରହ୍ମ ଭାବୁର ପ୍ରତୀୟମାନ ହୁଏ ଯେ ଏହା ସନାତନ ବିଶ୍ୱଧର୍ମ। ଏ ସହର ସହ କେବଳ ଶ୍ରୀକ୍ଷେତ୍ରବାସୀ ନୁହନ୍ତି, ଓଡ଼ିଶାର ପ୍ରତ୍ୟେକ କୋଣ ଅନୁକୋଣରେ ବସବାସ କରୁଥିବା ଓଡ଼ିଆଙ୍କ ଭାଗବତ ସମ୍ପର୍କ ରହିଛି। ପ୍ରତିଟି ଓଡ଼ିଆ ସିଏ ଯେଉଁଠି ରୁହନ୍ତୁ ନା କାହିଁକି ତାଙ୍କ ସକାଳର ପ୍ରଥମ ପ୍ରାର୍ଥନା ଓ ଭାବ ସମର୍ପଣ ରହିଥାଏ ମହାବାହୁ ଶ୍ରୀଜଗନ୍ନାଥଙ୍କ ପାଖରେ। ପ୍ରତିଟି ଓଡ଼ିଆ ଘରର ମୁରବୀ ହେଉଛନ୍ତି ସେହି ଜଗତରନାଥ କାଳିଆ ସାଆନ୍ତ ମହାପ୍ରଭୁ ଶ୍ରୀଜଗନ୍ନାଥ।

ଆଇନଜୀବୀ, ବଙ୍ଗାଳିସାହି, କଟକ, ମୋବାଇଲ୍: ୭୩୨୫୯୦୪୯୨୭

# ଦେଶବନ୍ଧୁ ଓ ଯୁଗବନ୍ଧୁ

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର



ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଉଲ୍ଲେଖନୀୟ ଓ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ମହାପୁରୁଷଙ୍କ ମଧରେ ଦେଶବନ୍ଧୁ ଚିତ୍ତରଞ୍ଜନ ଦାସ ଅନ୍ୟତମ। ବ୍ରିଟିଶ ଭାରତରେ ସେ ସ୍ୱରାଜ ଦଳର ସକ୍ରିୟ ସଦସ୍ୟ ଥିଲେ। ସେ ଅବିଭକ୍ତ ଭାରତବର୍ଷର ଢ଼ାକ୍କା (ବର୍ତ୍ତମାନର ବାଙ୍ଗଲାଦେଶ) ନିକଟବର୍ତ୍ତୀ ବିକ୍ରମପୁରରେ ଏକ ସଂଭ୍ରାନ୍ତ ବୈଦ୍ୟ ପରିବାରରେ ଜନ୍ମ ହୋଇଥିଲେ। ଇଂଲଣ୍ଡରେ ଆଇନ ଶିକ୍ଷା କରି ସେ ବାରିଷ୍ଟର ହୋଇଥିଲେ। ଆଲିପୁର ବୋମା ବିସ୍ଫୋରଣ ମାମଲାରେ ସେ ଶ୍ରୀ ଅରବିନ୍ଦଙ୍କ ପକ୍ଷରୁ ମାମଲା ପରିଚାଳନ କରି ତାଙ୍କୁ ରକ୍ଷା କରିବାରେ ସଫଳ ହୋଇଥିଲେ। ଅସହଯୋଗ ଆନ୍ଦୋଳନରେ ଦେଶବନ୍ଧୁ ସକ୍ରିୟ ଭାବେ ଅଂଶ ଗ୍ରହଣ କରି ବିଦେଶୀ ବସ୍ତ୍ରରେ ନିଆଁ ଲଗାଇଥିଲେ। ସେ ଫରୱାଡ଼ର୍ ନାମକ ଖବରକାଗଜ ପ୍ରକାଶ କରୁଥିଲେ। କଲିକତା ମହାନଗର ନିଗମର ସେ ଥିଲେ ପ୍ରଥମ ମେୟର୍। ଭାରତୀୟ କଂଗ୍ରେସର ଗୟା ଅଧିବେଶନ ବେଳେ ଗାନ୍ଧିଜୀଙ୍କ ସହ ମତଭେଦ ଯୋଗୁଁ ସେ ସଭାପତି ପଦ ତଥା ଦଳ ତ୍ୟାଗ କରିଥିଲେ।

ଦେଶବନ୍ଧୁ ଚିତ୍ତରଞ୍ଜନ ଦାସଙ୍କର ଆଧାତ୍ମିକ ଗୁରୁ ଯୁଗବନ୍ଧୁ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଦିଗ୍‌ଦର୍ଶନରେ ଦେଶବନ୍ଧୁଙ୍କର ଜୀବନଶୈଳୀ ସମ୍ପୂର୍ଣ୍ଣ ରୂପାନ୍ତରିତ ହୋଇଥିଲା। ମହାଯୋଗୀ ଶ୍ରୀ ଅରବିନ୍ଦଙ୍କ କନିଷ୍ଠ ଭ୍ରାତା ଶ୍ରୀ ବାରୀନ୍ ଘୋଷ ଦୀପାନ୍ତର ପରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ସାହଚର୍ଯ୍ୟରେ ପାବନା ହିମାଇତପୁର (ବାଂଲାଦେଶ) ସତ୍‌ସଙ୍ଗ ଆଶ୍ରମରେ କିଛିଦିନ ଅବସ୍ଥାନ କରିଥିଲେ। ଶ୍ରୀ ଶ୍ରୀ ଠାକୁରଙ୍କର ଚରିତ୍ରର ମାଧୁର୍ଯ୍ୟ ଓ ଆଧାତ୍ମିକ ଆଳାପ ଆଲୋଚନାରେ ଶ୍ରୀ ବାରୀନ୍ ଘୋଷ ଅତ୍ୟନ୍ତ ମୁଗ୍ଧ ହୋଇଥିଲେ। ସତ୍‌ସଙ୍ଗରୁ ଫେରି ଶ୍ରୀ ବାରୀନ୍ ଘୋଷ ଦେଶବନ୍ଧୁ ଚିତ୍ତରଞ୍ଜନ ଦାସଙ୍କୁ ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁରଙ୍କ କଥା କହିଥିଲେ ଓ ଦେଶବନ୍ଧୁଙ୍କ ଦ୍ୱାରା ପ୍ରତିଷ୍ଠିତ "ନାରାୟଣ' ପତ୍ରିକାରେ "ସତ୍‌ସଙ୍ଗର ମଧୁଚକ୍ର' ନାମକ ଏକ ପ୍ରବନ୍ଧ ପ୍ରକାଶ କଲେ। ଯୁଗବନ୍ଧୁ ଶ୍ରୀ ଶ୍ରୀ ଠାକୁରଙ୍କ ସହିତ ଦେଶବନ୍ଧୁ ଚିତ୍ତରଞ୍ଜନ ଦାସଙ୍କ ପ୍ରଥମ ସାକ୍ଷାତ ହୋଇଥିଲା କଲିକତା ମହାନଗରୀର ମାଣିକତଲାରେ ୧୯୨୪ ମସିହାର ମଇ ମାସରେ। ସତ୍ୟାଗ୍ରହ ଆନ୍ଦୋଳନ, ଚରଖା ଆନ୍ଦୋଳନ, ସ୍ୱରାଜ ଆନ୍ଦୋଳନ, ବିପ୍ଳବୀ କ୍ରିୟାକଳାପ, ଭାରତ ବର୍ଷର ସ୍ୱାଧୀନତା, ଦେଶର ଅର୍ଥନୈତିକ ସ୍ୱାଧୀନତା ଓ ମାନବୀୟ ମୂଲ୍ୟବୋଧର ଜାଗରଣ ଇତ୍ୟାଦି ବହୁ ପ୍ରସଙ୍ଗରେ ଦେଶବନ୍ଧୁ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ସହିତ ଆଲୋଚନା କରିଥିଲେ।

ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁରଙ୍କର ସହଜ, ସରଳ, ନିରଭିମାନ ବ୍ୟକ୍ତିତ୍ୱ, ଅନ୍ତହୀନ ଜ୍ଞାନ, ଉତ୍କୃଷ୍ଟ ଅନାବିଳ ପ୍ରେମ ଓ ସର୍ବୋପରି ଆଧାତ୍ମିକ ମୂଲ୍ୟବୋଧ ଓ ଭାରତମାତାର ଜାଗରଣ ନିମିତ୍ତ ଏକ ସୁପରିକଳ୍ପିତ ସମନ୍ୱିତ ଯୋଜନା ଯାହାକି ଶିକ୍ଷା, ଦୀକ୍ଷା, ସୁବିବାହ ଓ ମନୁଷ୍ୟର ଜୈବିକ ସଂସ୍ଥିତିର ଉନ୍ନୟନ ଉପରେ ପର୍ଯ୍ୟବେସିତ ଇତ୍ୟାଦି ଜ୍ଞାନର ଆଭାସ ପାଇ ଶ୍ରୀ ଶ୍ରୀ ଠାକୁରଙ୍କୁ ଦେଶବନ୍ଧୁ ଗୁରୁ ରୂପେ ବରଣ କରିଥିଲେ ଓ ଜନନୀ ମନମୋହିନୀ ଦେବୀଙ୍କ ଠାରୁ ୧୪ ମଇ୧୯୨୪ ମସିହାରେ ସତ୍‌ଦୀକ୍ଷାରେ ଦୀକ୍ଷିତ ହୋଇଥିଲେ। ଦେଶବନ୍ଧୁ ଚିତ୍ତରଞ୍ଜନ ଦାସ ଫରିଦ୍‌ପୁର ସମ୍ମିଳନୀ ଯିବା ପୂର୍ବରୁ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଏକ ପତ୍ର ମାଧ୍ୟମରେ ତାଙ୍କୁ ଅନୁରୋଧ କରିଥିଲେ ଯେ ଆପଣ କିଛି ଦିନ ସତ୍‌ସଙ୍ଗ ଆଶ୍ରମରେ ରହି ଆପଣଙ୍କ ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ। ତଦନୁଯାୟୀ ୧୯୨୫ ମସିହା ୧୧ମେ ଦିନ ଦେଶବନ୍ଧୁ ସତ୍‌ସଙ୍ଗ ଆଶ୍ରମରେ ପଦ୍ମାତୀରରେ ଏକ ଛୋଟ ବଙ୍ଗଳାରେ ଯାଇ ରହିଥିଲେ। ସେହିଠାରେ ଗଭୀର ରାତ୍ରି ପର୍ଯ୍ୟନ୍ତ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ସହିତ ଆଳାପ ଆଲୋଚନା ଚାଲୁଥିଲା - ଆଧାତ୍ମିକ ସାଧନା, ଶିକ୍ଷା, ଦର୍ଶନ, ସମାଜ, ଇତିହାସ ଓ ବିଜ୍ଞାନ ଇତ୍ୟାଦି ବିଷୟରେ ବହୁ ଆଲୋଚନା ହେଉଥିଲା। ଆଶ୍ରମରେ ତିନି ଚାରି ଦିନ ରହିବାପରେ ଅନେକ ସୁସ୍ଥବୋଧ କଲାପରେ ଆତ୍ମୀୟ ସ୍ୱଜନଙ୍କ ଇଚ୍ଛାନୁସାରେ ଦାର୍ଜିଲିଂ ଯିବା ପାଇଁ ଇଚ୍ଛା ପ୍ରକାଶ କଲେ। କିନ୍ତୁ ଶ୍ରୀ ଶ୍ରୀ ଠାକୁରଙ୍କ ଅନୁମତି ନ ମିଳିବାଯୋଗୁଁ ଦୁଇଥର ଦାର୍ଜିଲିଂ ଯାତ୍ରା ବନ୍ଦ ହୋଇଥିଲା। କିନ୍ତୁ ପରେ ଅନିଚ୍ଛାସତ୍ତ୍ୱେ ମଧ ଶ୍ରୀ ଶ୍ରୀ ଠାକୁର ଅନୁମତି ଦେବାକୁ ବାଧ ହୋଇଥିଲେ। ପୁତ୍ର ଚିରରଞ୍ଜନ, ପୁତ୍ରବଧୂ ସୁଜାତା ଦେବୀ ଓ ତାଙ୍କର କନ୍ୟାଗଣ ଆଶ୍ରମରେ ରହିଗଲେ। କିନ୍ତୁ ଦୁର୍ଭାଗ୍ୟବଶତଃ କାଳର କରାଳକ୍ରମେ ଦାର୍ଜିଲିଂ ଠାରେ ଗୁରୁତର ଶାରୀରିକ ଅସୁସ୍ଥତା ଯୋଗୁଁ ମାତ୍ର ପଞ୍ଚାବନ ବର୍ଷ ବୟସରେ ଦେଶବନ୍ଧୁଙ୍କର ମହାପ୍ରୟାଣ ହୋଇଥିଲା। ଦେଶବନ୍ଧୁଙ୍କର ଶେଷ ବାକ୍ୟ ଥିଲା - ମୋ ଜୀବନର ସମସ୍ତ ଆଶା, ଆକାଂକ୍ଷା ଓ ଚିନ୍ତାଧାରା ଶ୍ରୀ ଶ୍ରୀ ଠାକୁରଙ୍କର ସାନ୍ନିଧ ଲାଭ କରି ପରିମାର୍ଜିତ ହୋଇଥିଲା। ୧୯୨୫ ମସିହା ଜୁନ୍ ୧୬ ତାରିଖରେ ପ୍ରବଳ ଜ୍ୱରରେ ପୀଡ଼ିତ ହେବା ଯୋଗୁଁ ଦେଶବନ୍ଧୁଙ୍କର ପ୍ରାଣହାନୀ ଘଟିଥିଲା।

ପ୍ରତିରତ୍ନିକ ଓ ଅବସର ପ୍ରାପ୍ତ ପ୍ରଫେସର ଓ ବିଭାଗୀୟ ମୁଖ୍ୟ,
ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ମୋବାଇଲ୍: ୯୪୩୭୦୫୧୯୫୭

# ମୋ ଅନୁଭୂତିରେ ଜୁଡ଼ା ଧର୍ମ



ଅନୀତା ପଟ୍ଟନାୟକ

ବସରେ ଓ ଟ୍ରେନରେ ଯାତ୍ରାକଲେ ଅନେକ ସୁଖଦ ଅନୁଭୂତି ହୋଇଥାଏ। ହେଲେ ଥରେ ମୋର ପୁଅ ବିଦେଶ ଯାତ୍ରା ପାଇଁ ଉଡାଜାହାଜରେ ଯିବା ପାଇଁ ଟିକେଟ କରିଥିଲା। ଉଡାଜାହାଜଟି ଉପରକୁ ଉଠି ଯିବା ପରେ ଆକାଶରେ ସ୍ଥିର ହୋଇ ଉଡିବାକୁ ଲାଗିଲା। ମୋ ପାଖରେ ଧଳା ପୋଷାକ ପରିହିତ ଜଣେ ବ୍ୟକ୍ତି ବସିଥିଲେ। ତାଙ୍କର ପୋଷାକରେ ଗୋଟିଏ ଷ୍ଟାଣ୍ଟରେ ସାତଟି ମହମବତୀ ଜଳୁଥିବା ପରି ଚିତ୍ର ଥିଲା। ମୁଁ ଦେଖିଲି ତାଙ୍କର ପକେଟରେ ଗୋଟିଏ ତ୍ରିଭୁଜ ଓ ତ୍ରିଭୁଜର ଉପରେ ଗୋଟିଏ ଓଲଟା ତ୍ରିଭୁଜ ଅଙ୍କା ହେବାପରି ଚିହ୍ନଟିଏ ଥିଲା। ଯାହାକି ଏକ ତାରା ପରି ଦେଖାଯାଉଥିଲା।

ମୁଁ ତାଙ୍କୁ ପଚାରିଲି ତୁମେ କେଉଁ ଧର୍ମର। ସେ କହିଲେ ମୁଁ ଜୁଡ଼ା ସଂପ୍ରଦାୟର। ମୋର ଜୁଡ଼ା ଧର୍ମ ବିଷୟରେ କିଛି ଜ୍ଞାନ ନଥିଲା। ମୁଁ ତାଙ୍କୁ ପଚାରିଲି, ଜୁଡ଼ା ଗୋଟିଏ କି ଧର୍ମ। ସେ ମତେ ବୁଝାଇ କହିଲେ, ଖ୍ରୀଷ୍ଟ ଧର୍ମ ଓ ଇସଲାମ ଧର୍ମ ସେମିଟିକ ଧର୍ମ ସମୂହ ଅନ୍ତର୍ଗତ। ମୁଁ ପଚାରିଲି ସେମିଟିକ ଅର୍ଥ କ'ଣ? ସେ କହିଲେ "ଯେଉଁ ଧର୍ମମାନେ ବିଶ୍ୱାସ କରନ୍ତି ଯେ ଭଗବାନଙ୍କର ନିୟମାବଳୀ, ଭଗବାନଙ୍କ ପ୍ରେରିତ ଦୂତ ଦ୍ୱାରା ଆସିଥାଏ। ମୁଁ କହିଲି ଯେପରି ଭଗବାନଙ୍କ ଦୂତ ମହମ୍ମଦଙ୍କ ଦ୍ୱାରା ଇସଲାମ ଧର୍ମ ସୃଷ୍ଟି ହୋଇଛି? ସେ କହିଲେ ହାଁ ମୁଁ ପଚାରିଲି ଜୁଡ଼ା ଧର୍ମର ଦେବଦୂତ କିଏ? ସେ କହିଲେ ସେମ୍ ଯେକି ନୋହଙ୍କ ପୁତ୍ର।'

ମୁଁ କହିଲି ଆମ ଭାରତୀୟମାନଙ୍କର ଧର୍ମଗ୍ରନ୍ଥ ଗୀତା। ତୁମ ମାନଙ୍କର ଧର୍ମ ଗ୍ରନ୍ଥ କ'ଣ? ସେ କହିଲେ ଆମର ଧର୍ମଗ୍ରନ୍ଥ ହେଉଛି ବାଇବେଲ। ଭଦ୍ରବ୍ୟକ୍ତି ଜଣକ କହିଲେ ବାଇବେଲ ଦୁଇ ଭାଗରେ ବିଭକ୍ତ। ଯଥା ଓଲଡ଼ ଟେଷ୍ଟାମେଣ୍ଟ ଓ ନିଉ ଟେଷ୍ଟାମେଣ୍ଟ। ସେ ଉତ୍ସାହିତ ହୋଇ କହିଲେ ବାଇବେଲର ପ୍ରଥମ ଭାଗ ହେଉଛି ଓଲଡ଼ ଟେଷ୍ଟାମେଣ୍ଟ ସେଥିରେ ଜୀୟୁ ମାନଙ୍କର ଗଳ୍ପ ରହିଅଛି। ସେଥିରେ ଆବ୍ରାହମ ତାଙ୍କର ପୁତ୍ର ଇସାକ୍ ଓ ଅନ୍ୟାନ ମାନଙ୍କ ବିଷୟରେ ଲେଖା ଯାଇଅଛି।ସେ କହିଲେ ଇଜିପ୍ଟର ରାଜା ଫେରୋଜ ଜୀୟୁ ମାନଙ୍କୁ ବନ୍ଦୀ କରି ରଖି ଶାରୀରିକ ଓ ମାନସିକ ଯନ୍ତ୍ରଣା ଦେଉଥିଲେ। ଥରେ ମୋଜେସ ସିନାଇ ପର୍ବର ଏକ ବୁଦାମୂଳକୁ ଯାଇଥିଲେ, ଯାହାକି ସବୁବେଳେ ଜଳୁଥିଲା। ସେଠାରେ ମୋଜେସ ଭଗବାନଙ୍କ ଶବ୍ଦ ଶୁଣିଥିଲେ। ଭଗବାନ ତାଙ୍କୁ କହିଥିଲେ ତୁମେ ଜୀୟୁ ମାନଙ୍କର ଅଗ୍ରଦୂତ ହୁଅ। ସେମାନଙ୍କୁ ବନ୍ଧନରୁ ମୁକ୍ତକର। ମୋଜେସ୍ ଭଗବାନଙ୍କୁ ପଚାରିଲେ ତୁମ ନାଁ କ'ଣ? ଭଗବାନ କହିଥିଲେ "ମୁଁ ହେଉଛି ସେ'। ବହୁତ କଷ୍ଟରେ ଜୀୟୁମାନେ ଇଜିପ୍ଟରୁ ମୁକ୍ତ ହୋଇଥିଲେ। ମୁକ୍ତ ହେବାର ମାସେ ପରେ ସେ ସିନାଇ ପର୍ବତକୁ ଯାଇଥିଲେ। ମୋଜେସ ଯେଉଁଠାରେ ଭଗବାନଙ୍କ ଶବ୍ଦ ଶୁଣିଥିଲେ ସେଠାକୁ ଗଲେ। ଭଗବାନ ତାଙ୍କୁ ଦୁଇ ଖଣ୍ଡ ପଥର ଦେଇଥିଲେ। ଯେଉଁଠାରେ ୧୦ଟି ନିୟମାବଳୀ ଖୋଦିତ ହୋଇଥିଲା। ମୋଜେସ ଜୀୟୁ ମାନଙ୍କୁ ଇସ୍ରାଏଲ ନେଇ ଆସିଲେ ଓ ସେଠାରେ ମୋଜେସ ଶେଷ ନିଶ୍ୱାସ ତ୍ୟାଗ କଲେ। ଏହାପରେ ଜୋସୁଆ ସେମାନଙ୍କୁ ପଥ ଦେଖାଇଲେ। ମୋର ଉତ୍ସାହ ବଢ଼ିଗଲା। ମୁଁ ପଚାରିଲି ଜୁଡ଼ା ଧର୍ମର ଦୁଇଟି ନିୟମାବଳୀ କ'ଣ? ସେ କହିଲେ - ୧. ମୁଁ ତୁମର ଭଗବାନ। ତୁମକୁ ଇଜିପ୍ଟର ଜମିର ବନ୍ଧନରୁ ମୁକ୍ତ କରିଛି। ୨. ତୁମେ ଅନ୍ୟ କୌଣସି ଠାକୁରଙ୍କୁ ପୂଜା କରିବ ନାହିଁ ୩. ଭଗବାନଙ୍କୁ ଭଲ ପାଉଥିବା ବ୍ୟକ୍ତିଙ୍କୁ ତୁମେ ଦୟା ଚକ୍ଷୁରେ ଦେଖିବ ଓ ଭଗବାନଙ୍କ ନିୟମାବଳୀକୁ ମାନିବ। ୪. ବୃଥାରେ ଭଗବାନଙ୍କ ନାମ ନେବ ନାହିଁ ୫. ଛଅ ଦିନ କଠିନ ପରିଶ୍ରମ କର, ସପ୍ତମ ଦିନ ହେଉଛି "ସାବାତ୍'। ଭଗବାନ, ମନୁଷ୍ୟ ଓ ପଶୁ ବିଶ୍ରାମ ନିଅନ୍ତି। ୬. ନିଜର ବାପା ମାଆଙ୍କୁ ସମ୍ମାନ ଦିଅ। ୭. କାହାକୁ ହତ୍ୟା କରନାହିଁ ୮. କାହାକୁ ଠକ ନାହିଁ ୯. ଚୋରି କର ନାହିଁ ୧୦.ତୁମେ ପଡ଼ୋଶୀର ମିଛ ସାକ୍ଷୀ ହୁଅ ନାହିଁ କିମ୍ବା ତାର ଧନ ହଡ଼ପ କରନାହିଁ।

ମୁଁ ତାକୁ ପଚାରିଲେ ତୁମ ଧର୍ମରେ ଭଗବାନ କେତେ ଜଣ? ସେ କହିଲେ ଜଣେ। ସେ କହିଲେ ତୋହା ନାମକ ବହି ଜୀଉ ମାନଙ୍କ ଆଇନ ଶୃଙ୍ଖଳା ବିଷୟରେ ଲେଖାଯାଇଛି। ସେ ବହିଟି ଏବେ ତାଲମୁଦ ନମରେ ନାମିତ ହୋଇଛି। ମୁଁ ପଚାରିଲି ଜୀଉ ମାନଙ୍କର ଭାଷା କ'ଣ? ସେ କହିଥିଲେ ହିବ୍ରୁ। ମୁଁ ପଚାରିଲି ଆମର ଯେପରି ମନ୍ଦିର ଅଛି ତୁମର କ'ଣ ଅଛି। ସେ କହିଥିଲେ "ସାଇନାପଗ୍' ଓ ଧର୍ମ ପ୍ରଚାରକଙ୍କୁ କୁହାଯାବ ରବି। ସେ ଉଡ଼ାଜାହାଜରେ ମତେ ଗୋଟିଏ ସାତ ମହମବତୀ ଥିବା ଚିହ୍ନ ଫଟୋଟିଏ ଦେଇଥିଲେ। ମୁଁ ତାଙ୍କୁ ଜଗନ୍ନାଥଙ୍କ ଫଟୋଟିଏ ଦେଇଥିଲି।



ଅବସରପ୍ରାପ୍ତ ପ୍ରଧାପିକା, ସିଡିଏ, କଟକ
ମୋବାଇଲ୍: ୯୬୯୨୯୮୦୦୨୬

# ସାରା ବିଶ୍ୱରେ ମୋଦିଙ୍କ ଜଲୱା



## ପଛରେ ପଡ଼ିଗଲେ ଟ୍ରମ୍ପ, ପୁଟିନ

ନୂଆଦିଲ୍ଲୀ,୧୮।୬: ପ୍ରଧାନମନ୍ତ୍ରୀ ମୋଦି ଦୁଇ ଦିନିଆ ଗସ୍ତରେ ତୁର୍କୀର ପଡ଼ୋଶୀ ଦେଶ ସାଇପ୍ରସରେ ପହଞ୍ଚିଥିଲେ। ଏଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସର୍ବୋଚ୍ଚ ନାଗରିକ ସମ୍ମାନ 'ଗ୍ରାଣ୍ଡ କ୍ରସ ଅଫ ଦି ଅର୍ଡର ଅଫ ମାକାରିଓସ III' ପ୍ରଦାନ କରାଯାଇଥିଲା। ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ନିକୋସ ପ୍ରଧାନମନ୍ତ୍ରୀଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ। ପ୍ରଧାନମନ୍ତ୍ରୀ ସର୍ବୋଚ୍ଚ ନାଗରିକ ସମ୍ମାନ ପାଇବାରେ ବହୁତ ଖୁସି ପ୍ରକାଶ କରିଥିଲେ। ସେ କହିଥିଲେ, ଏହି ସମ୍ମାନ ୧୪୦ କୋଟି ଭାରତୀୟଙ୍କ ପାଇଁ ଏକ ସମ୍ମାନ। ଏହା ଆମ ଦେଶର ଭାଇଚାରାରତା ଏବଂ ବାସୁଦୈବ କୁଟୁମ୍ବକମର ବିଚାରଧାରାର ସମ୍ମାନ।

ବିଶ୍ୱର ଅନେକ ଦେଶର ପ୍ରଧାନମନ୍ତ୍ରୀ କିମ୍ବା ରାଷ୍ଟ୍ରପତି ସେମାନଙ୍କ ବନ୍ଧୁତ୍ୱପୂର୍ଣ୍ଣ ଦେଶକୁ ଗସ୍ତ କରନ୍ତି ଏବଂ ସେମାନଙ୍କ ସହିତ ସମ୍ପର୍କ ମଜଭୁତ କରିବାକୁ ଚେଷ୍ଟା କରନ୍ତି। କିନ୍ତୁ ବିଶ୍ୱରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ପରି ଏତେ ଲୋକପ୍ରିୟତା କ୍ୱଚିତ୍ କାହାକୁ ମିଳିଛି। ନରେନ୍ଦ୍ର ମୋଦି ୨୦୧୪ରେ ପ୍ରଥମ ଥର ପାଇଁ ଦେଶର ପ୍ରଧାନମନ୍ତ୍ରୀ ହୋଇଥିଲେ। ସେବେଠାରୁ, ସେ ବିଶ୍ୱର ୨୩ଟି ଦେଶରୁ ସର୍ବୋଚ୍ଚ ନାଗରିକ ସମ୍ମାନ ପାଇଛନ୍ତି। ବିଶ୍ୱର ଅନ୍ୟ କୌଣସି ନେତାଙ୍କ ପାଖରେ ଏତେ ସର୍ବୋଚ୍ଚ ନାଗରିକ ସମ୍ମାନ ନାହିଁ। ପ୍ରଧାନମନ୍ତ୍ରୀ ମୋଦି ପ୍ରଥମ ବ୍ୟକ୍ତି ଯିଏ ଏତେ ସଂଖ୍ୟକ ନାଗରିକ ସମ୍ମାନ ପାଇଛନ୍ତି।

ଏହା ବିଶ୍ୱର ସମସ୍ତ ଦେଶ ସହିତ ଭାରତର ବଢ଼ୁଥିବା ସମ୍ପର୍କକୁ ଦର୍ଶାଏ। ଏହା ବ୍ୟତୀତ, ପ୍ରଧାନମନ୍ତ୍ରୀଙ୍କୁ ଜାତିସଂଘର ସର୍ବୋଚ୍ଚ ପରିବେଶ ସମ୍ମାନ, ସଂଯୁକ୍ତ ରାଷ୍ଟ୍ର ଚାମ୍ପିଅନ୍ସ ଅଫ ଦି ଆର୍ଥ ମଧ୍ୟ ପ୍ରଦାନ କରାଯାଇଛି। ପ୍ରଧାନମନ୍ତ୍ରୀଙ୍କୁ ସାଉଦି ଆରବ, ୨୦୧୬ରେ ଆଫଗାନିସ୍ତାନ, ୨୦୧୮ରେ ପାଲେଷ୍ଟାଇନ, ମାଳଦ୍ୱୀପ, ସଂଯୁକ୍ତ ଆରବ ଏମିରେଟ୍ସ, ୨୦୧୯ରେ ବାହାରିନ, ୨୦୨୦ରେ ଆମେରିକା, ଫିଜି, ପାଲାଉ, ପାପୁଆ ନ୍ୟୁଗିନି, ଇଜିପ୍ଟ, ଫ୍ରାନ୍ସ, ୨୦୨୩ରେ ଗ୍ରୀସ, ୨୦୨୪ରେ ଭୁଟାନ, ରୁଷ, ନାଇଜେରିଆ, ଡୋମିନିକା, ଗୟାନା, ବାରବାଡୋସ, କୁଓ୍ୱେତ, ୨୦୨୫ରେ ସାଇପ୍ରସ ସର୍ବୋଚ୍ଚ ନାଗରିକ ସମ୍ମାନ ପ୍ରଦାନ କରାଯାଇଛି।

ସର୍ବୋଚ୍ଚ ନାଗରିକ ସମ୍ମାନ ଦୃଷ୍ଟିରୁ, ବିଶ୍ୱର ଦୁଇଟି ସବୁଠାରୁ ଶକ୍ତିଶାଳୀ ଦେଶ ଆମେରିକା ଏବଂ ରୁଷିଆ ବହୁତ ପଛରେ ଅଛନ୍ତି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏପର୍ଯ୍ୟନ୍ତ କେବଳ ଦୁଇଟି ନାଗରିକ ପୁରସ୍କାର ପାଇଥିବାବେଳେ, ଭ୍ଲାଦିମିର ପୁଟିନଙ୍କୁ ଏପର୍ଯ୍ୟନ୍ତ ୮ଟି ନାଗରିକ ପୁରସ୍କାର ପ୍ରଦାନ କରାଯାଇଛି। ଏହି ପୁରସ୍କାର ଦୃଷ୍ଟିରୁ, ଟ୍ରମ୍ପ ୨୧ଟି ପୁରସ୍କାର ସହିତ ପ୍ରଧାନମନ୍ତ୍ରୀ ମୋଦିଙ୍କ ପଛରେ ଅଛନ୍ତି ଏବଂ ଭ୍ଲାଦିମିର ପୁଟିନ ୧୫ଟି ପୁରସ୍କାର ସହିତ ପଛରେ ଅଛନ୍ତି।

## ମୋଦି-ଟ୍ରମ୍ପଙ୍କ ୩୫ ମିନିଟ୍ ଆଲୋଚନା

# ଆତଙ୍କବାଦକୁ ନେଇ ବେପାର କରିବିନି: ମୋଦି



ନୂଆଦିଲ୍ଲୀ,୧୮।୬:କାନାଡା ଜି-୭ ସମ୍ମିଳନୀ ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ଫୋନରେ କଥା ହୋଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଉଭୟଙ୍କ ମଧ୍ୟରେ ୩୫ ମିନିଟ ଧରି ଆଲୋଚନା ହୋଇଛି । ପାକିସ୍ତାନ ବିରୋଧରେ ଭାରତର ଅପରେସେନ ସିନ୍ଦୁର ନେଇ ବିସ୍ତୃତ ଚର୍ଚ୍ଚା ହୋଇଛି। ଏବେ ବି ଅପରେସନ ସିନ୍ଦୁର ଜାରି ରହିଥିବା ମୋଦି ଟ୍ରମ୍ପଙ୍କୁ ସିଧାସିଧା କହିଛନ୍ତି। ସେହିପରି ଭାରତ-ପାକ ପ୍ରସଙ୍ଗରେ ମଧ୍ୟସ୍ଥତାକୁ ଭାରତ କେବେ ବି ଗ୍ରହଣ କରିବ ନାହିଁ ବୋଲି ମୋଦି ସ୍ପଷ୍ଟ କରିଛନ୍ତି। ପାକିସ୍ତାନର ଅନୁରୋଧ ପରେ ହି ଭାରତ ଯୁଦ୍ଧବିରତି ପାଇଁ ରାଜି ହୋଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି । ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ହୋଇଥିବା ପ୍ରାୟ ୧୦୦ ଘଣ୍ଟାର ସିନ୍ଦୁର ଅପରେସନ ସମୟରେ ପାକିସ୍ତାନ ହିଁ ଯୁଦ୍ଧବିରତି ମାଗିଥିଲା। କାନାଡାରୁ ଫେରିବା ସମୟରେ ଆମେରିକା ଆସିବାକୁ ଟ୍ରମ୍ପ ମୋଦିଙ୍କୁ ଅନୁରୋଧ କରିଛନ୍ତି। ତେବେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଯୋଗୁଁ ଏହା ସମ୍ଭବ ନୁହେଁ ବୋଲି ମୋଦି ଟ୍ରମ୍ପଙ୍କୁ ଜଣାଇଛନ୍ତି। ତେବେ ନିକଟ ଭବିଷ୍ୟତରେ ଉଭୟ ସାକ୍ଷାତ କରିବାକୁ ସହମତି ପ୍ରକାଶ କରିଛନ୍ତି । ଏହାପରେ ଭାରତ ଆସିବାକୁ ମୋଦି ଟ୍ରମ୍ପଙ୍କୁ ଅନୁରୋଧ କରିଥିଲେ । ଟ୍ରମ୍ପ ମୋଦିଙ୍କ ଅନୁରୋଧକୁ ରକ୍ଷା କରିବା ସହ ଭାରତ ଆସିବାକୁ ଆଗ୍ରହ ଥିବା କହିଛନ୍ତି ।



## କେଦାରନାଥରେ ପାହାଡ଼ ଉପରୁ ଖସିଲା ପଥର, ଦୁଇ ମୃତ

ନୂଆଦିଲ୍ଲୀ, ୧୮।୬ : କେଦାରନାଥ ଧାମକୁ ଯାଉଥିବା ବେଳେ ଅଘଟଣ । ପାହାଡ଼ ଉପରୁ ଖସିଲା ପଥର । ଦୁଇ ମୃତ, ୩ ଗୁରୁତର ହୋଇଥିବା ସୂଚନା ମିଳିଛି । ଉତ୍ତରାଖଣ୍ଡ କେଦାରନାଥ ଧାମକୁ ଯାତ୍ରା କରୁଥିବା ସମୟରେ ପଥର ଖସି ଦୁଇ ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହୋଇଛି । ଘଟଣାସ୍ଥଳରେ ପୋଲିସ ଏବଂ ଏସ୍‌ଡ଼ିଆର୍‌ଏଫ୍ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲା । ଖବର ମୁତାବକ, କିଛି ଶ୍ରଦ୍ଧାଳୁ ଆଜି ଜଙ୍ଗଲୀଚଟ୍ଟି ଘାଟ ଟ୍ରେକିଂ ରୁଟରେ ଯାତ୍ରା କରୁଥିବା ସମୟରେ ଏହି ଦୁର୍ଘଟଣା ଘଟିଛି । ଆହତ ୩ଜଣଙ୍କୁ ଉଦ୍ଧାର କରାଯାଇ ନିକଟସ୍ଥ ମେଡିକାଲରେ ଭର୍ତ୍ତି କରାଯାଇଥିବା ରୁଦ୍ରପ୍ରୟାଗ ପୋଲିସ ପକ୍ଷରୁ ସୂଚନା ମିଳିଛି । ଏହାସହିତ ଜଣେ ନିଖୋଜ ରହିଛନ୍ତି, ଯାହାଙ୍କୁ ଖୋଜାଚାଲିଛି । ମୃତକ ଦୁଇ ଜଣଙ୍କୁ କଣ୍ଡି ସହାୟତାରେ ଗୌରୀକୁଣ୍ଡକୁ ଅଣାଯାଇଛି ।

## ଅମରନାଥ ଯାତ୍ରାରେ ହେଲିକପ୍ଟର ସର୍ଭିସ ବନ୍ଦ

### 'ନୋ ଫ୍ଲାଇଙ୍ଗ ଜୋନ୍' ଘୋଷିତ



ନୂଆଦିଲ୍ଲୀ, ୧୮।୬ : ଅମରନାଥ ଯାତ୍ରା ଜୁଲାଇ ୩ ତାରିଖରୁ ଆରମ୍ଭ ହେଉଛି । ଚଳିତବର୍ଷ ହେଲିକପ୍ଟର ସର୍ଭିସ ଉପଲବ୍ଧ ହେବ ନାହିଁ। ଏଥର ଅମରନାଥ ଯାତ୍ରା ସମୟରେ ହେଲିକପ୍ଟର ସେବା ଉପଲବ୍ଧ ହେବ ନାହିଁ । ଏହି ସୁରକ୍ଷା ନିର୍ଦ୍ଦେଶାବଳୀ ୧ ଜୁଲାଇରୁ ୧୦ ଅଗଷ୍ଟ ପର୍ଯ୍ୟନ୍ତ ଲାଗୁ ହେବ। ଅମରନାଥ ଯାତ୍ରା ଲାଗି ଉଦ୍ଦିଷ୍ଟ ଦୁଇଟି ରାସ୍ତାକୁ 'ନୋ ଫ୍ଲାଇଙ୍ଗ ଜୋନ୍'ଘୋଷଣା କରାଯାଇଛି । ଯାତ୍ରା ପାଇଁ ଦୁଇଟି ରାସ୍ତା ହେଲା ପହଲଗାମ (୪୬ କିମି) ଓ ବାଲତାଲ୍ (୧୪ କିମି) । ଜୁଲାଇ ୧ରୁ ଏହି ଦୁଇ ରାସ୍ତା ଉପରେ କୌଣସି ପ୍ରକାର ଡ୍ରୋନ, ବିମାନ, ହେଲିକପ୍ଟର ଆଦି ଉଡାଣ କରିପାରିବ ନାହିଁ । ରାସ୍ତା ଉପରେ ଯଦି କୌଣସି ପ୍ରକାର ଉଡନ୍ତା ଯାନ ବା ବସ୍ତୁକୁ ଦେଖିବାକୁ ମିଳେ ତେବେ ଏହାକୁ ଗୁଳିକରି ଖସାଇ ଦେବାକୁ ସୁରକ୍ଷାବାହିନୀକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ନିଷ୍ପତ୍ତି ସମ୍ପର୍କରେ ଜମ୍ମୁ-କଶ୍ମୀର ପୋଲିସ, ସିଆରପିଏଫ୍, ବିଏସ୍‌ଏଫ୍ ଓ ସ୍ଥଳ ସେନାକୁ ଅବଗତ କରାଯାଇଛି । ଜୁଲାଇ ୩ରୁ ଅମରନାଥ ଯାତ୍ରା ଆରମ୍ଭ ହୋଇ ଅଗଷ୍ଟ ୯ରେ ଶେଷ ହେବ । ତେବେ ହେଲିକପ୍ଟର ସେବା ବନ୍ଦ ନିଷ୍ପତ୍ତିକୁ ନେଇ ଜମ୍ମୁ ମୁଖ୍ୟମନ୍ତ୍ରୀ ଉମର ଅବଦୁଲା କହିଛନ୍ତି, ଅମରନାଥ ଯାତ୍ରା ସଠିକ୍ ଭାବେ ହେଉ ଆମେ ଚାହୁଁଛୁ । କିନ୍ତୁ ହେଲିକପ୍ଟର ସର୍ଭିସକୁ ଅନୁମତି ନ ମିଳିବା ନେଇ ଅନ୍ୟ ଦେଶକୁ ଭୁଲ୍ ବାର୍ତ୍ତା ନ ଯାଉ । ଏହି ସୁରକ୍ଷା ନିର୍ଦ୍ଦେଶ ଜୁଲାଇ ୧ରୁ ଅଗଷ୍ଟ ୧୦ ଯାଏଁ ଲାଗୁ ହେବ । କିନ୍ତୁ କିଛି ଜରୁରୀକାଳୀନ ସ୍ଥିତିରେ ଆକାଶ ମାର୍ଗର ବ୍ୟବହାର ହୋଇପାରିବେ ବୋଲି ସ୍ପଷ୍ଟ କରାଯାଇଛି ।

## ୩୮ ଦିନରେ ୧୩୪ କଲ

# ରାଜା ରଘୁବଂଶୀ ହତ୍ୟାକାଣ୍ଡରେ ଆଉ ଏକ ଚରିତ୍ର



ଇନ୍ଦୋର,୧୮।୬: ଇନ୍ଦୋରର ରାଜା ରଘୁବଂଶୀ ହତ୍ୟା ମାମଲାରେ ନୂଆ ନୂଆ କଥା ସାମ୍ନାକୁ ଆସୁଛି। ଏବେ ଏହି ମାମଲାରେ ଆଉ ଏକ ଚରିତ୍ର ପ୍ରବେଶ କରିଛି। ପୋଲିସ ସୋନମଙ୍କ କଲ ଡିଟେଲ୍ସ ଖୋଜିଛି। କଲ ଡିଟେଲ୍ସରେ ଆଶ୍ଚର୍ଯ୍ୟଜନକ ସୂଚନା ଆସିଛି। ତଦନ୍ତରୁ ଜଣାପଡିଛି ଯେ ସୋନମଙ୍କ ହତ୍ୟା ପୂର୍ବରୁ ସୋନମ, ରାଜ ବ୍ୟତୀତ ଅନ୍ୟ କାହା ସହିତ ସମ୍ପର୍କରେ ଥିଲେ। ସେହି ବ୍ୟକ୍ତିଙ୍କ ନାମ ସଞ୍ଜୟ ବର୍ମା ବୋଲି କୁହାଯାଉଛି। ସୋନମ ୧ ମାର୍ଚ୍ଚରୁ ୮ ଏପ୍ରିଲ ମଧ୍ୟରେ ଲଗାତାର ସଞ୍ଜୟ ବର୍ମାଙ୍କୁ ଫୋନ କରିଥିଲେ। ସୋନମ ୩୮ ଦିନ ମଧ୍ୟରେ ୨୩୪ ଥର ସଞ୍ଜୟ ବର୍ମାଙ୍କୁ ଫୋନ କରିଥିଲେ। ସୋନମ ତାଙ୍କ ନମ୍ବରକୁ ସଞ୍ଜୟ ବର୍ମା ହୋଟେଲ ନାମରେ ସେଭ କରିଥିଲେ। ପୋଲିସ ତଦନ୍ତରେ ସ୍ପଷ୍ଟ ହୋଇଛି ଯେ ରାଜ କୁଶଓ୍ୱାହା ବ୍ୟତୀତ ରାଜା ରଘୁବଂଶୀ ହତ୍ୟା ମାମଲାରେ ଅନ୍ୟ ଲୋକମାନେ ମଧ୍ୟ ସମ୍ପୃକ୍ତ ଅଛନ୍ତି। ଏହା ଚିନ୍ତା କରାଯାଉଛି ଯେ ସଞ୍ଜୟ ବର୍ମା କିଏ? ରାଜାଙ୍କ ହତ୍ୟା ପରଠାରୁ ସଞ୍ଜୟ ବର୍ମାଙ୍କ ଫୋନ ବନ୍ଦ ଅଛି। ରାଜ ଏବଂ ସୋନମ ରାଜାଙ୍କୁ ହତ୍ୟା କରିବାକୁ ଷଡ଼ଯନ୍ତ୍ର କରିଥିଲେ। ସନ୍ଦେହ କରାଯାଉଛି ଯେ ଉଭୟେ ସଞ୍ଜୟ ବର୍ମାଙ୍କ ନାମରେ ମୋବାଇଲ ନମ୍ବର ନେଇଥିଲେ। ଏହା ସମ୍ଭବ ଯେ ସେମାନେ ହତ୍ୟା ଯୋଜନା ପାଇଁ ସଞ୍ଜୟ ବର୍ମାଙ୍କ ନାମରେ ନମ୍ବର ନେଇଥିଲେ, ଯାହାଫଳରେ ସେମାନେ ହତ୍ୟା ପରେ ପୋଲିସ ତଦନ୍ତରୁ ଏଡାଇପାରିବେ। ତଦନ୍ତରୁ ଜଣାପଡିଛି ଯେ ରାଜାଙ୍କୁ ହତ୍ୟା କରିବା ପାଇଁ ଶିଲଂ ଆସିଥିବା ବିଶାଲ, ଆକାଶ ଏବଂ ଆନନ୍ଦ ମଧ୍ୟ ଏକ ନୂତନ ସିମ ନେଇଥିଲେ। ରାଜାଙ୍କୁ ହତ୍ୟା କରିବା ପରେ, ତିନି ଅଭିଯୁକ୍ତ ନମ୍ବରକୁ ବନ୍ଦ କରି ସିମ ଫିଙ୍ଗି ଦେଇଥିଲେ।

## ହାଇଦ୍ରାବାଦ ବେଗମପେଟ ଏୟାରପୋର୍ଟକୁ ବୋମା ଧମକ

ହାଇଦ୍ରାବାଦ, ୧୮।୬: ହାଇଦ୍ରାବାଦ ବିମାନ ବନ୍ଦରରେ ବୋମା ଧମକ। ହାଇଦ୍ରାବାଦ ବେଗମପେଟ ଏୟାରପୋର୍ଟରେ ବୋମା ଥିବା ନେଇ ଇମେଲରେ ଧମକ ପରେ ହାଇଆଲର୍ଟ ଜାରି ହୋଇଛି । ବୋମା ଧମକ ମିଳିବା ପରେ ବାତାବରଣ ଭୟଭୀତ ହୋଇଯାଇଥିଲା । ତେବେ ସୂଚନା ଆଜି ସକାଳେ ମିଳିଥିଲା । ଖବର ମୁତାବକ, ବେଗମପେଟ ବିମାନବନ୍ଦରରେ ବୋମା ରଖାଯାଇଥିବା ନେଇ ଇମେଲରେ ଦାବି କରାଯାଇଥିଲା । ଘଟଣା ପରେ ବିମାନବନ୍ଦରରେ ସୁରକ୍ଷାକୁ ଆହୁରି କଡ଼ାକଡ଼ି କରାଯାଇଛି। ସିସିଟିଭି କ୍ୟାମେରା ଓ ଅନ୍ୟାନ୍ୟ ସୁରକ୍ଷା ପ୍ରୋଟୋକଲ ମାଧ୍ୟମରେ ନିରୀକ୍ଷଣ ଜାରି ରହିଛି । ଧମକ ପାଇବା ପରେ ବିମାନବନ୍ଦର କର୍ତ୍ତୃପକ୍ଷ ହାଇଦ୍ରାବାଦ ପୋଲିସ ଓ CISFକୁ ସୂଚନା ଦେଇଥିଲେ । ବୋମା ନିଷ୍କ୍ରିୟକାରୀ ଟିମ, ସନ୍ଧାନୀ କୁକୁର ଓ ଅଗ୍ନିଶମ ବିଭାଗ ସମେତ ସୁରକ୍ଷା ବାହିନୀ ବିମାନବନ୍ଦର ଓ ଏହାର ଆଖପାଖ ଅଞ୍ଚଳରେ ତଲାସୀ କରିଥିଲେ। ତେବେ କୌଣସି ସନ୍ଦେହଜନକ ବସ୍ତୁ ମିଳିନଥିଲା । ବୋମା ଧମକ ମିଛ ବୋଲି କୁହାଯାଇଛି। ଇମେଲ ପଠାଇଥିବା ବ୍ୟକ୍ତିଙ୍କୁ ଖୋଜିବାକୁ ପ୍ରୟାସ ଚାଲିଛି । ପୂର୍ବରୁ ଅନ୍ୟ ବିମାନବନ୍ଦରରେ ବି ସମାନ ଧମକ ଇମେଲ ମିଳିଥିଲା । ଯାହା ମିଛ ବୋଲି ପ୍ରମାଣିତ ହୋଇଛି । ସୂଚନାଯୋଗ୍ୟ, କୋଚିରୁ ଦିଲ୍ଲୀ ଯାଉଥିବା ଇଣ୍ଡିଗୋ ବିମାନ ନମ୍ବର ୬ଇ୨୭୦୬ରେ ବୋମା ଧମକ ମିଳିବା ପରେ ନାଗପୁର ବିମାନବନ୍ଦରରେ ଅବତରଣ କରାଯାଇଥିଲା । ଘଟଣା ସ୍ଥଳରେ ବୋମା ସ୍କ୍ୱାର୍ଡ ପହଞ୍ଚି ବିମାନକୁ ସନ୍ଧାନ କରିଥିଲା । ଫ୍ରାଙ୍କଫର୍ଟରୁ ହାଇଦ୍ରାବାଦ ଆସୁଥିବା ବିମାନରେ ବୋମା ଥିବା ଗୁଜବ ଖବର ମିଳିଥିଲା । ଉଡ଼ାଣ ଭରିବାର ଦୁଇ ଘଣ୍ଟା ପରେ ଫେରି ଆସିଲା ବିମାନ ।

## ଓଡ଼ିଶାରେ ମହିଳାଙ୍କ ପ୍ରତି ହିଂସା ବଢୁଛି: ପ୍ରିୟଙ୍କା




ନୂଆଦିଲ୍ଲୀ, ୧୮।୬ : ଗୋପାଳପୁର ବେଳାଭୂମିରେ ଜଣେ ୨୦ ବର୍ଷୀୟ ଯୁବତୀଙ୍କୁ ଗଣଦୁଷ୍କର୍ମ ଘଟଣା ରାଜ୍ୟରୁ ଯାଇ ଦିଲ୍ଲୀରେ ପହଞ୍ଚିଲାଣି । ଏହି ଘଟଣାରେ କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଆଜି ମୁହଁ ଖୋଲିଛନ୍ତି। ବୁଧବାର Xରେ ଟ୍ୱିଟ କରି ରାଜ୍ୟ ବିଜେପି ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି । ରାଜ୍ୟରେ ପ୍ରତିଦିନ ମହିଳାଙ୍କ ପ୍ରତି ହିଂସା ବୃଦ୍ଧି ପାଉଛି ବୋଲି ସେ ଅଭିଯୋଗ ଆଣିଛନ୍ତି । ପୋଲିସ ତଥ୍ୟ ଅନୁଯାୟୀ, ଓଡ଼ିଶାର ଏକ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳ ଗୋପାଳପୁର ବେଳାଭୂମିର ଏକ ନିର୍ଜନ ସ୍ଥାନରେ ପ୍ରାୟ ୧୦ ଜଣ ଲୋକ ଜଣେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ କରାଯାଇଛି । ଘରୋଇ କଲେଜରେ ପଢୁଥିବା ଏହି ଛାତ୍ରୀ ଜଣକ ସୋମବାର ଗୋପାଳପୁର ଥାନାରେ ଏ ନେଇ ଏଫଆଇଆର ଦାୟର କରିଥିଲେ । ଅଭିଯୋଗ ଆଧାରରେ ପୋଲିସ ମାମଲା ଦାଏର କରିବା ସହ ଘଟଣାର ଛାନଭିନ କରି ୧୦ ଜଣଙ୍କୁ ଗିରଫ କରିଛି। ଏହି ଘଟଣା ଜାତୀୟ ରାଜନୀତିକୁ ବି ସରଗରମ କରିଛି। କଂଗ୍ରେସ ମହାସଚିବ ତଥା ସାଂସଦ ପ୍ରିୟଙ୍କା ଗାନ୍ଧୀ Xରେ ଏକ ପୋଷ୍ଟ କରି କହିଛନ୍ତି, 'ଓଡ଼ିଶାର ଗୋପାଳପୁରରେ ୧୦ ଜଣ ପୁରୁଷଙ୍କ ଦ୍ୱାରା ଜଣେ ଛାତ୍ରୀଙ୍କ ପ୍ରତି ହୋଇଥିବା ନିର୍ମମତାକୁ ଯେତେ କଠୋର ଶବ୍ଦରେ ନିନ୍ଦା କଲେ ମଧ୍ୟ ତାହା ଯଥେଷ୍ଟ ହେବନି। ଓଡ଼ିଶାରେ ପ୍ରତିଦିନ ମହିଳା ବିରୋଧୀ ହିଂସା ବୃଦ୍ଧି ପାଇବାରେ ଲାଗିଛି । ନିଜେ ମୁଖ୍ୟମନ୍ତ୍ରୀ ସ୍ୱୀକାର କରୁଛନ୍ତି ଯେ ଗତ ପାଞ୍ଚ ବର୍ଷ ମଧ୍ୟରେ ପ୍ରାୟ ୪୪,୦୦୦ ମହିଳା ଏବଂ ଶିଶୁ ନିଖୋଜ ହୋଇଛନ୍ତି । ଏପରି ରାଜ୍ୟରେ ମହିଳାଙ୍କ ସୁରକ୍ଷାକୁ ପ୍ରାଥମିକତା ନ ଦେବା ହିଁ ମହିଳାଙ୍କ ବିରୋଧରେ ଏକ ଅତ୍ୟାଚାର ।'

# ଲଗାଣ ବର୍ଷା: ଦିଲ୍ଲୀ ଟର୍ମିନାଲରେ ପଶିଲା ପାଣି, ୧୨ ବିମାନ ଡାଇଭର୍ଟ



ନୂଆଦିଲ୍ଲୀ, ୧୮।୬ : ଦିଲ୍ଲୀରେ ଲଗାଣ ବର୍ଷା ପରେ ଅନେକ ଅଞ୍ଚଳ ଜଳମଗ୍ନ, ୧୨ଟି ବିମାନ ଡାଇଭର୍ଟ। ମଙ୍ଗଳବାର ଦିନ ଦିଲ୍ଲୀରେ ପ୍ରବଳ ବର୍ଷା ହୋଇଥିଲା, ଯାହା ଫଳରେ ପ୍ରବଳ ଗରମରୁ ଲୋକମାନଙ୍କୁ କିଛିଟା ଆଶ୍ୱସ୍ତି ମିଳିଥିଲା। ବର୍ଷା ଯୋଗୁଁ IGI ବିମାନବନ୍ଦରର ଟର୍ମିନାଲ ୧ରେ ପାଣି ପ୍ରବେଶ କରିଥିଲା, ଯାହା ଫଳରେ ଯାତ୍ରୀ ଏବଂ ବିମାନବନ୍ଦର କର୍ମଚାରୀମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ । ପାଣି ନିଷ୍କାସନ ପାଇଁ ମେଣ୍ଟେନାନ୍ସ ଟିମକୁ ନିୟୋଜିତ କରାଯାଇଥିଲା ।

ପ୍ରତିକୂଳ ପାଗ ଯୋଗୁଁ ଅପରାହ୍ନ ୩ଟାରୁ ୪ଟା ମଧ୍ୟରେ ଦିଲ୍ଲୀ ବିମାନବନ୍ଦରରେ ପ୍ରାୟ ୧୨ଟି ବିମାନର ଗତି ପରିବର୍ତ୍ତନ କରାଯାଇଥିଲା। ପ୍ରବଳ ବର୍ଷା ପରେ, ରାଜଧାନୀ ଦିଲ୍ଲୀରେ ମଧ୍ୟ ସହରର ଅନେକ ଅଞ୍ଚଳରେ ପାଣି ଜମିବା ଏବଂ ଟ୍ରାଫିକ୍ ଜାମ୍ ଦେଖିବାକୁ ମିଳିଥିଲା । ଦିଲ୍ଲୀ କ୍ୟାଣ୍ଟନମେଣ୍ଟ ନିକଟବର୍ତ୍ତୀ ଅଣ୍ଡରପାସ୍, ଜାଖିରା ଅଣ୍ଡରପାସ୍, ପୁଲ୍ ପ୍ରହ୍ଲାଦପୁର, ଆଇଟିଓ, ଦିଲ୍ଲୀ ନଜଫଗଡ଼ ରୋଡ୍ ଏବଂ ଦିଲ୍ଲୀ ରୋହତକ୍ ରୋଡ୍ ସମେତ ଅନେକ ଅଞ୍ଚଳରେ ଆଣ୍ଠୁଏ ଗଭୀର ପାଣି ଜମି ରହିବା ଯୋଗୁଁ ଯାନବାହାନ ଚଳାଚଳ ପ୍ରଭାବିତ ହୋଇଛି।

ଆଜି ସକାଳେ, ଭାରତୀୟ ପାଣିପାଗ ବିଭାଗ ଦିଲ୍ଲୀ ଏବଂ ପଡ଼ୋଶୀ ଅଞ୍ଚଳ ପାଇଁ ରେଡ୍ ଆଲର୍ଟ ଜାରି କରିଥିଲା, ଯେଉଁଥିରେ କୁଆପଥର ମାଡ଼ ସହିତ ଝଡ଼ବର୍ଷା, ମଧ୍ୟମରୁ ପ୍ରବଳ ବର୍ଷା ଏବଂ ପୃଥକ ସ୍ଥାନରେ ୫୦-୭୦ କିଲୋମିଟର ପ୍ରତି ଘଣ୍ଟା ବେଗରେ ପବନ ବହିବାର ପୂର୍ବାନୁମାନ କରାଯାଇଥିଲା । ଆଇଏମଡି ତଥ୍ୟ ଅନୁଯାୟୀ, ବିଭିନ୍ନ ପାଣିପାଗ କେନ୍ଦ୍ରରେ ରେକର୍ଡ କରାଯାଇଥିବା ବର୍ଷା ମଧ୍ୟରେ ସଫଦରଜଙ୍ଗରେ ୧୦ମିମି, ଲୋଧି ରୋଡରେ ୫ ମିମି, ପୁସାରେ ୪୧ମିମି, ନାରାୟଣାରେ ୧୫ ମିମି ଏବଂ ଆୟାନଗରରେ ୨୩ ମିମି ବର୍ଷା ହୋଇଛି । ପାଲମ ଏବଂ ସଫଦରଜଙ୍ଗ ଷ୍ଟେସନରେ ଅପରାହ୍ନ ୨.୩୦ ରୁ ୩ଟା ଏବଂ ସନ୍ଧ୍ୟା ୬.୩୦ ପର୍ଯ୍ୟନ୍ତ ୩୫-୪୦ କିଲୋମିଟର ବେଗରେ ପବନ ବହିଥିଲା। ପାଣିପାଗ ବିଭାଗ ଏକ ୟେଲୋ ଓ୍ୱାର୍ନିଙ୍ଗ ଜାରି କରିଛି, ବୁଧବାର ଦିନ ବିଜୁଳି ସହିତ ଝଡ଼ବର୍ଷା ଏବଂ ହାଲୁକାରୁ ମଧ୍ୟମ ବର୍ଷା ଏବଂ ବିଶେଷକରି ରାତିରେ ୫୦-୬୦ କିଲୋମିଟର ବେଗରେ ପବନ ବହିବା ସହିତ ଘଡ଼ଘଡ଼ି ସହ ଝଡ଼ ହେବାର ପୂର୍ବାନୁମାନ ମଧ୍ୟ କରିଛି । ବଜ୍ରପାତରୁ କ୍ଷତି ଏଡାଇବା ପାଇଁ ଝଡ଼ ସମୟରେ ବୈଦ୍ୟୁତିକ ଉପକରଣଗୁଡ଼ିକର ପ୍ଲଗ୍ କାଢ଼ିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି। ବଜ୍ରପାତ ସମୟରେ ଗଛ ତଳେ ଆଶ୍ରୟ ନେବା ଏବଂ ଖୋଲା ସ୍ଥାନରେ ମୋବାଇଲ୍ ଫୋନ୍ ବ୍ୟବହାର ନ କରିବା ପାଇଁ ମଧ୍ୟ ଲୋକଙ୍କୁ ସତର୍କ କରାଯାଇଛି ।

## ନିର୍ବାଚନ ଆୟୋଗର ନୂଆ ବ୍ୟବସ୍ଥା

# ୧୫ ଦିନରେ ପହଞ୍ଚିଇବ ଭୋଟର୍ ପରିଚୟ ପତ୍ର

ନୂଆଦିଲ୍ଲୀ,୧୮।୬: ନିର୍ବାଚନ ଆୟୋଗ (ଇସି) ବୁଧବାର ଘୋଷଣା କରିଛନ୍ତି ଯେ ଏଣିକି ଭୋଟର ପରିଚୟ ପତ୍ର (ଇପିଆଇସି) ୧୫ ଦିନ ମଧ୍ୟରେ ଭୋଟରଙ୍କୁ ପହଞ୍ଚାଇ ଦିଆଯିବ, ଯାହା ପୂର୍ବରୁ ଲାଗୁଥିବା ସମୟକୁ ପ୍ରାୟ ଅଧା କରିଦେଇଛି। ଅଧିକାରୀମାନେ ଜଣାଇଛନ୍ତି ଯେ ଏହା ପୂର୍ବରୁ ଭୋଟର ଫୋଟୋ ପରିଚୟ ପତ୍ର (ଇପିଆଇସି) ଭୋଟରଙ୍କୁ ପହଞ୍ଚାଇବାକୁ ଏକ ମାସରୁ ଅଧିକ ସମୟ ଲାଗୁଥିଲା। ଇସି କହିଛନ୍ତି ଯେ ଆଗୁଆ ଭୋଟର ନାମ ନାମାଙ୍କନ କିମ୍ବା ପୂର୍ବରୁ ଥିବା ଭୋଟରଙ୍କ ବିବରଣୀରେ ପରିବର୍ତ୍ତନ ପରେ ୧୫ ଦିନ ମଧ୍ୟରେ ଭୋଟର ପରିଚୟ ପତ୍ର ପହଞ୍ଚାଇବାକୁ ଏକ ନୂଆ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜର (ଏସଓପି) ପ୍ରଚଳନ କରାଯାଇଛି।




ଏହି ନୂଆ ବ୍ୟବସ୍ଥା ନିର୍ବାଚନ ନିବନ୍ଧନ ଅଧିକାରୀ (ଇଆରଓ) ଦ୍ୱାରା ଇପିଆଇସି ତିଆରିରୁ ଆରମ୍ଭ କରି ଡାକ ବିଭାଗ (ଡିଓପି) ମାଧ୍ୟମରେ ଭୋଟରଙ୍କୁ ପରିଚୟ ପତ୍ର ପହଞ୍ଚାଇବା ପର୍ଯ୍ୟନ୍ତ ପ୍ରତ୍ୟେକ ପର୍ଯ୍ୟାୟରେ ରିଅଲ-ଟାଇମ ଟ୍ରାକିଂ ସୁନିଶ୍ଚିତ କରିବ ବୋଲି ନିର୍ବାଚନ କର୍ତ୍ତୃପକ୍ଷ କହିଛନ୍ତି। ଭୋଟରମାନେ ପ୍ରତ୍ୟେକ ପର୍ଯ୍ୟାୟରେ ଏସଏମଏସ ମାଧ୍ୟମରେ ସୂଚନା ପାଇବେ, ଯାହା ସେମାନଙ୍କୁ ତାଙ୍କ ଇପିଆଇସିର ସ୍ଥିତି ସମ୍ପର୍କରେ ଅବଗତ ରଖିବ ବୋଲି ଆୟୋଗ ଉଲ୍ଲେଖ କରିଛନ୍ତି। ଏହି ଉଦ୍ଦେଶ୍ୟରେ ନିର୍ବାଚନ ଆୟୋଗ ତାଙ୍କର ନିକଟରେ ଲଞ୍ଚ ହୋଇଥିବା ଇସିଆଇନେଟ ପ୍ଲାଟଫର୍ମରେ ଏକ ନିର୍ଦ୍ଦିଷ୍ଟ ଆଇଟି ମଡ୍ୟୁଲ ପ୍ରଚଳନ କରିଛନ୍ତି। ଏହି ନୂଆ ଆଇଟି ପ୍ଲାଟଫର୍ମ ବର୍ତ୍ତମାନର ବ୍ୟବସ୍ଥାକୁ ପୁନଃଇଞ୍ଜିନିୟରିଂ କରି କାର୍ଯ୍ୟପ୍ରବାହକୁ ସୁଗମ କରି ପୂର୍ବ ପ୍ରକ୍ରିୟାକୁ ବଦଳାଇବ। ଡାକ ବିଭାଗର ଆପ୍ଲିକେସନ ପ୍ରୋଗ୍ରାମ ଇଣ୍ଟରଫେସ (ଏପିଆଇ) ଇସିଆଇନେଟ ସହ ଏକୀକୃତ ହେବ ଯାହା ଦ୍ୱାରା ନିରବଚ୍ଛିନ୍ନ ଡେଲିଭରୀ ସୁନିଶ୍ଚିତ ହେବ ବୋଲି ଇସି କହିଛନ୍ତି। ଏହି ଉଦ୍ୟମ ଡାଟା ସୁରକ୍ଷା ବଜାୟ ରଖି ସେବା ଯୋଗାଣକୁ ଉନ୍ନତ କରିବାକୁ ଲକ୍ଷ୍ୟ ରଖିଛି। ଗତ ଚାରି ମାସ ମଧ୍ୟରେ ଆୟୋଗ ଭୋଟର ଓ ଅନ୍ୟ ଷ୍ଟେକହୋଲ୍ଡରଙ୍କ ସୁବିଧା ପାଇଁ ବିଭିନ୍ନ ଉଦ୍ୟମ ଗ୍ରହଣ କରିଛନ୍ତି।

# ବିନା କେଓ୍ୱାଇସିରେ ମିଳିବନି ନୂଆ ସିମ୍



ନୂଆଦିଲ୍ଲୀ,୧୮।୬: ନିକଟରେ ଭାରତ ସରକାର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଯେଉଁଥିରେ ମୋବାଇଲ ନମ୍ବର ଓ ବିଜନେସ୍ କଲ୍ ପାଇଁ କେଓ୍ୱାଇସି(ନୋ ୟୋର କଷ୍ଟମର) ଫ୍ଲେକ୍ସିବିଲିଟିକୁ ଶେଷ କରିଦିଆଯାଇଥିଲା। ଏବେ ଏହାକୁ ବାଧ୍ୟତାମୂଳକ କରି ଦିଆଯାଇଛି। ଏହି ପଦକ୍ଷେପ ଟେଲିକମ୍ ସେକ୍ଟରର ପାରଦର୍ଶିତା, ସୁରକ୍ଷା ଓ ବେଆଇନ ଗତିବିଧି ଉପରେ ଅଙ୍କୁଶ ଲଗାଇବା ଉଦେଶ୍ୟରେ ଉଠାଯାଇଛି।

ସରକାରଙ୍କ କହିବା ଅନୁସାରେ, ଏବେ ସବୁ ମୋବାଇଲ ନମ୍ବର ପାଇଁ କେଓ୍ୱାଇସି ପ୍ରକ୍ରିୟା ବାଧ୍ୟତାମୂଳ ହେବ। ତାହା ପ୍ରିପେଡ୍ ହେଉ କିମ୍ବା ପୋଷ୍ଟପେଡ୍। ପୂର୍ବରୁ ପ୍ରିପେଡ ୟୁଜରଙ୍କ ପାଇଁ କେଓ୍ୱାଇସି ଫ୍ଲେକ୍ସିବିଲିଟି ଥିଲା, ଯେଉଁଠି ବିନା ପୁରା କେଓ୍ୱାଇସିରେ ମଧ୍ୟ ସିମ୍ କାର୍ଡ ମିଳି ପାରୁଥିଲା, କିନ୍ତୁ ଏବେ ଏହି ବିକଳ୍ପ ଶେଷ ହୋଇଯାଇଛି। ନୂଆ ଗାଇଡଲାଇନ୍ ଅନୁସାରେ, ୟୁର୍ଜସଙ୍କୁ ନିଜର ପରିଚୟ ଓ ଆଡ୍ରେସ୍ ପ୍ରୁଫ୍ ସହ କେଓ୍ୱାଇସି କମ୍ପ୍ଲିଟ୍ କରିବାକୁ ହେବ। ଏହି ପକ୍ରିୟା ଅଫଲାଇନ୍(ଟେଲିକପ୍ ଷ୍ଟୋରରେ) ବା ଅନଲାଇନ୍(ଟେଲିକମ୍ କମ୍ପାନୀର ଓ୍ୱେବ୍‌ସାଇଟ୍ କିମ୍ବା ଆପ୍ ମାଧ୍ୟମରେ) ଉଭୟ ଭାବରେ ପୁରା କରିହେବ। ସରକାରଙ୍କ ଏହି ନିଷ୍ପତ୍ତି ସୁରକ୍ଷା ଓ ପାରଦର୍ଶୀତାକୁ ବଢାଇବା ଉଦେଶ୍ୟରେ ନିଆଯାଇଛି। କେଓ୍ୱାଇସି ଫ୍ଲେକ୍ସିବିଲିଟି ଶେଷ ହେବା ଫଳରେ ବେଆଇନ୍ ଗତିବିଧି ଭଳି ଟେରର ଫଣ୍ଡିଂ, ମନି ଲଣ୍ଡରିଂ ଓ ଫ୍ରଡ୍ ଉପରେ ଅଙ୍କୁଶ ଲଗାଇବ। ଏହାଛଡା ଏହା ସୁନିଶ୍ଚିତ ହେବ ଯେ, ସବୁ ମୋବାଇଲ ନମ୍ବର ରେଜିଷ୍ଟର୍ଡ ୟୁଜର୍ସ ସମ୍ପର୍କିତ ରହିଛି, ଯାହାଫଳରେ ଏମର୍ଜେନ୍ସି ସର୍ଭିସ ଓ ସରକାରୀ ସ୍କିମ୍ ପର୍ଯ୍ୟନ୍ତ ପହଁଞ୍ଚାଇବା ସହଜ ହୋଇପାରେ। ନୂଆ ପଲିସିର ସବୁଠାରୁ ବଡ଼ ପ୍ରଭାବ ପ୍ରିପେଡ୍ ୟୁଜରଙ୍କ ଉପରେ ପଡିବ, ଯାହାକି ଏବେ ବିନା କେଓ୍ୱାଇସିର ସିମ୍ କାର୍ଡ ପାଇପାରିନି। ଏହି ପ୍ରୋସେସ୍ ଅଳ୍ପ କମ୍ ସୁବିଧାଜନକ, କିନ୍ତୁ ଦୀର୍ଘ ସମୟ ଧରି ଏହା ସୁରକ୍ଷା ଓ ବିଶ୍ୱାସ ବଢାଇବ। ପୋଷ୍ଟପେଡ୍ ୟୁଜର୍ସ, ଯେଉଁମାନେ ପୂର୍ବରୁ କେଓ୍ୱାଇସି ସମ୍ପୂର୍ଣ୍ଣ କରାଇସାରିଛନ୍ତି, ତାଙ୍କ ଉପରେ ଏହାର ପ୍ରଭାବ କମ୍ ହେବ। ତେବେ ତାଙ୍କୁ ବି ସମୟ ସମୟରେ କେଓ୍ୱାଇସି ଅପଡେଟ୍ କରିବାକୁ ହେବ।

କେଓ୍ୱାଇସି ପକ୍ରିୟା ପୁରା କରିବା ପାଇଁ ୟୁଜର୍ସଙ୍କୁ ନିମ୍ନଲିଖିତ ଦସ୍ତାବିଜ ଜମା କରିବାକୁ ହବ। ପରିଚୟ ପତ୍ର ଯେପରିକି ଆଧାର କାର୍ଡ, ପାନ୍ କାର୍ଡ ଓ ଭୋଟର ଆଇଡି, ଆଡ୍ରେସ୍ ପ୍ରୁଫ୍ (ୟୁଟିଲିଟି ବିଲ୍, ରାସନ୍ କାର୍ଡ, ପାସପୋର୍ଟ)। ଏହା ସହ ପାସପୋର୍ଟ ସାଇଜ୍ ଫଟୋ ଏହି ଦସ୍ତାବିଜ ଟେଲିକମ୍ ଷ୍ଟୋରରେ ଜମା କରିହେବ। କିଛି କମ୍ପାନୀ ଏବେ ବାୟୋମେଟ୍ରିକ୍ ଭେରିଫିକେସନ୍ ମଧ୍ୟ ଦାବି କରୁଛନ୍ତି, ଯାହାକି ସୁରକ୍ଷାକୁ ବଢାଇଛି।

# ଏୟାରଷ୍ଟ୍ରାଇକରେ ଇରାନର ୫୮୫, ଇସ୍ରାଏଲର ୨୪ ମୃତ



ନୂଆଦିଲ୍ଲୀ,୧୮।୬: ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଚରମରେ ପହଞ୍ଚିଛି କାରଣ ଇରାନ ଓ ଇସ୍ରାଏଲ ମଧ୍ୟରେ ଚାଲିଥିବା ବିମାନ ଆକ୍ରମଣ ଓ କ୍ଷେପଣାସ୍ତ୍ର ହମଲାରେ ଉଭୟ ଦେଶରେ ବହୁ ସଂଖ୍ୟାରେ ଲୋକଙ୍କର ମୃତ୍ୟୁ ଘଟିଛି। ସାମ୍ପ୍ରତିକ ରିପୋର୍ଟ ଅନୁଯାୟୀ, ଇସ୍ରାଏଲର ଆକ୍ରମଣରେ ଇରାନରେ ଅତି କମରେ ୫୮୫ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଇରାନର ପାଲଟା ଆକ୍ରମଣରେ ଇସ୍ରାଏଲରେ ୨୪ ଜଣଙ୍କର ମୃତ୍ୟୁ ଘଟିଛି। ଏହା ସହିତ ଇରାନ ଇସ୍ରାଏଲ ଉପରେ ୪୦୦ରୁ ଅଧିକ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ପ୍ରେରଣ କରିଥିବା ଜଣାପଡ଼ିଛି, ଯାହା ମଧ୍ୟରୁ ଅଳ୍ପ କିଛି କ୍ଷେପଣାସ୍ତ୍ର ଇସ୍ରାଏଲର ତେଲ ଆଭିଭ୍ ଭଳି ସହରଗୁଡ଼ିକରେ ଆଘାତ କରିଛି।

ଶୁକ୍ରବାର ଠାରୁ ଆରମ୍ଭ ହୋଇଥିବା ଏହି ସଂଘର୍ଷ ପଞ୍ଚମ ଦିନରେ ପହଞ୍ଚିଛି। ଇସ୍ରାଏଲ ଇରାନର ପରମାଣୁ ଗବେଷଣା କେନ୍ଦ୍ର, ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଭଣ୍ଡାର ଏବଂ ସାମରିକ ଅବସ୍ଥାନକୁ ଟାର୍ଗେଟ କରି ବିମାନ ଆକ୍ରମଣ ଜାରି ରଖିଛି। ଇସ୍ରାଏଲର ଦାବି ଅନୁଯାୟୀ, ଏହାର ଲକ୍ଷ୍ୟ ହେଉଛି ଇରାନର ପରମାଣୁ ଓ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମକୁ ନଷ୍ଟ କରିବା, ଯାହାକୁ ସେ ନିଜ ପାଇଁ "ଅସ୍ତିତ୍ୱ ପାଇଁ ବିପଦ" ବୋଲି ବିବେଚନା କରୁଛି। ଅନ୍ୟପଟେ, ଇରାନର ଇସ୍ଲାମିକ୍ ରେଭୋଲ୍ୟୁସନାରୀ ଗାର୍ଡ (ଆଇଆରଜିସି) ଇସ୍ରାଏଲ ଉପରେ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଓ ଡ୍ରୋନ ଆକ୍ରମଣ ଜାରି ରଖିଛି। ଇରାନ ଦାବି କରିଛି ଯେ ସେମାନେ ଇସ୍ରାଏଲର ସାମରିକ ଗୁପ୍ତଚର ନିର୍ଦ୍ଦେଶାଳୟ ଏବଂ ମୋସାଦର ଅପରେସନାଲ ସେଣ୍ଟରକୁ ଟାର୍ଗେଟ କରିଛନ୍ତି। ଇରାନୀ ସୂତ୍ର ଅନୁଯାୟୀ, ଇସ୍ରାଏଲର ଆକ୍ରମଣରେ ଅତି କମରେ ୫୮୫ ଜଣଙ୍କର ମୃତ୍ୟୁ ହୋଇଛି, ଯେଉଁଥିରୁ ଅଧିକାଂଶ ସାଧାରଣ ନାଗରିକ। ଏହା ସହିତ ୧୪୦୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ତେହେରାନରେ ସାଧାରଣ ନାଗରିକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଉଛି ଏବଂ ସହରରେ ଭୟର ବାତାବରଣ ଦେଖାଦେଇଛି। ଅନ୍ୟପଟେ, ଇସ୍ରାଏଲରେ ଇରାନର କ୍ଷେପଣାସ୍ତ୍ର ଆକ୍ରମଣରେ ୨୪ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୬୦୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ତେଲ ଆଭିଭ୍, ହାଇଫା ଓ ପେଟାଚ ଟିକଭା ଭଳି ସହରଗୁଡ଼ିକରେ କ୍ଷେପଣାସ୍ତ୍ର ଆଘାତ ହାନିଛି, ଯେଉଁଥିରେ ଆବାସିକ ଅଞ୍ଚଳ ଓ ତୈଳ ଶୋଧନାଗାର ମଧ୍ୟ ରହିଛି। ଇରାନ ଗତ କିଛି ଦିନ ମଧ୍ୟରେ ଇସ୍ରାଏଲ ଉପରେ ୪୦୦ରୁ ଅଧିକ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଓ ଶହଶହ ଡ୍ରୋନ ମାଡ଼ କରିଛି। ଇସ୍ରାଏଲର ଅତ୍ୟାଧୁନିକ ଆଇରନ ଡୋମ ପ୍ରତିରକ୍ଷା ବ୍ୟବସ୍ଥା ଅଧିକାଂଶ କ୍ଷେପଣାସ୍ତ୍ରକୁ ଅଟକାଇ ଦେଇଛି, କିନ୍ତୁ ପ୍ରାୟ ୩୫ଟି କ୍ଷେପଣାସ୍ତ୍ର ଏହାକୁ ଭେଦ କରି ଆଘାତ ହାନିଛି। ଇସ୍ରାଏଲର ସରକାରୀ ସୂତ୍ର ଅନୁଯାୟୀ, ଦେଶରେ ମୃତ୍ୟୁ ସଂଖ୍ୟା ୨୪ ରହିଥିବା ବେଳେ ୧୦ ଜଣ ଗୁରୁତର ଆହତ ହୋଇଛନ୍ତି।

ଏହି ସଂଘର୍ଷକୁ ନେଇ ଅନ୍ତର୍ଜାତୀୟ ସମୁଦାୟରେ ଉଦବେଗ ଦେଖାଦେଇଛି। ଯୁକ୍ତରାଷ୍ଟ୍ର ଆମେରିକା ଇସ୍ରାଏଲକୁ ସମର୍ଥନ ଜାରି ରଖିଛି ଏବଂ ମଧ୍ୟପ୍ରାଚ୍ୟରେ ଅତିରିକ୍ତ ଯୁଦ୍ଧବିମାନ ଓ ସାମରିକ ଅସ୍ତ୍ରଶସ୍ତ୍ର ମୁତୟନ କରିଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନକୁ "ନିଃସର୍ତ୍ତ ଆତ୍ମସମର୍ପଣ" ପାଇଁ ଆହ୍ୱାନ ଦେଇଛନ୍ତି, ଯାହା ଉତ୍ତେଜନାକୁ ଆହୁରି ବଢ଼ାଇଛି। ଅନ୍ୟପଟେ, ଇରାନର ତୈଳ ଶୋଧନାଗାର ଓ ଅର୍ଥନୈତିକ ଅବସ୍ଥାନଗୁଡ଼ିକୁ ଇସ୍ରାଏଲର ଆକ୍ରମଣ ଯୋଗୁଁ ବିଶ୍ୱ ବଜାରରେ ତୈଳ ସଙ୍କଟ ଦେଖାଦେବାର ଆଶଙ୍କା ରହିଛି। ଇରାନ ଓ ଇସ୍ରାଏଲ ମଧ୍ୟରେ ଏହି ସଂଘର୍ଷର ଅନ୍ତ ଦେଖାଯାଉ ନାହିଁ। ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ କହିଛନ୍ତି ଯେ ଇରାନର ପରମାଣୁ ଓ କ୍ଷେପଣାସ୍ତ୍ର ସାମର୍ଥ୍ୟ ସଂପୂର୍ଣ୍ଣ ନଷ୍ଟ ନହେବା ପର୍ଯ୍ୟନ୍ତ ଆକ୍ରମଣ ଜାରି ରହିବ। ଅନ୍ୟପଟେ, ଇରାନ କୂଟନୀତିକୁ ପ୍ରାଧାନ୍ୟ ଦେବାକୁ ଚାହୁଁଥିବା କହିଲେ ମଧ୍ୟ ଆଗ୍ରହଣ ବିରୁଦ୍ଧରେ ଲଢ଼ିବାକୁ ପ୍ରସ୍ତୁତ ଥିବା ଘୋଷଣା କରିଛି। ଏହି ସଂଘର୍ଷ ଆଞ୍ଚଳିକ ସ୍ଥିତିକୁ ଆହୁରି ଜଟିଳ କରିପାରେ ଏବଂ ବିଶ୍ୱ ଅର୍ଥନୀତି ଉପରେ ଏହାର ଗଭୀର ପ୍ରଭାବ ପଡ଼ିପାରେ।

# ଏବେ ୫ ନୁହେଁ, ୪ ଦିନିଆ ହେବ ଟେଷ୍ଟ ମ୍ୟାଚ୍

## ଟିମ୍ ଇଣ୍ଡିଆ ଉପରେ ଲାଗୁ ହେବନି ଆଇସିସିର ନିୟମ




ନୂଆଦିଲ୍ଲୀ, ୧୮।୬: ଆକର୍ଷଣୀୟ ହେବ କ୍ରିକେଟର ସବୁଠୁ ଲମ୍ବା ଫର୍ମାଟ୍ ଟେଷ୍ଟ ମ୍ୟାଚ୍। ଏ ନେଇ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଛି ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ(ଆଇସିସି)। ଆଇସିସି ୨୦୨୭-୨୯ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ବା ଡବ୍ଲ୍ୟୁଟିସିରେ କ୍ରିକେଟ ଖେଳୁଥିବା ଛୋଟ ଦେଶଗୁଡ଼ିକ ପାଇଁ ୪ ଦିନିଆ ଟେଷ୍ଟ ମ୍ୟାଚ ଅନୁମୋଦନ କରିବାକୁ ପ୍ରସ୍ତୁତ ହେଉଛି। ଏହି ପରିବର୍ତ୍ତନ ଦ୍ୱାରା ଛୋଟ କ୍ରିକେଟ ରାଷ୍ଟ୍ରଗୁଡ଼ିକ ଅଧିକ ଟେଷ୍ଟ ଓ ଦୀର୍ଘ ସିରିଜ ଖେଳିପାରିବେ। କିନ୍ତୁ ଏଥିରେ ତିନି ଦେଶକୁ ମିଳିବ କୋହଳ। ଭାରତ, ଅଷ୍ଟ୍ରେଲିଆ ଏବଂ ଇଂଲଣ୍ଡ ତାଲିକାରେ ନାହାଁନ୍ତି। ଏମାନେ ଯେମିତି ୫ ଦିନିଆ ଟେଷ୍ଟ ମ୍ୟାଚ ଖେଳୁଛନ୍ତି ସେପରି ଖେଳିବେ।

୨୦୨୭-୨୯ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ(ଡବ୍ଲ୍ୟୁଟିସି)ରେ ଦେଖିବାକୁ ମିଳିବ ଟେଷ୍ଟ କ୍ରିକେଟର ନୂଆ ରୂପ। ପାଞ୍ଚ ଦିନ ବଦଳରେ ଖେଳାଯିବ ଚାରି ଦିନିଆ ଟେଷ୍ଟ ମ୍ୟାଚ୍। ଏହା ସହିତ ଦିନର ଓଭର ସଂଖ୍ୟା ବଢ଼ାଯିବ। ଏଥିରେ ଛୋଟ ଛୋଟ ଦେଶକୁ ଅଧିକ ଟେଷ୍ଟ ଏବଂ ଲମ୍ବା ସିରିଜ୍ ଖେଳିବାରେ ବେଶ ସହାୟକ ହେବ। ଗତ ସପ୍ତାହରେ ଲର୍ଡ୍ସରେ ଡବ୍ଲ୍ୟୁଟିସି ଫାଇନାଲ୍ ସମୟରେ ହୋଇଥିବା ବୈଠକରେ ଆଇସିସି ଅଧ୍ୟକ୍ଷ ଜୟ ଶାହ ୨୦୨୭-୨୯ ଡବ୍ଲ୍ୟୁଟିସର ପାଇଁ ୪ଦିନିଆ ଟେଷ୍ଟ ମ୍ୟାଚ୍ ପାଇଁ ନିଜର ସମର୍ଥନ ବ୍ୟକ୍ତ କରିଥିଲେ। ଏହି ନିୟମ ପରେ ବି ଇଂଲଣ୍ଡ, ଅଷ୍ଟ୍ରେଲିଆ ଓ ଭାରତକୁ ଆସେସ, ବର୍ଡର-ଗାଭାସ୍କର ଟ୍ରଫି ଓ ଆଣ୍ଡରସନ-ତେନ୍ଦୁଲକର ଟ୍ରଫି ପାଇଁ ୫ ଦିନିଆ ଟେଷ୍ଟ ସିରିଜ୍ ଖେଳିବାର ଅନୁମତି ରହିବ। ଅନେକ ଛୋଟ ଦେଶ ସମୟ ଏବଂ ଅଧିକ ଖର୍ଚ୍ଚ କାରଣରୁ ଟେଷ୍ଟ ମ୍ୟାଚର ଆୟୋଜନ ପାଇଁ ଆଗ୍ରହ ପ୍ରକାଶ କରୁ ନାହାନ୍ତି। ଚାରି ଦିନିଆ ଟେଷ୍ଟ ମ୍ୟାଚ୍ ଆରମ୍ଭ ହେଲେ ତିନି ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ତିନି ସପ୍ତାହ ଭିତରେ ଖେଳା ଯାଇପାରିବ। ଏହା ସହିତ ଚାରି ଦିନିଆ ଟେଷ୍ଟ କ୍ରିକେଟରେ ପ୍ରତିଦିନ ୯୦ ଓଭର ପରିବର୍ତ୍ତେ ୯୮ ଓଭର ଖେଳାଯିବ। ଏମିତି ହେଲେ ଛୋଟ ଛୋଟ ଦେଶ ଯେପରି ବାଂଲାଦେଶ, ଆଫଗାନିସ୍ତାନ, ଶ୍ରୀଲଙ୍କା, ଜିମ୍ବାୱେ ପରି ଦେଶକୁ ଟେଷ୍ଟ ସିରିଜ୍ ଆୟୋଜନରେ ନୂଆ ଫର୍ମାଟ୍ ବେଶ ସହାୟକ ହେବ। ଆଇସିସି ପ୍ରଥମ ଥର ୨୦୧୭ରେ ଦ୍ୱିପାକ୍ଷିକ ମୁକାବିଲା ପାଇଁ ୪ ଦିନିଆ ଟେଷ୍ଟ ସିରିଜକୁ ମଞ୍ଜୁରୀ ଦେଇଥିଲା। ହେଲେ ଏହାକୁ ବ୍ୟାପକ ଭାବେ ଲାଗୁ କରାଯାଇ ନ ଥିଲା। ୨୦୧୯ରେ ଇଂଲଣ୍ଡ ଓ ଆୟରଲାଣ୍ଡ ମଧ୍ୟରେ ଖେଳା ଯାଇଥିବା ପ୍ରଥମ ୪ ଦିନିଆ ଟେଷ୍ଟ ମ୍ୟାଚ୍।

## ମୁଁ ଟେଷ୍ଟ ଅଧିନାୟକତ୍ୱକୁ ମନା କରିଥିଲି: ବୁମ୍ରା




ଲଣ୍ଡନ, ୧୮।୬: ଶୁବମନ ଗିଲ୍‌ଙ୍କ ପୂର୍ବରୁ ବିସିସିଆଇ ଚାହୁଁଥିଲା ଅଗ୍ରଣୀ ପେସ୍ ବୋଲର୍ ଯଶପ୍ରୀତ୍ ବୁମ୍ରା ଟେଷ୍ଟ ଦଳର ନିୟମିତ ଅଧିନାୟକ ହୁଅନ୍ତୁ। କିନ୍ତୁ ବୁମ୍ରା ଏହି ପ୍ରସ୍ତାବକୁ ନିଜ ଆଡ଼ୁ ପ୍ରତ୍ୟାଖ୍ୟାନ କରି ଦେଇଥିଲେ। ଫିଟ୍‌ନେସ୍ ଉପରେ ଗୁରୁତ୍ୱ ଦେବା ଓ ପ୍ରଦର୍ଶନରେ ସ୍ଥିରତା ଆଣିବା ଲକ୍ଷ୍ୟରେ ସେ ଏଭଳି ପ୍ରତ୍ୟାଖ୍ୟାନ କରିଥିବା ସ୍ୱୀକାର କରିଛନ୍ତି। ପୂର୍ବତନ କ୍ରିକେଟର୍ ଦିନେଶ କାର୍ତ୍ତିକଙ୍କ ସହ ଏକ ଆଲୋଚନା ବେଳେ ବୁମରା କହିଥିଲେ, ଟେଷ୍ଟ ଅଧିନାୟକତ୍ୱ ପ୍ରସ୍ତାବକୁ ମନା କରିବା କଠୋର ନିଷ୍ପତ୍ତି ଥିଲା। ବିସିସିଆଇ ଚୟନକର୍ତ୍ତାଙ୍କ ସହ ଆଲୋଚନା ପରେ ଏହା ସ୍ପଷ୍ଟ ହୋଇଯାଇଥିଲା। ମୋ ପାଇଁ କାର୍ଯ୍ୟଭାର ପରିଚାଳନା ପ୍ରାଥମିକତା ଥିଲା। ମୁଁ କେବେ ଦଳ ପାଇଁ ସବୁ ମ୍ୟାଚ୍ ଖେଳିପାରିବି ନାହିଁ, ଯାହାକି ଦଳ ପ୍ରତି ଅନ୍ୟାୟ ହେବ। ବିରାଟ ଓ ରୋହିତ ଅବସର ନେବା ପୂର୍ବରୁ ମୁଁ ଏକଥା ଆଇପିଏଲ୍ ସମୟରେ ବିସିସିଆଇକୁ କହି ଦେଇଥିଲି। ଭବିଷ୍ୟତ ଯୋଜନା ସହିତ ମୋ କାର୍ଯ୍ୟଭାର ପରିଚାଳନା ବି ଗୁରୁତ୍ୱପୂର୍ଣ୍ଣ। ନିକଟ ଅତୀତରେ ବୁମ୍ରା ଏକାଧିକ ଥର ଆହତ କାରଣରୁ ଦଳଠାରୁ ଦୂରେଇ ରହିଥିଲେ। ବର୍ଡର-ଗାଭାସ୍କର ଟ୍ରଫିର ଶେଷ ମ୍ୟାଚ୍‌ରେ ନେତୃତ୍ୱ ନେଉଥିଲେ ମଧ ମ୍ୟାଚ୍ ଅଧାରୁ ପଡ଼ିଆ ବାହାରକୁ ଚାଲି ଆସିଥିଲେ। ଗତ ଚାମ୍ପିଅନ୍ସ ଟ୍ରଫିରେ ବି ସେ ଖେଳିପାରି ନଥିଲେ। 'ବିସିସିଆଇ ମୋତେ ନେତୃତ୍ୱ ଭୂମିକା ଦେବାକୁ ଚାହୁଁଥିଲା, ମୁଁ ମନା କରି ଦେଲି। କିଛି ମ୍ୟାଚ୍ ଖେଳି ଦଳ ଛାଡ଼ି ପଳାଇବା ଠିକ୍ କଥା ନୁହେଁ। କାରଣ ମୁଁ ଦଳକୁ ପ୍ରଥମେ ରଖିଥାଏ' ବୋଲି ସେ କହିଥିଲେ। ଦଳ ପ୍ରତି ବୁମ୍ରାଙ୍କ ପ୍ରତିବଦ୍ଧତା ଏହାଦ୍ୱାରା ପ୍ରମାଣିତ ହୋଇଛି। ମୁଁ ବି ଶୁଣିଛି, ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ୍‌ରୁ ତିନିଟି ଟେଷ୍ଟ ଖେଳିବି। ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର ଏହି କଥା ଘୋଷଣା କରିସାରିଛନ୍ତି। ମଝିରେ ମଝିରେ ବିଶ୍ରାମ ନେଇ ଖେଳିବା ଯୋଜନା ହୋଇଛି। ଅନ୍ୟ ଏକ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ବୁମ୍ରା ପ୍ରଥମ, ଦ୍ୱିତୀୟ ଓ ଚତୁର୍ଥ ଟେଷ୍ଟ ଖେଳିବେ। ୩୧ ବର୍ଷୀୟ ବୁମ୍ରା କିନ୍ତୁ ଗତ ଅଷ୍ଟ୍ରେଲିଆ ଗସ୍ତରେ ଭାରତର ଅଗ୍ରଣୀ ୱିକେଟ୍ (୩୨) ହାସଲକାରୀ ଥିଲେ। କିନ୍ତୁ ଇଂଲଣ୍ଡ ଗସ୍ତରେ ଯଦି କୌଣସି ମ୍ୟାଚ୍ ନିଶ୍ଚିତ ବିଜୟ ସ୍ଥିତି ସୃଷ୍ଟି କରେ ତେବେ ବୁମରାଙ୍କ ୩ ମ୍ୟାଚ୍ ଯୋଜନାକୁ ବି ପରିବର୍ତ୍ତନ କରାଯାଇପାରେ ବୋଲି ବିଶ୍ୱାସ କରାଯାଉଛି। ଏଭଳି ଆଶା ବି ରଖିଛନ୍ତି ଦିନେଶ କାର୍ତ୍ତିକ ଓ ମାଇକ୍ ଆଥରଟନ୍। ସୂଚନାଯୋଗ୍ୟ, ବୁମ୍ରାଙ୍କ ଇଂଲଣ୍ଡ ରେକର୍ଡ ଭଲ ରହିଛି। ସେଠାରେ ବୁମ୍ରା ୯ ଟେଷ୍ଟ ଖେଳି ୨୬.୨୭ ହାରାହାରିରେ ୩୭ ୱିକେଟ୍ ଅକ୍ତିଆର କରିଛନ୍ତି।



## ଜାତୀୟ ହାମର ବଲ୍‌ରେ ଓଡ଼ିଶାକୁ ସ୍ୱର୍ଣ୍ଣ ଓ ରୌପ୍ୟ

ଭୁବନେଶ୍ୱର, ୧୮।୬: ହିମାଚଳପ୍ରଦେଶରେ ଆୟୋଜିତ ଜାତୀୟ ହାମର ବଲ୍ ପ୍ରତିଯୋଗିତାରେ ଓଡ଼ିଶା ପୁରୁଷ ଲଗାତାର ଦ୍ୱିତୀୟ ଥର ଲାଗି ବିଜେତା ହେବାର ଗୌରବ ଅର୍ଜନ। ଚଳିତ ବର୍ଷ ଫାଇନାଲ୍‌ରେ ଛତିଶଗଡ଼କୁ ହରାଇ ଓଡ଼ିଶା ଏହି ସଫଳତା ପାଇଥିଲା। ଏହା ପୂର୍ବରୁ ସେମିଫାଇନାଲ୍‌ରେ ଉତ୍ତରପ୍ରଦେଶକୁ ହରାଇଥିଲା। ଲିଗ୍ ପର୍ଯ୍ୟାୟରେ ୪ରୁ ୪ ଜିତି ସେମିଫାଇନାଲ୍‌ରେ ପହଞ୍ଚିଥିଲା ଓଡ଼ିଶା। ଓଡ଼ିଶା ମହିଳା ଦଳ ଫାଇନାଲ୍‌ରେ ରାଜସ୍ଥାନଠୁ ହାରି ଉପବିଜେତା ହୋଇଥିଲା। ଦଳ ସହ ଓଡ଼ିଶା ହାମର ବଲ୍ ସଂଘର ଉପସଭାପତି ସୋମନାଥ ପଟ୍ଟନାୟକ ହିମାଚଳପ୍ରଦେଶ ଗସ୍ତ କରିଥିଲେ। ଦଳର ସଫଳତା ଲାଗି ଭାରତୀୟ ହାମର ବଲ୍ ସଂଗଠନର ବରିଷ୍ଠ ଉପସଭାପତି ରିଣ୍ଟୁ ମିତ୍ର, ରାଜ୍ୟ ସଭାପତି ପ୍ରଶାନ୍ତ ଦ୍ୱିବେଦୀ, ସଂପାଦିକା ରାଗିଣୀ ମିତ୍ର ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଗମ୍ଭୀରଙ୍କୁ କାର୍ତ୍ତିକଙ୍କ କ୍ରୋଧ ନିୟନ୍ତ୍ରଣ ପରାମର୍ଶ



ନୂଆଦିଲ୍ଲୀ, ୧୮।୬: ଭାରତୀୟ କ୍ରିକେଟ୍ ଦଳର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀରଙ୍କ କ୍ରିକେଟ୍‌କୁ ବୁଝିବା ଜ୍ଞାନ ଏବଂ ଏଥିନେଇ ଅସରଦାର ରଣନୀତି ପ୍ରସ୍ତୁତ କରିବା ଦକ୍ଷତାକୁ ପୂର୍ବତନ ଭାରତୀୟ ୱିକେଟ୍ ରକ୍ଷକ ଦୀନେଶ କାର୍ତ୍ତିକ ପ୍ରଶଂସା କରିଛନ୍ତି। ହେଲେ ଗମ୍ଭୀରଙ୍କ ଆକ୍ରମଣାତ୍ମକ ଆଭିମୁଖ୍ୟ ଏବଂ ଖେଳାଳି ପରିଚାଳନା ଶୈଳୀକୁ ନେଇ ସଂଶୟ ଥିବା ଖୋଲାଖୋଲି ଭାବେ କହିଛନ୍ତି। ସେହିଭଳି ନି ଜ ସ୍ୱଭାବରେ କିଛିଟା ପରିବର୍ତ୍ତନ କରିବାକୁ ଗମ୍ଭୀରଙ୍କୁ ପରୋକ୍ଷରେ ଆହ୍ୱାନ କରିଛନ୍ତି। ଏକ ସାକ୍ଷାତକାର ଅବସରରେ କାର୍ତ୍ତିକ କହିଛନ୍ତି, ରଣନୈତିକ ଦୃଷ୍ଟିରୁ ଗୌତି ଜଣେ ବହୁତ ଭଲ ପ୍ରଶିକ୍ଷକ। ଖେଳାଳି ପରିଚାଳନା ଏମିତି ଏକ ଦିଗ ଯେଉଁଥିରେ ସେ ନିଶ୍ଚିତ ଭାବେ ଆହୁରି ଉନ୍ନତି ଆଣିବାକୁ ଚାହୁଁଥିବେ ବୋଲି ମୁଁ ଭାବୁଛି। ଗୋଟିଏ କଥା କିନ୍ତୁ ମାନିବାକୁ ପଡ଼ିବ ଯେ ଗୌତି ସବୁବେଳେ ଖେଳାଳିଙ୍କ ହିତକୁ ଅଗ୍ରାଧିକାର ଦେଇଥା'ନ୍ତି। ତେବେ ଖେଳାଳି ଭାବେ ସେ ଯେଉଁ ଅଭିମୁଖ୍ୟ ପ୍ରଦର୍ଶନ କରୁଥିଲେ ପ୍ରଶିକ୍ଷକ ଭାବେ ଏଥିରେ ସାମାନ୍ୟ ପରିବର୍ତ୍ତନ ଆଣିବାର ଆବଶ୍ୟକତା ରହିଛି। ଅର୍ଥାତ୍ ଗୌତିଙ୍କୁ ଅଧିକ ଦାୟିତ୍ୱବାନ ହୋଇ ସମୟର ଆବଶ୍ୟକତା ଅନୁସାରେ ନିଜକୁ ବଦଳାଇବାକୁ ପଡ଼ିବ। ଏହା ଅନ୍ତତଃ ଭାରତୀୟ କ୍ରିକେଟ୍ ପାଇଁ ଭଲ ଫଳ ଆଣିବ।

### ବିସିସିଆଇକୁ ବମ୍ବେ ହାଇକୋର୍ଟଙ୍କ ଝଟକା

# ଆଇପିଏଲ ଦଳ କୋଚି ଟସ୍କର୍ସକୁ ୫୩୮ କୋଟି ଦେବାକୁ ନିର୍ଦ୍ଦେଶ




ନୂଆଦିଲ୍ଲୀ,୧୮।୬: ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ପାଇଁ ଏକ ବଡ଼ ଝଟକା ଭାବେ ବମ୍ବେ ହାଇକୋର୍ଟ ନିଷ୍କ୍ରିୟ ଆଇପିଏଲ ଦଳ କୋଚି ଟସ୍କର୍ସ କେରଳକୁ ୫୩୮ କୋଟି ଟଙ୍କାର ବିପୁଳ ଅର୍ଥ ପରିଶୋଧ କରିବାକୁ ନିର୍ଦ୍ଦେଶ ଦେଇଛି। ବୁଧବାର ବମ୍ବେ ହାଇକୋର୍ଟ ପୂର୍ବତନ ଆଇପିଏଲ ଦଳଙ୍କ ପକ୍ଷରେ ରାୟ ଦେଇ ଭାରତୀୟ କ୍ରିକେଟ ବୋର୍ଡକୁ ୨୦୧୫ ମସିହାରେ ଆର୍ବିଟ୍ରେସନ ଟ୍ରିବ୍ୟୁନାଲ ଦ୍ୱାରା ପ୍ରଦତ୍ତ ଅର୍ଥ ପରିଶୋଧ କରିବାକୁ କହିଛି। ଏହି ନିଷ୍ପତ୍ତି ବିସିସିଆଇ ଦ୍ୱାରା ଚୁକ୍ତି ଉଲ୍ଲଂଘନର ଅଭିଯୋଗ ଆଣି କୋଚି ଟସ୍କର୍ସ ଦଳର ଚୁକ୍ତି ରଦ୍ଦ କରିବାର ଏକ ଦଶନ୍ଧିରୁ ଅଧିକ ସମୟ ପରେ ଆସିଛି। ମଙ୍ଗଳବାର ଜଷ୍ଟିସ ଆରଆଇ ଚଗଲା ବିସିସିଆଇର ଆର୍ବିଟ୍ରାଲ ଆୱାର୍ଡକୁ ଚ୍ୟାଲେଞ୍ଜ କରୁଥିବା ଆବେଦନକୁ ଖାରଜ କରିଦେଇଥିଲେ, ଏବଂ ଆର୍ବିଟ୍ରେସନ ଓ ସମାଧାନ ଆଇନର ଧାରା ୩୪ ଅନୁଯାୟୀ ବିଚାରବିଭାଗୀୟ ହସ୍ତକ୍ଷେପର ସୀମିତ ପରିସରକୁ ପୁନଃ ନିଶ୍ଚିତ କରିଥିଲେ। ଏକକ ବିଚାରପତି ବେଞ୍ଚ ରାୟ ଦେଇଛନ୍ତି ଯେ କୋର୍ଟ ଆର୍ବିଟ୍ରେଟରଙ୍କ ନିଷ୍କର୍ଷ ଉପରେ ଆପିଲେଟ ବଡ଼ି ଭାବେ କାର୍ଯ୍ୟ କରିପାରିବ ନାହିଁ। କୋଚି ଟସ୍କର୍ସ କେରଳ ଆଇପିଏଲ ଫ୍ରାଞ୍ଚାଇଜି, ଯାହା ପ୍ରାରମ୍ଭରେ ରେଣ୍ଡେଭୁସ ସ୍ପୋର୍ଟସ ଓ୍ୱାର୍ଲ୍ଡ (ଆରଏସଡବ୍ଲ୍ୟୁ) ନେତୃତ୍ୱାଧୀନ ଏକ କନସୋର୍ଟିୟମକୁ ପ୍ରଦାନ କରାଯାଇଥିଲା, ପରେ କୋଚି କ୍ରିକେଟ ପ୍ରାଇଭେଟ ଲିମିଟେଡ (କେସିପିଏଲ) ଦ୍ୱାରା ପରିଚାଳିତ ହୋଇଥିଲା। ଏହି ଦଳ ୨୦୧୧ ମସିହାରେ ଆଇପିଏଲ ଲିଗରେ ଅଂଶଗ୍ରହଣ କରିଥିଲା, କିନ୍ତୁ ପରେ, ୨୦୧୧ ସେପ୍ଟେମ୍ବରରେ ଭାରତୀୟ କ୍ରିକେଟ ବୋର୍ଡ ଦଳର ମାଲିକମାନଙ୍କ ମଧ୍ୟରେ ଆଭ୍ୟନ୍ତରୀଣ ସଂଘର୍ଷ ଯୋଗୁଁ ୧୦ ପ୍ରତିଶତ ବ୍ୟାଙ୍କ ଗ୍ୟାରେଣ୍ଟି ପ୍ରଦାନ କରିବାରେ ବିଫଳତା ଅଭିଯୋଗରେ ଚୁକ୍ତି ରଦ୍ଦ କରିଦେଇଥିଲା। କେସିପିଏଲ କିନ୍ତୁ ଏହି ଅଭିଯୋଗକୁ ଖଣ୍ଡନ କରି କହିଥିଲେ ଯେ ଗ୍ୟାରେଣ୍ଟି ପ୍ରଦାନ ନକରିବା ପଛରେ ଆଭ୍ୟନ୍ତରୀଣ ସଂଘର୍ଷ ନୁହେଁ, ବରଂ ଷ୍ଟାଡିୟମ ସମସ୍ୟା ଏବଂ ଆଇପିଏଲ ମ୍ୟାଚ ସଂଖ୍ୟା ହ୍ରାସ ଭଳି ଅମୀମାଂସିତ ବିଷୟଗୁଡ଼ିକ ଥିଲା। ବିସିସିଆଇ, ଏହି ସମସ୍ୟା ସତ୍ତ୍ୱେ, ଦଳ ସହିତ ବହୁବାର ପେମେଣ୍ଟ ଗ୍ରହଣ କରି ଜଡ଼ିତ ରହିଥିଲା, କିନ୍ତୁ ପରେ ଚୁକ୍ତି ରଦ୍ଦ କରିଦେଇଥିଲା। ଏକ ବର୍ଷ ପରେ ୨୦୧୨ରେ, କେସିପିଏଲ ଓ ଆରଏସଡବ୍ଲ୍ୟୁ ଆର୍ବିଟ୍ରେସନ ପ୍ରକ୍ରିୟା ଆରମ୍ଭ କରିଥିଲେ ଏବଂ ୨୦୧୫ରେ ଟ୍ରିବ୍ୟୁନାଲ ତାଙ୍କ ପକ୍ଷରେ ରାୟ ଦେଇଥିଲା, ଯାହା ଏକ ବଡ଼ ଆଶ୍ୱାସନା ଭାବେ ଆସିଥିଲା। ଟ୍ରିବ୍ୟୁନାଲ କେସିପିଏଲକୁ ଲାଭର କ୍ଷତି ପାଇଁ ୩୮୪ କୋଟି ଟଙ୍କା ଏବଂ ଆରଏସଡବ୍ଲ୍ୟୁକୁ ବ୍ୟାଙ୍କ ଗ୍ୟାରେଣ୍ଟିର ଅନୁଚିତ ଏନକ୍ୟାଶମେଣ୍ଟ ପାଇଁ ୧୫୩ କୋଟି ଟଙ୍କା ପ୍ରଦାନ କରିଥିଲା। ମୋଟ ରାଶି ୫୩୮ କୋଟି ଟଙ୍କାରୁ ଅଧିକ ହୋଇଥିଲା, ସମସ୍ତ ସମ୍ପର୍କିତ ଖର୍ଚ୍ଚ ସହିତ। ବିସିସିଆଇ ପରେ ଏହାକୁ ଚ୍ୟାଲେଞ୍ଜ କରିଥିଲା, ଯୁକ୍ତି ଦେଇଥିଲା ଯେ ଆର୍ବିଟ୍ରେଟର ଅଧିକାର କ୍ଷେତ୍ର ଅତିକ୍ରମ କରିଛନ୍ତି ଏବଂ ଆଇନଗତ ନୀତିର ଅପବ୍ୟବହାର କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପାଣିରୁ...

ମୃତ୍ୟୁ ସଂଖ୍ୟା ୨୧ ଟପିଥିବା ଅଭିଯୋଗ ହେଉଛି। ତେଣେ ସ୍ୱାସ୍ଥ୍ୟ, ପଞ୍ଚାୟତିରାଜ ଓ ନଗର ଉନ୍ନୟନ ବିଭାଗ ସହ ବୈଠକ କରି ପ୍ରଭାବିତ ଅଂଚଳରେ ବିଶୁଦ୍ଧ ପାଣି ଯୋଗାଣ ଉପରେ ଜୋର୍ ଦେଇଛି ସେଣ୍ଟ୍ରାଲ୍ ଟିମ୍। ତାସହ ସଂକ୍ରମଣ ଚେନକୁ ଭାଙ୍ଗିବା ଉଚିତ ବୋଲି କହିଛନ୍ତି କେନ୍ଦ୍ରୀୟ ଟିମ୍। ଆଗାମୀ ଦିନରେ ପ୍ରଭାବିତ ହୋଇଥିବା ଥିବା ଜିଲ୍ଲାଗୁଡ଼ିକରେ ମଧ୍ୟ ସ୍କୁଲ ଖୋଲିବା ଘୁଞ୍ଚି ପାରେ। କଲେରା ବ୍ୟାକ୍ଟେରିଆ ଝାଡ଼ା ବାଟେ ପାଣିକୁ ଆସିଥାଏ ଓ ପାଣିରୁ ଖାଦ୍ୟକୁ ଯାଇ ବ୍ୟାପିଥାଏ। ତେଣୁ ଝାଡ଼ା ଯିବା ପରେ ଭଲ ଭାବେ ହାତ ଧୋଇବା ଉଚିତ୍। ଏ ଦିଗରେ ଅଧିକ ସଚେତନତା ସୃଷ୍ଟି କରିବାକୁ କୁହାଯାଇଛି। ଏପଟେ ଯଦିଓ ରୋଗୀ ସଂଖ୍ୟା କମୁଛି ହେଲେ ଡାଇରିଆରେ ଲାଗୁନି ବ୍ରେକ୍। କେବଳ ଯାଜପୁର ଜିଲ୍ଲାରେ ୪୯ ସାମ୍ପଲରୁ ଆଉ ୧୬ ଭିବ୍ରିଓ କଲେରା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଦୁଇଟି ପର୍ଯ୍ୟାୟରେ ଯାଇଥିବା ସାମ୍ପଲରୁ ଏସବୁ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଜଳ ନମୁନା ନୁହେଁ, କେବଳ ମଳ ନମୁନାରୁ ମିଳିଛି ଭିବ୍ରିଓ କଲେରା। ଏପଟେ କଟକ ମହାନଗର ନିଗମ ପକ୍ଷରୁ ଶଙ୍କରପୁର ଦାସସାହି ଓ ଉପରସାହିସ୍ଥିତ ପାଣି କମ୍ପାନୀ ଉପରେ ଆଜି ରେଡ୍ କରାଯାଇଥିଲା। ପାଣିକୁ ବିଶୁଦ୍ଧ ନକରି ବିକ୍ରି କରୁଥିବା ଅଭିଯୋଗରେ ୨ଟି ଯାକ ପାଣି କଂପାନୀ ସିଲ୍ କରାଯାଇଛି। ସେପଟେ ଢେଙ୍କାନାଳରେ ରଙ୍ଗ ମିଶା ନିମ୍ନମାନର ଖାଦ୍ୟ ବିକ୍ରି ଅଭିଯୋଗ ପରେ ବିଭିନ୍ନ ସ୍ଥାନରେ ସ୍ୱାସ୍ଥ୍ୟ ବିଭାଗ ଓ ମ୍ୟୁନିସିପାଲିଟି ପକ୍ଷରୁ ଚଢ଼ାଉ ହୋଇଥିଲା।

### ମଧ୍ୟାହ୍ନଭୋଜନ...

ଗାଇଡଲାଇନ ଦିଆଯିବ। ସ୍ୱଚ୍ଛତା ସହ ମଧ୍ୟାହ୍ନଭୋଜନ ପ୍ରସ୍ତୁତି ପାଇଁ ସ୍କୁଲଗୁଡିକୁ ନିର୍ଦ୍ଦେଶ ଦିଆଯାଇଛି। ରୋଷେଇ ସାମଗ୍ରୀ ଓ ରୋଷେଇ ଘର ପରିଷ୍କାର ରଖିବ ଉପରେ ଧ୍ୟନ ଦେବାକୁ ମଧ୍ୟ ନିର୍ଦ୍ଦେଶ ରହିଛି। ସେହିପରି ଏସ୍ଏମ୍‌ସି, ପ୍ରଧାନଶିକ୍ଷକ, ବିଇଓ, ଡିଇଓ, ସିଆର୍‌ସିସି ଖାଦ୍ୟର ମାନ ଯାଞ୍ଚ କରିବେ। ଯେପରି ସ୍ୱଚ୍ଛ ପରିବେଶରେ ଖାଦ୍ୟ ଦିଆଯିବ, ସେମାନେ ତାହା ସୁନିଶ୍ଚିତ କରିବେ। ଏଥିସହ ଏ ସଂକ୍ରାନ୍ତରେ ସରକାରଙ୍କ ପରବର୍ତ୍ତୀ ନିର୍ଦ୍ଦେଶନାମାକୁ ଅପେକ୍ଷା କରାଯାଇଛି ବୋଲି ପିଏମ୍ ପୋଷଣର ରାଜ୍ୟ ନୋଡାଲ ଅଫିସର ଭବାନୀ ପ୍ରସାଦ ମିଶ୍ର।

ସ୍କୁଲ ଖୋଲିବା ପୂର୍ବରୁ ମଧ୍ୟାହ୍ନଭୋଜନକୁ ନେଇ ସତର୍କ ହୋଇଛି ରାଜ୍ୟ ପିଏମ୍ ପୋଷଣ ୟୁନିଟ୍। ଶିଶୁବାଟିକାରୁ ଦଶମ ଶ୍ରେଣୀ ଯାଏ ପିଲାଙ୍କୁ ମଧ୍ୟାହ୍ନ ଭୋଜନ ଦିଆଯିବ। ଏଣିକି ନିୟମିତ ଭାବେ ଅଭିଭାବକମାନେ ମଧ୍ୟାହ୍ନଭୋଜନ ଖାଇ ମାନ ପରଖିବେ। ଯେପରି ପିଲାଙ୍କ ମଧ୍ୟାହ୍ନଭୋଜନର ଗୁଣବତ୍ତାରେ ହ୍ରାସ ନ ହୁଏ, ସେଥିଲାଗି ଧ୍ୟାନ ଦିଆଯିବ। ଏଥିସହ ରୋଷେଇ ସାମଗ୍ରୀର ଏକ୍ସପାରୀ ତାରିଖଠୁ ଆରମ୍ଭ କରି ଏହାର ମାନକୁ ମଧ୍ୟ ଯାଞ୍ଚ କରିବେ ପ୍ରଧାନଶିକ୍ଷକ। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଚିଠି କରାଯାଇଛି। ସ୍କୁଲ ଖୋଲିବାର ପ୍ରଥମ ଦିନରେ ଯେପରି କୌଣସି ଛାତ୍ରଛାତ୍ରୀ ମଧ୍ୟାହ୍ନଭୋଜନରୁ ବଞ୍ଚିତ ନ ହୁଅନ୍ତି, ସେଥିଲାଗି ଧ୍ୟାନ ଦେବାକୁ ତାଗିଦ୍ କରାଯାଇଛି। ରୋଷେଇ ପୂର୍ବରୁ ସହାୟିକା, ପାଚିକାଙ୍କୁ ରନ୍ଧନ ସାମଗ୍ରୀ ହସ୍ତାନ୍ତର କରାଯିବ। ଏହା ପୂର୍ବରୁ ସମସ୍ତ ସାମଗ୍ରୀର ଯାଞ୍ଚ କରାଯିବ।

### ଟଳିଲେ...

୨୦୦୪-୦୫ରେ ଆନ୍ଧ୍ର ପ୍ରଦେଶର ମୁଖ୍ୟମନ୍ତ୍ରୀ ଭାବେ ୱାଇଏସ୍ ଚନ୍ଦ୍ରଶେଖର ରାଓ କାର୍ଯ୍ୟ କରୁଥିବା ସମୟରେ ଉଦୟ ଲାଲ୍ ଗଡ଼ରେ ବେଶ୍ ପରିଚିତି ହାସଲ କରିଥିଲା। ସେତେବେଳେ ଆନ୍ଧ୍ର ସରକାରଙ୍କ ସହ ମାଓବାଦୀଙ୍କ ଶାନ୍ତି ଆଲୋଚନା ହୋଇଥିବା ବେଳେ ଏଥିରେ ସାମିଲ୍ ହୋଇଥିବା ପିଡବ୍ଲ୍ୟୁଜି ମାଓବାଦୀ ସଂଗଠନରେ ସେ ମଧ୍ୟ ସାମିଲ୍ ଥିଲା। ପାଖାପାଖି ୪ ଦଶନ୍ଧି ଧରି ଲାଲ୍‌ଗଡ଼ରେ ସକ୍ରିୟ ରହିବା ପରେ ଆଲୁରି ଜିଲ୍ଲାରେ ତା'ର ଜୀବନ ନାଟିକା ଶେଷ ହୋଇଛି। ସେହିପରି ଅରୁଣା ନିକଟରେ ଦଣ୍ଡକାରଣ୍ୟରେ ସୁରକ୍ଷାବଳ ଗୁଳିରେ ନିହତ ହୋଇଥିବା ପ୍ରତାପ ରେଡ୍ଡୀ ରାମଚନ୍ଦ୍ର ରେଡ୍ଡୀ ଓରଫ୍ ଚଲପତିର ପତ୍ନୀ ଥିଲା।

### ବବି-ଅରୁଣଙ୍କୁ...

ଅବଶ୍ୟ ସେ କେଉଁମାନଙ୍କୁ ସଙ୍କେତ ଦେଉଛନ୍ତି କାହାକୁ ଅଛପା ନାହିଁ। କାରଣ ଗତ ୨୪ ବର୍ଷର ବିଜେଡି ସରକାରରେ କେଉଁମାନେ ଲାଭବାନ ହୋଇଛନ୍ତି ଆଉ ପ୍ରବଳ ରୋଜଗାର କରିଛନ୍ତି, ଏକଥା ଦଳର ନେତା ଓ କର୍ମୀଙ୍କ ସମେତ ରାଜ୍ୟବାସୀଙ୍କୁ ଅଛପା ନାହିଁ।

ତେଣୁ ବିଜେଡି ସରକାରରେ ଥିବା ବେଳେ ଯେଉଁମାନେ ନବୀନଙ୍କୁ ଆୟୁଧ କରି ରାଜନୈତିକ ଓ ଅର୍ଥନୈତିକ କ୍ଷେତ୍ରରେ ଲାଭବାନ ହୋଇଛନ୍ତି ଓ ପ୍ରବଳ ରୋଜଗାର କରିଛନ୍ତି, ସେମାନେ ଦଳର ଆଗରେ ରହି ନେତୃତ୍ୱ ନେବା ଛାଡନ୍ତୁ। କାରଣ ସେମାନଙ୍କ ପ୍ରତି କର୍ମୀ ଓ ରାଜ୍ୟବାସୀଙ୍କ ମଧ୍ୟରେ ବିତୃଷ୍ଣା ଆସିଗଲାଣି। ବରଂ ଏଇ କିଛି ହାତଗଣତି ନେତାଙ୍କ ପାଇଁ ବହୁ ବରିଷ୍ଠ ଓ ଅନୁଭବୀ ନେତା କୋଣଠେସା ହୋଇଛନ୍ତି। ଏଇ ନେତାମାନେ ନିଜର ପ୍ରଭାବ ବଢ଼ାଇବାକୁ କିଛି ନେତାଙ୍କୁ ଜାଣିଶୁଣି ଦଳରୁ ବାହାରିଯିବାକୁ ବାଧ୍ୟ କରିଛନ୍ତି। ସେଇ ନେତାମାନଙ୍କ ବିରୋଧରେ ଦଳରେ ଅସନ୍ତୋଷର ନିଆଁ କୁହୁଳୁଛି। ନବୀନଙ୍କ ନିର୍ଦ୍ଦେଶକୁ ସମ୍ମାନ ଦେଇ କେହି ମୁହଁ ଖୋଲୁନାହାଁନ୍ତି।

ସେପଟେ ବିଜେଡି ପାଇଁ ନିଷ୍ଠାର ସହ ବର୍ଷ ବର୍ଷ ଧରି କାମ କରୁଥିବା ଓ ଲହୁ ଲୁହ ଗଡ଼ଉଥିବା ଯୁବ, ଛାତ୍ର ଓ ବରିଷ୍ଠ ନେତା ଓ କର୍ମୀ ଏବେ ବି ଦଳରେ ଅଣଦେଖା ହେଉଛନ୍ତି। ସେମାନଙ୍କୁ ଆଗକୁ ବଢ଼ିବାକୁ ସୁଯୋଗ ଦିଆଯାଉନି। ଦଳ କ୍ଷମତାରେ ଥିବା ବେଳେ ଯେଉଁମାନେ କ୍ରିମ ଖାଉଥିଲେ, ଏବେ ସେମାନେ ସେଇ କ୍ରିମକୁ ଜାବୁଡ଼ି ଧରିଛନ୍ତି। ୨୦୨୯ରେ ନବୀନଙ୍କୁ ପୁଣି ଥରେ କ୍ଷମତାକୁ ଫେରିବାକୁ ନିଷ୍ଠାବାନ କର୍ମୀ ଓ ନେତାଙ୍କୁ ନେତୃତ୍ୱ ନେବାର ସୁଯୋଗ ଦିଆଯାଉ ବୋଲି ସୌଭିକ କହିଥିଲେ। ସୌଭିକଙ୍କ ଏଭଳି ବିବୃତି ଦଳ ଭିତରେ ହଇଚଇ ସୃଷ୍ଟି କରିଛି।

### ସର୍ବବ୍ୟାପୀ...

ବୁଝାମଣାପତ୍ର ସୁନିଶ୍ଚିତ କରିବ ଓ ଏକ ସମାବେଶୀ ଭାରତ ଗଠନ ଦିଗରେ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଶ୍ରୀ ପ୍ରଧାନ ଆଶା କରିଛନ୍ତି। ସେ ଆହୁରି କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦିବ୍ୟାଙ୍ଗଜନ ଶବ୍ଦ ବ୍ୟବହାର କରି ସମାଜରେ ଏହି ବର୍ଗ ପ୍ରତି ସମ୍ମାନ ଓ ସମ୍ବେଦନଶୀଳତା ବିଷୟରେ ଯାହା କହିଥିଲେ, ତାହା ଆମ ପାଇଁ ପ୍ରେରଣାର ଉତ୍ସ ହୋଇଛି। ଆଜି ସମାଜରେ ଭିନ୍ନକ୍ଷମ ବିଷୟରେ ଅଧିକ ସମ୍ବେଦନଶୀଳତା ଓ ବୁଝାମଣା ବୃଦ୍ଧି କରିବାର ଆବଶ୍ୟକତା ରହିଛି। ଦିବ୍ୟାଙ୍ଗ ପିଲାଙ୍କୁ ଏକ ସମ୍ମାନଜନକ ଜୀବନ ଦେବା ଓ ସେମାନଙ୍କ ଆବଶ୍ୟକତାକୁ ଧ୍ୟାନରେ ରଖି ଶିକ୍ଷା ପାଇଁ ପ୍ରଭାବଶାଳୀ ବିକଳ୍ପ ପ୍ରସ୍ତୁତ କରିବା ମଧ୍ୟ ଆମର ଦାୟିତ୍ୱ। ଏହି ଦାୟିତ୍ୱକୁ ଏକ ଗଣଆନ୍ଦୋଳନରେ ପରିଣତ କରିବା ଶିକ୍ଷା ମନ୍ତ୍ରଣାଳୟ ଓ ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରଣାଳୟର ଦାୟିତ୍ୱ। ଏନସିଇଆରଟି ଓ ଜାତୀୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନକୁ ଟେକ୍ନୋଲୋଜି ଏବଂ ସମାଜର ସହଭାଗୀତା ସଙ୍ଗେ ସଙ୍ଗେ ଦିବ୍ୟାଙ୍ଗଜନ ସହ ଜଡ଼ିତ ନୀତିଗୁଡ଼ିକର ଡି-କୋଡ଼ିଫାଏ ଓ ବିସ୍ତାର ପାଇଁ ପ୍ରଚେଷ୍ଟା କରିବା ଜରୁରୀ। ଦିବ୍ୟାଙ୍ଗମାନଙ୍କ ପାଇଁ ସମାନତା, ସୁଗମତା ଓ ସମ୍ବେଦନଶୀଳତା ଭଳି ପ୍ରସଙ୍ଗରେ ସମାଜରେ ଦାୟିତ୍ୱବୋଧ ବୃଦ୍ଧି କରିବା ଆବଶ୍ୟକ। ଏଥିପାଇଁ ଆଗାମୀ ଦିନରେ ଶିକ୍ଷା ମନ୍ତ୍ରଣାଳୟ ଏବଂ ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରଣାଳୟ ମିଳିତ ଭାବେ ଜାତୀୟ ଭିନ୍ନକ୍ଷମ ବ୍ୟକ୍ତି ଅଧିକାର ଆଇନ-୨୦୧୬ ଓ ଏନ୍ଇପିର ଆଲୋକରେ କ୍ରିୟାନ୍ୱୟନ ଉପରେ ଏକ ଜାତୀୟ ସ୍ତରର ବିତର୍କ କରିବା ଉଚିତ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି।

### ଏଣିକି...

ଏହି ପାସ୍ ବିଶେଷ ଭାବରେ କେବଳ ଅଣବାଣିଜ୍ୟିକ ବ୍ୟକ୍ତିଗତ ଯାନ (କାର, ଜିପ୍, ଭ୍ୟାନ ଇତ୍ୟାଦି) ପାଇଁ କରାଯାଇଛି। ଏହା ସାରା ଦେଶରେ ଜାତୀୟ ରାଜପଥରେ ଯାନବାହନ ପାଇଁ ପ୍ରଯୁଜ୍ୟ ହେବ ଓ ଏଥିରେ ବାଣିଜ୍ୟିକ ଯାନ ଅନ୍ତର୍ଭୁକ୍ତ ନୁହେଁ ବୋଲି ମନ୍ତ୍ରୀ ସ୍ପଷ୍ଟ କରିଦେଇଛନ୍ତି। ଏନେଇ କେନ୍ଦ୍ର ମନ୍ତ୍ରୀ ଶ୍ରୀ ଗଡ଼କରୀ କହିଛନ୍ତି ଯେ ଏହି ପାସ ପାଇଁ ଏନ୍ଏଚ୍ଏଆଇ ଓ ଏମ୍ଓଆର୍‌ଟିଏଚ୍‌ର ୱେବସାଇଟ ଏବଂ 'ହାଇୱେ ଟ୍ରାଭେଲ ଆପ'ରେ ଏକ ଲିଙ୍କ ଖୁବଶୀଘ୍ର ଉପଲବ୍ଧ କରାଯିବ। ଏହା ପାସର ସକ୍ରିୟକରଣ ଓ ନବୀକରଣକୁ ସରଳ ଏବଂ ସୁବିଧାଜନକ କରିବ। ନୂତନ ବାର୍ଷିକ ପାସ ନୀତିର ଲକ୍ଷ୍ୟ ହେଉଛି ୬୦ କିମି ବ୍ୟାସାର୍ଦ୍ଧ ମଧ୍ୟରେ ଥିବା ଟୋଲ ପ୍ଲାଜା ସହ ଜଡିତ ପୁରୁଣା ସମସ୍ୟାର ସମାଧାନ। ଏହାର ପ୍ରମୁଖ ଫାଇଦା ହେଉଛି ଏକକ ଡିଜିଟାଲ କାରବାର ମାଧ୍ୟମରେ ଟୋଲ ପେମେଣ୍ଟକୁ ସହଜ କରିବା, ଟୋଲ ପ୍ଲାଜାରେ ଅପେକ୍ଷା ସମୟ ହ୍ରାସ କରିବା, ଭିଡ଼ ହ୍ରାସ କରିବା ଓ କୌଣସି ପ୍ରକାର ବିବାଦ ଦୂର କରିବା। ଏହି ଘୋଷଣା ଲକ୍ଷ ଲକ୍ଷ ଘରୋଇ ଚାଳକଙ୍କୁ ବଡ଼ ଆଶ୍ୱସ୍ତି ଦେବ ବୋଲି ଆଶା କରାଯାଉଛି। କାରଣ ଏହା ସେମାନଙ୍କର ଯାତ୍ରାକୁ ଦ୍ରୁତ କରିବା ସହ ଅଧିକ ଆରାମଦାୟକ ଓ ଚାପମୁକ୍ତ କରିବ।

### ଝଡ଼...

ତନାଘନା ସହ ଆହୁରି ରାଜନୈତିକ ଓ ଅଣରାନୈତିକ ଖବର ରହିଥିଲା। କିନ୍ତୁ ସବୁ ଖବର ସଞ୍ଚରେ ଧିରେ ଧିରେ ଲୋକଙ୍କ ନିକଟରେ ପହଞ୍ଚୁଥିବା ବେଳେ ହଠାତ୍ ନବୀନଙ୍କ ଟୁଇଟ୍ ସବୁକିଛି ଓଲଟପାଲଟ କରିଦେଲା।

ନବୀନଙ୍କ ଟୁଇଟ୍ ପରେ ସୋସିଆଲ ମିଡିଆଠାରୁ ଆରମ୍ଭ କରି ଟିଭି ମିଡିଆ ସମସ୍ତଙ୍କ କାର୍ଯ୍ୟକ୍ରମ ବଦଳିଗଲା। ଅନ୍ୟ ଖବରକୁ ବାଦ୍ ଦେଇ ନବୀନଙ୍କ ଟୁଇଟ୍ ଓ ଅନ୍ୟମାନଙ୍କ ସମବେଦନାର ଖବରକୁ ପ୍ରାଥମିକତା ଦିଆଗଲା। ପ୍ରାଇମ ଟାଇମର ଏକ ନମ୍ବର ଖବର ହୋଇଗଲା ନବୀନଙ୍କ ସ୍ୱାସ୍ଥ୍ୟ ସମାଚାର। ଫଳରେ ଦିନଯାକର ସବୁ ବଡ଼ ବଡ଼ ଖବର ହଠାତ୍ ଗୌଣ ଖବର ପାଲଟିଗଲା। ଏହା ପରେ ପରେ ବିଜେଡି ଜାରି କଲା ନବୀନଙ୍କ ଅନୁପସ୍ଥିତିରେ ଦଳ କିଭଳି ଚାଲିବ। ନବୀନ ମୁମ୍ବାଇରେ ଥିବା ବେଳେ ଦଳର ରାଜନୈତିକ ରାଜନୈତିକ ବ୍ୟାପାର କମିଟି (ପିଏସି) ବୁଝିବ ଓ ବରିଷ୍ଠ ବିଜେଡି ସଦସ୍ୟ ଦେବୀ ପ୍ରସାଦ ମିଶ୍ର ସବୁ ସାମ୍ମୁଖ୍ୟ ମଧ୍ୟରେ ସମନ୍ୱୟ ରଖିବେ। ଏଭଳି ସୂଚନା ମିଳିବା ପରେ କେତେକ ଟେଲିଭିଜନ ଚ୍ୟାନେଲ ଏହାକୁ ନେଇ ନିଜ ନିଜ ଢଙ୍ଗରେ ଆଲୋଚନା କଲେ। ହେଲେ ଆଲୋଚନାର କେନ୍ଦ୍ରବିନ୍ଦୁ ଥିଲେ ନବୀନ।

ମୁଖ୍ୟମନ୍ତ୍ରୀ ପଦବୀରେ ଥିବା ସମୟରେ ହେଉ କିମ୍ବା ପରେ, ନବୀନଙ୍କ ସ୍ୱାସ୍ଥ୍ୟକୁ ନେଇ ମଝିରେ ମଝିରେ କିଛି ଖବର ଉଡେ। ତେବେ ବିଜେଡି କିମ୍ବା ନବୀନଙ୍କ ପକ୍ଷରୁ ଏ ନେଇ କେବେ କୌଣସି ନିର୍ଦ୍ଦିଷ୍ଟ ସୂଚନା ଦିଆଯାଏନାହିଁ। ଏଥର କିନ୍ତୁ ଖୋଦ୍ ନବୀନ ନିଜର ସ୍ୱାସ୍ଥ୍ୟ ଓ ଚିକିତ୍ସାକୁ ନେଇ ସୂଚନା ଦେବା ପରେ ଏହା ଗଣମାଧ୍ୟମର ଶିରୋନାମା ସହ ସାଧାରଣରେ ଆଲୋଚନାର ବିଷୟବସ୍ତୁ ହୋଇଛି। ଯାହା ଲକ୍ଷ୍ୟ କରାଯାଉଛି ନବୀନ ମୁମ୍ବାଇରୁ ଚିକିତ୍ସା ହୋଇ ଫେରିବା ପର୍ଯ୍ୟନ୍ତ ଖବରଟି ରାଜ୍ୟରେ ଏକ ନମ୍ବର ହୋଇ ରହିବ ଏବଂ ଆଲୋଚନାର ପ୍ରମୁଖ ପ୍ରସଙ୍ଗ ପାଲଟିବ।

### ୨୦ରେ...

କରିଥିବା ନବୀନ ବିଗତ ଦିନରେ ସ୍ୱାସ୍ଥ୍ୟଗତ ସମସ୍ୟା ନେଇ ନିୟମିତ ଭାବେ ଚର୍ଚ୍ଚାର ପରିସରରେ ରହିଆସୁଥିଲେ। କିନ୍ତୁ ସେ ସବୁବେଳେ ନିଜକୁ ସୁସ୍ଥ ବୋଲି ଦାବି କରିଆସିଥିଲେ। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଅସୁସ୍ଥ ଥିବା ବେଳେ ଆସନ୍ତା ୨୨ ତାରିଖରେ ମୁମ୍ବାଇ ଗସ୍ତ କରି ସେଠାରେ ଚିକିତ୍ସା କରାଇବେ ବୋଲି ଆଜି ସୂଚନା ଦେଇଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ପ୍ରତିକ୍ରିୟା ଦେଇଛନ୍ତି। ସେ 'ଏକ୍ସ'ରେ ଏକ ପୋଷ୍ଟ ମାଧ୍ୟମରେ ଶ୍ରୀ ପଟ୍ଟନାୟକଙ୍କ ଅସୁସ୍ଥତା ଖବର ଶୁଣି ଚିନ୍ତା ପ୍ରକଟ କରିଛନ୍ତି। ତେବେ ମୁମ୍ବାଇରେ ଶ୍ରୀ ପଟ୍ଟନାୟକ ଚିକିତ୍ସିତ ହେବା ପରେ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ରାଜ୍ୟକୁ ଫେରିବେ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିବା ସହ ତାଙ୍କର ସୁସ୍ଥତା କାମନା କରିଛନ୍ତି। ଶ୍ରୀ ପଟ୍ଟନାୟକଙ୍କ ଚିକିତ୍ସା ସୁରୁଖୁରୁରେ ହେଉ ଓ ସେ ସୁସ୍ଥ ହୋଇ ରାଜ୍ୟକୁ ସଅଳ ଫେରିଆସନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।

### ବିକଶିତ...

ମୟୂରଭଞ୍ଜରୁ ୭ ଜଣ ଆଦିବାସୀ ସମ୍ପ୍ରଦାୟର ବିଧାୟକ ମଧ୍ୟ ଆଜି ବିଧାନସଭାରେ ପ୍ରତିନିଧିତ୍ୱ କରୁଛନ୍ତି। ଏହା ନିଶ୍ଚିତ ଭାବେ ଗୌରବର ବିଷୟ। ମୟୂରଭଞ୍ଜ ମାଟିର ଜଣେ ସାଧାରଣ ପରିବାରର ଝିଅ ବହୁ ବାଧାବିଘ୍ନ ସତ୍ତ୍ୱେ ଆଜି ଦେଶର ପ୍ରଥମ ନାଗରିକ ରାଷ୍ଟ୍ରପତି ପଦ ଅଳଂକୃତ କରିଛନ୍ତି। କେବଳ ମୟୂରଭଞ୍ଜ ନୁହେଁ, ସାରା ଦେଶର ଜନଜାତି ଝିଅ, ପ୍ରତ୍ୟେକ ମହିଳାଙ୍କ ପାଇଁ ପ୍ରେରଣାର ଉତ୍ସ। ଭାରତୀୟ ସଂସ୍କୃତି ଓ ପରମ୍ପରା ଜନଜାତିଙ୍କ ବିନା କଳ୍ପନା ଅସମ୍ଭବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ କେନ୍ଦ୍ର ସରକାରଙ୍କ ସହ ଓଡ଼ିଶା ସରକାର ବି ଜନଜାତି କଲ୍ୟାଣ ପାଇଁ ପ୍ରତିବଦ୍ଧ। ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଅଧୀନରେ ରାଜ୍ୟର ଜନଜାତି ସମୁଦାୟର ଜୀବିକା ବିକାଶକୁ ପ୍ରୋତ୍ସାହିତ କରାଯାଉଛି। କୃଷି, ଜଳସେଚନ ଓ ପଶୁପାଳନ ମାଧ୍ୟମରେ ପ୍ରାୟ ଦେଢ଼ ଲକ୍ଷ ଜନଜାତି ପରିବାରର ଜୀବିକା ଓ ଆର୍ଥିକ ସ୍ଥିତିରେ ଉନ୍ନତି ଆସିଛି। ୫ ହଜାର ଆଦିବାସୀ ଯୁବକଯୁବତୀ ପ୍ରତ୍ୟେକେ ୧ ଲକ୍ଷ ଟଙ୍କାର ସହଯୋଗ ରାଶି ପାଇ ଲଘୁ ଉଦ୍ୟୋଗ ଆରମ୍ଭ କରିପାରିଛନ୍ତି। ଛାତ୍ରଛାତ୍ରୀଙ୍କ ଆବାସିକ ଶିକ୍ଷାକୁ ସହଜ କରିବା ପାଇଁ ୨୦୨୪ ଆର୍ଥିକ ବର୍ଷରେ ୮୩ଟି ନୂତନ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଛାତ୍ରାବାସ, ୨୩ଟି ଅନ୍ୟାନ୍ୟ ପଛୁଆବର୍ଗ ଛାତ୍ରାବାସ ଓ ୨୨୯ଟି ପ୍ରାଥମିକ ବିଦ୍ୟାଳୟ ଛାତ୍ରାବାସ ପାଇଁ ମୋଟ ୭୩୨.୪୮ କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି। ଶିକ୍ଷାକୁ ସୁଦୂରପ୍ରସାରୀ କରିବା ନିମନ୍ତେ ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ସ୍ତରରେ ଶହୀଦ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା ଆରମ୍ଭ ହୋଇଛି। ଆବାସିକ ବିଦ୍ୟାଳୟକୁ ଅତ୍ୟାଧୁନିକ ଶିକ୍ଷାନୁଷ୍ଠାନରେ ପରିଣତ କରିବା ଲକ୍ଷ୍ୟରେ ଶହୀଦ ଲକ୍ଷ୍ମଣ ନାୟକ ଆଦର୍ଶ ଆଶ୍ରମ ବିଦ୍ୟାଳୟ ଯୋଜନା ନିମନ୍ତେ ୧୦୦ କୋଟି ଟଙ୍କା ବ୍ୟୟବରାଦ ହୋଇଛି। 'ବିକଶିତ ଓଡ଼ିଶା, ବିକଶିତ ଭାରତ'ର ସାରଥୀ କରିବା ଉଦ୍ଦେଶ୍ୟରେ ରାଜ୍ୟରେ ପିଏମ୍-ଜନମନ ଯୋଜନାର ପ୍ରଚାରପ୍ରସାର କରାଯାଉଛି। ଏହି ଅଭିଯାନ ରାଜ୍ୟର ୧୪ଟି ଜିଲ୍ଲାର ୧୬୭୯ଟି ଗ୍ରାମରେ ବସବାସ କରୁଥିବା ୨.୯୪ ଲକ୍ଷ ବିଶେଷ ଅନୁନ୍ନତ ଜନଜାତି ସମୁଦାୟ (ପିଭିଟିଜି) ନିକଟରେ ପହଞ୍ଚିବ। ରାଜ୍ୟ ସରକାର ଆଦିବାସୀ ସଂସ୍କୃତି ଓ ଐତିହ୍ୟ ଭବନ ଓ ଆଦିବାସୀ ଭାଷା ପ୍ରତିଷ୍ଠାନ ନିମନ୍ତେ ଯଥାକ୍ରମେ ୧୦୦ କୋଟି ଓ ୫୦ କୋଟି ଟଙ୍କା ବିଶିଷ୍ଟ ପ୍ରକଳ୍ପର ଶିଳାନ୍ୟାସ କରିସାରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ରାଜ୍ୟର ସାମଗ୍ରିକ ବିକାଶ ପାଇଁ ଆମ ସରକାର ଏକ ରଣକୌଶଳ ପ୍ରସ୍ତୁତ କରିଛନ୍ତି। ଆଦିବାସୀ ସଶକ୍ତିକରଣ ଆମ ପାଇଁ କେବଳ ଏକ ସ୍ଲୋଗାନ ନୁହେଁ, ଏହା ଆମ ସରକାରଙ୍କ ପ୍ରତିବଦ୍ଧତା। ପ୍ରତ୍ୟେକ ଆଦିବାସୀ ପରିବାରରେ ଶିକ୍ଷାର ପ୍ରସାର ହିଁ ଆଦିବାସୀ ସମାଜର ବିକାଶ ବୋଲି ଗଣଶିକ୍ଷା ତଥା ଅନୁସୂଚିତ ଜାତି ଓ ଜନଜାତି ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ସେହିପରି ଗରିବ, ଅବହେଳିତ ଆଦିବାସୀଙ୍କ ସମସ୍ତ ମୌଳିକ ଆବଶ୍ୟକତା ପୂରଣ କରିବା ପାଇଁ ଆମ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ମତ ବ୍ୟକ୍ତ କରିଛନ୍ତି। ଏହାଛଡ଼ା ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି ଯେ ଜନଜାତିମାନଙ୍କ ସାମାଜିକ ବ୍ୟବସ୍ଥା, ସାଂସ୍କୃତିକ ବୈଭବ ଓ ମୌଳିକତାକୁ ବଜାୟ ରଖିବାକୁ ପଡ଼ିବ, କାରଣ ଆମ ସଂସ୍କୃତିର ମୂଳପିଣ୍ଡ ହେଉଛନ୍ତି ଆଦିମ ଅଧିବାସୀ। ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଛନ୍ତି ଯେ ଆଦିବାସୀଙ୍କ ଉନ୍ନତିର କେବଳ ଆମ ସଂସ୍କୃତିର ବିକାଶ ନୁହେଁ, ବରଂ ଆମ ପର୍ଯ୍ୟାବରଣର ବିକାଶ। କାର୍ଯ୍ୟକ୍ରମରେ ଆଦିବାସୀ ଲୋକକଳା, ସଂସ୍କୃତି ଓ ପରମ୍ପରା ସମ୍ବନ୍ଧରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବିଭିନ୍ନ ଆଦିବାସୀ ସମ୍ପ୍ରଦାୟର ବ୍ୟକ୍ତିବିଶେଷଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିଥିଲେ। ରାଜ୍ୟସଭା ସାଂସଦ ମମତା ମହାନ୍ତ, ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ, ଉଦଳା ବିଧାୟକ ଭାସ୍କର ମଢ଼େଇ, କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁ, ସାରସକଣା ବିଧାୟକ ଭାଦବ ହାଁସଦା, ବାରିପଦା ବିଧାୟକ ପ୍ରକାଶ ସୋରେନ, ରାଇରଙ୍ଗପୁର ବିଧାୟକ ଜଲେନ ମୁର୍ମୁ, ବାଙ୍ଗିରିପୋଷି ବିଧାୟିକାସଞ୍ଜଳି ମୁର୍ମୁ ପ୍ରମୁଖ ମଞ୍ଚାସୀନ ଥିଲେ। ବଡ଼ସାହି ବିଧାୟକ ସନାତନ ବିଜୁଳି ସ୍ୱାଗତ ଭାଷଣ ଦେଇଥିବା ବେଳେ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ନିର୍ଦ୍ଦେଶିକା ପୋମା ଟୁଡୁ ଧନ୍ୟବାଦ ଦେଇଥିଲେ।

# କାହା ଅନୁମତିରେ ଗୋଚର ଜମିରେ ଚାଲିଛି ପାନୀୟ ଜଳ ପ୍ରକଳ୍ପ ?

## ହୋଇନି ପୁନଃ ସଂରକ୍ଷଣ କି ଜମି ଅଧିଗ୍ରହଣ



**କୋଣାର୍କ,୧୮।୬ (ସଂଚାର ବ୍ୟୁରୋ):** କୋଣାର୍କ ଏନଏସି ଅଧିନସ୍ଥ ଡାଳିମ୍ବଗୋରଡି ରୋଡର ପ୍ରବେଶ ପଥର ଡାହାଣ ପାର୍ଶ୍ୱରେ ଥିବା ସହକାରୀ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଗୋଚର ଜମିରେ ବିନା ପୁନଃ ସଂରକ୍ଷଣ ଓ ବିନା ଜମି ଅଧିଗ୍ରହଣରେ ୱାଟକୋ ପକ୍ଷରୁ ବେଆଇନ ପାନୀୟ ଜଳଯୋଗାଣ ପ୍ରକଳ୍ପ ନିର୍ମାଣ କରାଯିବା ଘଟଣାକୁ ନେଇ ରାଜସ୍ୱ ବିଭାଗର ଭୂମିକାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ଖବରରୁ ପ୍ରକାଶ ଯେ ଗୋଚର ଜମିରେ କୌଣସି ସରକାରୀ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିବା ବେଆଇନ ଓ ଆଇନ ସମ୍ମତ ନୁହେଁ ବୋଲି ଜଣାପଡ଼ିଛି। ମାତ୍ର ପୁରୀ ଜିଲ୍ଲା ୱାଟକୋ ସାଧାରଣ ପରିଚାଳକଙ୍କ କାର୍ଯ୍ୟାଳୟ ପକ୍ଷରୁ କୋଣାର୍କ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ସରକାରୀ ନିୟମର ଖୋଲାଖୋଲି ଉଲ୍ଲଂଘନ କରି ଗୋଚର ଜମିରେ ବେଆଇନ ଭାବେ ପାନୀୟ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରାଯାଇଛି। ଯାହା କି ସରକାରୀ ଆଇନର ଖୋଲା ଉଲଂଘନ କରୁଛି। ଏଭଳି ବେଆଇନ ପ୍ରକଳ୍ପ କାର୍ଯ୍ୟ ଚାଲିଥିଲା ବେଳେ ଗୋପ ତହସିଲଦାର ଆଇନ ଅନୁଯାୟୀ କୌଣସି ପଦକ୍ଷେପ ଗ୍ରହଣ ନ କରି ଚୁପ ହୋଇ ସେମାନଙ୍କ ପ୍ରତି ଅହେତୁକ ଅନୁକମ୍ପା ପ୍ରଦର୍ଶନ କରିବା ଘଟଣା ରାଜସ୍ୱ ବିଭାଗର ପାରିବାପଣିଆକୁ ପଦାରେ ପକାଇଛି ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ୱାଟକୋ କର୍ତ୍ତୃପକ୍ଷଙ୍କ ଏଭଳି ସରକାରୀ ବିରୋଧୀ କାର୍ଯ୍ୟ ଉପରେ ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରୁ ନ ଥିବା ଗୋପ ତହସିଲଦାରଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ରାଜସ୍ୱ ବିଭାଗ ମନ୍ତ୍ରୀ, ବିଭାଗୀୟ ସଚିବ ଓ ପୁରୀ ଜିଲ୍ଲାପାଳଙ୍କୁ କୋଣାର୍କ ଅଞ୍ଚଳର ସାମାଜିକ କର୍ମୀ, ସଚେତନ ନାଗରିକ, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ଓ ଜନସାଧାରଣ ମାନଙ୍କ ପକ୍ଷରୁ ଦାବି କରାଯାଇଛି। ଏ ସମ୍ପର୍କରେ ଗୋପ ତହସିଲଦାର ଅନିଲ କୁମାର ମହାନ୍ତିଙ୍କୁ ପଚାରିବାରେ ସେ କୁହନ୍ତି ସରକାରୀ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ପୂର୍ବରୁ ଜମି ଅଧିଗ୍ରହଣ ଓ ଗୋଚର ଜମି ହୋଇଥିଲେ ତାହାର କିସମ ପରିବର୍ତ୍ତନ କରିବା ପରେ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବା କଥା। ମାତ୍ର ୱାଟକୋ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଜମି ଅଧିଗ୍ରହଣ ଓ ପୁନଃ ସଂରକ୍ଷଣ କରିବା ପାଇଁ କୌଣସି ଆବେଦନ ପତ୍ର ତହସିଲ କାର୍ଯ୍ୟାଳୟର ହସ୍ତଗତ ହୋଇନି।ୱାଟକୋ କର୍ତ୍ତୃପକ୍ଷଙ୍କ ଏଭଳି ସରକାରୀ ବିରୋଧୀ କାର୍ଯ୍ୟ ଉପରେ ରାଜସ୍ୱ ବିଭାଗ ପକ୍ଷରୁ ନୋଟିସ ଜାରି କରାଯାଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଗୋପ ତହସିଲଦାର ଶ୍ରୀ ମହାନ୍ତି ପ୍ରକାଶ କରିଛନ୍ତି।

# ହଇଜା ନିମନ୍ତେ ବିଧାୟକଙ୍କ ଆଗୁଆ ପଦକ୍ଷେପ

### ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରି ସମସ୍ତ ସୁବିଧା ସୁଯୋଗକୁ ତଦାରଖ କରିଥିଲେ




**ମାହାଙ୍ଗା,୧୮।୬ (ସଂଚାର ବ୍ୟୁରୋ):** ରାଜ୍ୟରେ ହଇଜା ନିଜର କାୟା ବିସ୍ତାର କରୁଥିବା ବେଳେ ମାହାଙ୍ଗା ଅଂଚଳ ରେ ମଧ୍ୟ ବହୁ ଲୋକ ଝାଡା ବାନ୍ତି ର ଶିକାର ହେଉଛନ୍ତି କ୍ଷ ଏ ନେଇ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଗତ ୧୭ ତାରିଖ ଦିନ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ପହଂଚି ରୋଗୀ ଙ୍କ ସୁବିଧା ନିମନ୍ତେ ସୁସ୍ଥ ବାତାବରଣ ସୃଷ୍ଟି କରିବା ପାଇଁ ନିର୍ଦେଶ ଦେଇଥିଲେ କ୍ଷ ଅଧିକ ପରିମାଣର ବେଡ଼, ଶୌଚାଳୟ ଗୁଡିକୁ ପରିଷ୍କାର ରଖିବା ଓ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ନିମନ୍ତେ ଗୁରୁତ୍ୱ ଦେଇଥିଲେ। ଏବଂ ସ୍ୱାସ୍ଥ୍ୟ କର୍ମଚାରୀ ମାନଙ୍କୁ ସଜାଗ ରହିବା ପାଇଁ ମଧ୍ୟ ପରାମର୍ଶ ଦେଇଥିଲେ । ଯାହାଫଳରେ ମାହାଙ୍ଗା ର ବିଭିନ୍ନ ଅଂଚଳ ରୁ ଆସିଥିବା ରୋଗୀ ମାନେ ସଠିକ ସେବା ପାଇବା ସହ ସୁସ୍ଥ ହୋଇ ଘରକୁ ଫେରି ପରିପାରିଛନ୍ତି କ୍ଷ ବିଧାୟକ ଙ୍କ ଏଭଳି ପଦକ୍ଷେପ କୁ ମାହାଙ୍ଗା ର ବୁଦ୍ଧିଜୀବୀ ଓ ଜନସାଧାରଣ ପ୍ରଶଂସା ଯୋଗ୍ୟ ବୋଲି କହିଛନ୍ତି ।

# ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟ ସୁପରିଚାଳନା ଅଭ୍ୟାସ ବୈଠକ




**କଟକ,୧୮।୬(ସଂଚାର ବ୍ୟୁରୋ):** ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟକୁ ଦୃଷ୍ଟିରେ ରଖି ଏହାର ସୁପରିଚାଳନା ନିମନ୍ତେ ବିଭିନ୍ନ ବିଭାଗ ପକ୍ଷରୁ ଗ୍ରହଣ କରାଯାଇଥିବା ପ୍ରସ୍ତୁତି କାର୍ଯ୍ୟର ସମୀକ୍ଷା ବୈଠକ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ନୂତନ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଯେକୌଣସି ସମୟରେ ଅଧିକ ବର୍ଷା ହେବାର ସମ୍ଭାବନା ରହିଥିବାରୁ ଉଚିତ ସମୟରେ କ୍ଷତିଗ୍ରସ୍ତ ଆଶଙ୍କା ଥିବା ଲୋକଙ୍କୁ ଓ ଗୃହ ପାଳିତ ପଶୁପକ୍ଷୀଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରିବାକୁ ଜିଲ୍ଲାପାଳ ଶ୍ରୀ ଭାଉସାହେବ ଶିନ୍ଦେ ଗୁରୁତ୍ୱାରୋପ କରିଛନ୍ତି। ସମସ୍ତ ବିଭାଗ ସମନ୍ୱୟ ରକ୍ଷାପୂର୍ବକ ବିପର୍ଯ୍ୟୟ ପୂର୍ବରୁ, ବିପର୍ଯ୍ୟୟ ସମୟରେ ଏବଂ ବିପର୍ଯ୍ୟୟ ପରବର୍ତ୍ତୀ ସମୟର ପ୍ରସ୍ତୁତି ସଂପର୍କିତ ପ୍ଲାନ ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଥିଲେ । ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ସମସ୍ତ ପ୍ରସ୍ତୁତି ସଂପର୍କରେ ଜଳସେଚନ, ଗ୍ରାମ୍ୟ ଉନ୍ନୟନ, ସ୍ୱାସ୍ଥ୍ୟ ବିଭାଗ, କୃଷି ଓ ଉଦ୍ୟାନ, ବିଦ୍ୟୁତ୍ ବିଭାଗ, ଅଗ୍ନିଶମ, ମତ୍ସ୍ୟ ବିଭାଗ, ଜିଲ୍ଲା ସମାଜ ମଙ୍ଗଳ, ଜିଲ୍ଲା ସାମାଜିକ ସୁରକ୍ଷା, ପରିବହନ ବିଭାଗ, ବେସାମରିକ ଯୋଗାଣ ବିଭାଗ ଆର୍.ଏମ୍.ସି. ଏବଂ ଓଡ୍ରାଫ୍ ଟିମର କର୍ମକର୍ତ୍ତାମାନେ ପ୍ରସ୍ତୁତି ସଂପର୍କରେ ଅବଗତ କରାଇଥିଲେ। ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଡଃ ଦିବ୍ୟଲୋଚନ ମହନ୍ତ ,ସାଧାରଣ ପରିଚାଳକ ଓଏସଡମା ଶ୍ରୀ ସୁନୀଲ କୁମାର ସାହୁ, ଉପଜିଲ୍ଲାପାଳ କଟକ ସଦର ଶ୍ରୀ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ଉପନିରୀକ୍ଷକ ଓଡ୍ରାଫ୍ଟ ଶ୍ରୀ ପ୍ରମୋଦ କୁମାର ପ୍ରଧାନ, ଡେପୁଟୀ ଆରକ୍ଷୀ ଅଧିକ୍ଷକ ଶ୍ରୀ ଅଜୟ କୁମାର ଦାସଙ୍କ ସମେତ ସମସ୍ତ ସଂପୃକ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଶ୍ରୀ ସୁଜୟ କୁମାର ପତି ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ସଭା ପରିଚାଳନା କରିଥିଲେ ।

# ମଣ୍ଡେଇ ପଡିଆଠାରେ ଯୁବ ସମାବେଶ



**ନବରଙ୍ଗପୁର,୧୮।୬(ସଂଚାର ବ୍ୟୁରୋ):** ସ୍ଥାନୀୟ ନୂତନ ମଣ୍ଡେଇ ପଡ଼ିଆ ଠାରେ ଅନୁଷ୍ଠିତ ବିକାଶମେଳା ୨୦୨୫ କାର୍ଯ୍ୟକ୍ରମରେ ସମଗ୍ର ଶିକ୍ଷା, ନବରଙ୍ଗପୁର ତରଫରୁ ନିପୁଣ ଓଡ଼ିଶା ଏବଂ ଦକ୍ଷତା ବିକାଶ ବିଭାଗ ତରଫରୁ ବିଭାଗୀୟ ବିଭିନ୍ନ ଯୋଜନା ବିଷୟରେ ଏକ ତଥ୍ୟଭିତ୍ତିକ ସୁଚନା ଭିଡିଓ ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା। ନନ୍ଦାହାଣ୍ଡି ଗୋଷ୍ଠୀ ସମ୍ବଳ ଶିକ୍ଷକ ସୁରଜ କୁମାର ପାତ୍ର ନିପୁଣ ଓଡ଼ିଶା ଉପରେ ବିଭିନ୍ନ ସରକାରୀ ସୁଚନା ପ୍ରଦାନ କରିଥିଲେ।କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ଜିଲ୍ଲା ଶିକ୍ଷାଧିକାରୀ ଛତ୍ରପତି ସାହୁ, ଡି ଆଇ ପି ଆର୍ ଓ ମନୋଜ କୁମାର ବେହେରା, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ, ୧୦ଟି ବ୍ଲକ୍ ର ଗୋଷ୍ଠୀ ଶିକ୍ଷାଧିକାରୀ,ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ, ସି.ଆର୍. ସି.ସି, ଶିକ୍ଷକ,ଶିକ୍ଷୟିତ୍ରୀ, ଜିଲ୍ଲା ସମଗ୍ର ଶିକ୍ଷା କାର୍ଯ୍ୟାଳୟର ସମସ୍ତ କାର୍ଯ୍ୟକର୍ତ୍ତା, ଏକଲବ୍ୟ ବିଦ୍ୟାଳୟ, ମୋଡ଼େଲ ଡିଗ୍ରୀ ମହାବିଦ୍ୟାଳୟ ଓ ପଲି ଟେକ୍ନିକ ମହାବିଦ୍ୟାଳୟର ଛାତ୍ରଛାତ୍ରୀ । ଶିକ୍ଷାବିଭାଗର ବିଗତ ବର୍ଷର ଉପଲବଧି ଉପସ୍ଥାପନ କରାଯାଇଥିଲା । ଜିଲ୍ଲା ନିୟୋଜନ ଓ ଦକ୍ଷତା ବିକାଶ ଅଧିକାରୀ ଆନନ୍ଦ ପଲେଇଙ୍କ ଦ୍ୱାରା ନିୟୋଜନ ଓ ଦକ୍ଷତା ବିକାଶ କ୍ଷେତ୍ରରେ ନିଆଯାଉଥିବା ପଦକ୍ଷେପ ବିଷୟରେ ସବିଶେଷ ବିବରଣୀ ପ୍ରଦାନ କରାଯାଇଥିଲା।

# ନିଟ୍ ପରୀକ୍ଷାରେ ଆଶୁତୋଷଙ୍କ ସଫଳତା



**ନାଉଗାଁ,୧୮।୬ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ଓଡପଏଙ୍ଗା ଗ୍ରାମର ଛାତ୍ର ଆଶୁତୋଷ ଦାଶ ସର୍ବ ଭାରତୀୟ ନିଟ୍ ପରୀକ୍ଷାରେ ସଫଳତା ହାସଲ କରିଛନ୍ତି। ଓଡପଏଙ୍ଗା ଗ୍ରାମର ପ୍ରକାଶ କୁମାର ଦାଶ ଓ ପ୍ରିୟଦର୍ଶିନୀ ଦାଶଙ୍କ ବଡ ପୁଅ ଆଶୁତୋଷ। ଆଶୁତୋଷ ନିଟ୍ ପରୀକ୍ଷାରେ ମୋଟ ୭୨୦ ମାର୍କରୁ ୫୮୩ ମାର୍କ ରଖି ସର୍ବଭାରତୀୟ ପରୀକ୍ଷାରେ ୩୦୧୪ ର୍ୟାଙ୍କରେ କୃତକାର୍ଯ୍ୟ ହୋଇ ଡାକ୍ତରୀ ପାଠ ପଢ଼ିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ସଫଳତା ପାଇବା ପରେ ତାଙ୍କ ପରିବାର ତଥା ଅଂଚଳରେ ଖୁସିର ଲହରୀ ଖେଳିଯାଇଛି। ଆଶୁତୋଷଙ୍କୁ ଘୋଡାଂଶ ସମିତି ସଭ୍ୟ ତରୁଣକାନ୍ତ ବାରିକ,ଡାବର ସମିତି ସଭ୍ୟ ସୁବଳ ବେହେରା,ସମାଜସେବୀ ରାଜେଶ କୁମାର ପ୍ରଧାନଙ୍କ ସମେତ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

# ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ପ୍ରସ୍ତୁତି



**ବୋରିଗୁମ୍ମା, ୧୮।୬ (ସଂଚାର ବ୍ୟୁର):** ଓଡ଼ିଶା ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ ଓ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ନିର୍ଦ୍ଦେଶ ଅନୁଯାୟୀ ବୁଧବାର ବୋରିଗୁମ୍ମା ବ୍ଲକସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଓ ପରିଚାଳନା ପ୍ରସ୍ତୁତି ବୈଠକ ଗୋଷ୍ଠୀ ଉନ୍ନୟନ ଅଦ୍ଧାରୀ ସୁକାନ୍ତ ପଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅଗ୍ନିଶମ ବିଭାଗର କର୍ମଚାରୀ ବିଶେଷ ଭାବେ ବର୍ଷାଦିନେ ସମ୍ଭାବ୍ୟ ବନ୍ୟା ଓ ବାତ୍ୟା କିପରି ମୁକାବିଲା କରାଯାଇପାରିବ ସେଥିନିମନ୍ତେ ପ୍ରଦର୍ଶନୀ ଓ ମାକଡ୍ରିଲ କିପରି ଭାବରେ ଆୟୋଜନ କରାଯିବ ସେଥିପାଇଁ ଆଲୋଚନା ବିସ୍ତୃତ ଭାବେ କରାଯାଇଥିଲା ଅତ୍ୟାଧୁନିକ। ସରାକଙ୍କ ତରଫରୁ ପ୍ରଦାନ କରାଯାଇଥିବା ଯନ୍ତ୍ରାଂଶ ମାନଙ୍କ କାର୍ଯ୍ୟକାରିତା ଏହି ଟେବୁଲ ଟପ ବୈଠକରେ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ଓ ଅଗ୍ନିଶମ ବିଭାଗ ତରଫରୁ ବିପର୍ଯ୍ୟୟ ମୁକାବିଲା ସମ୍ବନ୍ଧରେ ପ୍ରଦର୍ଶନ କରାଯାଇଥିଲା ସେହିପରି ସୋମବାରଠାରୁ ବ୍ଲକର ବହୁମୁଖୀ ଆଶ୍ରୟସ୍ଥଳୀ ଠାରେ ଏହି ମକଡ୍ରିଲ ଆୟୋଜନ କରାଯିବ । ଏହି ମକଡ୍ରିଲ ନିମନ୍ତେ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ଅଞ୍ଚଳରେ ପରିଚାଳକ, ସ୍ଥାନୀୟ ଜନସାଧାରଣ, ବୋରିଗୁମ୍ମା ଜିଲ୍ଲା ପରିଷଦ ସଭ୍ୟା ମଞ୍ଜୁଳା ଘାସି, ସରପଞ୍ଚ ତୁଷାର କାନ୍ତ କୁମ୍ଭିରିକା ସ୍ୱେଚ୍ଛାସେବୀ, ଅଗ୍ନିଶମ ବିଭାଗ ଆଦିଙ୍କୁ ସାମିଲ କରାଯାଇଥିବା ଜଣାପଡିଛି । ଆଜିର ଏହି କାର୍ଯ୍ୟକ୍ରମରେ ବୋରିଗୁମ୍ମା ଅଗ୍ନିଶମ ବିଭାଗର ଅଧିକାରୀଙ୍କ ସହ ସମସ୍ତ କର୍ମଚାରୀ ଉପସ୍ଥିତ ଥିବା ବେଳେ ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଡ଼. ଦିଲିପ କୁମାର ନାଥ,ବ୍ଲକ କାର୍ଯ୍ୟାଳୟର ଅତିରିକ୍ତ ଏବିଓ ସଂଯୁକ୍ତା ପଣ୍ଡା, ପିଇଓ. ସୁମନ୍ତ କୁମାର ବିଶ୍ୱାଳ,ପିଇଓ ରଞ୍ଜନ ରାଉତ, ମହେନ୍ଦ୍ର ପଣ୍ଡା, ପ୍ରଳୟ ତ୍ରିପାଠୀ , ପଞ୍ଚାନନ ପାଣିଗ୍ରାହୀ ପ୍ରମୁଖଙ୍କ ସହ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ରହି ଆଲୋଚନା କରିଥିଲେ।

● ସମ୍ ହସ୍ପିଟାଲରେ ଜଟିଳ ଅସ୍ତ୍ରୋପଚାର

# ଯୁବକଙ୍କ ଶ୍ୱାସ ନଳୀରୁ ପ୍ଲାଷ୍ଟିକ୍ ହୁଇସିଲ୍ ବାହାର କରିବାରେ ସଫଳ ହେଲେ ଡାକ୍ତରୀ ଟିମ୍




**ଭୁବନେଶ୍ୱର,୧୮।୬(ସଂଚାର ବ୍ୟୁରୋ):** ଜଣେ ୩୪ ବର୍ଷୀୟ ଯୁବକଙ୍କ ଶ୍ୱାସନଳୀରେ ଅଟକି ରହିଥିବା ଏକ ପ୍ଲାଷ୍ଟିକ୍ ହୁଇସିଲ୍‌କୁ ଜଟିଳ ଅସ୍ତ୍ରୋପଚାର ମାଧମରେ ବାହାର କରିବାରେ ସଫଳ ହୋଇଛନ୍ତି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନସେସ୍ ଆଣ୍ଡ ସମ୍ ହସ୍ପିଟାଲ (ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ)ର ଡାକ୍ତରୀ ଟିମ୍। ଅତ୍ୟାଧୁନିକ ଭେଂଟିଲେଟିଙ୍ଗ ବ୍ରୋଙ୍କୋସ୍କୋପି ଅପରେସନ ଦ୍ୱାରା ସଫଳତାର ସହିତ ହୁଇସିଲ୍‌ଟିକୁ ବାହାର କରାଯାଇଛି। ଅନୁଗୁଳ ଜିଲ୍ଲାର ଏହି ଯୁବକ ଜଣକ ଭୁଲବଶତଃ ଏକ ପ୍ଲାଷ୍ଟିକ୍ ହୁଇସିଲ୍‌ଟକୁ ଗିଳି ଦେଇଥିବା ବେଳେ ହୁଇସିଲ୍‌ଟି ଗଳା ବାଟେ ଯାଇ ଶ୍ୱାସନଳୀରେ ଅଟକି ଯାଇଥିଲା। ସେହି ହୁଇସିଲଟି ରୋଗୀଙ୍କର ଡାହାଣ ପାଶ୍ୱର୍ର ଫୁସ୍‌ଫୁସ୍ ନିକଟବର୍ତ୍ତୀ ଶ୍ୱାସନଳୀରେ ଅଟକି ରହି ଶ୍ୱାସକ୍ରିୟା ପ୍ରତି ବିପଦ ସୃଷ୍ଟି କରୁଥିଲା। ସେହିପରି ଛାତିରେ କଫ ସୃଷ୍ଟି ହେବା ସହ ଶ୍ୱାସ ନେବା ସମୟରେ ହୁଇସିଲ୍‌ରୁ ଶବ୍ଦ ମଧ ବାହାରୁଥିଲା । ଦୀର୍ଘ ୧୩ ଦିନ ରୁ ଅଧିକ ସମୟ ଧରି ଚିକିତ୍ସା ପାଇଁ ବିଭିନ୍ନ ହସ୍ପିଟାଲ୍ ବୁଲିବା ସତ୍ୱେ କୋଃଣସି ସୁଫଳ ମିଳି ନଥିବା ବେଳେ ଶେଷରେ ସେ ସମ୍ ହସ୍ପିଟାଲକୁ ଆସିଥିଲେ। ହସ୍ପିଟାଲର କର୍ଣ୍ଣ ନାସା ଓ ଗଳା ବିଭାଗର ମୁଖ୍ୟ ପ୍ରଫେସର ଡାକ୍ତର ସୌମ୍ୟ ରଂଜନ ଦାସଙ୍କ ରୋଗୀଙ୍କର ପରୀକ୍ଷା ନିରୀକ୍ଷା କରିବା ସହ ତାଙ୍କ ନେତୃତ୍ୱରେ ଏହି ଅସ୍ତ୍ରୋପଚାର କରାଯାଇଥିଲା। ଛାତିର ସିଟି ସ୍କାନ୍ କରିବା ପରେ ଡାହାଣ ପାଶ୍ୱର୍ର ଫୁସ୍‌ପୁସ୍ ନିକଟବର୍ତ୍ତୀ ଶ୍ୱାସନଳୀ ହୁଇସିଲ୍‌ଟି ଅଟକି ରହିଥିବାର ଜଣାପଡ଼ିଥିଲା। ଜେନେରାଲ୍ ଆନେସ୍‌ଥେସିଆ ସାହାଯ୍ୟରେ ଏହି ଅତ୍ୟାଧୁନିକ ଅସ୍ତ୍ରୋପଚାର ଜରିଆରେ ହୁଇସିଲ୍‌ଟିକୁ ଶ୍ୱାସନଳୀରୁ ବାହାର କରିବାରେ ଆମେ ସଫଳ ହୋଇଥିଲୁ ବୋଲି ପ୍ରଫେସର ଦାସ କହିଛନ୍ତି।

### ଆକ୍ସନ ମୋଡ଼ରେ ପ୍ରଶାସନ

# ବିଭିନ୍ନ ଦୋକାନରେ ଖାଦ୍ୟ ନିରାପତ୍ତା ବିଭାଗର ଚଢ଼ାଉ



ସଂଚାର ପ୍ରଭାବ

**କାକଟପୁର /ଅସ୍ତରଙ୍ଗ,୧୮।୬(ସଂଚାର ବ୍ୟୁରୋ):** ଗତ ୮ତାରିଖ ରେ ଦୈନିକ ଖବର କାଗଜ "ସଂଚାର "ରେ ଖବର ପ୍ରକାଶିତ ହୋଇଥିଲା ଅସ୍ତରଙ୍ଗ ଅଞ୍ଚଳ ବିଭିନ୍ନ ସ୍ଥାନରେ ଅସ୍ୱାସ୍ଥ୍ୟକର ପରିବେଶ ଖାଦ୍ୟ ପ୍ରସ୍ତୁତ କରାଯାଇ ଗ୍ରାହକ ଙ୍କୁ ପରଷାଯାଉଛି। ଯାହାକି ପ୍ରଶାସନ ତତ୍ପରତା ପ୍ରକାଶ କରି ବୁଧବାର ଅପରାହ୍ନ ରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ବ୍ୟାପୁଥିବା ଝାଡାବାନ୍ତିକୁ ନେଇ ପ୍ରଶାସନ ଚିନ୍ତାରେ। କିନ୍ତୁ ଝାଡାବାନ୍ତି ବ୍ୟାପିବାର କାରଣ ସ୍ପଷ୍ଟ ହୋଇପାରୁନି। ତେଣୁ ପ୍ରଶାସନ ଆକ୍ସନ ମୁଡ଼ରେ ଆସିଛି। ଝାଡାବାନ୍ତି ବ୍ୟାପିବାର କାରଣ ଖୋଜିବା ସହିତ ବିଷାକ୍ତ ଖାଦ୍ୟ ପାଇଁ ଏହା ହୋଇଥିବା ସନ୍ଦେହ କରି ବୁଧବାର ଅପରାହ୍ନ ସମୟରେ ଖାଦ୍ୟ ନିରାପତ୍ତା ବିଭାଗ ଅଧିକାରୀ ଶ୍ରୀଯୁକ୍ତ ନବକିଶୋର ସାହୁ ଙ୍କ ନେତୃତ୍ୱରେ ୬ଜଣିଆ ଟିମ୍ ରେ ପ୍ରତ୍ୟୁଷ ତାରଣିଆ, ଲିଙ୍ଗରାଜ ମହାପାତ୍ର, ଧରଣୀଧର ନାୟକ ଏକ କାଳୀନ କୁହୁଡି ଛକ ନିକଟରୁ ଅସ୍ତରଙ୍ଗ ମୁଖ୍ୟ ବଜାର ଦେଇ ଥାନା ଛକ ପର୍ଯ୍ୟନ୍ତ ବିଭିନ୍ନ ହୋଟେଲ, ବିଭିନ୍ନ ଥଣ୍ଡା ପାନୀୟ ଜଳ ଦୋକାନ, ଗ୍ରୋସରୀ ଦୋକାନ ଓ ବିଭିନ୍ନ ଫଳ ଦୋକାନ ରେ ରାସାୟନିକ ସ୍ପ୍ରେ ହେଉଥିବାରୁ ଦୋକାନରେ ଚଢ଼ାଉ କରିଛନ୍ତି। ଖାଦ୍ୟ ନିରାପତ୍ତା ବିଭାଗ କିଛି ହୋଟେଲରେ ସିଧା ରୋଷେଇଶାଳ ରେ ପଶିଥିଲେ, ଅପରିଷ୍କାର ସ୍ଥାନରେ ଯେଉଁଠି ଛିଡା ହେବା କଷ୍ଟ ସେଠାରେ ଚାଲିଥିଲା ଭଳିକି ଭଳି ଇଣ୍ଡିଆନ, ଚାଇନିଜ, ହାଇଦ୍ରାବାଦି ଖାଦ୍ୟର ପ୍ରସ୍ତୁତି ଅନୁଧ୍ୟାନ କରିଛନ୍ତି ସ୍ୱତନ୍ତ୍ର ଟିମ୍। ଏହି ସମୟରେ କିଛି ଦୋକାନରୁ ବେଆଇନି ଫାକ୍ଟ୍ରି ରେ ପ୍ରସ୍ତୁତ କରାଯାଇଥିବା ପାଣି ଓ ସୋଡ଼ା ବୋତଲ ନମୁନା ସଂଗ୍ରହ କରିଥିଲେ।ଚଢ଼ାଉ ସମୟରେ ଖାଦ୍ୟ ନିରାପତ୍ତା ବିଭାଗ ଲାଇସେନ୍ସ ଯାଞ୍ଚ ସମୟରେ ଲାଇସେନ୍ସ କାଗଜ ଦେଖି ତାଯୁବ ହୋଇଥିଲେ ବିଭାଗୀୟ ଅଧିକାରୀ। ଅସ୍ତରଙ୍ଗ ଅଞ୍ଚଳରେ ଜଣେ ଯୁବକ ନିଜକୁ ଫୁଡ ସେଫଟି ଅଫିସର କହି ବ୍ୟବସାୟୀଙ୍କ ଠାରୁ ମୋଟା ଅଙ୍କର ଟଙ୍କା ନେଇ ଡୁପ୍ଲିକେଟ ଖାଦ୍ୟ ସୁରକ୍ଷା ଲାଇସେନ୍ସ ଦେଇଛନ୍ତି, ଏହା ଜାଣିବା ପରେ ବ୍ୟବସାୟୀ ଙ୍କୁ ସଚେତନ କରିବା ସହ ନକଲି ଅଫିସ ଙ୍କ ଠାରୁ ଦୂରେଇ ରହିବାକୁ କହିଛନ୍ତି।

# ପଛପଟୁ ପିଟିଲା ବାଇକ୍: ଚାଲିଗଲା ରାମଙ୍କ ଜୀବନ

**କଲ୍ୟାଣସିଂହପୁର,୧୮।୬(ସଂଚାର ବ୍ୟୁରୋ):** ରାୟଗଡ଼ା ଜିଲା କାଶିପୁର ବ୍ଲକ କଲ୍ୟାଣସିହପୁର ସିମାନ୍ତ ମାଣ୍ଡିବିସି ପଞ୍ଚାୟତରର ଭିତରଚରା ଗାଁରେ ଏକ ବାଇକ୍ ଦୁର୍ଘଟଣା ଘଟିଛି। ଏଥିରେ ଜଣଙ୍କ ମୃତ୍ୟୁ ଘଟିଛି। ସୁଚନା ମୁତାବକ, ଭିତର ଚୋରା ଗାଁର ରାମ ମାଝି (୬୩) ତାଙ୍କ ଝିଅ ଘର ବର୍ତ୍ତିବାଲି ଯାଇ ଫେରିବା ସମୟରେ ପଛପଟୁ ଏକ ବାଇକ ଧକ୍କା ଦେଇଥିଲା ଘଟଣାସ୍ଥଳରେ ଟଳି ପଡ଼ିଥିଲେ। ଏହି ଖବର ପାଇ ପରିବାର ଲୋକେ ରାମଙ୍କୁ ସଙ୍ଗେ ସଙ୍ଗେ କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେବା ସମୟରେ ବାଟରେ ତାଙ୍କ ମୃତ୍ୟୁ ହୋଇଥିଲା।

# ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନେଇ ପ୍ରସ୍ତୁତି ବୈଠକ

**ବାଲିଅନ୍ତା,୧୮।୬(ସଂଚାର ବ୍ୟୁରୋ):** ବାଲିଅନ୍ତା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଆଜି ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନେଇ ପୂର୍ବ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଅତିରିକ୍ତ ବିଡିଓ ଅପରାଜିତା ସ୍ୱାଇଁ ବୈଠକରେ ଅଧକ୍ଷତା କରିଥିଲେ । ଜିଲ୍ଲା ଅତିରିକ୍ତ ପ୍ରକଳ୍ପ ଅଧିକାରୀ କସ୍ତୁରୀ ବାଳା ଜେନା ଏବଂ ଜିଲ୍ଲା ପରିମଳ ପରାମର୍ଶଦାତା ସୂର୍ଯ୍ୟ ନାରାୟଣ ସାହୁ ପ୍ରମୁଖ ଯୋଗ ଦେଇ ସଚେତନ କରାଇଥିଲେ । ବୈଠକରେ ବନ୍ୟା,ବାତ୍ୟା ଏବଂ ମହାବାତ୍ୟା କିଭଳି କରାଯିବ ସେ ନେଇ ବିସ୍ତୃତ ଆଲୋଚନା ହୋଇଥିଲା । ଅନ୍ୟମାନଙ୍କ ମଧରେ ସିଡିପିଓ ଖୁଲଣା ସାହୁ, ବାଲିଅନ୍ତା କେନାଲ ସବ ଡିଭିଜନ ସହକାରୀ ଯନ୍ତ୍ରୀ ଭୀମସେନ ବେହେରା, ଗ୍ରାମ ପଞ୍ଚାୟତ ଅଧିକାରୀ ନୀଳଶୈଳ ସ୍ୱାଇଁ, ବାଲିଅନ୍ତା ସରପଞ୍ଚ କୃଷ୍ଣ କେଶବ ଆପଟ ଏବଂ ସତ୍ୟଭାମାପୁର ସରପଞ୍ଚ ରଶ୍ମିତା ଭୋଇ ପ୍ରମୁଖଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଏବଂ ଜନ ପ୍ରତିନିଧି ଉପସ୍ଥିତ ଥିଲେ ।

# ଉଦଯାପିତ ହେଲା ଜିଲ୍ଲାସ୍ତରୀୟ ବିକାଶ ମେଳା




**ସୁନ୍ଦରଗଡ଼,୧୮।୬ (ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ଜୁନ ୧୨ ରୁ ୧୮ ତାରିଖ ସାତ ଦିନ ଧରି ସ୍ଥାନୀୟ ଯତରା ପଡ଼ିଆ ଠାରେ ଆୟୋଜିତ ହୋଇଥିଲା ଜିଲ୍ଲା ସ୍ତରୀୟ ବିକାଶ ମେଳା। ସରକାରଙ୍କ ବିଭିନ୍ନ ଯୋଜନା, କାର୍ଯ୍ୟକ୍ରମ ଏବଂ ତାହାର ସଫଳ କାର୍ଯ୍ୟାନ୍ୱୟନ ଉପରେ ବ୍ୟାପକ ଜନସଚେତନତା ସୃଷ୍ଟି କରାଯିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇ ଥିଲା। ସାତ ଦିନ ଧରି ଚାଲିଥିବା ଏହି ଜିଲ୍ଲା ସ୍ତରୀୟ ବିକାଶ ମେଳା ବୁଧବାର ଉଦଯାପିତ ହୋଇ ଯାଇଛି। ଉଦଯାପନୀ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନ,ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ମହେନ୍ଦ୍ର ନାଥ ମୁର୍ମୁ, ସଦର ଉପଜିଲ୍ଲାପାଳ ଦାଶରଥି ସରାବୁ ଏବଂ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଯୋଗ ଦେଇ ଥିଲେ। ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ମହାଜନ ସଫଳ ଭାବେ ବିକାଶ ମେଳା ସମାପନ ହୋଇଥିବାରୁ ସମସ୍ତ ବିଭାଗ ମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏଥିରେ ଅଂଶ ଗ୍ରହଣ କରିଥିବା ସ୍ୱୟଂ ସହାୟକ ଗୋଷ୍ଠୀ ମାନଂକୁ ମଧ୍ୟ ଏକ ବଜାର ବ୍ୟବସ୍ଥା ଉପଲବ୍ଧ ହୋଇଥିଲା ଯେଉଁଥିରେ କି ସେମାନେ ତାଙ୍କର ଉତ୍ପାଦିତ ଦ୍ରବ୍ୟ କୁ ବିକ୍ରୟ କରି ପାରିଥିଲେ। ବିଭିନ୍ନ କୃଷି ଉପକରଣ ମଧ୍ୟ ବିକ୍ରୟ ହୋଇ ଥିଲା। ଏହି ବିକାଶ ମେଳା ପ୍ରତ୍ୟେକଙ୍କୁ ଅନ୍ତର୍ଭୁକ୍ତ କରି ବିକାଶ ଦିଗରେ ଆଗଭର ହୋଇଅଛି ବୋଲି ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ।

## ନିରୁଦ୍ଦିଷ୍ଟ



ନାମ: ବିଶ୍ୱ ରଞ୍ଜନ ନାୟକ (୫୦ ବର୍ଷ)ଉଚ୍ଚତା ଓ ପୋଷାକ: ୫'୬' ଗୋରା ରଙ୍ଗ, ଧୂସର ରଙ୍ଗର ପ୍ୟାଣ୍ଟ ଓ ଟି-ଶାର୍ଟ ପରିହିତ ପିତା: ଭକ୍ତ ଚରଣ ନାୟକ ଠିକଣା: କନହେଇପୁର, ଯାଜପୁର ରୋଡ ଜୁନ ୧୨ ତାରିଖରେ ଅହମଦାବାଦ-ପୁରୀ ଏକ୍ସପ୍ରେସ ରେ ଟ୍ରେନ ଯାତ୍ରା ସମୟରେ ନିଖୋଜ ଅଛନ୍ତି। ଟ୍ରେନ ଗନ୍ତବ୍ୟ ସ୍ଥଳରେ ପହଞ୍ଚିଥିବା ବେଳେ ବିଶ୍ୱ ରଞ୍ଜନ ଏଯାଏଁ ଘରେ ପହଂଚିନାହାନ୍ତି କି କିଛି ଖବର ନାହିଁ। କୌଣସି ସହୃଦୟ ବ୍ୟକ୍ତି ଯଦି ବିଶ୍ୱ ରଞ୍ଜନଙ୍କ ସନ୍ଧାନ ପାଆନ୍ତି, ତାହେଲେ ପୁରୀ ରେଳବାଇ ଥାନା ଅଥବା ମୋବାଇଲ ନମ୍ବର ୯୨୫୮୩୬୦୮୦୮/ ୮୧୧୭୮୫୮୧୫୦ରେ ଯୋଗାଯୋଗ କରିବାକୁ ଅନୁରୋଧ।

# ନିଖୋଜ ନାବାଳିକା କୋଲକାତାରୁ ଉଦ୍ଧାର



**କାକଟପୁର/ଅସ୍ତରଙ୍ଗ, ୧୮।୬(ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କାକଟପୁର ଥାନା ଅଂଚଳରେ ନିଖୋଜ ନାବାଳିକା କୁ ଉଦ୍ଧାର କରିଛି ପୋଲିସ। ଯୁବତୀ ଜଣକ ସ୍ଥାନୀୟ ଲୋକଙ୍କ ଦାରିଦ୍ର୍ୟ ଓ ସରଳତାର ସୁଯୋଗ ନେଇ ଖୁବ ଭଲ ଦରମାର ପ୍ରଲୋଭନ ଦେଖାଇ ନାବାଳିକା ଝିଅ କୁ ବଡ଼ ସହରକୁ ନେଇ ଯାଇଥିଲେ। ଏଭଳି ଏକ ଘଟଣା କ୍ରମେ ପୁରୀ ଜିଲ୍ଲା କାକଟପୁର ଥାନା ଅଞ୍ଚଳର ଜଣେ ୧୫ବର୍ଷୀୟ ନାବାଳିକା ବର୍ତ୍ତୀଯାଇ କୋଲକାତା ରୁ ପୋଲିସ ଦ୍ୱାରା ଫେରିବାକୁ ସକ୍ଷମ ହୋଇଛନ୍ତି। କାକଟପୁର ଥାନା ଅଂଚଳର ଜଣେ ନାବାଳିକାକୁ ଜଣେ ଯୁବତୀ ମିଥ୍ୟା କଥା କହି ପ୍ରଲୋଭିତ କରି ଗତ ୫ତାରିଖରେ ସ୍ଥାନୀୟ ଅଞ୍ଚଳ ଯୁବତୀଜଣକ ନେଇ ଫେରାର ହୋଇଯାଇଥିଲେ। ନାବାଳିକା ଜଣକ ଘରେ କାହାକୁ କିଛି ନକହି ସେହି ଗାଁର ୨୬ବର୍ଷୀୟ ଯୁବତୀଙ୍କ ସହ କୋଲକାତା ଚାଲିଯାଇଥିଲେ। ଅପର ପକ୍ଷେ ନାବାଳିକାଙ୍କ ନିଖୋଜ ନେଇ ପରିବାର ଲୋକେ କାକଟପୁର ଥାନାରେ ଅଭିଯୋଗ କରିଥିବା ବେଳେ ଘଟଣାକୁ ତତ୍ପରତା ପ୍ରକାଶ କରି ପୁରୀ ଏସ୍ପି ଙ୍କ ନିର୍ଦ୍ଦେଶ କ୍ରମେ କାକଟପୁର ଥାନାରୁ ସ୍ୱତନ୍ତ୍ର ଏକ ୩ ଜଣିଆ ଟିମ୍ ଙ୍କ ମଧରେ କାକଟପୁର ଥାନା ଉପନିରୀକ୍ଷକ ଗୌରୀ ଶଙ୍କର ସେଠୀ, ଥାନା କର୍ମଚାରୀ ବବୁଲ ମହାନ୍ତି, ସାବିତ୍ରୀ ତର୍କୀ କୋଲକାତା ଅଞ୍ଚଳର ବର୍ଦ୍ଧମାନ ଜିଲ୍ଲା ବୃନ୍ଦାବନ ଥାନା ଅନ୍ତର୍ଗତ ଖାକେରାଗଡ଼ ଅଞ୍ଚଳରୁ ନିଖୋଜ ନାବାଳିକାକୁ ଉଦ୍ଧାର କରିବା ସହ ଅପହୃତା ଯୁବତୀ କୁ କାବୁ କରିଥିଲେ। ଉକ୍ତ ନାବାଳିକା ଓ ଯୁବତୀ ଙ୍କୁ ସ୍ୱତନ୍ତ୍ର ୩ ଜଣିଆ ଟିମ୍ ସୋମବାର ରାତିରେ କାକଟପୁର ରେ ପହଞ୍ଚିଥିଲେ।

# ମହାବିଦ୍ୟାଳୟ ପରିସରରେ ନୂତନ ଗୃହର ଶିଳାନ୍ୟାସ



**ମାହାଙ୍ଗା,୧୮।୬ (ସଂଚାର ବ୍ୟୁରୋ):** ଏରକଣାସ୍ଥ ମାହାଙ୍ଗା ପୁଷ୍ପଗିରି ମହାବିଦ୍ୟାଳୟ ପରିସରରେ ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ ଅନୁଦାନରେ ଶ୍ରେଣୀ ଗୃହ ପୁନରୁଦ୍ଧାର କାର୍ଯ୍ୟର ଶୁଭ ଶିଳାନ୍ୟାସ ଉତ୍ସବ ମାହାଙ୍ଗାର ବିଧାୟକ ଶାରଦା ପ୍ରସାଦ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉକ୍ତ ଶିଳାନ୍ୟାସ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ପ୍ରଫେସର ପ୍ରଶାନ୍ତ କୁମାର ବେଉରା, ସହକାରୀ ଯନ୍ତ୍ରୀ ଚିନ୍ମୟୀ ପଲେଇ, କନିଷ୍ଠ ଯନ୍ତ୍ରୀ ବିଜୟ କୁମାର ସାହୁ ପ୍ରମୁଖଙ୍କ ସମେତ ମହାବିଦ୍ୟାଳୟ ର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ଉପସ୍ଥିତ ଥିଲେ ।

**AFFIDAVIT**

I,Sanjib Kumar Pradhan, S/O-Late Dibakar Pradhan, resident of MIG-II-2/12, BDA Colony, Chandrasekharpur, Phase-I, PS-Chandrasekharpur, Bhubaneswar-751016, Dist-Khurda, Odisha, declared by this affidavit No. CF NO-60, dt.17/06/2025, that now onwards I shall be known as Sanjeev Kumar Pradhan for all future purposes.

### ଶୁକ୍ରବାର ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ

# ୨୦୩୬ର ରୋଡ୍‌ମ୍ୟାପ୍ ଘୋଷଣା ହେବ: ମନମୋହନ

- ବିମାନବନ୍ଦରରୁ ଜନତା ମୈଦାନ ରୋଡ୍ ଶୋ ଓ ତ୍ରିରଙ୍ଗା ଯାତ୍ରା
- ସଭାକୁ ଆସିବେ ସବୁ ବିଧାନସଭାର କାର୍ଯ୍ୟକର୍ତ୍ତା
- ରାଜ୍ୟର ବିକାଶରେ ମୋଦିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ



**ଭୁବନେଶ୍ୱର,୧୮।୬(ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାର ଗରିବ, ଯୁବକ, କୃଷକ ଓ ମହିଳା କୈନ୍ଦ୍ରିକ ବିଭିନ୍ନ ଯୋଜନାକୁ ପ୍ରାଧାନ୍ୟ ଦେଇଆସିଛନ୍ତି। ଆଭ୍ୟନ୍ତରୀଣ ଓ ବାହ୍ୟ ସୁରକ୍ଷାରେ ଦେଶ ଆଜି ସଶକ୍ତ ହୋଇଛି। ଦେଶର ଅର୍ଥନୀତି ମଧ୍ୟ କ୍ରମଶଃ ଆଗକୁ ବଢ଼ିଚାଲିଛି। ବିଦେଶରେ ଦେଶର ମାନ ଓ ସମ୍ମାନ ବଢ଼ିଛି। ରାଜ୍ୟରେ ଏକାକୀ ବିଜେପି ସରକାର ଗଠନ ହୋଇଥିବା ବେଳେ ଇତିମଧ୍ୟରେ ଏହା ପ୍ରଥମ ବର୍ଷ ପୂରଣ କରିସାରିଛି। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାରଙ୍କୁ ବି ୧୧ ବର୍ଷ ପୂରଣ ହୋଇଛି। ଏହି ପରିପ୍ରେକ୍ଷୀରେ ମାର୍ଗଦର୍ଶନ କରାଇବା ସକାଶେ ଆସନ୍ତା ୨୦ରେ ପ୍ରଧାନମନ୍ତ୍ରୀ ଓଡ଼ିଶା ଗସ୍ତରେ ଆସୁଛନ୍ତି। ବର୍ଷକ ଭିତରେ ଏହା ପ୍ରଧାନମନ୍ତ୍ରୀଙ୍କ ଷଷ୍ଠ ଗସ୍ତ ହୋଇଥିବା ବେଳେ ଏହା ରାଜ୍ୟ ପ୍ରତି ତାଙ୍କର ପ୍ରତିବଦ୍ଧତାକୁ ସୂଚିତ କରୁଛି। ଶୁକ୍ରବାର ଅପରାହ୍ନରେ ବିମାନବନ୍ଦରରେ ପ୍ରଧାନମନ୍ତ୍ରୀ ପହଞ୍ଚିବା ପରେ ତାଙ୍କୁ ଭବ୍ୟ ସ୍ୱାଗତ ଓ ସମ୍ବର୍ଦ୍ଧନା ଦିଆଯିବ। ଏହି ଅବସରରେ ଓଡ଼ିଶାର ବିକାଶ ପାଇଁ ୨୦୩୬ର ରୋଡ୍‌ମ୍ୟାପ୍ ଘୋଷଣା ହେବ ବୋଲି ଆଜି ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି।

ଶ୍ରୀ ସାମଲ କହିଛନ୍ତି ଯେ ରାଜ୍ୟ ସରକାର ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନ ପାଇଁ ସଂକଳ୍ପବଦ୍ଧ। ଏନେଇ ଜୋରଦାର ପ୍ରୟାସ ଆରମ୍ଭ ହୋଇଥିବାବେଳେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଏହାକୁ ପୂର୍ଣ୍ଣ ସହଯୋଗ କରୁଛନ୍ତି। ରାଜ୍ୟର ସାମଗ୍ରିକ ବିକାଶରେ ମୋଦିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ତାଙ୍କ ନେତୃତ୍ୱରେ ଜାତୀୟ ସ୍ତରର ଅନେକ କାର୍ଯ୍ୟକ୍ରମ ତଥା ଗୁରୁତ୍ୱପୂର୍ଣ୍ଣ ବୈଠକ ଗତ ବର୍ଷକ ଭିତରେ ଓଡ଼ିଶାରେ ଅନୁଷ୍ଠିତ ହୋଇଛି। ପୁଲିସ ମହାନିର୍ଦ୍ଦେଶକ ସମ୍ମିଳନୀଠାରୁ ଆରମ୍ଭ କରି ନୌସେନା ଦିବସ, ପ୍ରବାସୀ ଭାରତୀୟ ଦିବସ, ପୁରୀରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କାର୍ଯ୍ୟକ୍ରମ ଆଦି ଅନୁଷ୍ଠିତ ହୋଇଛି। ସେହିପରି ରାଜ୍ୟରେ ରେଳ, ସଡ଼କ, ବିମାନ ସେବା ଓ ଭିତ୍ତିଭୂମିକୁ ସୁଦୃଢ଼ କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ ନିର୍ଭର ପ୍ରତିଶ୍ରୁତି କାରଣରୁ ହିଁ ଆଜି ରାଜ୍ୟକୁ ବଡ଼ ବଡ଼ ଶିଳ୍ପୋଦ୍ୟୋଗୀ ଶିଳ୍ପ ପ୍ରତିଷ୍ଠା ପାଇଁ ଆଗଭର ହୋଇଛନ୍ତି। ପ୍ରଧାନମନ୍ତ୍ରୀ ବୟୋବନ୍ଦନା ଯୋଜନା ଜରିଆରେ ୭୦ ଓ ତଦୂର୍ଦ୍ଧ୍ୱ ସମସ୍ତଙ୍କୁ ମାଗଣା ଚିକିତ୍ସା ଯୋଗାଇ ମୋଦି ସ୍ୱାସ୍ଥ୍ୟ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିଛନ୍ତି ବୋଲି ଶ୍ରୀ ସାମଲ କହିଛନ୍ତି। ଏହି ଅବସରରେ ସେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ସମ୍ପର୍କରେ ବିଶଦ ବିବରଣୀ ଦେଇ କହିଛନ୍ତି ଯେ ଶ୍ରୀ ମୋଦି ବିମାନବନ୍ଦରରେ ପହଞ୍ଚିବା ପରେ ନିକଟସ୍ଥ ବିଜୁ ପଟ୍ଟନାୟକ ଛକରୁ ଏକ ରୋଡ୍ ଶୋ ମାଧ୍ୟମରେ ଏଜି ଛକ, ରାଜଭବନ ଛକ, କଳିଙ୍ଗ ଷ୍ଟାଡିୟମ ଛକ, ଜୟଦେବ ଭବନ ଛକ ଦେଇ ଜନତା ମଇଦାନରେ ପହଞ୍ଚିବେ। ଏହି ଅବସରରେ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହେବ ଓ ୧୦ଟି ସ୍ଥାନରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରାଯିବ। ଏହି ଅବସରରେ ଶ୍ରୀ ମୋଦି ଓଡ଼ିଶା ଭିଜନ-୨୦୩୬ ଓ ୨୦୪୭ ପୁସ୍ତିକା ଉନ୍ମୋଚନ କରିବେ। ବିଭିନ୍ନ ଶିଳାନ୍ୟାସ ଓ ପ୍ରକଳ୍ପଗୁଡ଼ିକୁ ମଧ୍ୟ ପ୍ରଧାନମନ୍ତ୍ରୀ ଭିସି ଜରିଆରେ ଲୋକାର୍ପଣ କରିବେ। ଏଥିସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ଲାଭାର୍ଥୀ ଓ ସାମାଜିକ କ୍ଷେତ୍ରରେ ନେତୃତ୍ୱ ନେଉଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରିବାର କାର୍ଯ୍ୟକ୍ରମ ମଧ୍ୟ ରହିଛି ବୋଲି ଶ୍ରୀ ସାମଲ କହିଛନ୍ତି।

ପ୍ରଧାନମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଦଳ ପକ୍ଷରୁ ସମସ୍ତ ପ୍ରକାରର ପ୍ରସ୍ତୁତି ସରିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ସୁନୀଲ ବଂଶଲ, ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମାରଙ୍କ ଉପସ୍ଥିତିରେ ସମୀକ୍ଷା ବୈଠକ ହୋଇଥିବା ଶ୍ରୀ ସାମଲ କହିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ମୁଖପାତ୍ର ସଜ୍ଜନ ଶର୍ମା, ସୁଦୀପ୍ତ ରାୟ, ଅନିଲ ବିଶ୍ୱାଳ ଓ ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ କୁମାର ଦାସ ଉପସ୍ଥିତ ଥିଲେ।

## ପ୍ରୋବେସନର ଆଇଏଏସ୍‌ଙ୍କ ଗାଡ଼ିରେ ବୋର୍ଡ ଓ ଲାଇଟ୍ ଜିଲ୍ଲାପାଳଙ୍କୁ ତଦନ୍ତ ନିର୍ଦ୍ଦେଶ

**ଭୁବନେଶ୍ୱର,୧୮।୬(ସଂଚାର ବ୍ୟୁରୋ):** ପ୍ରୋବେସନର ଆଇଏଏସ୍ ବ୍ୟବହାର କରୁଥିବା ଗାଡ଼ିରେ ଲେଖାଥିବା ବୋର୍ଡକୁ ନେଇ ବିବାଦ ଉପୁଜିଛି। କଳାହାଣ୍ଡିରେ ଜନୈକ ପ୍ରୋବେସନର୍ ଆଇଏଏସ୍ ବ୍ୟବହାର କରୁଥିବା ଗାଡ଼ି ସମ୍ମୁଖରେ 'ଆଇଏଏସ୍ ପ୍ରୋବେସନର କଳାହାଣ୍ଡି' ଲେଖାଥିବା ବେଳେ କେଉଁ କ୍ଷମତା ବଳରେ




ଉକ୍ତ ପ୍ରୋବେସନର୍ ଜଣଙ୍କ ଏପରି ଲେଖିଛନ୍ତି, ତା'ର ତଦନ୍ତ ପାଇଁ କଳାହାଣ୍ଡି ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ସଚିବ ନିର୍ଦ୍ଦେଶ ଜାରି କରିଥିବା ବେଳେ ଖୁବ୍‌ଶୀଘ୍ର ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଉକ୍ତ ଗାଡ଼ିରେ ଅମ୍ବର ଲାଇଟ୍ ମଧ୍ୟ ଲଗାଯାଇ ଥିବାରୁ ଏହାକୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରିବା ସକାଶେ ନିର୍ଦ୍ଦେଶ ଦିଆଯାଇଛି। ସାଧାରଣତଃ ଜରୁରୀ କାଳୀନ ସେବା ସହ ଜଡ଼ିତ ଓ ସ୍ୱତନ୍ତ୍ର ବାହରେ ଏହି ଧରଣର ଲାଇଟ୍ ବ୍ୟବହାର କରିବା ସକାଶେ ଅନୁମତି ମିଳିଥାଏ।

## ସାମୂହିକ ପାଠାଗାର, ପ୍ରଶିକ୍ଷଣ କେନ୍ଦ୍ରର ଶିଳାନ୍ୟାସ କଲେ ସାଂସଦ ଅପରାଜିତା



**ଭୁବନେଶ୍ୱର,୧୮।୬(ସଂଚାର ବ୍ୟୁରୋ):** ଏଣିକି ଅର୍ଥାଭାବରୁ କୌଣସି ମେଧାବୀ ଛାତ୍ରଛାତ୍ରୀ ଉଚ୍ଚଶିକ୍ଷା ଓ ବିଭିନ୍ନ ପ୍ରକାରର ସରକାରୀ କି ବେସରକାରୀ ଚାକିରିରୁ ବଞ୍ଚିତ ହେବେନାହିଁ। ରେଲୱେ, ବ୍ୟାଙ୍କିଂ ଭଳି କମ୍ପିଟିଟିଭ୍ ପରୀକ୍ଷା ଲାଗି ଅଧିକ ଟଙ୍କା ଖର୍ଚ୍ଚ କରି ସେମାନଙ୍କୁ ବେସରକାରୀ କୋଚିଂ ସେଣ୍ଟରକୁ ବି ଯିବାକୁ ପଡ଼ିବନାହିଁ। ନିଜ ଅଞ୍ଚଳର ଆର୍ଥିକ ଅନଗ୍ରସର ଶ୍ରେଣୀର ମେଧାବୀ ଛାତ୍ରଛାତ୍ରୀଙ୍କ ଲାଗି ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଆଜି ଏକ ସାମୂହିକ ପାଠାଗାର ଓ ପ୍ରଶିକ୍ଷଣ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ। ଗରିବ ପିଲାଙ୍କ ଲାଗି ଏଭଳି ସାମୂହିକ ଲାଇବ୍ରେରୀ କମ୍ କୋଚିଂ ସେଣ୍ଟର ନିର୍ମାଣ ଚିନ୍ତାଧାରା ଦେଶରେ ପ୍ରଥମ ବୋଲି ସାଂସଦ କହିଛନ୍ତି। ୧୭୫୦ ବର୍ଗଫୁଟର ଏହି ଲାଇବ୍ରେରି କମ୍ କୋଚିଂ ସେଣ୍ଟର ନିର୍ମାଣ ଲାଗି ମୋଟ୍ ୫୩ ଲକ୍ଷ ଟଙ୍କା ବ୍ୟୟ ହେବ। ଏଥିରୁ ୩୦ ଲକ୍ଷ ଟଙ୍କା ସାଂସଦଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ପ୍ରଦାନ କରାଯିବ। ଅବଶିଷ୍ଟ ୨୩ ଲକ୍ଷ ପଞ୍ଚମ ରାଜ୍ୟ ଅର୍ଥ କମିଶନ, ଏମ୍‌ଜିଏନ୍‌ଆର୍‌ଏ, ଜିଲ୍ଲା ଖଣିଜ ପାଣ୍ଠି ଓ ଏସ୍‌ବିଏମ୍। ଏଥିରେ ଏସି ହଲ୍, ପାଠାଗାର, କୋଚିଂ ହଲ୍, ରିଡିଂ ରୁମ୍, ଅତ୍ୟାଧୁନିକ ଟଏଲେଟ୍, ଲାଉଞ୍ଜ ଭଳି ଅତ୍ୟାଧୁନିକ ସୁବିଧା ରହିବ। ବର୍ଷେ ଭିତରେ ଏହାର କାର୍ଯ୍ୟ ସମାପନ ଲାଗି ସମୟ ଧାର୍ଯ୍ୟ କରାଯାଇଥିବାବେଳେ, ନିର୍ମାଣ କାର୍ଯ୍ୟ ସରିଲେ ଅଭିଜ୍ଞ ପ୍ରଶିକ୍ଷକ ମାନଙ୍କ ଦ୍ୱାରା ସ୍ଥାନୀୟ ମେଧାବୀ ତଥା ଆର୍ଥିକ ଅନଗ୍ରସର ଶ୍ରେଣୀର ପିଲାମାନଙ୍କୁ ରେଲୱେ, ବ୍ୟାଙ୍କିଂ ଭଳି ବିଭିନ୍ନ ପ୍ରକାରର କମ୍ପିଟିଟିଭ୍ ପରୀକ୍ଷା ଲାଗି ମାଗଣାରେ କୋଚିଂ ବା ପ୍ରଶିକ୍ଷଣ ପ୍ରଦାନ କରାଯିବ। ଏମିତିକି କାର୍ଯ୍ୟ ସମାପନ ସରିଲେ କୌଣସି ଏକ ଅଗ୍ରଣୀ ଅନୁଷ୍ଠାନ ସହ ଚୁକ୍ତିନାମା କରି ପିଲାମାନଙ୍କୁ କୋଚିଂ ପ୍ରଦାନ କରାଯିବ ବୋଲି କହିଛନ୍ତି ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରାଣା। ଏତିକି ନୁହେଁ, ପାଠାଗାର କମ୍ କୋଚିଂ ସେଣ୍ଟରରେ ପିଲାଙ୍କ ପଢ଼ିବା ଲାଗି ସମସ୍ତ ପ୍ରକାରର ବହି ମିଳୁଛି କି ନାହିଁ, ପ୍ରଶିକ୍ଷଣରେ କଣ ତ୍ରୁଟି ରହୁଛି ତାହାକୁ ବ୍ୟକ୍ତିଗତଭାବେ ତଦାରଖ କରିବା ସହ ସମୟ ସମୟରେ ନିଜେ ମଧ୍ୟ ପିଲାମାନଙ୍କୁ ପ୍ରଶିକ୍ଷଣ ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ସାଂସଦ ଅପରାଜିତା। କାର୍ଯ୍ୟକ୍ରମରେ ସିଡିଓ ଜ୍ୟୋତିଶଙ୍କର ସାହୁ, ଖୋର୍ଦ୍ଧା ବ୍ଳକ ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ସାମନ୍ତରାୟ, ଜିଲ୍ଲା ପରିଷଦ ପ୍ରଫୁଲ୍ଲ ଦଳାଇ, ଖୋର୍ଦ୍ଧା ଏକଜିକ୍ୟୁଟିଭ ଇଞ୍ଜିନିୟର ତପନ କୁମାର ସାହୁ, ସହକାରୀ ଏକଜିକ୍ୟୁଟିଭ ଇଞ୍ଜିନିୟର ମାନସ ରଞ୍ଜନ ନାୟକ, ପୂର୍ବତନ ବିଜେପି ଜିଲ୍ଲା ସଭାପତି ରଶ୍ମିରଞ୍ଜନ ମହାପାତ୍ର, ସାଂସଦଙ୍କ ପ୍ରତିନିଧି ବିଭୁପ୍ରସାଦ ବଳିୟାରସିଂହ, ଦିଲୀପ କୁମାର ହୋତା, ପ୍ରତାପ ମହାପାତ୍ର, ନିକୁଞ୍ଜ ପଟ୍ଟନାୟକ ଓ ସାଂସଦଙ୍କ ଓଏସଡି ଶଶାଙ୍କ ଶେଖର ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର

**କଟକ,୧୮।୬(ସଂଚାର ବ୍ୟୁରୋ):** କଟକରେ ଘଟିଛି ଏକ ବୀଭତ୍ସ ହତ୍ୟାକାଣ୍ଡ। ବକ୍ସିବଜାରସ୍ଥିତ ସିଡିଏ ମାର୍କେଟ୍ କମ୍ପ୍ଲେକ୍ସରେ ଏହି ହତ୍ୟାକାଣ୍ଡ ଘଟିଥିବା ବେଳେ ମାର୍କେଟର ପାୟଲ ରେଷ୍ଟୁରାଣ୍ଟରୁ ଏକ ଗଳିତ ମୃତଦେହକୁ ଉଦ୍ଧାର କରାଯାଇଛି। ଯୁବକଙ୍କ ଗଳା କାଟି ଅତି ବୀଭତ୍ସ ଭାବେ ହତ୍ୟା କରାଯାଇଥିବା ଜଣାପଡ଼ିଛି। ସନ୍ଧାନୀ କୁକୁର ସହାୟତାରେ ସ୍ଥାନୀୟ ପୁଲିସ ଘଟଣାସ୍ଥଳରେ ଯାଞ୍ଚ କରି ଉକ୍ତ ମୃତଦେହକୁ ଉଦ୍ଧାର କରିବା ସହ ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ଏସସିବି ମେଡିକାଲକୁ ପଠାଇଛି। ପ୍ରାଥମିକ ତଦନ୍ତରୁ ମୃତ ଯୁବକଙ୍କ ବେକରେ ଗଭୀର ଆଘାତ ଲାଗିଥିବା ବେଳେ ପ୍ରଚୁର ରକ୍ତସ୍ରାବ ହୋଇଥିବାର ଚିହ୍ନ ରହିଛି। ତେଣୁ ଏହା ସୁଚିନ୍ତିତ ହତ୍ୟାକାଣ୍ଡ ବୋଲି ପୁଲିସ୍ ଅନୁମାନ କରୁଛି। ତେବେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଏହି ମାମଲାରେ ପୁଲିସ୍ କାହାରିକୁ ବି ଅଟକ ରଖିନଥିବା ଜଣାପଡ଼ିଛି। ମିଳିଥିବା ସୂଚନାନୁଯାୟୀ, ମୃତ ଯୁବକ ଜଣଙ୍କ ହେଉଛନ୍ତି କଟକ ଶଙ୍କରପୁର ଅଞ୍ଚଳର ଅଶୋକ ବାରିକ। ଗତକାଲି ରାତିରେ ମାର୍କେଟ କମ୍ପ୍ଲେକ୍ସରେ ଶୋଇଥିବା ସମୟରେ ତାଙ୍କୁ ହତ୍ୟା କରାଯାଇଥିବା ସ୍ଥାନୀୟ ଲୋକେ ଅନୁମାନ କରୁଛନ୍ତି। ତେବେ କେଉଁ କାରଣରୁ ତାଙ୍କୁ ହତ୍ୟା କରାଯାଇଛି, ସେନେଇ କିଛି ବି ସ୍ପଷ୍ଟ ହୋଇପାରିନାହିଁ। ତେବେ ଖବର ପାଇ ଘଟଣାସ୍ଥଳରେ ସ୍ଥାନୀୟ କ୍ୟାଣ୍ଟନମେଣ୍ଟ ଥାନା ପୁଲିସ ପହଞ୍ଚି ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ ସକାଶେ ପଠାଇଛି। ସକାଳୁ ଘଟଣାସ୍ଥଳରେ ଡଗ ସ୍କ୍ୱାଡ୍ ପହଞ୍ଚି ପୁଙ୍ଖାନୁପୁଙ୍ଖ ଯାଞ୍ଚ କରିବା ପରେ ଗଳିତ ମୃତଦେହକୁ ଉଦ୍ଧାର କରାଯାଇଥିଲା। ତେବେ ସିସିଟିଭି ଫୁଟେଜ୍ ଯାଞ୍ଚ ପୂର୍ବକ ଏହି ଘଟଣାର ପୁଲିସ୍ ତଦନ୍ତ କରୁଥିବା ବେଳେ ଖୁବଶୀଘ୍ର ହତ୍ୟାକାରୀଙ୍କୁ ଠାବ କରିବାରେ ସକ୍ଷମ ହେବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛି।

## ପାରିବାରିକ କଳହ: ସ୍ୱାମୀ ଜୀବନନେଲା ସ୍ତ୍ରୀ



**ଧରାକୋଟ,୧୮।୬(ସଂଚାର ବ୍ୟୁରୋ):** ପୁଣି ସ୍ତ୍ରୀ ସାଜିଲା ଖୁନୀ! ସ୍ୱାମୀକୁ ମାରିଲା, ନିଜ ମଥାରୁ ସିନ୍ଦୂର ବି ପୋଛିଲା! ସାତଜନ୍ମର ସାଥୀ ହେବାକୁ ବେଦୀରେ ଯାହାର ହାତ ଧରିଥିଲା, ନିଜ ହାତରେ ହିଁ ତା'ରି ତଣ୍ଟି ଚିପି ହତ୍ୟା କଲା। ପାରିବାରିକ କଳହର ବୀଭତ୍ସ ରୂପ ଦେଖିବାକୁ ମିଳିଛି ଗଞ୍ଜାମ ଜିଲ୍ଲାର ଧରାକୋଟ ଥାନାଞ୍ଚଳରେ। ଗତକାଲି ରାତିରେ ଏଠାରେ ଜନୈକା ମହିଳା ତାଙ୍କ ସ୍ୱାମୀକୁ ହତ୍ୟା କରିଛନ୍ତି। ଧରାକୋଟ ଥାନାର ମୁଣ୍ଡମରାଇ ଗାଁରେ ଏହି ଅଭାବନୀୟ ଘଟଣା ଘଟିଛି। ମିଳିଥିବା ସୂଚନା ମୁତାବକ, ମୃତକ ଜଣଙ୍କ ମୁଣ୍ଡମରାଇ ଗାଁର ଅମର ନାୟକ। ଅଭିଯୁକ୍ତ ସ୍ତ୍ରୀ ଅଞ୍ଜନା ଗତକାଲି ରାତିରେ ତାଙ୍କୁ ହତ୍ୟା କରିଛନ୍ତି। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ପ୍ରବଳ ଝଗଡ଼ା ହୋଇଥିବା ବେଳେ ଏହା ପରେ କ୍ରମଶଃ ଉଗ୍ର ରୂପ ନେଇଥିଲା। ଏଥିରେ ଅତି ମାତ୍ରାରେ ଉତ୍‌କ୍ଷିପ୍ତ ହୋଇ ଅଞ୍ଜନା ସ୍ୱାମୀ ଅମରଙ୍କ ତଣ୍ଟି ଚିପି ହତ୍ୟା ହତ୍ୟା କରିଥିଲା। ଏପରିକି ହତ୍ୟା ପରେ ସେ ଏହାକୁ ଆତ୍ମହତ୍ୟାର ରୂପ ଦେବାକୁ ବି ଉଦ୍ୟମ କରିଥିଲା। କିନ୍ତୁ କୌଣସି ସୂତ୍ରରୁ ଖବର ପାଇ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚିଥିଲା। ମୃତଦେହ ଉଦ୍ଧାର କରିବା ସହ ଅଭିଯୁକ୍ତ ଅଞ୍ଜଳିକୁ ଥାନାରେ ଅଟକ ରଖି ପୁଲିସ୍ ଅଧିକ ତଦନ୍ତ କରୁଛି। ତେବେ ଏପରି ଏକ ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇଦେଇଛି। କୌଣସି ସ୍ତ୍ରୀ ନିଜ ହାତରେ କ'ଣ ମଥା ସିନ୍ଦୂର ପୋଛିଦେଇପାରେ ବୋଲି ଲୋକେ ପ୍ରଶ୍ନ ବି କରୁଛନ୍ତି।

### କଳହରୁ ପରିବାର ଉଚ୍ଛନ୍ନ

## ବିଷପିଇ ଶାଶୂ-ବୋହୂ ମୃତ, ସ୍ୱାମୀ ଗୁରୁତର



**କଟକ,୧୮।୬(ସଂଚାର ବ୍ୟୁରୋ):** ପାରିବାରିକ କଳହର କରୁଣ ପରିଣତି। ବିଷ ପିଇ ଶାଶୂ ଓ ବୋହୂ ମୃତ୍ୟୁବରଣ କରିଥିବା ବେଳେ ସ୍ୱାମୀ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି। କଟକ ଜିଲ୍ଲା ବଡ଼ମ୍ବା ବଡ଼ବାରସିଂହ ଗାଁରେ ଏପରି ଏକ ଅଭାବନୀୟ ଘଟଣା ଘଟିଛି, ଯାହା ଫଳରେ ଗୋଟିଏ ପରିବାର ପୂରାପୂରି ଉଚ୍ଛନ୍ନ ହୋଇଯାଇଛି। ମୃତକଦ୍ୱୟ ହେଲେ ବୋହୂ ସଙ୍ଗୀତା ସେନାପତି ଓ ଶାଶୂ ନିବାସୀ ସେନାପତି। ସେହିପରି ସ୍ୱାମୀ ଭାଗୀରଥି ସେନାପତି ବଡ଼ମ୍ବା ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ତେବେ ସେମାନେ କେଉଁ ପରିସ୍ଥିତିରେ ଏପରି ଚରମ ନିଷ୍ପତ୍ତି ନେଲେ, ସେନେଇ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ସ୍ପଷ୍ଟ ଭାବେ କିଛି ବି ଜଣାପଡ଼ିନାହିଁ। ଗତକାଲି ବିଳମ୍ବିତ ରାତିରେ ତିନିହେଁ ବିଷ ପିଇ ଦେଇଥିଲେ। ଗୁରୁତର ଅବସ୍ଥାରେ ସେମାନଙ୍କୁ ବଡ଼ମ୍ବା ମେଡିକାଲକୁ ଅଣାଯାଇଥିଲା। କିନ୍ତୁ ହସ୍ପିଟାଲରେ ପହଞ୍ଚିବା ପୂର୍ବରୁ ଶାଶୂ ନିବାସୀଙ୍କର ମୃତ୍ୟୁ ହୋଇସାରିଥିଲା। ବୋହୂ ସଙ୍ଗୀତାଙ୍କ ଅବସ୍ଥା ଅଧିକ ଗୁରୁତର ହେବାରୁ ତାଙ୍କୁ ଆଠଗଡ଼ ଉପଖଣ୍ଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ବି ମୃତ୍ୟୁ ଘଟିଥିଲା। ଏଥିସହ ଭାଗୀରଥି ମଧ୍ୟ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଘଟଣା ସମ୍ପର୍କରେ ଖବର ପାଇ ବଡମ୍ବା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଦୁଇଟି ପୃଥକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ତଦନ୍ତ ଚଳାଇଛି। କିନ୍ତୁ ସେମାନଙ୍କ ବିଷ ପିଇବା ପଛର ପ୍ରକୃତ କାରଣ ନେଇ କିଛି ବି ଠୋସ୍ ସୂଚନା ମିଳିପାରିନାହିଁ। ଅବଶ୍ୟ ପାରିବାରିକ କହଳକୁ କେନ୍ଦ୍ରକରି ସେମାନେ ଏପରି ଚରମ ନିଷ୍ପତ୍ତି ନେଇଥିବା ଅନୁମାନ କରାଯାଉଛି। ଏନେଇ ପୁଲିସ ପକ୍ଷରୁ ମଧ୍ୟ କିଛି ବି କୁହାଯାଇନାହିଁ।

## ଭୁବନେଶ୍ୱର ଷ୍ଟେସନ୍‌ର ଟିକେଟ କାଉଣ୍ଟର ସ୍ଥାନାନ୍ତର




**ଭୁବନେଶ୍ୱର,୧୮।୬(ସଂଚାର ବ୍ୟୁରୋ):** ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ଭୁବନେଶ୍ୱର ରେଳ ଷ୍ଟେସନର ଚାଲୁରହିଥିବା ପୁନର୍ବିକାଶ କାର୍ଯ୍ୟର ଏକ ଅଂଶ ଭାବରେ, ଭୁବନେଶ୍ୱର ରେଳ ଷ୍ଟେସନକୁ ବିଶ୍ୱସ୍ତରୀୟ ମାନଦଣ୍ଡରେ ଉନ୍ନୀତ କରିବା ଲକ୍ଷ୍ୟରେ ଯାତ୍ରୀ ସୁବିଧା ଏବଂ ଭିତ୍ତିଭୂମିକୁ ଉନ୍ନତ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ବିଦ୍ୟମାନ ଅସ୍ଥାୟୀ ସେଡ୍‌ରେ ନିର୍ମାଣ କାର୍ଯ୍ୟକଳାପକୁ ଦୃଷ୍ଟିରେ ରଖି ଅସ୍ଥାୟୀ ସେଡ୍‌ରୁ ପୂର୍ବରୁ କାର୍ଯ୍ୟ କରୁଥିବା ଯାତ୍ରୀ ସଂରକ୍ଷଣ ପ୍ରଣାଳୀ (ପିଆରଏସ) ଓ ଅଣସଂରକ୍ଷିତ ଟିକେଟିଂ ପ୍ରଣାଳୀ (ୟୁଟିଏସ) କାଉଣ୍ଟରଗୁଡ଼ିକୁ ବର୍ତ୍ତମାନ ଅସ୍ଥାୟୀ ଭାବେ ନବନିର୍ମିତ ନୂତନ ନିର୍ମିତ ଭୂମିସ୍ତରୀୟ ପ୍ରସ୍ଥାନ କନକୋର୍ସକୁ ସ୍ଥାନାନ୍ତର କରାଯାଇଛି। ଏହି ବ୍ୟବସ୍ଥା ଅସ୍ଥାୟୀ ସେଡ୍ ସ୍ଥାନରେ ନିର୍ମାଣ କାର୍ଯ୍ୟ ସୁଗମ ଭାବେ ଆଗକୁ ବଢ଼ିବା ସହ ଟିକେଟିଂ ସେବାର ନିରବଚ୍ଛିନ୍ନ ଉପଲବ୍ଧତାକୁ ସୁନିଶ୍ଚିତ କରିବ। ଯାତ୍ରୀଙ୍କ ଗତିବିଧିକୁ ଆହୁରି ସହଜ କରିବା ପାଇଁ ଟାଉନ୍ ବସ୍ ଷ୍ଟାଣ୍ଡ/ମନ୍ଦିର ପାର୍ଶ୍ୱରୁ ଏକ ନୂତନ ନିର୍ମିତ ଆପ୍ରୋଚ୍ ରୋଡ୍ ଖୋଲାଯାଇଛି, ଯାହା ଷ୍ଟେସନକୁ ଉନ୍ନତ ସଂଯୋଗ ଏବଂ ଅସୁବିଧାମୁକ୍ତ ପ୍ରବେଶକୁ ସକ୍ଷମ କରିବ। ଏହି ପୁନର୍ବିକାଶ ପ୍ରୟାସରେ ଏକ ପ୍ରମୁଖ ମାଇଲଖୁଣ୍ଟ ହେଉଛି ଏକ ନୂତନ ନିର୍ମିତ ଭୂମିସ୍ତରୀୟ ପ୍ରସ୍ଥାନ କନକୋର୍ସ ମାଧ୍ୟମରେ ପ୍ଲାଟଫର୍ମ ନମ୍ବର ୧କୁ ସିଧାସଳଖ ପ୍ରବେଶର ସୁଯୋଗ ଖୋଲିବା ଯାହା ଭିଡ଼ ହ୍ରାସ କରିବ ଓ ଯାତ୍ରୀ ପ୍ରବାହକୁ ଉଲ୍ଲେଖନୀୟ ଭାବରେ ଉନ୍ନତ କରିବ ବୋଲି ଆଶା କରାଯାଉଛି। ଚାଲୁଥିବା ଷ୍ଟେସନ ଭବନରେ ସ୍ଥାନାନ୍ତରିତ ୟୁଟିଏସ ଓ ପିଆରଏସ କାଉଣ୍ଟରଗୁଡ଼ିକ ଯାତ୍ରୀମାନଙ୍କ ପାଇଁ ଅଧିକ ସ୍ଥାନ ଉପଲବ୍ଧ କରାଇବା ସହ ଯାତ୍ରୀମାନଙ୍କ ଯାତାୟାତ ପାଇଁ ସୁବିଧା ପ୍ରଦାନ କରିବ।

## ଓଡ଼ିଶାକୁ ରେଡ୍ ଆଲର୍ଟ, ୫ ଜିଲ୍ଲାକୁ ୱାର୍ଣ୍ଣିଂ

**ଭୁବନେଶ୍ୱର, ୧୮।୬ (ସଂଚାର ବ୍ୟୁରୋ) :** ଓଡ଼ିଶାକୁ ରେଡ୍ ଆଲର୍ଟ। ପ୍ରବଳ ବର୍ଷା ନେଇ ଓଡ଼ିଶାକୁ ସତର୍କ କରାଇଲା ପାଣିପାଗ ବିଭାଗ । ପୂର୍ବ ଓ ପଶ୍ଚିମ ଭାଗରେ ସକ୍ରିୟ ଦୁଇଟି ଲଘୁଚାପ ପାଇଁ ଦେଶର ୫ଟି ରାଜ୍ୟକୁ ରେଡ୍ ଆଲର୍ଟ ଜାରି କରିଛି ପାଣିପାଗ ବିଭାଗ । ଓଡ଼ିଶା ସମେତ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଆସାମ ଓ ମେଘାଳୟକୁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି। ସେପଟେ ଗାଙ୍ଗେୟ ପଶ୍ଚିମବଙ୍ଗ ଉପତ୍ୟକା ଏବଂ ତାର ପାଶ୍ୱର୍ବର୍ତ୍ତୀ ଅଞ୍ଚଳରେ ସକ୍ରିୟ ଥିବା ଲଘୁଚାପ କ୍ଷେତ୍ର ପଶ୍ଚିମଉତ୍ତର ପଶ୍ଚିମ ଦିଗରେ ଗତି କରୁଛି । ଆଜି ସକାଳୁ ଆହୁରି ଘନୀଭୂତ ହୋଇ ସୁସ୍ପଷ୍ଟ ଲଘୁଚାପ କ୍ଷେତ୍ରରେ ପରିଣତ ହୋଇଛି । ଏହା ପ୍ରଭାବରେ ସାରା ଓଡ଼ିଶାରେ ବର୍ଷା ଲାଗି ରହିଛି। ପ୍ରବଳରୁ ଅତିପ୍ରବଳ ବର୍ଷା ପାଇଁ ଆଜି ୭ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ମୟୂରଭଞ୍ଜ, ଯାଜପୁର, କେନ୍ଦୁଝର, ଭଦ୍ରକ, ବାଲେଶ୍ୱର, ସୁନ୍ଦରଗଡ଼, ସମ୍ବଲପୁରରେ ପ୍ରବଳ ବର୍ଷା ହେବ । ମୟୂରଭଞ୍ଜ ଜିଲ୍ଲାରେ ଭୀଷଣ ବର୍ଷା ହୋଇପାରେ । ସେହିପରି ଅନ୍ୟ ୭ ଜିଲ୍ଲାରେ ପ୍ରବଳ ବର୍ଷା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ଆସନ୍ତାକାଲି ମଧ୍ୟ ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ସମ୍ବଲପୁର ଜିଲ୍ଲା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି ।

## ମୁଖ୍ୟମନ୍ତ୍ରୀଙ୍କ ଏଆଇ ଭିଡିଓ ପୋଷ୍ଟ କରି ଯୁବକ ଗିରଫ



**ଭୁବନେଶ୍ୱର, ୧୮।୬ (ସଂଚାର ବ୍ୟୁରୋ) :** ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଆପତ୍ତିଜନକ ଏଆଇ ତିଆରି ଭିଡିଓ ସୋସିଆଲ୍ ମିଡିଆରେ ପୋଷ୍ଟ କରିବା ଅଭିଯୋଗରେ ରାୟଗଡ଼ା ଜିଲାର ଜଣେ ଯୁବକଙ୍କୁ କ୍ରାଇମ ବ୍ରାଞ୍ଚ ଗିରଫ କରିଛି। ଗିରଫ ହୋଇଥିବା ବ୍ୟକ୍ତିଙ୍କ ନାମ କିଶୋର କୌଶଲ୍ୟା ଭାବେ ଜଣାପଡ଼ିଛି। ଅଭିଯୁକ୍ତଙ୍କୁ ଭାରତୀୟ ନ୍ୟାୟ ସଂହିତାର ସଂଖ୍ୟା ୭୮, ୭୯, ୨୯୪, ୨୯୬, ୩୩୬(୨), ୩୩୬(୪), ୩୪୦(୨) ଓ ୩୫୬(୨) ଧାରା, ଆଇଟି ଆକ୍ଟ ୨୦୦୦ର ସଂଖ୍ୟା ୬୬-C, ୬୭ ଓ ୬୭-ଏ ଧାରା, ଏବଂ ୧୯୮୬ର ଅଶ୍ଳୀଳ ମହିଳା ପ୍ରତିନିଧିତ୍ୱ (ନିଷେଧ) ଆଇନର ସଂଖ୍ୟା ୩ ଧାରା ଅଧୀନରେ ଅଭିଯୋଗ ରହିଛି। ତାଙ୍କୁ ଭୁବନେଶ୍ୱରର ଏସ୍‌ଡିଜେଏମ୍ ମହଲାରେ ଉପସ୍ଥାପିତ କରାଯାଇଛି, ବୋଲି କ୍ରାଇମ ବ୍ରାଞ୍ଚ ଜଣାଇଛି। କ୍ରାଇମ ବ୍ରାଞ୍ଚ ଅଭିଯୋଗ କରିଛି ଯେ ଅଭିଯୁକ୍ତ ମୁଖ୍ୟମନ୍ତ୍ରୀଙ୍କର ଛବିକୁ କ୍ଷତି ପହଞ୍ଚାଇବା ଉଦ୍ଦେଶ୍ୟରେ ଏଆଇ ଦ୍ୱାରା ତିଆରି ଏବଂ ମର୍ଫଡ଼ କରାଯାଇଥିବା ଭିଡିଓକୁ ସୋସିଆଲ୍ ମିଡିଆରେ ଶେୟାର କରିଥିଲେ। ଏହି ଭିଡିଓରେ ମୁଖ୍ୟମନ୍ତ୍ରୀଙ୍କୁ ଅଶ୍ଳୀଳ ଭାବେ ଦେଖାଯାଇଥିଲା। ଏହି ବିଷୟରେ ପୋଲିସ ନିକଟରେ ଏକ ଅଭିଯୋଗ ଦାଖଲ ହୋଇଥିଲା।

## 'ବିଲୁପ୍ତପ୍ରାୟ ଶସ୍ୟର ପୁନରୁଦ୍ଧାର ଓ ଏହାର ସ୍ଥାୟିତ୍ୱ' ଯୋଜନାର ଶୁଭାରମ୍ଭ




**ଭୁବନେଶ୍ୱର,୧୮।୬(ସଂଚାର ବ୍ୟୁରୋ):** ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ 'ଓଡ଼ିଶାରେ ବିସ୍ମୃତ ଖାଦ୍ୟ/ବିଲୁପ୍ତପ୍ରାୟ ଶସ୍ୟର ପୁନରୁଦ୍ଧାର ଓ ଏହାର ସ୍ଥାୟିତ୍ୱ' ଶୀର୍ଷକ ଯୋଜନା ଆରମ୍ଭ ହୋଇଛି। ଗତବର୍ଷ ନଭେମ୍ବରରେ ମାଣ୍ଡିଆ ଦିବସ ଅବସରରେ ଶ୍ରୀଅନ୍ନ ଓ ବିସ୍ମୃତ ଖାଦ୍ୟ ଉପରେ ଆୟୋଜିତ ଅନ୍ତର୍ଜାତୀୟ ସମ୍ମିଳନୀକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦଘାଟନ କରିଥିଲେ। ଏଥିରେ ବିଭିନ୍ନ ଦେଶର ବିଶେଷଜ୍ଞ ଓ କୃଷି ବୈଜ୍ଞାନିକ ଯୋଗଦେଇଥିଲେ। ସାରା ରାଜ୍ୟରେ ପାରମ୍ପରିକ ଫସଲ କିସମ ଓ ଖାଦ୍ୟର ସଂରକ୍ଷଣ, ଚାଷ, ମୂଲ୍ୟ ବୃଦ୍ଧି, ବ୍ୟାବସାୟୀକରଣ ଓ ସଚେତନତା ସୃଷ୍ଟି ଉପରେ ଧ୍ୟାନ ଦେଇ ସେଗୁଡିକର ପୁନରୁଦ୍ଧାର କରିବା ଏହି ଯୋଜନାର ମୂଳ ଲକ୍ଷ୍ୟ। ଏହାଦ୍ୱାରା ବିଶେଷକରି ଜନଜାତି ସମ୍ପ୍ରଦାୟର ଚାଷୀମାନେ ଆର୍ଥିକ ସଶକ୍ତ ହୋଇପାରିବେ। ଆଜି ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ମାର୍ଗଦର୍ଶନରେ ଶୁଭାରମ୍ଭ ହୋଇଥିବା ଯୋଜନାକୁ ରାଜ୍ୟ ସରକାର ଅନୁମୋଦନ ଦେଇଛନ୍ତି।

ଓଡ଼ିଶାରେ ୬୪ ପ୍ରକାରର ଜନଜାତି ସମ୍ପ୍ରଦାୟ ବସବାସ କରୁଥିବା ବେଳେ କୃଷି ଜୈବ ବିବିଧତାର ସମ୍ପ୍ରଦାୟଭିତ୍ତିକ ସଂରକ୍ଷଣର ସମୃଦ୍ଧ ଐତିହ୍ୟ ରହିଛି। ଓଡ଼ିଶାର ଜନଜାତି ସମ୍ପ୍ରଦାୟର ଲୋକେ ପୁରାତନ କାଳରୁ ବିଭିନ୍ନ ପାରମ୍ପରିକ ଫସଲ ଯଥା କନ୍ଦା, ଡାଲି, ତୈଳବୀଜ, ଶାଗ, ବନ୍ୟଜାତ ଫଳମୂଳ ଚାଷ ଓ ଖାଦ୍ୟ ସହ ଓତଃପ୍ରୋତ ଭାବେ ଜଡ଼ିତ। ଏହି ଯୋଜନା ଦେଶୀ ବିହନ ଓ ବୃକ୍ଷରାଜି ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ସ୍ୱର୍ଗତଃ ପଦ୍ମଶ୍ରୀ କମଳା ପୂଜାରୀ, ସାବରମତୀ, ପ୍ରଫେସର ରାଧାମୋହନ ଏବଂ ପଟ୍ଟାୟତ ସାହୁଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀ କରାଯାଇଛି।

ଏହି ଯୋଜନା ଆସନ୍ତା ୫ ବର୍ଷ ପାଇଁ ଓଡ଼ିଶାର କୃଷି ଜୈବ ବିବିଧତାର କେନ୍ଦ୍ରସ୍ଥଳୀ ଭାବେ ପରିଚିତ ୧୫ଟି ଜିଲ୍ଲାର ୨୫ଟି ବ୍ଲକରେ କାର୍ଯ୍ୟକାରୀ କରାଯିବାର ପରିକଳ୍ପନା ରହିଛି। ଏହି ପଦକ୍ଷେପ ଦ୍ୱାରା ବିଲୁପ୍ତପ୍ରାୟ ଫସଲ ଚାଷକୁ ପ୍ରୋତ୍ସାହନ ମିଳିବ, ଯାହାର ଫାଇଦା ରାଜ୍ୟର ପ୍ରାୟ ୬୦ ହଜାର ଚାଷୀ ସିଧାସଳଖ ପାଇବେ। ବିଭିନ୍ନ ବିଲୁପ୍ତପ୍ରାୟ ଫସଲର ପାରମ୍ପରିକ ଜ୍ଞାନ ସମ୍ପର୍କରେ ତଥ୍ୟାବଳୀ ପ୍ରସ୍ତୁତି ପାଇଁ ଅନନ୍ୟ ପଦକ୍ଷେପ ଭାବେ 'କମଳା ପୂଜାରୀ ସହଭାଗୀତା ଗବେଷଣା ବୃତ୍ତି' ପ୍ରଦାନ କରାଯିବା ଯୋଜନା ରହିଛି। ଏହାଦ୍ୱାରା ଅନେକ ଭୂପ୍ରଜାତି ଓ ରନ୍ଧନ ପ୍ରଣାଳୀ ସମ୍ବନ୍ଧରେ ତଥ୍ୟାବଳୀ ପ୍ରସ୍ତୁତି, ସେଗୁଡ଼ିକର ଉପଲବ୍ଧତା ବୃଦ୍ଧି, ପୁସ୍ତିକର ତଥ୍ୟାବଳୀ ସଂଗ୍ରହ, ଏକ ମୁକ୍ତ ଡିଜିଟାଲ୍ ଜ୍ଞାନ ପ୍ଲାଟଫର୍ମ ପ୍ରସ୍ତୁତ କରିବା ଏବଂ ବିସ୍ମୃତ ଖାଦ୍ୟ ଓ ବିଲୁପ୍ତପ୍ରାୟ ଶସ୍ୟକୁ ପୁନରୁଦ୍ଧାର କରିବା ଦିଗରେ ଓଡ଼ିଶାକୁ ବିଶ୍ୱସ୍ତରରେ ମଡେଲ୍ ଭାବେ ସ୍ଥାନିତ କରାଯାଇପାରିବ ବୋଲି କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି।

## ରଥଯାତ୍ରା ପୂର୍ବରୁ ଜଳବାହିତ ରୋଗ ନେଇ ଚିନ୍ତାରେ ପ୍ରଶାସନ

- ୱାଟ୍‌କୋକୁ ଜଳ ନମୁନା ପରୀକ୍ଷା ଦାୟିତ୍ୱ
- ମୁତୟନ ହେବ ମୋବାଇଲ୍ ଲ୍ୟାବ୍ ଅନ୍ ହ୍ୱିଲ୍



**ପୁରୀ,୧୮।୬(ସଂଚାର ବ୍ୟୁରୋ):** ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ଆଜି ପୁରୀର ସ୍ୱତନ୍ତ୍ର ସର୍କିଟ ହାଉସରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ସମ୍ପ୍ରତି ଜଳବାହିତ ରୋଗ ସତର୍କତା ଓ ଆଗାମୀ ରଥଯାତ୍ରା ମହୋତ୍ସବକୁ ଦୃଷ୍ଟିରେ ରଖି ଜନସ୍ୱାସ୍ଥ୍ୟ ପ୍ରସ୍ତୁତି ସମୀକ୍ଷା କରାଯାଇଛି। ବୈଠକରେ ଗୃହ ନିର୍ମାଣ ଓ ନିର୍ମାଣ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ ଅଧ୍ୟକ୍ଷତା କରିଥିବା ବେଳେ ଜିଲ୍ଲାପାଳ, ଏସପି ଓ ୱାଟକୋ, ପୁରୀ ପୌରପାଳିକା ଏବଂ ଅନ୍ୟାନ୍ୟ ବିଭାଗର ବରିଷ୍ଠ ଅଧିକାରୀ ଯୋଗଦେଇଥିଲେ। ସହରରେ ସ୍ୱଚ୍ଛ ପାନୀୟ ଜଳ, ନିରାପଦ ଖାଦ୍ୟ ଓ ସାମଗ୍ରିକ ପରିଚ୍ଛନ୍ନତା ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ୱାଟକୋ ସରକାରୀ ଓ ବେସରକାରୀ ଉତ୍ସରୁ ଜଳ ନମୁନାର ଅନିୟମିତ ପରୀକ୍ଷା କରିବ। ଏଥିରେ ଓଭରହେଡ୍ ଟ୍ୟାଙ୍କ, ନଳକୂପ ଏବଂ ପ୍ୟାକେଜ୍ଡ ପାଣି ୟୁନିଟ୍ ଆଦି ସାମିଲ୍। ଅନ୍ ଦି ସ୍ପଟ୍ ପରୀକ୍ଷଣ ପାଇଁ ପୁରୀରେ ଏକ ମୋବାଇଲ୍ ଲ୍ୟାବ୍ ଅନ୍ ହ୍ୱିଲ୍ ମୁତୟନ କରାଯିବାକୁ ନିଷ୍ପତ୍ତି ହୋଇଛି। ସମସ୍ତ ଜଳ ଉତ୍ସର ଜୀବାଣୁମୁକ୍ତକରଣ କାର୍ଯ୍ୟ କରାଯାଉଛି ଓ ଆଗାମୀ ଦିନରେ ଏହାକୁ ଆହୁରି ତୀବ୍ର କରାଯିବ। ଏହାଛଡ଼ା ଜଳସାଥୀମାନେ ପରୀକ୍ଷା ପାଇଁ ଘରୁ ସିଧାସଳଖ ପାଣି ନମୁନା ସଂଗ୍ରହ କରିବେ। ଏହାଦ୍ୱାରା ନିରୀକ୍ଷଣ କଭରେଜ୍ ବୃଦ୍ଧି ପାଇବ ଓ ନାଗରିକଙ୍କ ମଧ୍ୟରେ ଜଳ ସୁରକ୍ଷା ସମ୍ପର୍କରେ ଆତ୍ମବିଶ୍ୱାସ ସୃଷ୍ଟି ହେବ। ସେହିପରି ଖାଦ୍ୟ ସୁରକ୍ଷା ଅଧିକାରୀମାନେ ଖାଦ୍ୟ ପରିଚ୍ଛନ୍ନତା ସୁନିଶ୍ଚିତ କରିବା ପାଇଁ ରେଷ୍ଟୁରାଣ୍ଟ, ହୋଟେଲ ଓ ଷ୍ଟ୍ରିଟ୍ ଫୁଡ୍ ବିକ୍ରେତାମାନଙ୍କୁ ସକ୍ରିୟ ଭାବେ ଯାଞ୍ଚ କରୁଛନ୍ତି। ରଥଯାତ୍ରା ସମୟରେ ପ୍ରବଳ ଜନସମାଗମକୁ ଦୃଷ୍ଟିରେ ରଖି ସାରା ସହରରେ ଯାଞ୍ଚକୁ ସୁଦୃଢ଼ କରିବା ପାଇଁ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗକୁ ଅତିରିକ୍ତ ଖାଦ୍ୟ ସୁରକ୍ଷା ଅଧିକାରୀମାନଙ୍କୁ ନିୟୋଜିତ କରିବା ଦିଗରେ ପଦକ୍ଷେପ ନିଆଯିବ।

ଜନସଚେତନତା ସୃଷ୍ଟି ପାଇଁ ପୁରୀ ପୌରପାଳିକାକୁ ଲାଉଡସ୍ପିକର ଘୋଷଣା ଓ ଆଇଇସି ସାମଗ୍ରୀ ବଣ୍ଟନ ମାଧ୍ୟମରେ ନିରାପଦ ପାନୀୟ ଜଳ ଓ ପରିଷ୍କାର ଖାଦ୍ୟ ଉପରେ ଅଭିଯାନକୁ ତୀବ୍ର କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାଛଡ଼ା ପ୍ରବର୍ତ୍ତନ ଦଳଗୁଡ଼ିକ ଅସ୍ୱଚ୍ଛ ଅଭ୍ୟାସ ଓ ଅଳିଆ ଆବର୍ଜନା ଯାଞ୍ଚ କରିବେ। ବିଶେଷକରି ସମୁଦ୍ର କୂଳ ଆଖପାଖ ଅଞ୍ଚଳରେ ଏହାକୁ ତ୍ୱରାନ୍ୱିତ କରାଯିବ। ଏଥିରେ ପୁଲିସ୍‌ର ସହାୟତା ଯୋଗାଇ ଦିଆଯିବାକୁ ନିଷ୍ପତ୍ତି ହୋଇଛି। ସେହିପରି ମଶା ପ୍ରଜନନ ସମସ୍ୟାର ମୁକାବିଲା ପାଇଁ ପୁରୀ ପୌରପାଳିକା ଦ୍ୱାରା ନିୟୋଜିତ ଏକ ସଂସ୍ଥା ଘନ ଜନବସତି ଏବଂ ଦୁର୍ଗମ ଅଞ୍ଚଳରେ ପ୍ରତିରୋଧକ ସ୍ପ୍ରେ ପାଇଁ ଡ୍ରୋନ୍ ବ୍ୟବହାର କରଯାଉଛି। ଏହାର ଯାଞ୍ଚ ପାଇଁ ପୁରୀରେ ୮ ଜଣ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ୭ ଜଣ ଇଞ୍ଜିନିୟରଙ୍କୁ ନିୟୋଜିତ କରାଯାଇଛି। ପ୍ରମୁଖ ସଚିବ ଶ୍ରୀମତୀ ପାଢ଼ୀ କହିଛନ୍ତି ଯେ ଜନସ୍ୱାସ୍ଥ୍ୟ ସୁରକ୍ଷା ସୁନିଶ୍ଚିତ କରିବା ସରକାରଙ୍କର ସର୍ବୋଚ୍ଚ ପ୍ରାଥମିକତା ଓ ଏହି ଗୁରୁତ୍ୱପୂର୍ଣ୍ଣ ସମୟରେ ପରିମଳ ଓ ପରିଷ୍କାର ପରିଚ୍ଛନ୍ନତାର ଉଚ୍ଚ ମାନ ବଜାୟ ରଖିବା ପାଇଁ ସମସ୍ତ ବିଭାଗ ଘନିଷ୍ଠ ସମନ୍ୱୟରେ କାର୍ଯ୍ୟ କରିବେ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ରାଫେଲ ନିର୍ମାଣକାରୀ କମ୍ପାନୀ ସହ ହାତ ମିଶାଇଲା ରିଲାଏନ୍ସ ଇନଫ୍ରା

## ଶେୟାର ବଜାରରେ ଚମକିଲେ ଅନିଲ ଅମ୍ବାନୀ

ମୁମ୍ବାଇ,୧୮।୬: ଅନିଲ ଅମ୍ବାନୀଙ୍କ ନେତୃତ୍ୱାଧୀନ ରିଲାଏନ୍ସ ଇନଫ୍ରାଷ୍ଟ୍ରକଚର ଲିମିଟେଡ ଏକ ଐତିହାସିକ ଚୁକ୍ତି ଜରିଆରେ ପୁଣି ଥରେ ଶେୟାର ବଜାରରେ ଚର୍ଚ୍ଚାରେ ରହିଛି। କମ୍ପାନୀର ସହାୟକ ସଂସ୍ଥା ରିଲାଏନ୍ସ ଏୟାରୋଷ୍ଟ୍ରକଚର ଲିମିଟେଡ ଫ୍ରାନ୍ସର ପ୍ରମୁଖ ଏୟାରୋସ୍ପେସ କମ୍ପାନୀ ଡାସଲ୍ଟ ଆଭିଏସନ୍ସ ସହ ଭାରତରେ ଫାଲକନ ୨୦୦୦ ବିଜନେସ ଏକ୍ଜିକ୍ୟୁଟିଭ ଜେଟ ନିର୍ମାଣ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷର କରିଛି। ଡାସଲ୍ଟ ଏଭିଏସନ୍ ହେଉଛି ରାଫେଲ ଯୁଦ୍ଧ ବିମାନ ନିର୍ମାଣକାରୀ ସଂସ୍ଥା, ଏବଂ ଏହି ଭାଗୀଦାରୀ ଭାରତର ଏୟାରୋସ୍ପେସ କ୍ଷେତ୍ରରେ ଏକ ନୂଆ ଅଧ୍ୟାୟର ସୂଚନା କରୁଛି।

ପ୍ୟାରିସ ଏୟାର ଶୋ'ରେ ଘୋଷଣା ହୋଇଥିବା ଏହି ଚୁକ୍ତି ଅନୁଯାୟୀ, ନାଗପୁରରେ ଫାଲକନ ୨୦୦୦ ଜେଟର ଉତ୍ପାଦନ କରାଯିବ। ଏହା ପ୍ରଥମ ଥର ପାଇଁ ଫ୍ରାନ୍ସ ବାହାରେ ଏହି ଅତ୍ୟାଧୁନି ବିଜନେସ ଜେଟର ନିର୍ମାଣ ହେବ। ୨୦୨୮ ସୁଦ୍ଧା ପ୍ରଥମ ଜେଟର ଡେଲିଭରୀ ଆରମ୍ଭ ହେବ ବୋଲି ଆଶା କରାଯାଉଛି।



ଏହି ଜେଟଗୁଡ଼ିକ ବ୍ୟବସାୟିକ ଏବଂ ସାମରିକ ଉଭୟ ଉଦ୍ଦେଶ୍ୟରେ ବ୍ୟବହୃତ ହେବ। ଏହି ଘୋଷଣା ପରେ ରିଲାଏନ୍ସ ଇନଫ୍ରାଷ୍ଟ୍ରକଚରର ଶେୟାର ମୂଲ୍ୟରେ ମଧ ଉଲ୍ଲେଖନୀୟ ଉତ୍ସାହ ଦେଖାଦେଇଛି। ଶେୟାର ବଜାରରେ ଏହି ଚୁକ୍ତିକୁ ବିନିଯୋଗକାରୀମାନେ ସକାରାତ୍ମକ ଭାବେ ଗ୍ରହଣ କରିଛନ୍ତି, ଯାହା ଅନିଲ ଅମ୍ବାନୀଙ୍କ ବ୍ୟବସାୟିକ ରଣନୀତିରେ ଏକ ନୂଆ ସଫଳତାର ସଙ୍କେତ ଦେଉଛି। ଏହି ଭାଗୀଦାରୀ ଭାରତର ଏୟାରୋସ୍ପେସ ଶିଳ୍ପକୁ ଆହୁରି ଶକ୍ତିଶାଳୀ କରିବ ଏବଂ ଦେଶରେ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ଆଶା କରାଯାଉଛି। ଏହା ସହିତ ଅନିଲ ଅମ୍ବାନୀଙ୍କ ରିଲାଏନ୍ସ ଇନଫ୍ରା ପୁଣି ଥରେ ଦେଶର ଶିଳ୍ପ ଓ ବ୍ୟବସାୟ କ୍ଷେତ୍ରରେ ନିଜର ଶକ୍ତିଶାଳୀ ଉପସ୍ଥିତି ପ୍ରମାଣ କରିଛି।



## ଆସିଲା ବଜାଜର ଚେତକ ୩୦୦୧

ନୂଆଦିଲ୍ଲୀ, ୧୮।୬: ବୈଦ୍ୟୁତିକ ସ୍କୁଟର ସେଗମେଣ୍ଟରେ ବଜାଜ ଅଟୋ ଏହାର ନୂତନ ଚେତକ ୩୦୦୧କୁ ଲଞ୍ଚ କରିଛି। ବିକ୍ରି ମାମଲାରେ ବଜାଜ ଅଟୋ ଓଲା ଇଲେକ୍ଟ୍ରିକକୁ ପଛରେ ପକାଇ ଦୁଇ ନମ୍ବରରେ ପହଂଚିଛି। ଏହି ନୂତନ ଚେତକ ୩୦୦୧ ଇଲେକ୍ଟ୍ରିକ୍ ସ୍କୁଟର ମାଧ୍ୟମରେ ବାଜଜ୍ ପୂର୍ବ ମଡେଲ୍ ଚେତକ ୨୯୦୩କୁ ବଦଳାଇବ। ବଜାରରେ ଅନ୍ତର୍ଭୁକ୍ତ ସମସ୍ତ ସ୍କୁଟର୍ ନୂତନ ପ୍ଲାଟଫର୍ମରେ ଆସିବ। ଚେତକ ୩୦୦୧ ଇଲେକ୍ଟ୍ରିକ୍ ସ୍କୁଟରରେ ୩କିଲୋୱାଟ ବ୍ୟାଟେରୀ ପ୍ୟାକ୍ ଅଛି। କମ୍ପାନୀ ଦାବି କରିଛି ଯେ ଏହା ଥରେ ଚାର୍ଜରେ ୧୨୭ କିଲୋମିଟର ରେଞ୍ଜ ପ୍ରଦାନ କରେ। ଏହି ସ୍କୁଟର ସହିତ କମ୍ପାନୀ ଷ୍ଟାଣ୍ଡାର୍ଡ ୭୫୦ ୱାଟ ଚାର୍ଜର ଦେଉଛି। ସ୍କୁଟର ବ୍ୟାଟେରୀକୁ ୩ ଘଣ୍ଟା ୫୦ ମିନିଟରେ ୦ ରୁ ୮୦% ପର୍ଯ୍ୟନ୍ତ ଚାର୍ଜ କରାଯାଇପାରିବ। ଏହି ସ୍କୁଟରରେ ୩୫-ଲିଟରର ବୁଟ୍ ସ୍ପେସ୍ ଅଛି। ଯେଉଁଥିରେ ହେଲମେଟ ସହିତ, ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ରଖିପାରିବେ। ନୂତନ ଚେତକ ୩୦୦୧ ଇଲେକ୍ଟ୍ରିକ୍ ସ୍କୁଟର, ଡିଜାଇନ୍ ଏବଂ ସାଇଜ୍ ଦୃଷ୍ଟିରୁ ଅନ୍ୟ ମଡେଲ ସହିତ ସମାନ। ପ୍ରତିଦିନ ବ୍ୟବହାର ପାଇଁ ଏହି ସ୍କୁଟର ବହୁତ ଭଲ ବୋଲି ବିବେଚନା କରାଯାଉଛି। ଏହି ସ୍କୁଟରରେ ରିଭର୍ସ ଲାଇଟ, କଲ୍ ଏବଂ ମ୍ୟୁଜିକ୍ ନିୟନ୍ତ୍ରଣ ପାଇଁ ଏଲସିଡ଼ି ଡ଼ିସପ୍ଲେ ରହିଛି। ଏହାର ଏକ୍ସସୋରୁମ ମୂଲ୍ୟ ୯୯,୯୯୦ ଟଙ୍କା ରହିଛି ଏହି ସ୍କୁଟର ତିନୋଟି ରଙ୍ଗ ପ୍ରକାରରେ ଆସିବ। ଗ୍ରାହକମାନେ ଏହି ସ୍କୁଟର, ହଳଦିଆ ଏବଂ ନୀଳ ରଙ୍ଗରେ କିଣି ପାରିବେ।

## ମେଟା ଇଣ୍ଡିଆ ମୁଖ୍ୟ ହେଲେ ଅରୁଣ ଶ୍ରୀନିବାସ

ନୂଆଦିଲ୍ଲୀ, ୧୮।୬: ଆମେରିକୀୟ ସୋସିଆଲ୍ ମଡିଆ ପ୍ଲାଟ୍‌ଫର୍ମ ଫେସ୍‌ବୁକର ମୂଳ କମ୍ପାନୀ ମେଟା ଭାରତରେ ଏହାର କାରବାର ଦେଖିବାକୁ ମାର୍କେଟିଂ ଭେଟେରାନ ଅରୁଣ ଶ୍ରୀନିବାସଙ୍କୁ ମୁଖ୍ୟ ଭାବେ ନିଯୁକ୍ତ ଦେଇଛି। ଶ୍ରୀନିବାସ ମେଟାର ଭାରତୀୟ ଶାଖାର ମୁଖ୍ୟା ଭାବେ ଦାୟିତ୍ୱ ତୁଲାଇବେ ବୋଲି ସୋମବାର ମେଟା ପକ୍ଷରୁ ଘୋଷଣା କରାଯାଇଛି। ଜୁଲାଇ ୧ ତାରିଖରୁ ଶ୍ରୀନିବାସ ତାଙ୍କ ଦାୟିତ୍ୱ ଗ୍ରହଣ କରିବେ। ଏନେଇ ମେଟା କହିଛି "ଶ୍ରୀନିବାସ ମେଟାର ବ୍ୟବସାୟର ଦୀର୍ଘକାଳୀନ ଅଭିବୃଦ୍ଧି ଏବଂ ଭାରତ ପ୍ରତି ପ୍ରତିବଦ୍ଧତାକୁ ଗୁରୁତ୍ୱ ଦେଇ କାମ କରିବେ।, ଅଂଶୀଦାର ଏବଂ ଗ୍ରାହକମାନଙ୍କୁ ସେବା ଯୋଗାଇବା ପାଇଁ ସଂଗଠନର ବ୍ୟବସାୟ, ନବସୃଜନ ଏବଂ ରାଜସ୍ୱ ପ୍ରାଥମିକତାକୁ ଏକାଠି କରିବା ଉପରେ ଧ୍ୟାନ ଦେବେ।" ଅରୁଣ ଶ୍ରୀନିବାସଙ୍କ ପୂର୍ବରୁ ମେଟା ଭାରତର ମୁଖ୍ୟ ଭାବରେ ସନ୍ଧ୍ୟା ଦେବନାଥନ କାମ କରୁଥିଲେ। କମ୍ପାନୀ ଦେବନାଥଙ୍କ ଦାୟିତ୍ୱକୁ ଆହୁରି ବଢ଼ାଇ ଦେଇଛି। ସେ ଭାରତ ସମେତ ଦକ୍ଷିଣ ଏସିଆ ଉଭୟର ତଦାରଖ କରିବେ ବୋଲି ମେଟା କହିଛି। କମ୍ପାନୀର ବିଜ୍ଞପ୍ତି ଅନୁସାରେ, ଶ୍ରୀନିବାସ ତାଙ୍କର ନୂଆ ଭୂମିକା ଗ୍ରହଣ କରିବା ପରେ ବି ସେ ଦେବନାଥନଙ୍କୁ ରିପୋର୍ଟ କରିବେ।



ସୂଚନା ଥାଉକି ଅରୁଣ ଶ୍ରୀନିବାସ ବର୍ତ୍ତମାନ ମେଟାର ଭାରତୀୟ ନିର୍ଦ୍ଦେଶକ ଏବଂ ବିଜ୍ଞାପନ ବ୍ୟବସାୟ ମୁଖ୍ୟ ଭାବରେ କାର୍ଯ୍ୟ କରୁଛନ୍ତି। ତାଙ୍କ ଲିଙ୍କଡଇନ୍ ପ୍ରୋଫାଇଲ୍ ଅନୁସାରେ, ଶ୍ରୀନିବାସ ସେପ୍ଟେମ୍ବର ୨୦୨୦ ରେ କାର୍ଯ୍ୟ ଆରମ୍ଭ କରିବା ପରେ ୪ ବର୍ଷ ଦଶ ମାସରୁ ଅଧିକ ସମୟ ପାଇଁ କମ୍ପାନୀରେ କାର୍ଯ୍ୟ କରିଛନ୍ତି। ମେଟା ଇଣ୍ଡିଆ ଆଡ୍ସ ବ୍ୟବସାୟର ନେତୃତ୍ୱ ନେବା ପୂର୍ବରୁ, ଶ୍ରୀନିବାସ ସେପ୍ଟେମ୍ବର ୨୦୨୦ରୁ ସେପ୍ଟେମ୍ବର ୨୦୨୨ ପର୍ଯ୍ୟନ୍ତ ମେଟାର ଗ୍ଲୋବାଲ୍ ବିଜନେସ୍ ଗ୍ରୁପର ନିର୍ଦ୍ଦେଶକ ଏବଂ ମୁଖ୍ୟ ଥିଲେ। ମେଟା ପୂର୍ବରୁ ଶ୍ରୀନିବାସ ଜୋତା କମ୍ପାନୀ ରିବକ, ୟୁନିଲିଭର ଓ ଫୁଡ୍ ସାଉଥ ଏସିଆ ଭଳି କମ୍ପାନୀର ବିଭିନ୍ନ ପଦବୀରେ ଦାୟିତ୍ୱ ତୁଲାଇଛନ୍ତି। ଅରୁଣ ଶ୍ରୀନିବାସଙ୍କ ଲିଙ୍କଡିନ୍ ପ୍ଲାଟଫର୍ମ ଅନୁଯାୟୀ, ସେ ୧୯୯୩ ମସିହାରେ ମାଡ୍ରାସ ବିଶ୍ୱବିଦ୍ୟାଳୟରୁ ବିଜ୍ଞାନରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ଏବଂ ୧୯୯୬ ମସିହାରେ ପ୍ରତିଷ୍ଠିତ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ (ଆଇଆଇଏମ) କଲିକତାରୁ ମାର୍କେଟିଂରେ ପିଜିଡିଏମ ସମାପ୍ତ କରିଥିଲେ। ସେ ୨୦୦୭ ମସିହାରେ ଆମେରିକା ସ୍ଥିତ ନର୍ଥୱେଷ୍ଟର୍ଣ୍ଣ ୟୁନିଭରସିଟି - କେଲଗ ସ୍କୁଲ ଅଫ୍ ମ୍ୟାନେଜମେଣ୍ଟରୁ ଷ୍ଟ୍ରାଟେଜିକ୍ କଷ୍ଟମର ମ୍ୟାନେଜମେଣ୍ଟରେ ଏକଜିକ୍ୟୁଟିଭ୍ ଶିକ୍ଷାର ଏକ କୋର୍ସ ମଧ କରିଥିଲେ।

# ଭୁବନେଶ୍ୱର ରେଳ ଷ୍ଟେସନ୍‌ରେ ଟିକେଟ କାଉଣ୍ଟର ସ୍ଥାନାନ୍ତରିତ

ଭୁବନେଶ୍ୱର,୧୮।୬(ସଂଚାର ବ୍ୟୁରୋ): ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ଭୁବନେଶ୍ୱର ରେଳ ଷ୍ଟେସନର ଚାଲୁରହିଥିବା ପୁନର୍ବିକାଶ କାର୍ଯ୍ୟର ଏକ ଅଂଶ ଭାବରେ, ଭୁବନେଶ୍ୱର ରେଳ ଷ୍ଟେସନକୁ ବିଶ୍ୱସ୍ତରୀୟ ମାନଦଣ୍ଡରେ ଉନ୍ନୀତ କରିବା ଲକ୍ଷ୍ୟରେ ଯାତ୍ରୀ ସୁବିଧା ଏବଂ ଭିତ୍ତିଭୂମିକୁ ଉନ୍ନତ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ବିଦ୍ୟମାନ ଅସ୍ଥାୟୀ ସେଡ୍‌ରେ ନିର୍ମାଣ କାର୍ଯ୍ୟକଳାପକୁ ଦୃଷ୍ଟିରେ ରଖି ଅସ୍ଥାୟୀ ସେଡ୍‌ରୁ ପୂର୍ବରୁ କାର୍ଯ୍ୟ କରୁଥିବା ଯାତ୍ରୀ ସଂରକ୍ଷଣ ପ୍ରଣାଳୀ (ପିଆରଏସ) ଓ ଅଣସଂରକ୍ଷିତ ଟିକେଟିଂ ପ୍ରଣାଳୀ (ୟୁଟିଏସ) କାଉଣ୍ଟରଗୁଡ଼ିକୁ ବର୍ତ୍ତମାନ ଅସ୍ଥାୟୀ ଭାବେ ନବନିର୍ମିତ ନୂତନ ନିର୍ମିତ ଭୂମିସ୍ତରୀୟ ପ୍ରସ୍ଥାନ କନକୋର୍ସକୁ ସ୍ଥାନାନ୍ତର କରାଯାଇଛି। ଏହି ବ୍ୟବସ୍ଥା ଅସ୍ଥାୟୀ ସେଡ୍ ସ୍ଥାନରେ ନିର୍ମାଣ କାର୍ଯ୍ୟ ସୁଗମ ଭାବେ ଆଗକୁ ବଢ଼ିବା ସହ ଟିକେଟିଂ ସେବାର ନିରବଚ୍ଛିନ୍ନ ଉପଲବ୍ଧତାକୁ ସୁନିଶ୍ଚିତ କରିବ।




ଯାତ୍ରୀଙ୍କ ଗତିବିଧିକୁ ଆହୁରି ସହଜ କରିବା ପାଇଁ ଟାଉନ୍ ବସ୍ ଷ୍ଟାଣ୍ଡ/ମନ୍ଦିର ପାର୍ଶ୍ୱରୁ ଏକ ନୂତନ ନିର୍ମିତ ଆପ୍ରୋଚ୍ ରୋଡ୍ ଖୋଲାଯାଇଛି, ଯାହା ଷ୍ଟେସନକୁ ଉନ୍ନତ ସଂଯୋଗ ଏବଂ ଅସୁବିଧାମୁକ୍ତ ପ୍ରବେଶକୁ ସକ୍ଷମ କରିବ। ଏହି ପୁନର୍ବିକାଶ ପ୍ରୟାସରେ ଏକ ପ୍ରମୁଖ ମାଇଲଖୁଣ୍ଟ ହେଉଛି ଏକ ନୂତନ ନିର୍ମିତ ଭୂମିସ୍ତରୀୟ ପ୍ରସ୍ଥାନ କନକୋର୍ସ ମାଧ୍ୟମରେ ପ୍ଲାଟଫର୍ମ ନମ୍ବର ୧କୁ ସିଧାସଳଖ ପ୍ରବେଶର ସୁଯୋଗ ଖୋଲିବା ଯାହା ଭିଡ଼ ହ୍ରାସ କରିବ ଓ ଯାତ୍ରୀ ପ୍ରବାହକୁ ଉଲ୍ଲେଖନୀୟ ଭାବରେ ଉନ୍ନତ କରିବ ବୋଲି ଆଶା କରାଯାଉଛି। ଚାଲୁଥିବା ଷ୍ଟେସନ ଭବନରେ ସ୍ଥାନାନ୍ତରିତ ୟୁଟିଏସ ଓ ପିଆରଏସ କାଉଣ୍ଟରଗୁଡ଼ିକ ଯାତ୍ରୀମାନଙ୍କ ପାଇଁ ଅଧିକ ସ୍ଥାନ ଉପଲବ୍ଧ କରାଇବା ସହ ଯାତ୍ରୀମାନଙ୍କ ଯାତାୟାତ ପାଇଁ ସୁବିଧା ପ୍ରଦାନ କରିବ।

# ସୁଲଭ ମୂଲ୍ୟରେ ରୁଫ୍‌ଟପ୍ ସୋଲାର: ୩ ଲକ୍ଷ ଘରେ ସୌର ଶକ୍ତି ପହଞ୍ଚାଇବ ଟାଟା ପାୱାର

ଭୁବନେଶ୍ୱର, ୧୮।୬: ଟାଟା ପାୱାର୍‌ର ସହାୟକ କମ୍ପାନି ଟାଟା ପାୱାର ରିନ୍ୟୁଏବଲ୍ ଏନର୍ଜି ଲିମିଟେଡ୍ (ଟିପିଆର୍‌ଇଏଲ୍) ପକ୍ଷରୁ ଓଡ଼ିଶାରୁ ସୁଲଭ ରୁଫ୍‌ଟପ୍ ସୋଲାର୍ ଯୋଜନା ଆରମ୍ଭ କରାଯାଇଛି। ଟାଟା ପାୱାର୍‌ର ଏମ୍‌ଡି ଓ ସିଇଓ ଡ. ପ୍ରବୀର ସିହ୍ନା ଓ ଟାଟା ପାୱାର ରିନ୍ୟୁଏବଲ୍ ଏନର୍ଜିର ସିଇଓ ସଞ୍ଜୟ ବାଙ୍ଗା ନୂଆ ସମାଧାନ ଉନ୍ମୋଚନ କରିଛନ୍ତି। କମ୍ପାନି ପକ୍ଷରୁ ୩-୫ ବର୍ଷ ମଧ୍ୟରେ ରାଜ୍ୟର ୩ ଲକ୍ଷ ପରିବାର ନିକଟରେ ସୌର ଶକ୍ତି ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି। ତାହାକୁ ଦୃଷ୍ଟିରେ ରଖି କମ୍ପାନି ଏହାର 'ଘର ଘର ସୋଲାର' ଅଭିଯାନ ଅଧୀନରେ ତିନିଟି ବିକଳ୍ପ ଆରମ୍ଭ କରିଛି। ସେଥିରେ ୧ କେଡବ୍ଲ୍ୟୁ ବ୍ୟବସ୍ଥା ପାଇଁ ପ୍ରାରମ୍ଭିକ ଅପଫ୍ରଣ୍ଟ ମୂଲ୍ୟ ୨୪୯୯ ଟଙ୍କା, ୨ କେଡବଲ୍ୟୁ ପାଇଁ ୪୯୯୯ ଟଙ୍କା ଓ ୩ କେଡବ୍ଲୁ ପାଇଁ ଦାମ୍ ୭୯୯୯ ଟଙ୍କା ରଖାଯାଇଛି। କମ୍ପାନି ପକ୍ଷରୁ କୁହାଯାଇଛି ଯେ ଗ୍ରାହକମାନେ ରୁଫ୍‌ଟପ୍ ସୋଲାରର ଏକ ତୃତୀୟାଂଶ ରାଶି ଦେଇ ନିଜ ଘରେ ସୌର ଶକ୍ତି ବ୍ୟବସ୍ଥା ଲଗାଇପାରିବେ। ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର: ମୁକ୍ତ ବିଜୁଳି ଯୋଜନା ଅଧୀନରେ ଗ୍ରାହକମାନେ କେନ୍ଦ୍ର ସରକାରଙ୍କଠାରୁ ୭୮ ହଜାର ଟଙ୍କା ପର୍ଯ୍ୟନ୍ତ ଓ ରାଜ୍ୟ ସରକାରଙ୍କଠାରୁ ୬୦ ହଜାର ଟଙ୍କା ପର୍ଯ୍ୟନ୍ତ ସବ୍‌ସିଡି ପାଇପାରିବେ। ରାଜ୍ୟରେ କମ୍ପାନିର ଆବାସିକ ଗ୍ରାହକ ସଂଖ୍ୟା ୪ ଗୁଣା ବୃଦ୍ଧି ପାଇ ୪୩୦ରୁ ବଢ଼ି ୧୭୫୯ରେ ପହଞ୍ଚିଛି। ୨୦୨୪-୨୫ରେ କମ୍ପାନି ୧୦୩୩ ନୂଆ ରୁଫ୍‌ଟପ୍ ସୋଲାର ଗ୍ରାହକ ହାସଲ କରିଥିଲା। ଏହି ବର୍ଷ କମ୍ପାନି ବାଣିଜ୍ୟ ଓ ଶିଳ୍ପ ବର୍ଗରେ ୭୬ ଗ୍ରାହକ ହାସଲ କରିଛି ଯାହା ପୂର୍ବ ଆର୍ଥିକ ବର୍ଷର ୫୬ ଗ୍ରାହକ ତୁଳନାରେ ଅଧିକ।




## ଇ-ଆଧାରରେ ବଡ଼ ପରିବର୍ତ୍ତନ

## ଏବେ ଘରେ ବସି ଆଧାର କାର୍ଡ ହୋଇପାରିବ ଅପଡେଟ୍

ନୂଆଦିଲ୍ଲୀ, ୧୮।୬: ଇ-ଆଧାରରେ ଖୁବ୍ ଶୀଘ୍ର ଏକ ବଡ଼ ପରିବର୍ତ୍ତନ ହେବାକୁ ଯାଉଛି। ଏଣିକି ଆଧାର କାର୍ଡ ଅପଡେଟ ପାଇଁ ଯିବାକୁ ପଡ଼ିବନି ଆଧାର ସେଣ୍ଟର୍। ଏବେ ଆପଣଙ୍କୁ ନିଜ ଆଧାର କାର୍ଡର ଫଟୋକପି ନେବାକୁ ପଡିବ ନାହିଁ କିମ୍ବା ଏହାକୁ ଫିଜିକାଲ୍ ଭାବରେ ଦେଖାଇବାକୁ ପଡିବ ନାହିଁ। ହଁ ଆଜ୍ଞା ଏବେ ଏକ ନୂଆ କ୍ୟୁଆର କୋଡ୍-ବେସ୍ଡ ଆପ୍ଲିକେସନ୍ ମାଧ୍ୟମରେ ହେବ ସମସ୍ତ କାମ। ୟୁପିଆଇ ପରି କ୍ୟୁଆର୍ କୋଡ ସ୍କାନ କରି ପାଇପାରିବେ ଆଧାର କାର୍ଡ ସହ ଜଡିତ ସମସ୍ତ ସେବା। ଆଜିର ସମୟରେ ପ୍ରାୟତଃ ପ୍ରତ୍ୟକ ସ୍ଥାନରେ ଆଧାରକାର୍ଡର ଆବଶ୍ୟକତା ରହିଛି। ସରକାରୀ କାମ ହେଉ କି ବେସରକାରୀ ଦେଶର ସମସ୍ତ ସ୍ଥାନରେ ଲୋକଙ୍କୁ ଆଧାର କାର୍ଡର ଆବଶ୍ୟକତା ପଡ଼ିଥାଏ। ଏହି କାରଣରୁ ଲୋକେ ନିଜ ପାଖରେ ଆଧାର କାର୍ଡ ରଖିବାକୁ ପଡ଼େ ନଚେତ ଫଟୋକପି ଦେବାକୁ ପଡ଼େ। ଏବେ ଆଧାରକାର୍ଡ ସହ ଜଡିତ ଏକ ବଡ ଖବର ସାମ୍ନାକୁ ଆସିଛି। ଖୁବ୍‌ଶୀଘ୍ର ଏପରି ଏକ ସୁବିଧା ଆସିବାକୁ ଯାଉଛି, ଯାହା ପରେ ଲୋକମାନଙ୍କୁ ସେମାନଙ୍କର ଆଧାର ଫଟୋକପିର ଆବଶ୍ୟକତା ପଡ଼ିବ ନାହିଁ। ସେମାନେ ଆଧାର କାର୍ଡର ଫଟୋକପି ବଦଳରେ ଇଲେକ୍ଟ୍ରୋନିକ୍ ଆଧାର କାର୍ଡ ସେୟାର କରିପାରିବେ। ନଭେମ୍ବର ସୁଦ୍ଧା ୟୁଆଇଡିଏଆଇ ଏକ ସୁଗମ ପ୍ରକ୍ରିୟା ଆଣିବାକୁ ଯୋଜନା କରୁଛି ଯାହା ପରେ ଆପଣଙ୍କୁ ନିଜ ଆଧାର କାର୍ଡ ଅପଡେଟ୍ ପାଇଁ ଆଉ ଆଧାର କେନ୍ଦ୍ର ଯିବାକୁ ପଡ଼ିବନି। ବାୟୋମେଟ୍ରିକ୍ ଦାଖଲ ବ୍ୟତୀତ, ଆପଣଙ୍କୁ ଠିକଣା ଅପଡେଟ୍ କରିବା ଏବଂ ଅନ୍ୟାନ୍ୟ ବିବରଣୀ ଦାଖଲ କରିବା ପାଇଁ ଆଧାର କେନ୍ଦ୍ର ଯିବାକୁ ପଡ଼ିବନି। ଭାରତୀୟ ସ୍ୱତନ୍ତ୍ର ପରିଚୟ ପ୍ରାଧିକରଣ (ୟୁଆଇଡିଏଆଇ) ଏକ ନୂଆ ପ୍ରୋଟୋକଲ୍ ପ୍ରସ୍ତୁତ କରିଛି। ନୂଆ କ୍ୟୁଆର୍ କୋଡ୍-ବେସ୍ଡ ଆପ୍ଲିକେସନ୍ ଆପଣଙ୍କ ଜନ୍ମ ପ୍ରମାଣପତ୍ର, ମାଟ୍ରିକ୍ ରେକର୍ଡ, ଡ୍ରାଇଭିଂ ଲାଇସେନ୍ସ, ପାସପୋର୍ଟ, ପାନ କାର୍ଡ, ପିଡିଏସ ଏବଂ ମନରେଗା ସିଷ୍ଟମରୁ ସମସ୍ତ ବିବରଣୀ ନେଇ ନିଜେ ହିଁ ଆଧାର କାର୍ଡରେ ସମସ୍ତ ଅପଡେଟ୍ କରିବ।




# ଏସବିଆଇର ଅଧିକାଂଶ ପ୍ରିମିୟମ କାର୍ଡ ଉପରୁ ହଟିଲା ବିମାନ ଦୁର୍ଘଟଣାଜନିତ ବୀମା ସୁରକ୍ଷା




ନୂଆଦିଲ୍ଲୀ, ୧୮।୬: ଏସବିଆଇ କ୍ରେଡିଟ୍ କାର୍ଡ ଧାରୀଙ୍କୁ ଝଟକା, ଜୁଲାଇ ୧୫ରୁ ମିଳିବ ନାହିଁ ବିମାନ ବୀମା ଟଙ୍କା। ଅନେକ ପ୍ରିମିୟମ କାର୍ଡ ଉପରୁ ହଟାଇଲା ବିମାନ ଦୁର୍ଘଟଣା ଜନିତ ବୀମା ସୁରକ୍ଷା। ଏସବିଆଇ କାର୍ଡର ଏହି ପରିବର୍ତ୍ତନଗୁଡ଼ିକ ସିଧାସଳଖ ଲକ୍ଷ ଲକ୍ଷ କାର୍ଡଧାରୀଙ୍କୁ ପ୍ରଭାବିତ କରିବ। ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଏକ ସହାୟକ କମ୍ପାନୀ ଏସବିଆଇ କାର୍ଡ, ଏହାର କ୍ରେଡିଟ୍ କାର୍ଡ ଗ୍ରାହକମାନଙ୍କ ପାଇଁ ନୀତି ପରିବର୍ତ୍ତନ ଘୋଷଣା କରିଛି, ଯାହା ଜୁଲାଇ ୧୫ତାରିଖରୁ କାର୍ଯ୍ୟକାରୀ ହେବ। ଏହି ପରିବର୍ତ୍ତନଗୁଡ଼ିକ ବୀମା ସୁରକ୍ଷା ଏବଂ ପେମେଣ୍ଟ ସର୍ତ୍ତାବଳୀକୁ ପ୍ରଭାବିତ କରିବ। ଏସବିଆଇ କାର୍ଡ ଅନୁଯାୟୀ, କାର୍ଡ ସହିତ ଜଡିତ ଚ୍ୟାଲେଞ୍ଜ ଏବଂ ଆର୍ଥିକ ସ୍ଥିରତାକୁ ଧ୍ୟାନରେ ରଖି ଏହି ନିଷ୍ପତ୍ତି ନିଆଯାଇଛି। ଏସବିଆଇ କାର୍ଡ ଦ୍ୱାରା ଜାରି ସୂଚନା ଅନୁଯାୟୀ, ଏସବିଆଇ କାର୍ଡ ଇଲାଇଟ୍, ଏସବିଆଇ କାର୍ଡ ମାଇଲ୍ସ ଇଲାଇଟ୍ ଏବଂ ଏସବିଆଇ କାର୍ଡ ମାଇଲ୍ସ ପ୍ରାଇମ୍ ଭଳି ପ୍ରିମିୟମ୍ କାର୍ଡରେ ଉପଲବ୍ଧ ୧କୋଟି ଟଙ୍କାର ମାଗଣା ବିମାନ ଦୁର୍ଘଟଣା କ୍ଷତିପୂରଣ ଜୁଲାଇ ୧୫ରୁ ବନ୍ଦ ହୋଇଯିବ। ସେହିପରି, ଏସବିଆଇ କାର୍ଡ ପ୍ରାଇମ୍ ଏବଂ ଏସବିଆଇ କାର୍ଡ ପଲ୍‌ସରେ ଉପଲବ୍ଧ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ବୀମା କଭରକୁ ମଧ ବନ୍ଦ କରାଯାଉଛି। ଏହି ପରିବର୍ତ୍ତନ କେବଳ ଏସବିଆଇର ମୁଖ୍ୟ କାର୍ଡଗୁଡ଼ିକ ପାଇଁ ସୀମିତ ନୁହେଁ। ଆସନ୍ତା ଅଗଷ୍ଟ ୧୧ତାରିଖ ଠାରୁ, ୟୁକୋ ବ୍ୟାଙ୍କ ଏସବିଆଇ କାର୍ଡ ଇଲାଇଟ୍ ଏବଂ ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏସବିଆଇ କାର୍ଡ ଇଲାଇଟ୍ ଭଳି ସହ-ବ୍ରାଣ୍ଡେଡ୍ କ୍ରେଡିଟ୍ କାର୍ଡଗୁଡ଼ିକରେ ୧ କୋଟି ଟଙ୍କା ପର୍ଯ୍ୟନ୍ତ ବିମାନ ଦୁର୍ଘଟଣା କଭର ମଧ ବନ୍ଦ ହୋଇଯିବ। ଏହା ବ୍ୟତୀତ, ୟୁକୋ ବ୍ୟାଙ୍କ ଏସବିଆଇ କାର୍ଡ ପ୍ରାଇମ୍, ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏସବିଆଇ କାର୍ଡ ପ୍ରାଇମ୍, କର୍ଣ୍ଣାଟକ ବ୍ୟାଙ୍କ ଏସବିଆଇ ପ୍ଲାଟିନମ୍ କାର୍ଡ, ଏବଂ ଫେଡେରାଲ୍ ବ୍ୟାଙ୍କ ଏସବିଆଇ ପ୍ଲାଟିନମ୍ କାର୍ଡ ଭଳି କାର୍ଡଗୁଡ଼ିକରୁ ୫୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୀମା ଲାଭ ହଟାଇ ଦିଆଯିବ। ଏସବିଆଇ କାର୍ଡ ସର୍ବନିମ୍ନ ଦେୟ ପରିମାଣ ଗଣନା କରିବା ପାଇଁ ନିୟମରେ ମଧ ପରିବର୍ତ୍ତନ କରିଛି। ୧୫ ଜୁଲାଇରୁ କାର୍ଯ୍ୟକାରୀ ହେବାକୁ ଥିବା ନୂତନ ସୂତ୍ର ଅନୁସାରେ, ଏବେ ସର୍ବନିମ୍ନ ଦେୟ ରାଶି ଅନ୍ତର୍ଭୁକ୍ତ ହେବ। ଏହି ନୂତନ ଢାଞ୍ଚାର ଲକ୍ଷ୍ୟ ହେଉଛି ସମୟସୀମା ଏବଂ ଅଧିକ ଦକ୍ଷ ଦେୟ ସୁନିଶ୍ଚିତ କରିବା, ଯାହା ଦ୍ୱାରା ଗ୍ରାହକମାନେ ସେମାନଙ୍କର କ୍ରେଡିଟ୍ କାର୍ଡଗୁଡ଼ିକୁ ଅଧିକ ଦାୟିତ୍ୱର ସହ ବ୍ୟବହାର କରିପାରିବେ। ଏସବିଆଇ କାର୍ଡର ଏହି ପରିବର୍ତ୍ତନଗୁଡ଼ିକ ସିଧାସଳଖ ଲକ୍ଷ ଲକ୍ଷ କାର୍ଡଧାରକଙ୍କୁ ପ୍ରଭାବିତ କରିବ। ଗୋଟିଏ ପଟେ ବୀମା କଭର ସମାପ୍ତି ସୁରକ୍ଷା ହ୍ରାସ କରିବ, ଅନ୍ୟପଟେ କଠୋର ଦେୟ ସର୍ତ୍ତାବଳୀ ଗ୍ରାହକମାନଙ୍କୁ ଅଧିକ ଆର୍ଥିକ କାର୍ଯ୍ୟଭାର ଗ୍ରହଣ କରିବାକୁ ବାଧ କରିବ। ଉପଭୋକ୍ତାମାନଙ୍କୁ ସମୟସୀମା ମଧ୍ୟରେ ସେମାନଙ୍କର କାର୍ଡ ଲାଭ ସମୀକ୍ଷା କରିବାକୁ ଏବଂ ଆବଶ୍ୟକ ହେଲେ ବିକଳ୍ପ ବୀମା ଯୋଜନା ଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଛି।

## ଆଜିର ସୁନା ଓ ରୁପା ଦର



ଆଜି ୫୪୦ ଟଙ୍କା ସୁନା ଦର ବୃଦ୍ଧି ହୋଇଛି। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୦୦, ୯୧୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୨ ହଜାର ୫୦୦ ଟଙ୍କା ଛୁଇଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୦୦, ୯୧୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୯୨ ହଜାର ୫୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୦୦, ୯୧୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୨ ହଜାର ୫୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧, ୦୧,୦୬୦ ଟଙ୍କା ଓ ୨୨ କ୍ୟାରେଟ୍ ୯୨,୬୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୦୦, ୯୧୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୨ ହଜାର ୫୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୦୦, ୯୧୦ ଓ ୯୨, ୫୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୧୧ , ୦୦୦ ଟଙ୍କା ହୋଇଛି।

## ଆଜିର ପେଟ୍ରୋଲ, ଡିଜେଲ ଦର



ଆଜି ଦେଶର ପ୍ରମୁଖ ସହରରେ ପେଟ୍ରୋଲ-ଡିଜେଲ ଦାମ୍। ତେବେ ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୦.୯୮ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୫୬ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦରରେ କିଛିଟା ପରିବର୍ତ୍ତନ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

## ବ୍ଲକ ଅଧ୍ୟକ୍ଷା ଭାବେ ଉପନିର୍ବାଚନରେ ଆସନ ଅକ୍ତିଆର କଲେ ଜ୍ୟୋତି



**କଳାହାଣ୍ଡି,୧୮।୬(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା କଲମପୁର ବ୍ଲକ ରେ ଆଜି ବ୍ଲକ ଅଧ୍ୟକ୍ଷା ଉପନିର୍ବାଚନ ରେ ବିଜେପି ର ବାଜିମାତ୍ । ପୂର୍ବତନ ଅଧ୍ୟକ୍ଷ ମୋତୀ ବିହାରୀ ଅନାସ୍ଥା ରେ ହାରିବା ପରେ ଆଜି ଅଧ୍ୟକ୍ଷ ପଦବୀ ପାଇଁ ଉପନିର୍ବାଚନ ଅନୁଷ୍ଠିତ ହୋଇଥଲା । ବିଜେପି ସମର୍ଥନ ରେ ଏକମାତ୍ର ପ୍ରାର୍ଥୀ ଭାବରେ କଲମପୁର ଗ୍ରାମପଞ୍ଚାୟତ ର ସମିତି ସଭ୍ୟା ଜ୍ୟୋତି ନାଏକ ଅଧ୍ୟକ୍ଷ ପଦପାଇଁ ନାମାଙ୍କନ ଭରିଥିଲେ । ନିର୍ଦ୍ଧାରିତ ସମୟ ମଧ୍ୟରେ କେହି ନାମାଙ୍କନ ନ ଭରିବାରୁ ଜ୍ୟୋତି ନାଏକ ନିର୍ଦ୍ୱନ୍ଦ ରେ ନିର୍ବାଚିତ ହୋଇଥିଲେ। ସୂଚନା ଯୋଗ୍ୟ ଯେ ଗତ ଏପ୍ରିଲ ମାସରେ ଏହି ବ୍ଲକର ପୂର୍ବତନ ଅଧ୍ୟକ୍ଷ ଙ୍କ ବିରୁଦ୍ଧରେ ଅନାସ୍ଥା ଆଗତ କରିଥିଲେ । ମୋତି ବିହାରୀ ଅନାସ୍ଥା ଭୋଟରେ ପଦ ହରେଇଥିଲେ । ଜ୍ୟୋତି ନାଏକ ସମିତି ଅଧ୍ୟକ୍ଷ ଘୋଷିତ ହେବା ପରେ ତାଙ୍କ ସମର୍ଥକଙ୍କ ସହ ବିଜେପି କର୍ମୀ ସମ୍ବର୍ଦ୍ଧନା ଜଣାଇଥିଲେ ଓ ଖୁସି ବ୍ୟକ୍ତ ଥିଲେ । ଜିତିବା ପରେ ସମର୍ଥକଙ୍କ ସହ ଜ୍ୟୋତି ବ୍ଲକ କାର୍ଯ୍ୟାଳୟ ଠାରୁ କଲମପୁର ସହରକୁ ପଦଯାତ୍ରା କରି ପ୍ରଥମେ ବାବା ସାହେବଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପ ମାଲ୍ୟ ଦେଇ ନିର୍ମାଲ୍ୟ କ୍ଷେତ୍ର ରେ ଭଗବାନଙ୍କ ଦର୍ଶନ କରିଥିଲେ ।ଆଜିର ଶୁଭ ଦିନରେ ମୁଁ ସମସ୍ତ ଙ୍କୁ ଧନ୍ୟବାଦ୍ ଦେଉଛି,ମୁଁ ବିଜେପି ଦଳ ର ସମର୍ଥନ ରେ କଲମପୁର ସମିତି ର ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛି। ଏଥି ପାଇଁ ମୁଁ ମାନ୍ୟବର ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଷି ଙ୍କୁ ପ୍ରଥମେ ଧନ୍ୟବାଦ୍ ଦେଉଛି।ମୋର ୧୧ଗୋଟି ପଞ୍ଚାୟତ ର ସମସ୍ତ ସମିତି ସଭ୍ୟ ଏବଂ ସରପଞ୍ଚ ମାନଙ୍କ ସହ ଉତ୍ତମ ସଂପର୍କ ରଖି କାର୍ଯ୍ଯ ସୂଚାରୁ ରୁପେ ତୁଲାଇ ନେବି।କଲମପୁର ବ୍ଲକ କୁ ଏକ ଆଦର୍ଶ ବ୍ଲକ୍ ଭାବେ ଗଢ଼ି ତୋଳିବା ପାଇଁ ସତ ଚେଷ୍ଟା କରିବି ବୋଲି ତାଙ୍କ ବକ୍ତବ୍ୟରେ ରଖିଥିଲେ। ନିର୍ବାଚନ ଅଧିକାରୀ ଭାବେ କୋକସରା ବିଡ଼ିଓ ଡ଼.ହିମାଞ୍ଚଳ ମାଝୀ ଙ୍କ ସହିତ ଥିବା କଲମପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ମାଡ଼ାର୍ଙ୍ଗି,କଲମପୁର ତହସିଲଦାର ସ୍ମରଣିକା ତୁଳ ପ୍ରମୁଖ ଉପସ୍ଥିତ ରହିଥିଲେ।

## ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା କର୍ମଶାଳା



**ବେତନଟୀ,୧୮।୬ (ସଂଚାର ବ୍ୟୁରୋ):** ବେତନଟୀ ବ୍ଲକ ସମ୍ମିଳନୀ କକ୍ଷରେ ବ୍ଲକ ସ୍ତରୀୟ ଗୋଷ୍ଠିଗତ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା କର୍ମଶାଳା ବୁଧବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗଗନ ବିହାରୀ ବେହେରା ଅଧ୍ୟକ୍ଷତା କରିଥିଲେ ଓ ପର୍ଯ୍ୟବେକ୍ଷକ ବେତନଟୀ ଅତିରିକ୍ତ ତହସିଲଦାର ଇଶ୍ୱର ଚନ୍ଦ୍ର ରଣା ଯୋଗଦେଇଥିଲେ । ଆଗାମୀ ଦିନରେ ପ୍ରାକୃତିକ ବିପର୍ଯ୍ୟୟ ପୂର୍ବ ଓ ପରବର୍ତ୍ତୀ ଅବସ୍ଥାକୁ ଲକ୍ଷ୍ୟରଖି ଲୋକଙ୍କର ଧନଜୀବନ ସୁରକ୍ଷିତ ରହିବା ସହିତ ବିପର୍ଯ୍ୟୟ ସମୟରେ ନିଜକୁ ପ୍ରସ୍ତୁତ ରଖି ବିଭିନ୍ନ ସେବାକୁ ଜରୁରୀ କାଳୀନ ପରିସ୍ଥିତିରେ ମୁକାବିଲା କରାଯିବା ନିମନ୍ତେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ପରାମର୍ଶ ଓ ସୂଚନା ପ୍ରଦାନ କରାଯାଇଥିଲା ଅଗ୍ନିଶମ ବିଭାଗ ତରଫରୁ ବିପର୍ଯ୍ୟୟ ରୁ ରକ୍ଷା ପାଇବା ନିମନ୍ତେ ବିଭିନ୍ନ ପ୍ରକାର କୌଶଳ ପ୍ରଦର୍ଶିତ କରାଇଥିଲେ। ବିଭିନ୍ନ ବିଭାଗର ଅଧିକାରୀ ବୃନ୍ଦ ଓ ପଞ୍ଚାୟତ ରାଜ ର ପ୍ରତିନିଧି ଉପସ୍ଥିତ ଥିଲେ। ଆସନ୍ତା କାଲି ତା - ୧୯-୦୬-୨୫ ରିଖ ସକାଳ ୯ ଘଣ୍ଟାରେ ପାଟୋଳିପୁରା ଗ୍ରା:ପ ର ବେଲାଣପୁର ସ୍ଥିତ ବନ୍ୟା ଆଶ୍ରୟ ସ୍ଥଳୀରେ ମକଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୂଚନା ପ୍ରଦାନ କରିଥିଲେ । ସର୍ବଶେଷରେ ଫୋର୍ଡ ର ସନ୍ତୋଷ କୁମାର ଖଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଜିଲ୍ଲାସ୍ତରୀୟ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ଟେବୁଲଟପ୍ ଅଭ୍ୟାସ ବୈଠକ



**ସୁନ୍ଦରଗଡ଼,୧୮।୬(ସଂଚାର ବ୍ୟୁରୋ):** ବୁଧବାର ସଦଭାବନା ଭବନଠାରେ ଜିଲ୍ଲାସ୍ତରୀୟ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ଏକ ଟେବୁଲଟପ୍ ଅଭ୍ୟାସ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଡିପିଏଚଓ ଡ଼ା ଶ୍ରୀବାଶିଷ ମହାରଣା, ଡେପୁଟି କଲେକ୍ଟର ଅଶ୍ୱିନୀ କୁମାର ପଣ୍ଡା ଏବଂ ବିଭିନ୍ନ ବିଭାଗର ପ୍ରମୁଖ ଅଧିକାରୀ ଏବଂ ଏନଜିଓ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଅଗ୍ନିଶମ ସେବା, ସ୍ୱାସ୍ଥ୍ୟ, ପୋଲିସ, ଓଡ୍ରାଫ, ସିଭିଲ୍ ସପ୍ଲାଏ, ରାସ୍ତା ଏବଂ କୋଠାବାଡ଼ି, କୃଷି, ଉଦ୍ୟାନ କୃଷି, ପଶୁପାଳନ, ସମାଜ କଲ୍ୟାଣ, ସାମାଜିକ ସୁରକ୍ଷା, ଗ୍ରାମୀଣ ବିକାଶ, ସୁନ୍ଦରଗଡ଼ ପୌରପାଳିକା, ଟିପିଡବ୍ଲୁଓଡିଏଲ, କ୍ଷୁଦ୍ର ଜଳସେଚନ, କ୍ଷୁଦ୍ର ଜଳସେଚନ ଏବଂ ଶିକ୍ଷା ବିଭାଗର ଅଧିକାରୀ ଏବଂ ଏନଜିଓ ପ୍ରତିନିଧିମାନେ ସକ୍ରିୟ ଭାବରେ ଏହି ଅଭ୍ୟାସରେ ଅଂଶଗ୍ରହଣ କରିଥିଲେ। ଏହି ଅଭ୍ୟାସର ଉଦ୍ଦେଶ୍ୟ ଉପରେ ଆଲୋକପାତ କରି ଡେପୁଟି କଲେକ୍ଟର ପଣ୍ଡା କହିଥିଲେ ଯେ, ଏହି ଟେବୁଲଟପ୍ ଅଭ୍ୟାସ ବିଭାଗୀୟ ସମନ୍ୱୟକୁ ସୁଦୃଢ଼ କରିବ, ଯୋଗାଯୋଗ ବ୍ୟବସ୍ଥାକୁ ଉନ୍ନତ କରିବ ଏବଂ ବିପର୍ଯ୍ୟୟ ସମୟରେ ଜିଲ୍ଲା ପ୍ରଶାସନର ପ୍ରସ୍ତୁତିକୁ ସୁଦୃଢ଼ କରିବ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସାହୁ ଜରୁରୀକାଳୀନ ପରିସ୍ଥିତିରେ ଆଗୁଆ ପ୍ରସ୍ତୁତି, ଜନସଚେତନତା ଏବଂ ଦ୍ରୁତ ପ୍ରତିକ୍ରିୟାର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ ଏବଂ ସମସ୍ତ ବିଭାଗକୁ ବର୍ଷା ପୂର୍ବରୁ ସେମାନଙ୍କର ଆକସ୍ମିକ ଯୋଜନାକୁ ଅପଡେଟ୍ କରିବା ଏବଂ ଆବଶ୍ୟକୀୟ ସମ୍ବଳର ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

### ବାଟବଣା ସରକାରୀ ଯୋଜନା ଉପବାସରେ ବିତୁଛି ଜୀବନ

# ଭଙ୍ଗାରୁଜା ଘରେ ପଡୁ ନି ପ୍ରଶାସନର ଦୃଷ୍ଟି

**କେବେ ମିଳିବ ରାସନ୍ କାର୍ଡ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା**

**କନ୍ଧମାଳ,୧୮।୬ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ୍ ବାରନ୍ଧାପଡା ପଞ୍ଚାୟତ ଅନ୍ତର୍ଗତ ବଉପଙ୍ଗା ଘିଉଗାଡି ଗାଁର ମନ୍ଧ ଦିଗାଲ ନିଜ ମା ସ୍ତ୍ରୀ ପୁଅ ଝିଅ ମାନଙ୍କୁ ନେଇ ଦିର୍ଘ ବର୍ଷ ରୁ ଭଙ୍ଗା କାନ୍ଥ ଦଦରା କୁଡ଼ିଆରେ ରହିଆସୁଛନ୍ତି। ଗାଁ ଲୋକ ଓ ପରିବାର କହିବା ଅନୁସାରେ ଦିର୍ଘ ବର୍ଷରୁ ପାଞ୍ଚ ଜଣ ସଦସ୍ୟ ବର୍ଷା ଖରାରେ ଏହି ଝାଟିମାଟି କୁଡ଼ିଆରେ ଦିନ କାଟୁଛନ୍ତି। କିନ୍ତୁ ଦୁଃଖର ବିଷୟ ସରକାର ଗରିବ ହିତାଧିକାରୀ ଙ୍କ ପାଇଁ ଅନେକ ଯୋଜନା ମାଧ୍ୟମରେ ରହିବାକୁ ଆବାସ ଯୋଜନା ମାଧ୍ୟମରେ ଘର ଯୋଗାଇ ଦିଆଯାଇଛି କିନ୍ତୁ ପ୍ରଶାସନ ଅବହେଳା ଯୋଗୁଁ ଆଜିବି ପହଞ୍ଚି ପାରୁନାହିଁ ଏହି ପରିବାର କୁ ମାଗଣା ଚାଉଳ ଓ ଭଲ ଘର ଖଣ୍ଡିଏ ଯାହା ଫଳରେ ଏହି ଗରିବ ପରିବାର ଦିନେ ଖାଦ୍ୟ ଖାଇ ଦିନେ ଉପବାସରେ ରହୁଥିବା କହିଛନ୍ତି ବୋଉପଙ୍ଗା ଗ୍ରାମବାସୀ ଯାହା ଫଳରେ ଗରିବ ପରିବାର ଝାଟିମାଟି କୁଡ଼ିଆରେ ଜୀବନ ବିତାଉଛନ୍ତି। ନୂତନ ରେସନ କାର୍ଡ ଓ ଘର ଖଣ୍ଡିଏ ପାଇଁ ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ବ୍ଲକ୍ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆବେଦନ କରିଥିଲେ ମଧ୍ୟ କୌଣସି କାର୍ଯ୍ୟ ସଫଳ ନହେବା



କହିଛନ୍ତି ବୋଉପଙ୍ଗା ଘିଉଗାଡିର ମନ୍ଧ ଦିଗାଲ ଯୋଗ୍ୟ ହିତାଧିକାରୀ । ଝାଟିମାଟି କୁଡ଼ିଆରେ ରହି ଆସୁଥିବା ପରିବାରକୁ ମିଳୁନାହିଁ ରାସନ୍ କାର୍ଡ ଓ ଆବାସ ଯାହାକି ପରିବାର ପାଇଁ ଦୁଃଖର ବିଷୟ ଦିନ ମଜୁରି ଯାଇ ଯେତିକି ମିଳୁଛି ସେତିକିରେ ପରିବାର ଚଳିବା ବହୁତ କଷ୍ଟକର ପୁଣି ଘର ଖଣ୍ଡିଏ ତିଆରି କରିବା ଅସମ୍ଭବ ବୋଲି କହିଛନ୍ତି ମନ୍ଧ ଦିଗାଲ । ଦେଖାଯାଉ ବର୍ତ୍ତମାନ ନୂତନ ମୋହନ ମାଝି ସରକାରଙ୍କ ଦୃଷ୍ଟି କେବେ ପଡିବ ମନ୍ଧ ଦିଗାଲଙ୍କ ପରିବାରର ଉପରେ । ମନ୍ଧ ଦିଗାଲ ପରିବାରର ଦୁଃଖ ସରକାର କେବେ ଶୁଣୁଛନ୍ତି ତାହା ଦେଖିବାକୁ ବାକି ରହିଲା।

## ଜିଲ୍ଲାସ୍ତରୀୟ ଟେବୁଲ ଟପ୍ ଏକ୍ସରସାଇଜ୍ ବୈଠକ ଅନୁଷ୍ଠିତ

**ଫୁଲବାଣୀ,୧୮।୬ (ସଂଚାର ବ୍ୟୁରୋ):** ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ,କନ୍ଧମାଳ ପକ୍ଷରୁ ଆୟୋଜିତ ଜିଲ୍ଲାସ୍ତରୀୟ ଟେବୁଲ ଟପ୍ ଏକ୍ସରସାଇଜ୍ ୨୦୨୫ ଆଜି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ),କନ୍ଧମାଳ



ଶ୍ରୀ କୁଶଳ ଚନ୍ଦ୍ର ନାଏକ ଅଧ୍ୟକ୍ଷତା କରି କହିଲେ ଯେ ଆମ ଜିଲ୍ଲାରେ ବନ୍ୟା ସମସ୍ୟା ହୁଏତ ନ ଥାଇପାରେ, ବାତ୍ୟା ଓ ଭୂସ୍ଖଳନ, ବିଜୁଳିପାତ ପରି ବିପର୍ଯ୍ୟୟର ଆଶଙ୍କା ରହିଛି। ସମ୍ଭାବ୍ୟ ବିପର୍ଯ୍ୟାୟକୁ ସମ୍ମୁଖୀନ ହେବ ପୂର୍ବରୁ ଏହାର ମୁକାବିଲା ପାଇଁ ଜିଲ୍ଲାର ସମସ୍ତ ବିଭାଗର ଅଧିକାରୀମାନେ ସଜାଗ ହେବ ସହିତ ବିପର୍ଯ୍ୟୟ ପରେ ପରେ ଥଇଥାନ ପଦକ୍ଷେପକୁ ସଠିକ ପରିଚାଳନା କରିବାପାଇଁ ଯୋଜନା ପ୍ରସ୍ତୁତ କରିବା ପଡିବ । ସେହିପରି ଭାବରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ, କନ୍ଧମାଳ ଶ୍ରୀ ଶମ୍ଭୁନାଥ ନନ୍ଦୀ କହିଥିଲେ ଯେ ଆମକୁ ବିପର୍ଯ୍ୟୟ ମୁକାବିଲାର ପୂର୍ବ ପ୍ରସ୍ତୁତି, ବିପର୍ଯ୍ୟୟ ସମୟର ପ୍ରସ୍ତୁତି ଓ ବିପର୍ଯ୍ୟୟ ପରର ପ୍ରସ୍ତୁତି କରିବାକୁ ପଡିବ । ବିପର୍ଯ୍ୟୟ ପୂର୍ବ ପ୍ରସ୍ତୁତି ଯେତେ ଭଲ ହେବେ, ବିପର୍ଯ୍ୟୟ ସମୟରେ ଓ ପରେ କମ ପରିଶ୍ରମ ଓ କମ ସମସ୍ୟାର ସମ୍ମୁଖୀନ ହେବା। ସୋସିଆଲ ମେଡିଆରେ ସକ୍ରିୟ ରହି ପାଣିପାଗର ପୂର୍ବାନୁମାନ ଜଣାଇବାକୁ ପଡିବ । ଜିଲ୍ଲା ଆପତକାଳୀନ ଅଧିକାରୀ ଶ୍ରୀ ବିରଞ୍ଚି ଧାରୁଆ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ଏବଂ ବିଗତ ବର୍ଷମାନଙ୍କ ପର୍ ଚଳିତ ବର୍ଷର ସମ୍ଭାବ୍ୟ ବନ୍ୟା ଓ ବାତ୍ୟା ବିପର୍ଯ୍ୟୟର ସୁପରିଚାଳନା ପାଇଁ ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କର ମିଳିତ ସହଯୋଗ କାମନା କରିଥିଲେ। ଅଗ୍ନିଶମ ବିଭାଗ, ଉଦ୍ୟାନ କୃଷି ବିଭାଗ, ମଙ୍ଗଳ ବିଭାଗ,କୃଷି ବିଭାଗ,ପଶୁ ସମ୍ପଦ ବିଭାଗ, ଜଳ ଓ ପରିମଳ ବିଭାଗ, ରାସ୍ତା ଓ କୋଠା ବାଡି ବିଭାଗ,ସ୍ୱାସ୍ଥ୍ୟ ବିଭାଗ, ଜଳ ସେଚନ ବିଭାଗ, ମତ୍ସ୍ୟ ବିଭାଗ, ଶିକ୍ଷା ବିଭାଗ, ଯୋଗାଣ ବିଭାଗ ଇତ୍ୟାଦି ଅଧିକାରୀମାନେ ନିଜ ନିଜ ବିଭାଗ ଦ୍ୱାରା ସମ୍ଭାବ୍ୟ ବିପର୍ଯ୍ୟୟ ପୂର୍ବରୁ, ବିପର୍ଯ୍ୟୟ ସମୟରେ ଓ ବିପର୍ଯ୍ୟୟ ପରେ ନେବାକୁ ଥିବା ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ ।

## ପଞ୍ଚାୟତ ପରିସରରେ ବିକାଶ ମେଳା ଅନୁଷ୍ଠିତ



**ସୁନ୍ଦରଗଡ,୧୮।୬ (ସଂଚାର ବ୍ୟୁରୋ):** ରାଜ୍ୟରେ ସରକାର କରିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ପାଇଁ ସାରା ରାଜ୍ୟରେ ଚାଲିଛି ବିକାଶ ମେଳା। ଏହି ପରିପେକ୍ଷୀରେ ବୁଧବାର ଟାଙ୍ଗରପାଲି ବ୍ଲକ ମହୁଲପାଲି ଗ୍ରାମ ପଞ୍ଚାୟତ ପରିସରରେ ଟାଙ୍ଗରପାଲି ବିଡିଓ ବିରସେନ ବେହେରାଙ୍କ ଅଧ୍ୟକ୍ଷତାରେ ବିକାଶ ମେଳା ଅନୁଷ୍ଠିତ ହୋଇ ଯାଇଛି। ପ୍ରଥମେ ବିକାଶ ମେଳାର ରଥକୁ ସ୍ୱାଗତ ଜଣାଇ ପୂଜାର୍ଚ୍ଚନା କରିଥିଲେ । ତାପରେ ସମସ୍ତ ଅତିଥି ପ୍ରଦୀପ ପ୍ରଜ୍ୱଳନ କରି ବିକାଶ ମେଳାକୁ ଉଦଘାଟନ କରିଥିଲେ । ବିକାଶ ମେଳାରେ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ଅଜୟ ନାଏକ, ପୂର୍ବତନ ବିଧାୟିକା କୁସୁମ ଟେଟେ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସରୋଜିନୀ ମିଶ୍ର ପ୍ରମୁଖ ଉପସ୍ଥିତ ରହି ନିଜ ନିଜ ବିଭାଗରେ ସରକାରଙ୍କ ଯୋଜନା ସମ୍ପର୍କରେ ଜନ ସାଧାରଣଙ୍କୁ ଅବଗତ କରାଇ ଥିଲେ। ପ୍ରତ୍ୟେକ ବିଭାଗର ଅଧିକାରୀ ମାନେ ନିଜ ନିଜ ବିଭାଗର ସରକାରଙ୍କ ଯୋଜନା ସମ୍ପର୍କରେ ଜନ ସାଧାରଣଙ୍କୁ ଅବଗତ କରିଥିଲେ । ରାଜ୍ୟ ସରକାର ଦାୟିତ୍ୱ ଗ୍ରହଣ କରିବା ସମୟରେ ଲୋକଙ୍କୁ ଦେଇଥିବା ୨୧ ଟି ସଂକଳ୍ପ ମଧ୍ୟରୁ ବର୍ତ୍ତମାନ ଯାଏ ୧୧ ଟି ପୁରଣ ହୋଇସାରିଛି । ଆଗାମୀ ଦିନରେ ବାକି ରହିଥିବା ସଂକଳ୍ପକୁ ସମ୍ପୂର୍ଣ୍ଣ କରିବା ସହ ଲୋକଙ୍କ ନିକଟତର ହେବା ପାଇଁ ଅଧିକାରୀ ମାନେ ବକ୍ତବ୍ୟ ରଖିଥିଲେ । ବିକାଶ ମେଳାରେ ପାରମ୍ପାରିକ ଖାଦ୍ୟ ମେଳା ସହ ବିଭିନ୍ନ ବିଭାଗର କର୍ମଚାରୀ ମାନେ ଷ୍ଟଲ ଖୋଲି ଜନ ସାଧାରଣଙ୍କୁ ବୁଝାଇ ଥିଲେ । ପଞ୍ଚାୟତର ସମସ୍ତ ଏମବିକେ ଓ ସିଆରପି ଉପସ୍ଥିତ ରହି ସହଯୋଗ କରିଥିଲେ । ବ୍ଲକ ସମ୍ପ୍ରସାରଣ ଅଧିକାରୀ କାଳିଦାସ ମାରାଣ୍ଡି ମଞ୍ଚ ପରିଚାଳନା କରିଥିବା ବେଳେ ହିମାଂଶୁ ବାଗ ଧନ୍ୟବାଦ ଅର୍ପଣ କରିଥିଲେ ।

## ବଢୁଛି ଚୋରି, ପୋଲିସ ହାତ ଖାଲି

**ଧର୍ମଶାଳା୧୮।୬, (ସଂଚାର ବ୍ୟୁରୋ):** ଯାଜପୁର ଜିଲା ଧର୍ମଶାଳା ଅଞ୍ଚଳରେ ବଢୁଛି ଚୋରି କିନ୍ତୁ ପୋଲିସ ହାତ ଖାଲି । ଏଥର ଜଣେ ମହିଳା ଲୁଟର ଶିକାର ହୋଇଥିବା ଥାନରେ ଅଭିଯୋଗ ହୋଇଛି। ସୂଚନା ମୁତାବକ ବ୍ରହ୍ମବରଦା ଥାନା ରୁଦ୍ରପୁର ବଡ଼ବାଘସାହି ଅଞ୍ଚଳର କୁଶଦେବ ମହାନ୍ତିଙ୍କ ଝିଅ ସୁମିତ୍ରା ମହାନ୍ତି ଓ ତାଙ୍କ ଭଉଣୀ ଏକ ସ୍କୁଟିରେ ୧୬ ତାରିଖ ଅପରାହ୍ନରେ କୁଆଖିଆରୁ ଜାରକା ବଜାରକୁ ଆସୁଥିଲେ। ଜାରକା ନୂଆ ୟୁକୋବ୍ୟାଙ୍କ ସମ୍ମୁଖ ବସଷ୍ଟାଣ୍ଡ ନିକଟରେ ହଠାତ ଦୁଇ ଜଣ ଦୁର୍ବୃତ୍ତ ପଛରେ ବସିଥିବା ମହିଳାଙ୍କ ବେକରୁ ସୁନାଚେନ ଝାମ୍ପି ନେଇ ପଳାଇଥିଲେ। ସୁମିତ୍ରା ଦୁର୍ବୃତ୍ତଙ୍କ ପିଛା କରିଥିଲେ ହେଁ ସେମାନଙ୍କ ଟେର୍ ପାଇନଥିଲେ। ଘଟଣାକୁ ନେଇ ସୁମିତ୍ରା ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ମହିଳା ଧର୍ମଶାଳା ଥାନରେ ଅଭିଯୋଗ କରିଥିବା ବେଳେ ପୋଲିସ ଘଟଣାର ତଦନ୍ତ କରୁଛି। ପୋଲିସ ନିକଟସ୍ଥ ଏକ ଦୋକାନରେ ଲାଗିଥିବା ସିସିଟିଭି କ୍ୟାମେରାରେ ଦୁର୍ବୃତ୍ତଙ୍କ ଫଟୋ କଏଦ ହୋଇଥିବା ବେଳେ ତାକୁ ନେଇ ଛାନଭିନ କରୁଥିବା ଜଣାପଡ଼ିଛି।

## ଜିଲ୍ଲାସ୍ତରୀୟ ଭଏସ ଅଫ ମିଡିଆର ବୈଠକ




**ବେତନଟୀ,୧୮।୬(ସଂଚାର ବ୍ୟୁରୋ):** ଭୋଏସ ଅଫ ମିଡ଼ିଆ ଓଡିଶା, ସାମ୍ବାଦିକ ସଙ୍ଘ ଶାଖାର ମୟୂରଭଞ୍ଜ ଜିଲ୍ଲା ସ୍ତରୀୟ ବୈଠକ ବୁଧବାର ବେତନଟୀ ଧର୍ମଶାଳଠାରେ ଅନୁଷ୍ଠିତ ହୋଇଯାଇଛି। ସଭାକାର୍ଯ୍ୟ ଆରମ୍ଭରେ ଅହମ୍ମଦାବାଦର ବିମାନ ଦୁର୍ଘଟଣାରେ ପ୍ରାଣ ହରାଇ ଥିବା ଯାତ୍ରୀ ମାନଙ୍କ ପାଇଁ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଏହି ବୈଠକକୁ ଭୋଏସ ଅଫ ମିଡ଼ିଆ ମୟୂରଭଞ୍ଜ ଶାଖାର ସଭାପତି ସାମ୍ବାଦିକ ରାଜେଶ କୁମାର ଖଣ୍ଡେଲୱାଲ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବ ଭଏସ ଅଫ ମିଡ଼ିଆ ରାଜ୍ୟ ଶାଖା ସଭାପତି ପ୍ରଭାତ କୁମାର ମିଶ୍ର ଓ ସମ୍ମାନିତ ଅତିଥି ଭାବେ ଉପସଭାପତି ସଂଜୀବ ସାଏ, ଉପସଭାପତି ଟି ବାଲାଜୀ ପାତ୍ର, କୋଷାଧକ୍ଷ ସରୋଜ କୁମାର ମୁଦୁଲି ମଞ୍ଚାସିନ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ବୈଠକରେ ଜିଲ୍ଲା ଅଧୀନରେ ବେତନଟୀ, ବଡ଼ସାହି, ମୋରଡା ଅଞ୍ଚଳ ରୁ କୋଡିଏରୁ ଉର୍ଦ୍ଧ ସାମ୍ବାଦିକ ଯୋଗଦାନ କରିଥିଲେ। ମୁଖ୍ୟ ଅତିଥି ଶ୍ରୀଯୁକ୍ତ ପ୍ରଭାତ ମିଶ୍ର ସଭାରେ ସାମ୍ବାଦିକ ମାନଙ୍କର ସୁରକ୍ଷା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ବିଭିନ୍ନ ସ୍ଥାନରେ ସାମ୍ବାଦିକ ମାନଙ୍କୁ ଖବର ଲେଖାକୁ ନେଇ ବିରୋଧ ଓ ଆକ୍ରମଣ ହେଉଥିବାରୁ ଓଡିଶାରେ ସରକାର ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରାଯିବା ଉଚିତ ବୋଲି ବକ୍ତବ୍ୟ ଦେଇଥିଲେ। ଏଥିସହ ଭୋଏସ ଅଫ ମିଡ଼ିଆ ଶାଖା ପକ୍ଷରୁ ପ୍ରତ୍ୟେକ ସାମ୍ବାଦିକ ମାନଙ୍କ ଲାଗି ଦଶଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା ସୁବିଧା ପାଇବା ସହିତ ଦୁସ୍ଥ ସାମ୍ବାଦିମାନଙ୍କୁ ବାସଗୃହ ତିଆରି ପାଇଁ ସାହାଯ୍ୟ ଯୋଗାଇବା ଉପରେ ଆଲୋକପାତ କରିଥିଲେ। ଆଗାମୀ ଦିନରେ ଜିଲ୍ଲା ସଂଗଠନକୁ କେମିତି ସୁଦୃଢ଼ କରିବା ପାଇଁ ପ୍ରତି ବ୍ଲକରେ ଭଏସ ଅଫ ମିଡ଼ିଆର ବ୍ଲକ ସଂଘ ଗଠନ ପାଇଁ ପରାମର୍ଶ ଦେଇଥିଲେ।ଏହି ବୈଠକରେ ସାମ୍ବାଦିକ ଧରଣୀଧର ମହାନ୍ତି, ଭବାନୀ ଶଙ୍କର ପରିଡା, ସତୀଶ କୁମାର ସାହୁ, ଉଦିତ କୁମାର ପରିଡା, ହରିଶ ଚନ୍ଦ୍ର ସାମଲ, ଚିନ୍ମୟ କୁମାର ମିଶ୍ର, ନିରଞ୍ଜନ ମହାନ୍ତ, ଲାଲମୋହନ ନାଏକ, ଦୀପକ ମହାନ୍ତ, ଅଜିତ ମହାରଣା, ମନୋଜ କୁମାର ମହାନ୍ତ ପ୍ରମୁଖ ସାମ୍ବାଦିକ ଉପସ୍ଥିତ ରହିଥିଲେ।

## ଜିଲ୍ଲାସ୍ତରୀୟ ବିକାଶ ମେଳାର ଷଷ୍ଠ ଦିବସ

### ପାରମ୍ପରିକ ଲୋକ ନୃତ୍ୟ ସହ ଖାଦ୍ୟର ମଜାରେ ମସଗୁଲ ଜିଲ୍ଲାବାସୀ



**ସୁବର୍ଣ୍ଣପୁର,୧୮।୬(ସଂଚାର ବ୍ୟୁରୋ):** ବର୍ଷ ଏକ - ଉପଲବ୍ଧି ଅନେକକୁ ନେଇ ସୁବର୍ଣ୍ଣପୁରର ରୟାଲ ପଡ଼ିଆଠାରେ ଚାଲିଥିବା ଜିଲ୍ଲାସ୍ତରୀୟ ବିକାଶ ମେଳା - ୨୦୨୫ର ଷଷ୍ଠ ଦିବସରେ ବିଶିଷ୍ଟ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ ପ୍ରଦୀପ କୁମାର ଗୁରୁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ଡି ଡି ଏମ ନାବାର୍ଡ ଡ଼ ସତ୍ୟ ସ୍ୱରୂପ ବେଦାନ୍ତ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗୀୟ ଲୋକ ଯୋଜନାର ସୂଚନା ପ୍ରଦାନ କରି ଜନସାଧାରଣ ଏହାର କିପରି ଭାବରେ ସୁବିଧା ନେଇ ପାରିବେ ସେ ସମ୍ପର୍କରେ ଯୋଜନା ସମ୍ପର୍କିତ ୱିଧି ବ୍ୟବସ୍ଥାର ତଥ୍ୟ ପ୍ରଦାନ କରିଥିଲେ। ଆଜି ବିକାଶ ମେଳା ଷଷ୍ଠ ଦିନ କାର୍ଯ୍ୟକ୍ରମ ଅବସରରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର କୁମାର ମାଝୀ, ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲାପରିଷଦ ଅଶ୍ୱିନୀ ମେହେର, ଉପଜିଲ୍ଲାପାଳ ସୋନପୁର ଡ଼ ସୌମ୍ୟା ରୁପା ରଥ ପ୍ରମୁଖ ଉପସ୍ଥିତ ରହିଥିବାବେଳେ ବହୁ ସଂଖ୍ୟାରେ ଜନ ସାଧାରଣ ଯୋଗଦେଇଥିଲେ । ଏହି ଅବସରରେ ସାମାଜିକ ସୁରକ୍ଷା ଯୋଜନା ଅନ୍ତର୍ଗତ ୩ ଗୋଟି ଦିବ୍ୟାଙ୍ଗ ଦମ୍ପତିଙ୍କୁ ୨. ୫ ଲକ୍ଷ ବିବାହ ପ୍ରୋତ୍ସାହନ ରାଶର ଡେମୋ ଚେକ୍ ପ୍ରଦାନ କରିଥିଲେ ଅତିଥିବୃନ୍ଦ। ହିତାଧିକାରୀଙ୍କୁ ଅନ୍ତୋଦୟ ଆବା ଏହି ଅବସରରେ ୱ୍ୟୋବନ୍ଦନା ସ୍ୱାସ୍ଥ୍ୟ କାର୍ଡ, ସାମାଜିକ ସୁରକ୍ଷା ଯୋଜନା, କିସାନ କ୍ରେଡିଟ କାର୍ଡ ପ୍ରଭୃତିର ହିତାଧିକାରୀ ଚୟନ, ସୁବିଧା ସୁଯୋଗର ତଥ୍ୟ ଦୃଶ୍ୟ ଶ୍ରାବ୍ୟ ମାଧ୍ୟମରେ ଉପସ୍ଥାପନା କରାଯାଇଥିଲା। ଆଜି ବିକାଶମେଳା ସାଂସ୍କୃତିକ ମଞ୍ଚରେ ଜିଲ୍ଲାର ପ୍ରତିଷ୍ଠିତ ଶିଶୁ ଓ ଯୁବ କଳାକାର ମାନଙ୍କ ଦ୍ୱାରା ଦଳଗତ ଓ ଏକକ ଲୋକନୃତ୍ୟ ଲୋକଗୀତ ସହ ସଚେତନା ମୂଳକ ପାରମ୍ପରିକ ଲୋକ ଗୀତ ଓ ଲୋକନୃତ୍ୟ ଉପସ୍ଥିତ ହଜାର ହଜାର ଜନସାଧାରଣଙ୍କୁ ବିମୋହିତ କରଥିଲା।

## ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ



**କଣାସ,୧୮।୬(ସଂଚାର ବ୍ୟୁରୋ):** କଣାସ ପଞ୍ଚାୟତ ସମିତି ସଭା ଗୃହରେ ଆଜି ପ୍ରାକୃତିକ ବିର୍ପଯ୍ୟୟ ମୁକାବିଲା ପ୍ରସ୍ତୁତି ବୈଠକ ଅତିରିକ୍ତ ବିଡିଓ ମଙ୍ଗଳସିଂହ ହେମ୍ବ୍ରମଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅତିରିକ୍ତ ତହସିଲିଦାର ଉପେନ୍ଦ୍ର କୁମାର ସେଠୀ ଯୋଗ ଦେଇ ପ୍ରାକୃତିକ ବିର୍ପଯ୍ୟ ସମୟରେ କିପରି ବିପର୍ଣ୍ଣ ଲୋକମାନଙ୍କୁ ଉଧାର କରି ନିରାପଦ ସ୍ଥାନରେ ରଖିପାରିବେ ସେ ସଂପର୍କରେ ସୂଚନା ଦେଇଥିଲେ। କଣାସ ବ୍ଲକର ୨୮ ଗ୍ରାମପଞ୍ଚାୟତରେ ପ୍ରାକୃତିକ ବିର୍ପଯ୍ୟୟ ମୁକାବିଲା ପାଇଁ ୨୪ ଟି ବାତ୍ୟା ଆଶ୍ରୟ ସ୍ଥଳୀ ପ୍ରସ୍ତୁତ କରି ରଖାଯାଇଥିବା ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିର୍ପଯ୍ୟୟ ସମୟରେ ସମସ୍ତ ଔଷଧ ପତ୍ର ଯୋଗାଇଦେବା ପାଇଁ ପ୍ରସ୍ତୁତି ହୋଇ ରହିଥିବା ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନେ କହିଥିଲେ। ଏହି ବୈଠକରେ ଅଗ୍ନିସମ ବିଭାଗ,ବ୍ଲକର ସମସ୍ତ କର୍ମଚାରୀ ,ଅନେକ ଲୋକ ପ୍ରତିନିଧି ଉପସ୍ଥିତ ରହିଥିଲେ। ପ୍ରସ୍ତୁତି ବୈଠକ ଫଟୋ ଇ ମେଲରେ ପଠାଗଲା

## ଭାରତ ନିର୍ବାଚନ ଆୟୋଗ ଭୋଟର ଫଟୋ ପରିଚୟପତ୍ରର (ଇପିଆଇସି) ଶୀଘ୍ର ବିତରଣ କରିବେ

**ସୁନ୍ଦରଗଡ଼,୧୮।୬(ସଂଚାର ବ୍ୟୁରୋ):** ଭୋଟର ମାନଙ୍କୁ ଭୋଟର ଫଟୋ ପରିଚୟପତ୍ର ଶୀଘ୍ର ପ୍ରଦାନ କରିବା ପାଇଁ, ଭାରତୀୟ ନିର୍ବାଚନ ଆୟୋଗ ଏକ ନୂତନ ମାନକ କାର୍ଯ୍ୟ ପ୍ରଣାଳୀ ପ୍ରଚଳନ କରିଛନ୍ତି ଯାହା ଦ୍ୱାରା ଭୋଟର ତାଲିକାରେ ଅଦ୍ୟତନ ହେବାର ୧୫ ଦିନ ମଧ୍ୟରେ ଭୋଟର ଫଟୋ ପରିଚୟପତ୍ର ପ୍ରଦାନ କରା ଯାଇପାରିବ। ଏଥିରେ ଭୋଟରଙ୍କ ନୂତନ ନାମଲେଖା କିମ୍ବା ପୂର୍ବରୁ ଥିବା କୌଣସି ଭୋଟର ବିବରଣୀରେ ପରିବର୍ତ୍ତନ ଅନ୍ତର୍ଭୁକ୍ତ ରହିବ। ଏହି ପଦକ୍ଷେପ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ସହିତ ନିର୍ବାଚନ କମିଶନର ଡକ୍ଟର ସୁଖବୀର ସିଂହ ସାନ୍ଧୁ ଏବଂ ଡକ୍ଟର ବିବେକ ଯୋଶୀଙ୍କ ଦ୍ୱାରା ପରିକଳ୍ପିତ ଏବଂ ଏହା ଭୋଟରଙ୍କ ସୁବିଧା ପାଇଁ ନିର୍ବାଚନ ଆୟୋଗ ଦ୍ୱାରା ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସହିତ ସଙ୍ଗତ। ନୂତନ ବ୍ୟବସ୍ଥା, ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଦ୍ୱାରା ଭୋଟର ପରିଚୟ ପତ୍ର ପ୍ରସ୍ତୁତି ଠାରୁ ଡାକ ବିଭାଗ ମାଧ୍ୟମରେ ଭୋଟରଙ୍କୁ ବିତରଣ ପର୍ଯ୍ୟନ୍ତ ପ୍ରତ୍ୟେକ ପର୍ଯ୍ୟାୟର ପ୍ରକୃତ-ସମୟ ଟ୍ରାକିଂ ସୁନିଶ୍ଚିତ କରିବ। ଭୋଟରମାନେ ପ୍ରତ୍ୟେକ ପର୍ଯ୍ୟାୟର ସୂଚନା ଏସଏମଏସ ମାଧ୍ୟମରେ ମଧ୍ୟ ପାଇବେ, ଯାହା ସେମାନଙ୍କୁ ତାଙ୍କ ଭୋଟର ଫଟୋ ପରିଚୟପତ୍ରର ସ୍ଥିତି ବିଷୟରେ ଅବଗତ କରାଇବ। ଏହି ଉଦ୍ଦେଶ୍ୟରେ, ନିର୍ବାଚନ ଆୟୋଗ ଏହାର ସମ୍ପ୍ରତି ଆରମ୍ଭ ହୋଇଥିବା ଇ ଏସ ଆଇ ଏନ୍ ଇ ଟି ପ୍ଲାଟଫର୍ମରେ ଏକ ଉତ୍ସର୍ଗୀକୃତ ଆଇ.ଟି ମଡ୍ୟୁଲ୍ ପ୍ରଚଳନ କରିଛନ୍ତି। ନୂତନ ଆଇ.ଟି ପ୍ଲାଟଫର୍ମ ବର୍ତ୍ତମାନର ଢାଞ୍ଚାକୁ ପୁନଃ ପରିକଳ୍ପନା କରି କାର୍ଯ୍ୟପ୍ରଣାଳୀକୁ ସୁଗମ କରିବ ଓ ବିଦ୍ୟମାନ ପ୍ରକ୍ରିୟାକୁ ବଦଳାଇବ। ନିର୍ବିଘ୍ନ ବିତରଣ ପାଇଁ ଡାକ ବିଭାଗର ଆପ୍ଲିକେସନ୍ ପ୍ରୋଗ୍ରାମ୍ ଇଣ୍ଟରଫେସ୍ ଇ ସି ଆଇ ଏନ୍ ଇ ଟି ସହ ସମନ୍ୱିତ ହେବ। ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ସୂଚନାର ସୁରକ୍ଷା ବଜାୟ ରଖିବା ସହ ସେବା ବିତରଣକୁ ବୃଦ୍ଧି କରିବା। ସମସ୍ତ ଭୋଟରଙ୍କୁ ତୁରନ୍ତ ଏବଂ ଦକ୍ଷ ନିର୍ବାଚନୀ ସେବା ଯୋଗାଇବା ହେଉଛି ନିର୍ବାଚନ ଆୟୋଗର ଏକ ପ୍ରମୁଖ ଲକ୍ଷ୍ୟ। ଏହା ମନେ ପକାଇ ଦିଆଯାଇପାରେ ଯେ ଗତ ଚାରି ମାସ ମଧ୍ୟରେ, ନିର୍ବାଚନ ଆୟୋଗ ଭୋଟର ଏବଂ ଅନ୍ୟାନ୍ୟ ଅଂଶୀଦାରମାନଙ୍କ ଲାଭ ପାଇଁ ଅନେକ ପଦକ୍ଷେପ ନେଇଛନ୍ତି।

## ପରିସ୍ଥିତି ପରଖିଲେ ଅତିରିକ୍ତ ଜିଲ୍ଲାପାଳ



**କଟକ,୧୮।୬(ସଂଚାର ବ୍ୟୁରୋ):** ସମ୍ଭାବ୍ୟ ଡ଼ାଇରିଆ ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ଅଂଚଳ ଗସ୍ତ କରି ପରିସ୍ଥିତି ଉପରେ ନଜର ରଖାଯିବା ସହ ସଚେତନତା ସୃଷ୍ଟି କରାଯାଉଛି। ଆଜି ଅତିରିକ୍ତ ଜିଲ୍ଲାପାଳ ଡଃ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର ଇମାମନଗର ଅଂଚଳକୁ ଯାଇ ସେଠାକାର ସ୍ଥାନୀୟ ଅଂଚଳ ଓ ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଡେଙ୍ଗୁ, ଡ଼ାଇରିଆ ଓ ମ୍ୟାଲେରିଆ ଉପରେ ସ୍ଥାନୀୟ ମହିଳା ଓ ପିଲାମାନଙ୍କୁ ସଚେତନ କରାଇଥିଲେ। ବିଶେଷକରି ବିଶୁଦ୍ଧ ପାନୀୟ ଜଳ ପିଇବା ଓ ବ୍ୟବହାର କରିବା, ହାତ ଧୋଇବା, ଗରମ ଖାଦ୍ୟ ଖାଇବା, ପିଲାମାନଙ୍କୁ ଉଷୁମ ପାଣି ପିଇବାକୁ ଦେବା, ମୁଗ ସିଝେଇ ପିଲାମାନଙ୍କୁ ଦେବା, ପରିବେଶ ସୁଚ୍ଛ ରଖିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଏଥିସହ ସ୍ଥାନୀୟ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରି ସେଠାରେ ଉପଲବ୍ଧ ଥିବା ଔଷଧ ଓ ଶଯ୍ୟା ଆଦି ସମ୍ପର୍କରେ ଅବଗତ ହୋଇଥିଲେ। ବିଶେଷକରି ୫ ବର୍ଷ ବୟସରୁ କମ ବୟସ୍କ ପିଲାମାନଙ୍କୁ ଡାଇରିଆ ହେବାର ଆଶଙ୍କା ଅଧିକ ଥିବାରୁ ସେମାନଙ୍କୁ ସଚେତନ କରାଇବା ଉପରେ ଅତିରିକ୍ତ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ।

● ଦୁର୍ଘଟଣାରେ ଚାଲିଗଲା ତ୍ରିନାଥଙ୍କ ଜୀବନ

## କ୍ଷତିପୂରଣ ଦାବିରେ ରାସ୍ତାରେ ବସିଛନ୍ତି ଗ୍ରାମବାସୀ

**ଆନନ୍ଦପୁର,୧୮।୬(ସଂଚାର ବ୍ୟୁରୋ):** ଅଜଣା ଗାଡି ଧକ୍କାରେ ରଘୁନାଥପୁର ଗ୍ରାମର ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିଲା। ତେବେ ପରିବାରକୁ କ୍ଷତିପୂରଣ ଦାବିରେ ରଘୁନାଥପୁର ଗ୍ରାମବାସୀ ବୁଧବାର ଟାୟାର ଜାଳି ରାସ୍ତାରୋକୋ କରିଛନ୍ତି। ବର୍ଷା ହେଉଥିଲେ ସୁଦ୍ଧା ଲୋକେ ସେମାନଙ୍କ ଜିଦ୍‌ରେ ଅଟଳ ରହିଛନ୍ତି। ସୂଚନାଯୋଗ୍ୟ, ଗତକାଲି ରଘୁନାଥପୁର ଗାଁର ଯୁବକ ତ୍ରିନାଥ ମାନସିଂ ବାଇକ ଯୋଗେ ଘରକୁ ଫେରୁଥିବା ସମୟରେ ଏକ ଅଜଣା ଗାଡି ତାଙ୍କୁ ଧକ୍କାଦେଇ ଚାଲିଯାଇଥିଲା। ଗୁରୁତର ଅବସ୍ଥାରେ ତ୍ରିନାଥଙ୍କୁ ନିକଟସ୍ଥ ହରିଚନ୍ଦନପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ରଘୁନାଥପୁର ଗାଁ ଦେଇ ଯାଇଥିବା ରାସ୍ତା ବେଆଇନ ଭାବେ ବାଲି ବୋଝେଇ ହାଇଓ୍ୱା ଚଳାଚଳ ଯୋଗୁ ଅନେକ ସମୟରେ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହୋଇଛି।





# କୋଇଲାରୁ ବିଜୁଳି ଉତ୍ପାଦନ ବନ୍ଦ କଲା ଫିନ୍‌ଲାଣ୍ଡ

ଅଙ୍ଗାରକାମ୍ଳ ନିର୍ଗମନ ଜନିତ ପରିବେଶ ପ୍ରଦୂଷଣରେ ହ୍ରାସ ଆଣିବା ପାଇଁ ଫିନ୍‌ଲାଣ୍ଡ ତାହାର ଶେଷ କୋଇଲାଭିତ୍ତିକ ବିଦ୍ୟୁତ୍ କେନ୍ଦ୍ରକୁ ସବୁଦିନ ପାଇଁ ବନ୍ଦ କରିଦେଇଛି। ୟୁରୋପର ଏହି ଅଷ୍ଟମ ବୃହତ୍ତମ ଦେଶର ଏଭଳି ସମୟୋଚିତ ପଦକ୍ଷେପ ଅନ୍ୟ ବିକଶିତ ଓ ବିକାଶଶୀଳ ଦେଶମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି, ଯାହା ଜଳବାୟୁ ପରିବର୍ତ୍ତନ ମୁକାବିଲାରେ ସକାରାତ୍ମକ ଯୋଗଦାନ କରିବ। ସୂଚନା ଥାଉ କି, ୨୦୨୯ ମସିହା ବେଳକୁ କୋଇଲାକୁ ଦେଶରେ ସଂପୂର୍ଣ୍ଣ ନିଷିଦ୍ଧ କରିବା ଲାଗି ଫିନ୍‌ଲାଣ୍ଡ୍ ସରକାର ୨୦୧୯ ମସିହାରେ ଏକ ଆଇନ ପ୍ରଣୟନ କରିଥିଲେ। ଏହି ଲକ୍ଷ୍ୟ ପୂରଣ ପାଇଁ ଦେଶ ନବୀକରଣଯୋଗ୍ୟ ଶକ୍ତିର ପ୍ରସାର ବୃଦ୍ଧି କରିଥିଲା, ଫଳସ୍ୱରୂପ କୋଇଲାଚାଳିତ ବିଦ୍ୟୁତ୍ ଉତ୍ପାଦନ ଆଶାତୀତ ଭାବେ ଶୀଘ୍ର ସମାପ୍ତ ହୋଇ ଆସିଥିଲା। ଶେଷରେ ଗତ ମଙ୍ଗଳବାର ଶକ୍ତି ଉତ୍ପାଦନ କମ୍ପାନି 'ହେଲେନ୍' ଦ୍ୱାରା ପରିଚାଳିତ ସାଲମିସାରି ସ୍ଥିତ ଦେଶର ଶେଷ ତାପଜ ବିଦ୍ୟୁତ୍ କେନ୍ଦ୍ର ଶେଷ ଥର ପାଇଁ ଧୂଆଁ ଛାଡ଼ିଥିଲା। ରାଜଧାନୀ ହେଲସିଙ୍କିରେ ଅବସ୍ଥିତ ଏହି ବିଦ୍ୟୁତ୍ କେନ୍ଦ୍ର ଦେଶର ରାଜଧାନୀ ପାଇଁ ବାର୍ଷିକ ୩୦୦ ମେଗାବାଟ ତାପଶକ୍ତି ଓ ୧୭୫ ମେଗାବାଟ ବିଦ୍ୟୁତ୍ ଉତ୍ପାଦନ କରୁଥିଲା। ଏଥି ସହିତ ଏହା ବିଷାକ୍ତ ଅଙ୍ଗାରକାମ୍ଳ ବାଷ୍ପ ନିର୍ଗତ କରୁଥିଲା, ଯାହା ଘାତକ ଜଳବାୟୁ ପରିବର୍ତ୍ତନରେ ସହାୟକ ହେଉଥିଲା। ଉକ୍ତ ତାପଜ ବିଦ୍ୟୁତ୍ କେନ୍ଦ୍ର ବନ୍ଦ ହେବା ଫଳରେ ହେଲେନ୍‌ର ବାର୍ଷିକ ଅଙ୍ଗାରକାମ୍ଳ ନିର୍ଗମନ ୨୦୨୪ ସ୍ତର ତୁଳନାରେ ପ୍ରାୟ ୫୦ ପ୍ରତିଶତ ହ୍ରାସ ପାଇବ ଏବଂ ହେଲସିଙ୍କିର ମୋଟ ନିର୍ଗମନ ୩୦ ପ୍ରତିଶତ କମିବ ବୋଲି ଆକଳନ କରାଯାଇଛି। ଏଣିକି କମ୍ପାନି ପବନ, ପରମାଣୁ, ଜଳବିଦ୍ୟୁତ୍ ଓ ସୌରଶକ୍ତି ବ୍ୟବହାର କରି ଶକ୍ତି ଚାହିଦା ପୂରଣ କରିବ।

# ୯୯% କୀଟପତଙ୍ଗଙ୍କ ସ୍ଥିତି ଅଜଣା



ଜୀବଜଗତର ଏକ ପ୍ରମୁଖ ଅଂଶ ହେଉଛନ୍ତି କୀଟପତଙ୍ଗ। ସେମାନେ ମଣିଷ ଓ ବନ୍ୟପ୍ରାଣୀଙ୍କୁ ଖାଦ୍ୟ ଓ ପୁନଃଚକ୍ରଣ ସେବା ଯୋଗାଇଥା'ନ୍ତି। ସେମାନେ ଆମ ପରିସଂସ୍ଥାର ପ୍ରାୟ ୮୦% ସପୁଷ୍ପକ ଉଦ୍ଭିଦର ପରାଗଣରେ ସହାୟକ ହେବା ସହ ବିଶ୍ୱ ଖାଦ୍ୟ ଉତ୍ପାଦନର ୩୫% ପାଇଁ କାରକ ସାଜିଥାଆନ୍ତି। ସେମାନେ ଏତେ ଗୁରୁତ୍ୱପୂର୍ଣ୍ଣ ହୋଇଥିବା ସତ୍ତ୍ୱେ ସେମାନଙ୍କ ସ୍ଥିତି ବାବଦରେ ଆମେ ଅଜ୍ଞ। ସମ୍ପ୍ରତି ସେମାନଙ୍କ ସଂଖ୍ୟା କ୍ରମଶଃ ହ୍ରାସ ପାଇବାରେ ଲାଗିଛି। ତେଣୁ ସଂପୃକ୍ତ ଜାତିଗୁଡ଼ିକୁ ନିରୀକ୍ଷଣ କରିବା ଏବଂ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଓ ଆକ୍ରମଣକାରୀ ଜାତିର ବିପଦରୁ ସେମାନଙ୍କୁ ସୁରକ୍ଷା ଦେବାର ଆବଶ୍ୟକତା ରହିଛି। ଏକ ଗବେଷଣାତ୍ମକ ଆକଳନ ଅନୁଯାୟୀ, ବିଶ୍ୱରେ ପ୍ରାୟ ଏକ ନିୟୁତ ଜାତିର କୀଟପତଙ୍ଗ ରହିଛନ୍ତି। ସେମାନଙ୍କ ଭିତରୁ ମାତ୍ର ୧୨,୧୦୦ ଜାତି ବା କେବଳ ୧% ଜାତିଙ୍କ ସ୍ଥିତି ବାବଦରେ ଆନ୍ତର୍ଜାତିକ ପ୍ରକୃତି ସଂରକ୍ଷଣ ସଂଘ (ଆଇୟୁସିଏନ୍) ମୂଲ୍ୟାଙ୍କନ କରିପାରିଛି ଏବଂ ସେଥିରୁ ୨% ଜାତି ବିପନ୍ନ ବୋଲି ଜଣାଯାଇଛି। ୟୁରୋପ ଓ ଉତ୍ତର ଆମେରିକାର କିଛି ଅଂଶରେ ପ୍ରଜାପତି, ଭଅଁର ଓ କଙ୍କିମାନଙ୍କ ବିଷୟରେ କିଛି ତଥ୍ୟ ରହିଛି, ହେଲେ ଏସିଆ ଓ ଦକ୍ଷିଣ ଆମେରିକାର କିଛି ଅଂଶରେ ପ୍ରାୟ ୯୯% କୀଟପତଙ୍ଗଙ୍କ ବାବଦରେ ବହୁତ କମ୍ ଜଣା ଅଛି। ଏଥି ସହିତ ଆଫ୍ରିକାରେ ସଂପୃକ୍ତ ଜାତିଙ୍କ ବିଷୟରେ ପ୍ରାୟ କୌଣସି ତଥ୍ୟ ନାହିଁ। ଏହାକୁ ଦୂର କରିବା ପାଇଁ ଗବେଷକମାନେ କୀଟପତଙ୍ଗଙ୍କ ସଂଖ୍ୟା ନିରୀକ୍ଷଣ ଏବଂ ସେମାନଙ୍କ ପ୍ରତି ବିପଦର ପ୍ରଭାବର ବିଶ୍ଳେଷଣ ପାଇଁ ଏକ ନୂତନ ଢାଞ୍ଚା ପ୍ରସ୍ତାବ ଦେଇଛନ୍ତି। ତଦନୁସାରେ, ପ୍ରଥମେ କୀଟପତଙ୍ଗଙ୍କ ସଂଖ୍ୟା ହ୍ରାସ ବ୍ୟାପକ କି ନୁହେଁ ଏବଂ ତାହାର କାରଣ କ'ଣ ଜାଣିବା ଗୁରୁତ୍ୱପୂର୍ଣ୍ଣ ବୋଲି ଗବେଷକମାନେ ଗୁରୁତ୍ୱାରୋପ କରିଛନ୍ତି।



# ଜବରଦଖଲରେ ୧୩,୦୦୦ ବର୍ଗକିମି ଜଙ୍ଗଲ

ତେବେ ସେଥି ମଧ୍ୟରୁ ମଧ୍ୟପ୍ରଦେଶରେ ସର୍ବାଧିକ ୫,୪୬୧ ବର୍ଗ କି.ମି. ଜବରଦଖଲ ହୋଇଥିବା ବେଳେ ତାହା ପଛକୁ ଆସାମରେ ଜବରଦଖଲ ପରିମାଣ ୩,୬୨୧ ବର୍ଗ କି.ମି. ରହିଛି। ସେହିପରି ଓଡ଼ିଶାରେ ପ୍ରାୟ ୪୦୫ ବର୍ଗ କି.ମି. ଜଙ୍ଗଲ ଜମି ଜବରଦଖଲ ହୋଇ ରହିଥିବା ବେଳେ ମଣିପୁରରେ ଦେଶର ସର୍ବନିମ୍ନ ୩୨.୭ ବର୍ଗ କି.ମି. ଜଙ୍ଗଲ ଜମି ଜବରଦଖଲ ହୋଇଛି।

ଦେଶରେ ପ୍ରାୟ ୧୩ ହଜାର ବର୍ଗ କି.ମି.ରୁ ଅଧିକ ପରିମିତ ଜଙ୍ଗଲ ଜବରଦଖଲରେ ରହିଛି। କେନ୍ଦ୍ର ସରକାରଙ୍କ ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ନାସନାଲ ଗ୍ରିନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ପାଖରେ ଦାଖଲ କରାଯାଇଥିବା ତଥ୍ୟରୁ ଏପରି ସାଂଘାତିକ ସୂଚନା ସାମନାକୁ ଆସିଛି। ଜବରଦଖଲ ହୋଇ ରହିଥିବା ଏହି ଜଙ୍ଗଲ ଜମି ପରିମାଣ ସମଗ୍ର ଦିଲ୍ଲୀ, ସିକ୍କିମ୍ ଓ ଗୋଆର ମିଳିତ ଆୟତନ ସଙ୍ଗେ ସମାନ। ମଧ୍ୟପ୍ରଦେଶରେ ସର୍ବାଧିକ ଜଙ୍ଗଲ ଜମି ଜବରଦଖଲ ହୋଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଗତବର୍ଷ ଜଙ୍ଗଲ ଜମି ଜବରଦଖଲ ସଂକ୍ରାନ୍ତ 'ପିଟିଆଇ'ର ଏକ ରିପୋର୍ଟକୁ ଭିତ୍ତି କରି ଏନ୍‌ଜିଟି ସ୍ୱତଃପ୍ରବୃତ୍ତ ଭାବେ ସରକାରଙ୍କୁ ଏ ବାବଦରେ ତଥ୍ୟ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଥିଲା। ଗତ ସପ୍ତାହରେ ପରିବେଶ ମନ୍ତ୍ରଣାଳୟ ଦାଖଲ କରିଥିବା ବିବରଣୀ ଅନୁଯାୟୀ, ୨୦୨୪ ମାର୍ଚ୍ଚ ସୁଦ୍ଧା ଦେଶର ୨୫ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ମୋଟ ୧୩,୦୫,୬୬୮ ହେକ୍ଟର ବା ୧୩,୦୫୬ ବର୍ଗ କି.ମି. ଜମି ଜବରଦଖଲ ହୋଇଥିବା କୁହାଯାଇଛି। ଏଥି ସହିତ ବିହାର, ହରିୟାଣା, ହିମାଚଳପ୍ରଦେଶ, ରାଜସ୍ଥାନ, ତେଲେଙ୍ଗାନା, ପଶ୍ଚିମବଙ୍ଗ, ନାଗାଲାଣ୍ଡ, ଦିଲ୍ଲୀ, ଲଦାଖ ଓ ଜାମ୍ମୁକଶ୍ମୀର ଆଦି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ଜବରଦଖଲ ବିବରଣୀ ଏଥିରେ ସାମିଲ ହୋଇନାହିଁ। ସୁତରାଂ ଜବରଦଖଲ ପରିମାଣ ଆହୁରି ଅଧିକ ହେବ ବୋଲି ଅନୁମାନ କରାଯାଏ।

> ନାସନାଲ ଗ୍ରିନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ପାଖରେ ଦାଖଲ କରାଯାଇଥିବା ତଥ୍ୟରୁ ଏପରି ସାଂଘାତିକ ସୂଚନା ସାମନାକୁ ଆସିଛି। ଜବରଦଖଲ ହୋଇ ରହିଥିବା ଏହି ଜଙ୍ଗଲ ଜମିର ପରିମାଣ ସମଗ୍ର ଦିଲ୍ଲୀ, ସିକ୍କିମ୍ ଓ ଗୋଆର ମିଳିତ ଆୟତନ ସଙ୍ଗେ ସମାନ।

ଏଠାରେ ଉଲ୍ଲେଖଯୋଗ୍ୟ, ବୃକ୍ଷ ଥାଉ କି ନଥାଉ, ସରକାରଙ୍କ ଦ୍ୱାରା ଘୋଷିତ ଜଙ୍ଗଲ ଜମିକୁ ରେକର୍ଡ ହୋଇଥିବା ଜଙ୍ଗଲ ଅଞ୍ଚଳ (ଆର୍‌ଏଫ୍‌ଏ) ଭାବେ ବିବେଚନା କରାଯାଏ। ଆର୍‌ଏଫ୍‌ଏ ପୁଣି ତିନି ଭାଗରେ ବିଭକ୍ତ: (୧) ସଂରକ୍ଷିତ ଜଙ୍ଗଲ, ଯାହାର ସଂପୂର୍ଣ୍ଣ ସୁରକ୍ଷା ରହିଛି ଏବଂ ସାଧାରଣତଃ ଶିକାର ଓ ଚରିବା ଭଳି କାର୍ଯ୍ୟକଳାପ ନିଷିଦ୍ଧ, (୨) ସୁରକ୍ଷିତ ଜଙ୍ଗଲ, ଯେଉଁଠି ନିର୍ଦ୍ଦିଷ୍ଟ ଭାବରେ କିଛି ପ୍ରତିବନ୍ଧକ ଲାଗୁ କରାଯାଇ କିଛି କାର୍ଯ୍ୟକଳାପକୁ ଅନୁମତି ଦିଆଯାଇଥାଏ ଏବଂ (୩) ଅବର୍ଗୀକୃତ ଜଙ୍ଗଲ, ଯାହାକୁ ସଂରକ୍ଷିତ ବା ସୁରକ୍ଷିତ ଭାବରେ ବର୍ଗୀକୃତ କରାଯାଇନାହିଁ।



# ପିଲାଦିନୁ ପକ୍ଷୀ ପ୍ରେମରେ ଦିଶା

**ପରିବେଶ ଯୋଦ୍ଧା**

ସ୍କୁଲ୍‌ରେ ଷଷ୍ଠ ଶ୍ରେଣୀରେ ପଢୁଥିବା ବେଳେ ସେ ସମରକ୍ୟାମ୍ପରେ ଜଙ୍ଗଲକୁ ଯାଇଥିଲେ। ସେଠାରେ ଏକ ହଳଦୀବସନ୍ତ ପକ୍ଷୀ ଉଡ଼ି ଯାଉଥିବା ଦେଖି ତାକୁ କ୍ୟାମେରାରେ କଏଦ୍ କଲେ। ଫଟୋଟି ସମସ୍ତଙ୍କୁ ପସନ୍ଦ ଆସିଲା ଏବଂ ବନ୍ୟଜନ୍ତୁ ଫଟୋଗ୍ରାଫିରେ ସେ ଏଥିପାଇଁ ପ୍ରଥମ ପୁରସ୍କାର ବି ଜିତିଥିଲେ। ଏହାପରଠାରୁ ସେ ଚଢ଼େଇମାନଙ୍କୁ ଭଲ ପାଇବା ସହ ତାଙ୍କର ଜୀବନଶୈଳୀର ପର୍ଯ୍ୟବେକ୍ଷଣ ଆରମ୍ଭ କଲେ। ସେମାନଙ୍କ ବିଷୟରେ ନୂଆ ନୂଆ ତଥ୍ୟ ସଂଗ୍ରହ କଲେ। ସେ ହେଉଛନ୍ତି ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପରିବେଶ ବିଜ୍ଞାନରେ ସ୍ନାତକ କରୁଥିବା ଦିଶା ଭଟ୍ଟାଚାର୍ଯ୍ୟ। ସେ କହନ୍ତି, ତାଙ୍କ ବାପା ଶୁଭେନ୍ଦୁ ଭଟ୍ଟାଚାର୍ଯ୍ୟ ଜଣେ ବନ୍ୟପ୍ରାଣୀ କାର୍ଯ୍ୟକର୍ତ୍ତା। ପିଲାଟି ଦିନରୁ ଦିଶା ବାପାଙ୍କୁ ବନ୍ୟପ୍ରାଣୀଙ୍କ ଉପରେ ଗବେଷଣା ଏବଂ ସେମାନଙ୍କ ବାସସ୍ଥଳୀ ଓ ଜୀବନଶୈଳୀର ଅନୁଶୀଳନ କରିବା ଦେଖିଛନ୍ତି। ବାପାଙ୍କ ସହ ବହୁ ଜଙ୍ଗଲ ଓ ଜାତୀୟ ଉଦ୍ୟାନ ବୁଲିଛନ୍ତି। ବିଭିନ୍ନ ଅନୁଷ୍ଠାନ ଦ୍ୱାରା ଆୟୋଜିତ ପରିବେଶ, ଜଙ୍ଗଲ ଓ ବନ୍ୟଜନ୍ତୁ ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଛନ୍ତି। ଏହି କାରଣରୁ ଛାତ୍ରାବସ୍ଥାରୁ ଦିଶାଙ୍କର ପରିବେଶ ପ୍ରତି ଆକର୍ଷଣ ସୃଷ୍ଟି ହୋଇଥିଲା। ଏବେ ସେ ଭିତରକନିକା ଓ ଚନ୍ଦକା ଆଦି ଜଙ୍ଗଲ ବୁଲି ବିଭିନ୍ନ ପଶୁପକ୍ଷୀଙ୍କୁ ଚିହ୍ନିବା ସହ ଅନ୍ୟମାନଙ୍କୁ ଚିହ୍ନାଉଛନ୍ତି। ଏଥିସହ ପଶୁପକ୍ଷୀଙ୍କ ଫଟୋ ଉଠାଇ ତାହାକୁ ଦସ୍ତାବିଜ ଆକାରରେ ସାଇତି ରଖୁଛନ୍ତି। ନିକଟରେ ସେ ଏକ ସମର ଇଣ୍ଟର୍ଣ୍ଣସିପ୍‌ରେ ଉତ୍ତରପ୍ରଦେଶ ଯାଇ ନର୍ମଦା ନଦୀ ଉପରେ ପଡୁଥିବା ସାମାଜିକ ଓ ପାରିବେଶିକ ପ୍ରଭାବ ଉପରେ ଏକ ଡକ୍ୟୁମେଣ୍ଟାରି ମଧ୍ୟ ପ୍ରସ୍ତୁତ କରିଛନ୍ତି। ଏଥିସହ ରାଜ୍ୟ ଓ ରାଜ୍ୟ ବାହାରର ସ୍କୁଲ୍ ଓ କଲେଜ୍ ତଥା ବିଭିନ୍ନ ଜନବସତିକୁ ଯାଇ ପରିବେଶ ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରୁଛନ୍ତି ଦିଶା।



# ନୌପରିବହନ ଉପରେ ଲାଗିବ କାର୍ବନ ଟିକସ

ନୌପରିବହନ ବର୍ତ୍ତମାନ ବିଶ୍ୱର ୩% କାର୍ବନ ପ୍ରଦୂଷଣ ପାଇଁ ଦାୟୀ। ତଥାପି ଏଥିଜନିତ ପ୍ରଦୂଷଣ ହ୍ରାସ କରିବା ଲାଗି ଏଯାଏ କୌଣସି ବିଶ୍ୱସ୍ତରୀୟ ବୈଧାନିକ ବାଧ୍ୟବାଧକତା ନ ଥିଲା। ତେବେ ୧୦ ବର୍ଷର ଆଲୋଚନା ପରେ ଗତ ଶୁକ୍ରବାର ମିଳିତ ଜାତିସଂଘର ଅନ୍ତର୍ଜାତୀୟ ନୌବାଣିଜ୍ୟ ସଂଗଠନ ଦପ୍ତରରେ ଭାରତ ସମେତ ୬୨ ଦେଶ ପ୍ରଥମ ଥର ପାଇଁ ନୌବାଣିଜ୍ୟ ପ୍ରଦୂଷଣ ଉତ୍ସର୍ଜନକୁ ନିରୁତ୍ସାହିତ କରିବା ପାଇଁ ବୁଝାମଣା ସ୍ୱାକ୍ଷର କରିଛନ୍ତି। ଏହି ଚୁକ୍ତି ଅନୁଯାୟୀ ଜାହାଜ ମାଲିକମାନଙ୍କୁ ୨୦୨୮ ସୁଦ୍ଧା ସ୍ୱଚ୍ଛ ଇନ୍ଧନ ବ୍ୟବହାର କରିବାକୁ ପଡ଼ିବ ନଚେତ ଜରିମାନା ଦେବାକୁ ହେବ। ସେହି ଅର୍ଥକୁ ନୌବାଣିଜ୍ୟର ପ୍ରଦୂଷଣ ମାତ୍ରା ହ୍ରାସ କରିବା ଦିଗରେ ବିନିଯୋଗ କରାଯିବ।

> ୨୦୨୮ରେ ଯେଉଁ ଜାହାଜଗୁଡ଼ିକ ଜୀବାଶ୍ମ ଇନ୍ଧନ ବ୍ୟବହାର ଜାରି ରଖିବେ, ସେମାନେ ପ୍ରତି ଟନ୍ ଧୂଆଁ ପ୍ରଦୂଷଣ ପାଇଁ ୧୦୦ରୁ ୩୮୦ ଡଲାର ଟିକସ ଦେବେ। ଆକଳନ ଅନୁଯାୟୀ, ଏହି ସୂତ୍ରରୁ ୨୦୩୦ ସୁଦ୍ଧା ୪୦ ବିଲିଅନ୍ ଡଲାର୍ କାର୍ବନ ଟିକସ ପାଣ୍ଠି ସୃଷ୍ଟି ହେବ।

୫,୦୦୦ ଟନ୍‌ରୁ ଅଧିକ ଭାରୀ ପରିବହନକାରୀ ଜାହାଜ ଉପରେ ଏହି ଟିକସ ଲାଗୁ କରାଯିବ। ୨୦୨୮ରେ ଯେଉଁ ଜାହାଜ ଚିରାଚରିତ ଜୀବାଶ୍ମ ଇନ୍ଧନ ବ୍ୟବହାର ଜାରି ରଖିବେ ସେମାନେ ପ୍ରତି ଟନ୍ ଧୂଆଁ ପ୍ରଦୂଷଣ ପାଇଁ ୧୦୦ରୁ ୩୮୦ ଡଲାର ଟିକସ ଦେବେ। ଏକ ଆକଳନ ଅନୁଯାୟୀ, ଏହି ସୂତ୍ରରୁ ୨୦୩୦ ସୁଦ୍ଧା ୪୦ ବିଲିଅନ୍ ଡଲାର କାର୍ବନ ଟିକସ ପାଣ୍ଠି ସୃଷ୍ଟି ହୋଇପାରିବ। ଏହି ଚୁକ୍ତି ସମର୍ଥନରେ ଭାରତ, ଚୀନ, ୟୁରୋପୀୟ ରାଷ୍ଟ୍ରସଂଘ, ନରୱେ, ସିଙ୍ଗାପୁର, ଦକ୍ଷିଣ ଆଫ୍ରିକା, ଜାପାନ ପ୍ରମୁଖ ୬୩ଟି ଦେଶ ଭୋଟ୍ ଦେଇଥିବା ବେଳେ ସାଉଦି ଆରବ, ୟୁଏଇ, ରୁଷିଆ, ଭେନେଜୁଏଲା ପରି ତୈଳ ଉତ୍ପାଦନକାରୀ ରାଷ୍ଟ୍ର ସମେତ ୧୬ଟି ଦେଶ ଏହା ବିରୋଧରେ ଭୋଟ ଦେଇଥିଲେ। ୨୫ଟି କ୍ଷୁଦ୍ର ଦେଶ ଭୋଟଦାନରୁ ବିରତ ରହିଥିଲେ। ଯୁକ୍ତରାଷ୍ଟ୍ର ଆମେରିକା ଏହି ଚୁକ୍ତି ବେଳେ ଅନୁପସ୍ଥିତ ରହିଥିଲା। ଏହି ଚୁକ୍ତି ଏକ ସକାରାତ୍ମକ ଆରମ୍ଭ ହୋଇଥିଲେ ହେଁ ବିଶେଷଜ୍ଞମାନେ କହୁଛନ୍ତି ଯେ ୨୦୩୦ ସୁଦ୍ଧା ଏହା ଯୋଗୁଁ ନୌବାଣିଜ୍ୟ କ୍ଷେତ୍ରର ପ୍ରଦୂଷଣ ପରିମାଣ ମାତ୍ର ୧୦% ହ୍ରାସ ପାଇବ। ତେଣୁ ଜଳବାୟୁ ପରିବର୍ତ୍ତନକୁ ରୋକିବା ପାଇଁ ଆହୁରି ଦୃଢ଼ ପଦକ୍ଷେପ ନେବା ଅପରିହାର୍ଯ୍ୟ ବୋଲି ମତ ପ୍ରକାଶ ପାଇଥିଲା।

# କୃତ୍ରିମ ରେଶମ କମାଇବ ପ୍ରଦୂଷଣ



ରେଶମ ବସ୍ତ୍ର ପ୍ରସ୍ତୁତ କରିବା ପାଇଁ ରେଶମ ପୋକ ପାଳିବା ଓ ଗରମ ପାଣିରେ ତାକୁ ଫୁଟାଇବା ଆବଶ୍ୟକ ହୋଇଥାଏ, ଯେଉଁ ପ୍ରକ୍ରିୟାରେ ଅନେକ ଜଳ ଓ ଶକ୍ତି ଅପଚୟ ହୋଇଥାଏ। ରେଶମପୋକଙ୍କ ଶୋଷଣ ଭଳି ନୈତିକ ଦିଗ ମଧ୍ୟ ଏଥିସହିତ ସଂପୃକ୍ତ। ବସ୍ତ୍ର ଶିଳ୍ପରେ ଏବେ ଏକ ନୂଆ ଉଦ୍ଭାବନ ଏହିସବୁ ସମସ୍ୟା ଦୂର କରିବାକୁ ଯାଉଛି- ମାନବ ନିର୍ମିତ ରେଶମ। ଅତ୍ୟାଧୁନିକ ବାୟୋଫାବ୍ରିକେସନ୍ କୌଶଳରେ ପରୀକ୍ଷାଗାରରେ ଉଦ୍ଭିଦ ଭିତ୍ତିକ କାର୍ବନକୁ ବୀଜାଣୁମାନଙ୍କ ଦ୍ୱାରା ରେଶମରେ ରୂପାନ୍ତରିତ କରାଯାଇପାରୁଛି। ପାରମ୍ପରିକ ରେଶମ ଉତ୍ପାଦନ ତୁଳନାରେ କୃତ୍ରିମ ରେଶମ ଉତ୍ପାଦନରେ ପରିବେଶ ଉପରେ ମାତ୍ର ୨୦% କୁପ୍ରଭାବ ପଡ଼ିବ। ଏହି ପ୍ରକ୍ରିୟାର ଆଉ ଏକ ଲାଭ ହେଉଛି ଆବଶ୍ୟକତା ଅନୁସାରେ ଶକ୍ତ, ନମନୀୟ ଅଥବା ବାୟୁ ଚଳାଚଳ ପାଇଁ ଉପଯୁକ୍ତ କୃତ୍ରିମ ରେଶମ କପଡ଼ା ପ୍ରସ୍ତୁତ କରିବା ସମ୍ଭବ। ତେଣୁ ଏହି ରେଶମ କପଡ଼ାରୁ ଫ୍ୟାସନ୍ ସାମଗ୍ରୀରୁ ଆରମ୍ଭ କରି ମେଡିକାଲ୍‌ରେ ବ୍ୟବହୃତ ବସ୍ତ୍ର ପର୍ଯ୍ୟନ୍ତ ତିଆରି କରାଯାଇପାରିବ। ଉଭୟ ପୋଷାକ କ୍ରେତା ଓ ଉତ୍ପାଦନକାରୀ କମ୍ପାନିଙ୍କ ପାଇଁ ପରିବେଶ ଅନୁକୂଳତା ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ବାୟୋଇଂଜିନିୟରିଂ ଦ୍ୱାରା ପ୍ରସ୍ତୁତ ରେଶମ ବସ୍ତ୍ର ଶିଳ୍ପ ଲାଗି ବୈପ୍ଳବିକ ସାବ୍ୟସ୍ତ ହେବ।

# ତାପମାତ୍ରା ସହ ବଢୁଛି ମାଈ ଅଲିଭ୍ ରିଡ୍‌ଲେ ଜନ୍ମ



ଗଞ୍ଜାମ ଜିଲ୍ଲାର ଋଷିକୁଲ୍ୟା ମୁହାଣରେ ୧୫ ବର୍ଷ ଧରି ଅଲିଭ୍ ରିଡ୍‌ଲେ କଇଁଛଙ୍କ ଅଣ୍ଡାରୁ ଛୁଆ ଫୁଟିବାର ଢାଞ୍ଚାକୁ ଅଧ୍ୟୟନ କରି ବେଙ୍ଗାଲୁରୁର ଆଇଆଇଏସ୍‌ସି ଓ ଦକ୍ଷିଣା ଫାଉଣ୍ଡେସନ୍‌ର ମିଳିତ ଉଦ୍ୟମରେ ଏକ ରିପୋର୍ଟ ପ୍ରକାଶ ପାଇଛି। ଅଣ୍ଡା ଦେବାକୁ ଆସୁଥିବା କଇଁଛମାନଙ୍କ ବସାର ତାପମାତ୍ରା ଓ ନବଜାତ କଇଁଛଙ୍କ ଲିଙ୍ଗ ଉପରେ ଧ୍ୟାନ ରଖି ପ୍ରସ୍ତୁତ 'ମନିଟରିଂ ସି ଟର୍ଟଲସ୍ ଇନ୍ ଇଣ୍ଡିଆ, ୨୦୦୮-୨୦୨୪' ରିପୋର୍ଟ ଅନୁସାରେ, ଜନ୍ମ ନେଉଥିବା ଶାବକଙ୍କ ମଧ୍ୟରୁ ହାରାହାରି ୭୧% ହେଉଛନ୍ତି ମାଈ। ଜଳବାୟୁ ପରିବର୍ତ୍ତନ ଯୋଗୁଁ ତାପମାତ୍ରା ବୃଦ୍ଧି ପାଉଥିବାରୁ ଅଧିକାଂଶ ବର୍ଷ ମାଈ କଇଁଛଙ୍କ ଜନ୍ମ ହାର ଅଧିକ ରହୁଛି। ଫଳରେ ଅଣ୍ଡିରା କଇଁଛଙ୍କ ସଂଖ୍ୟା କମୁଛି ଏବଂ ପ୍ରଜନନର ହାର ହ୍ରାସ ପାଇ ଏ କଇଁଛ ଜାତିର ଭବିଷ୍ୟତ ବିପନ୍ନ ହେବାର ଆଶଙ୍କା ପ୍ରକାଶ ପାଇଛି।

# ପରିବେଶ ସୁରକ୍ଷାର ସେନାପତି



**ପରିବେଶ ଯୋଦ୍ଧା**

ବାପା ଜଣେ ଗରିବ ଚାଷୀ ହୋଇଥିବାରୁ ଭଲ ପାଠ ପଢ଼ି ବଡ଼ ଚାକିରି କରିବାର ସ୍ୱପ୍ନ ଅଧାରୁ ଭାଙ୍ଗିଯାଇଥିଲା। ସେ ଦ୍ୱାଦଶ ପରେ ଉଚ୍ଚଶିକ୍ଷା ଲାଭ କରିପାରି ନଥିଲେ। ହେଲେ ପରିବେଶ ସଂରକ୍ଷଣ କ୍ଷେତ୍ରରେ ସକ୍ରିୟ ହୋଇଉଠିଥିଲେ। ଅସ୍ତରଙ୍ଗରେ ହେନ୍ତାଳ ବନ ସୃଷ୍ଟି, ପ୍ଲାଷ୍ଟିକ୍ ବର୍ଜ୍ୟ ସଫେଇ ଓ ଜୈବ ବିବିଧତା ସଂରକ୍ଷଣ କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ କାର୍ଯ୍ୟ ଲାଗି ଖୋର୍ଦ୍ଧା ଜିଲ୍ଲା ବାଲିପାଟଣା ବ୍ଲକ ଆମ୍ବଡିହ ଗ୍ରାମର ରାହୁଲ ମହାରଣାଙ୍କୁ ୨୦୨୨-୨୩ ପାଇଁ ଜାତୀୟ ଯୁବ ପୁରସ୍କାର ମିଳିଛି।

ଜଣେ ପରିବେଶ ଯୋଦ୍ଧା ଭାବେ ନିଜର ଜୀବନ ଯାତ୍ରା ବିଷୟରେ ୨୫ ବର୍ଷୀୟ ରାହୁଲ କହନ୍ତି, "ଏକାଦଶ ଶ୍ରେଣୀରେ ପଢୁଥିବା ବେଳେ ଓଡ଼ିଶାକୁ ପ୍ରତିବର୍ଷ କାହିଁକି ବାତ୍ୟା ଆସୁଛି, ସେ ପ୍ରଶ୍ନ ମୋ ମନରେ ଉଙ୍କି ମାରିଥିଲା। ମୁଁ ଇଣ୍ଟରନେଟରୁ ଜାଣିବାକୁ ପାଇଲି ଯେ ସମୁଦ୍ର କୂଳରେ ଜମା ହେଉଥିବା ପ୍ଲାଷ୍ଟିକ୍ ଏକ ପ୍ରମୁଖ କାରଣ। ସମୟ ସହ ତାହା ମାଇକ୍ରୋ ପ୍ଲାଷ୍ଟିକ୍‌ରେ ପରିଣତ ହୁଏ ଏବଂ ପବନ ଓ ପାଣି ମାଧ୍ୟମରେ ସମୁଦ୍ରରେ ମିଶେ। ସମୁଦ୍ରରେ ଥିବା ମାଛ ଓ କଇଁଛ ଏହାକୁ ଖାଇ ମୃତ୍ୟୁବରଣ କରନ୍ତି। ଏହା ଯୋଗୁଁ ଆମ ପର୍ଯ୍ୟାବରଣ ବିଗିଡ଼ିଯାଏ। ଏ ବିଷୟରେ ଜାଣିବା ପରେ ମୁଁ ପ୍ରଥମେ ଅସ୍ତରଙ୍ଗରେ ଥିବା ପୀର୍ ଜାହାନିଆ ବେଳାଭୂମିରୁ ଏକାକୀ ପ୍ଲାଷ୍ଟିକ୍ ସଫେଇ କାମ ଆରମ୍ଭ କରିଥିଲି।"

ସେ ଆହୁରି କହନ୍ତି, "ଅସ୍ତରଙ୍ଗରେ ଥିବା ଦେବୀ ନଦୀ ମୁହାଣକୁ ଅଲିଭ୍ ରିଡଲେ କଇଁଛ ଅଣ୍ଡା ଦେବାକୁ ଆସନ୍ତି। ମାତ୍ର ସେମାନେ ଅଣ୍ଡାଦାନ ଲାଗି ନଆସିବାରୁ ସମୁଦ୍ରରେ ଜେଲି ଫିସ୍ ସଂଖ୍ୟା ବଢୁଛି କାରଣ ସେମାନେ ଜେଲି ଫିସ୍ ଖାଆନ୍ତି। ଅନ୍ୟପକ୍ଷରେ ଜେଲିଫିସ୍‌ଗୁଡ଼ିକ ମାଛ ଅଣ୍ଡାକୁ ଖାଇ ଦେଉଛନ୍ତି। ଏଭଳି ହେବା ଦ୍ୱାରା ସମୁଦ୍ରରେ ମାଛର ସଂଖ୍ୟା କମ୍ ହେବାରେ ଲାଗିଛି। ଏସବୁ ସମସ୍ୟାର ସମାଧାନ ପାଇଁ ମୁଁ ଏକାକୀ ପ୍ଲାଷ୍ଟିକ୍ ସଫେଇ କାମ ଆରମ୍ଭ କରିଥିଲି। ଏ ମଧ୍ୟରେ ବାତ୍ୟା ରୋକିବାକୁ ହେନ୍ତାଳ ବନର ରକ୍ଷଣାବେକ୍ଷଣରେ ବି ଲାଗିପଡ଼ିଲି।"

କିଛି ବର୍ଷ ଏକାକୀ ସଫେଇ କରିବା ପରେ ୨୦୨୨ ଜାନୁଆରି ୯ରେ ସେ 'ଓଡ଼ିଶା ମ୍ୟାନ୍‌ଗ୍ରୋଭ୍ କ୍ଲିନ୍‌ଅପ୍' ନାମରେ ଏକ ଅଭିଯାନ ଆରମ୍ଭ କଲେ। ଏହି ଅଭିଯାନ ଅଧୀନରେ ୧୨ଟି ରବିବାର ସଫେଇ କରିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 'ମନ୍ କି ବାତ୍'ରେ ତାଙ୍କର ପ୍ରଶଂସା କରିଥିଲେ। ଏହା ପରେ ଅଧିକରୁ ଅଧିକ ଲୋକ ତାଙ୍କର ସଫେଇ ଅଭିଯାନରେ ଯୋଡ଼ି ହେବା ସହ 'ଓଡ଼ିଶା ମ୍ୟାନ୍‌ଗ୍ରୋଭ୍ କ୍ଲିନ୍‌ଅପ୍' ଅଭିଯାନ ସଫଳ ରୂପ ନେଇଥିଲା। ଏଭଳି କାର୍ଯ୍ୟ ଲାଗି ତାଙ୍କୁ କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ମନସୁଖ ମାଣ୍ଡଭ୍ୟ ପୁରସ୍କୃତ କରିଛନ୍ତି।

କାମ ପୁରୁଣା ବିଲ୍ ନୂଆଁ....

# ପୁରୁଣା କାମକୁ ନୂଆଁ ଦେଖାଇ ବିଲ୍ ମସୁଧା

**ମୁକ୍ତା ଯୋଜନା ନାରେ ସହରସାରା ଅଧା ପଡି ରହିଛି କାମ**




**ବଲାଙ୍ଗିର,୧୮।୬ (ସଂଚାର ବ୍ୟୁରୋ):** ବଲାଙ୍ଗିର ମୁନିସିପାଲିଟି ଅଧିକାରୀମାନେ ଏବେ ପୁରୁଣା କାମ ଗୁଡିକୁ ନୂଆଁ ଏସଟିମେଟ କରି ବିଲ୍ କରିବାକୁ ଲାଗି ପଡିଛନ୍ତି। ନିର୍ବାହୀ ଅଧିକାରୀଙ୍କ ବଦଳି ଆଦେଶ ଆସିଲା ପରେ ସହର ମଧ୍ୟରେ ଅଧାକାମ ହୋଇ ପଡିରହିଥିବା ପ୍ରକଳ୍ପ ଗୁଡିକର ବିଲ କରି କିପରି ଅଧିକାରୀ ବଦଳି ଯିବା ପୂର୍ବରୁ ବିଲ ପାସ କରେଇ ନେବେ ସେନେଇ ଦିନରାତି ଫାଇଲ ଖୋଲି ବିଲ ରେଡି କରାଯାଉଥିବା ଜଣାଯାଇଛି। ଏପରିକି ମୁକ୍ତା ଯୋଜନାରେ ଚାକରୀ କରୁଥିବା ଏବଂ ଗତ ନଭେମ୍ବର ମାସରୁ ମୁକ୍ତା ଯୋଜନା ବନ୍ଦ ପରେ ଚାକିରୀ ଚାଲିଯାଇଥିବା ଜଣେ ବ୍ୟକ୍ତି ମଧ୍ୟ ପୌରପରିଷଦ କାର୍ଯ୍ୟାଳୟକୁ ଆସି ଚୌକିରେ ବସି କାମ କରୁଥିବା ଦେଖିବାକୁ ମିଳୁଛି। ଏହାର ଏକ ଜ୍ୱଳନ୍ତ ଉଦାହରଣ ହେଲା ବଲାଙ୍ଗିର ଚିଲ୍ଡ୍ରେନ ପାର୍କ (ଏନଏଚ-୨୬) କଡରେ ବଲାଙ୍ଗିର ମୁନିସିପାଲଟି ସୌନ୍ଦର୍ଯ୍ୟ କରଣ ନାଁ ରେ ବେଆଇନ ନିର୍ମାଣ କାମ କରୁଥିଲା। ଯାହାକି ଏବେ ଅଧାକାମ ହୋଇ ପଡି ରହିଛି। ନିୟମ ଅନୁସାରେ ମୁକ୍ତା ଯୋଜନା କାମ କୌଣସି ଏସଏଚଜି କରିବା କଥା। କିନ୍ତୁ ଏସଏଚଜିଙ୍କ ବଦଳରେ କିଛି ବେନାମୀ ଠିକାଦାର ଏହି କାମ କରୁଥିବା ଦେଖିବାକୁ ମିଳିଥିଲା। ଏବେ ଏହି କାମ ସଂପୂର୍ଣ୍ଣ ନ ହୋଇ ପଡି ରହିଛି। ଏହି କାମର ଏସଟିମେଟ ହୋଇନଥିବା ଏବଂ ମୁକ୍ତା ଯୋଜନା ବନ୍ଦ ହୋଇ ଯାଇଥିବାରୁ ଏହାକୁ ପାଟ ଟେଣ୍ଡର କରି ବିଲ କରିବାକୁ ମସୁଧା ଚାଲିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି। ତେଣୁ ଲୋକଙ୍କ ମଧ୍ୟରେ କାମ ପୁରୁଣା ବିଲ୍ ନୂଆଁ ବୋଲି ଚର୍ଚ୍ଚା ହେଉଛି। ଅନ୍ୟପଟେ ବିନା ସୂଚନା ଫଳକ ବିନା ଏସଟିମେଟରେ କିପରି କାମ ହେଲା ବୋଲି ପଚାରିଲେ ମୁନିସିପାଲିଟି ଅଧିକାରୀଙ୍କ ସମେତ କାହାରି ପାଖରେ ଉତର ନାହିଁ। ଏନେଇ ଜଣେ ବ୍ୟକ୍ତି ସୂଚନା ଅଧିôକାର ବଳରେ ତଥ୍ୟ ମାଗିଥିଲେ ମଧ୍ୟ ମୁନିସିପାଲିଟି ପକ୍ଷରୁ କୌଣସି ସୂଚନା ପ୍ରଦାନ କରାଯାଉନଥିବା ଉକ୍ତ ବ୍ୟକ୍ତି ଜଣକ ଅଭିଯୋଗ କରି ମୁନିସିପାଲିଟି ଚାଲିଥିବା ଗ୍ରିଭେନ୍ସ ରେ ଅଭିଯୋଗ କରିଛନ୍ତି। କିନ୍ତୁ କିଛି ଲାଭ ନାହିଁ। ଯେହେତୁ ଏହି ସୌନ୍ଦର୍ଯ୍ୟ କରଣ କାମ ଏନଏଚ ରାସ୍ତା କୁ ଲାଗି କରାଯାଉଥିବାରୁ ରାସ୍ତା ସଂକୋଚନ ହେବା ସହ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଥିବା ଯୋଗୁଁ ଏହିକାମକୁ ବିରୋଧ କରି ବଲାଙ୍ଗିର ନାଗରୀକ କମିଟି ସମେତ ବିଭିନ୍ନ ସଂଗଠନ ପକ୍ଷରୁ ଜିଲ୍ଲାପାଳ, ନିର୍ବାହୀ ଅଧିକାରୀ ବଲାଙ୍ଗିର ମୁନିସିପାଲିଟିଙ୍କୁ ଲିଖିତ ଅଭିଯୋଗ କରାଯାଇଛି। ତଥାପି ଠିକାଦାର ପୋଶା ନୀତି ଯୋଗୁଁ ଏହି କାମକୁ ବାଧ୍ୟବାଧକତା କରି ବଲାଙ୍ଗିର ମୁନିସିପାଲିଟି କାମ କରୁଥିବା ଅଭିଯୋଗ ହୋଇଛି। ଜିଲ୍ଲାପାଳ ଏଥିପ୍ରତି ଧ୍ୟାନ ଦେବା ସହ ଏହି କାମର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ସବୁ ଗୁମର ଖୋଲିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ପ୍ରକାଶ ଯେ, ଗତକାଲି ମୂଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ରାତିରେ ଗୋଟିଏ କଂଟେନର ଦୁର୍ଘଟଣା ଗ୍ରସ୍ତ ହୋଇ ଏହି ରାସ୍ତାରେ ଥିବା ଦୋକାନ ଗୃହ ଭିତରେ ପ୍ରବେଶ କରିଯାଇଥିଲା। ସୌଭାଗ୍ୟବସତ ରାତ୍ରି ହୋଇଥିବାରୁ କୌଣସି ଜୀବନ ହାନି ହୋଇନାହିଁ।

# କୃତ୍ରିମ ପୋଖରୀର ଭ୍ରମ ସୃଷ୍ଟି କରୁଛି ରାସ୍ତା

- ପାଣି ନିଷ୍କାସନ ବ୍ୟବସ୍ଥା ନାହିଁ
- ଦୁର୍ଘଟଣା ବଢୁଛି,ପ୍ରଶାସନ ଶୋଇଛି

**ବିଞ୍ଝାରପୁର,୧୮।୬(ସଂଚାର ବ୍ୟୁରୋ):** କୃତ୍ରିମ ପୋଖରୀର ଭ୍ରମ ସୃଷ୍ଟି କରୁଛି ଗ୍ରାମ୍ୟ ଉନ୍ନୟନ ବିଭାଗର ରାସ୍ତା। ଅସରାଏ ବର୍ଷାରେ ରାସ୍ତାରେ ଜମୁଛି ଆଣ୍ଠୁଏ ପାଣି। ପାଣିରେ ଜଣା ପଡୁନି ଖାଲ ଖମା ଆଉ ବଢୁଛି ଦୁର୍ଘଟଣା। ଏଭଳି କିଛି ଦୃଶ୍ୟ ଦେଖିବାକୁ ମିଳିଛି ଯାଜପୁର ଜିଲ୍ଲା ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର କଣ୍ଡିଆ ମୁଖ୍ୟ ରାସ୍ତାର ସିଂହପୁର ପଞ୍ଚାୟତର ୧୧ନମ୍ବର ୱାର୍ଡର ହରିଜନ ସାହି ନିକଟରେ।ଏହି ରାସ୍ତା ନିକଟରେ ପାଣି ନିଷ୍କାସନ ପାଇଁ କୌଣସି ବ୍ୟବସ୍ଥା ନାହିଁ।ଯାହା ଫଳରେ ବର୍ଷା ଦିନରେ ଅସଳାଏ ବର୍ଷାରେ ଏଠି ଆଣ୍ଠୁଏ ଉଚ୍ଚର ପାଣି



ଜମେ। ପାଣି ଜମିବା ଦ୍ୱାରା ରାସ୍ତାର ଅବସ୍ଥା ନକହିବା ଭଲ। ଖାଲ ଢିପରେ ରାସ୍ତା ପରିଣତ ହେଲାଣି। ଏହି ଖାଲ ଢିପରେ ବର୍ଷା ଦିନେ ପାଣି ଜମେ। ଆଉ ପାଣି ଜମିଯିବା ପରେ ରାସ୍ତାର ଖାଲ ଢିପ ଜଣାପଡ଼େ ନାହିଁ ଆଉ ନଜଣା ପଡ଼ିବା ଦ୍ୱାରା ଏହି ରାସ୍ତା ଦେଇ ଯିବା ଆସିବା କରୁଥିବା ଯାତ୍ରୀ ମାନେ ଦୁର୍ଘଟଣାର ସମ୍ମୁଖୀନ ହୁଅନ୍ତି। ପାଣି ନିଷ୍କାସନ ପାଇଁ କୌଣସି ବ୍ୟବସ୍ଥା ନଥିବାରୁ ଏଭଳି ହେଉଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା। ବାରମ୍ବାର ଏନେଇ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିବା ଅଭିଯୋଗ ହୋଇଛି।ଯଥା ଶୀଘ୍ର ପାଣି ନିଷ୍କାସନ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି ଗ୍ରାମବାସୀ।

# ସ୍ୱାମୀକୁ ହତ୍ୟା କଲା ସ୍ତ୍ରୀ

**ବ୍ରହ୍ମପୁର,୧୮।୬(ସଂଚାର ବ୍ୟୁରୋ):** ସ୍ୱାମୀକୁ ହତ୍ୟା କଲା ସ୍ତ୍ରୀ। ଗଞ୍ଜାମ ଜିଲ୍ଲା ଧରାକୋଟ ଥାନା ମୁଣ୍ଡମରାଇ ଗାଁରେ ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ତେବେ ପାରିବାରିକ କଳହକୁ କେନ୍ଦ୍ର କରି ସ୍ୱାମୀକୁ ନୃଶଂସ ସ୍ତ୍ରୀ ହତ୍ୟା କରିଥିବା ଜଣାପଡ଼ିଛି। ତେବେ ମୃତ ସ୍ୱାମୀଙ୍କ ନାମ ଅମର ନାୟକ ବୋଲି ଜଣାପଡିଛି । ସୂଚନା ଅନୁଯାୟୀ, ସ୍ୱାମୀକୁ ହତ୍ୟା ପରେ ଆତ୍ମହତ୍ୟା ରୂପ ଦେବାକୁ ସ୍ତ୍ରୀ ପ୍ରୟାସ କରିଥିଲା। ମଙ୍ଗଳବାର ବିଳମ୍ବିତ ରାତିରେ ମୁଣ୍ଡମରାଇ ଗାଁର ଅମର ନାୟକ ଓ ତାଙ୍କ ସ୍ତ୍ରୀ ଅଞ୍ଜନା ନାୟକଙ୍କ ମଧ୍ୟରେ କୌଣସି କାରଣକୁ ନେଇ ବଚସା ହୋଇଥିଲା । ଦେଖୁ ଦେଖୁ ବଚସା ଏତେ ବଢିଯାଇଥିଲା କି ମାର୍‌ପିଟ୍ ପର୍ଯ୍ୟନ୍ତ କଥା ଯାଇଥିଲା । ଏପିରିକି ସ୍ତ୍ରୀ ଅଞ୍ଜନା ନାୟକ ସ୍ୱାମୀ ଅମର ନାୟକଙ୍କ ତଣ୍ଟି ଚିପି ହତ୍ୟା କରିଥିଲେ। ଏହାପରେ ହତ୍ୟାକୁ ଆତ୍ମହତ୍ୟାର ରୂପ ଦେବାକୁ ଅଭିଯୁକ୍ତ ସ୍ତ୍ରୀ ପ୍ରୟାସ କରିଥିଲା । ସେପଟେ ଘଟଣା ସଂପର୍କରେ ଖବର ପାଇ ଧରାକୋଟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଆସିକା ମେଡ଼ିକାଲକୁ ପଠାଇଛି । ଖବର ଲେଖା ହେବା ସୁଦ୍ଧା ସ୍ତ୍ରୀକୁ ଥାନାରେ ଅଟକ ରଖି ପୋଲିସ୍ ଜେରା କରୁଛି।

# ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ ଓ ପଦଯାତ୍ରାର ଶୁଭାରମ୍ଭ



**ଫୁଲବାଣୀ,୧୮।୬ (ସଂଚାର ବ୍ୟୁରୋ):** ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ଅନୁକୁଲ୍ୟରେ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ତରଫରୁ ଅଦ୍ୟ ତା ୧୮.୦୬.୨୦୨୫ ରିଖରେ ଅଧକ୍ଷ୍ୟ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଏବଂ ଜିଲ୍ଲାପାଳ କନ୍ଧମାଳଙ୍କ ନିର୍ଦ୍ଦେଶ କ୍ରମେ ଏକ ସଚେତନତା ପଦଯାତ୍ରା ଓ ସଚେତନତା ରଥର ଶୁଭାରମ୍ଭ ହୋଇଯାଇଅଛି କ୍ଷ ଏହି ପଦଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ସକାଳ ୯.୩୦ ଘ. ସମୟରେ ବାହାରି ମାଦିକୁଣ୍ଡା ଛକ ନିକଟରେ ପହଞ୍ଚିଥିଲା । ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରମେଶ ଚନ୍ଦ୍ର ଜେନା , ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଜିଲ୍ଲା ଶ୍ରମ ଅଧିକାରୀ (ଭାରପ୍ରାପ୍ତ), ବିଶ୍ୱ ରଞ୍ଜନ କହଁରଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଏହି ସଚେତନତା ପଦଯାତ୍ରାରେ ବିଜୁ ଦକ୍ଷତା ବିକାଶ କେନ୍ଦ୍ର ଫୁଲବାଣୀର ଛାତ୍ର ଛାତ୍ରୀ, ଅଙ୍ଗନବାଡି କର୍ମୀ, ଶ୍ରମିକ ସଂଗଠନର କର୍ମକର୍ତା, ସମାଜ ସେବୀ ଏବଂ ଜନ ସାଧାରଣ ଏଥିରେ ଭାଗ ନେଇଥିଲେ । ଅଧିକ୍ଷକ ଅବକାରୀ ବିଭାଗ, କନ୍ଧମାଳ, ଜିଲ୍ଲା ଶିଶୁ ସୁରକ୍ଷ୍ୟା ଅଧିକାରୀ, ସଦସ୍ୟ ଶିଶୁ କଲ୍ୟାଣ କମିଟି, ଚାଇଲଡ ହେଲ୍ପ ଲାଇନ, ସହକାରୀ ଶ୍ରମ ଅଧିକାରୀ, ଶ୍ରୀ ବିଭୁ ପ୍ରସାଦ ସ୍ୱାଇଁ, ସ୍ମିନିତା କୁମାରୀ ଦେବୀ ଶ୍ରମ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ବୃନ୍ଦ ଏହି ସଚେତନତା ପଦଯାତ୍ରାରେ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜନ ସାଧାରଣ ଓ ବାଣିଜ୍ୟ ପ୍ରତିଷ୍ଠାନର ସତ୍ୱାଧିକାରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଅଛି । ଉକ୍ତ ଶିଶୁ ଶ୍ରମିକ ନିରାକରଣ ସଚେତନତା ପଦଯାତ୍ରାରେ ସମସ୍ତ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ସହିତ ଜିଲ୍ଲାକୁ କିଭଳି ଶିଶୁ ଶ୍ରମିକ ମୁକ୍ତ କରାଯାଇପାରିବ ତଥା ଶିଶୁ ମାନଙ୍କର ଅଧିକାର, ଶିଶୁ ସୁରକ୍ଷା ଓ ଶିଶୁ ଶ୍ରମିକ ନିୟୋଜନରେ ଦଣ୍ଡବିଧାନର ପ୍ରାବଧାନ ସମ୍ପର୍କରେ ସର୍ବ ସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରଯାଇଥିଲା । ଉକ୍ତ ସଚେତନତା ରଥ କନ୍ଧମାଳ ଜିଲ୍ଲାର ଅନ୍ୟ ସହରାଞ୍ଚଳରେ ମଧ୍ୟ ପରିକ୍ରମା କରି ସଚେତନତା ସୃଷ୍ଟି କରିବ।

# କଂଗ୍ରେସର ସମ୍ବିଧାନ ବଞ୍ଚାଅ ସମାବେଶ, ସହର ପରିକ୍ରମା ର୍ୟାଲି



**ଫୁଲବାଣୀ,୧୮।୬(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା କଂଗ୍ରେସ ପକ୍ଷରୁ ସମ୍ବିଧାନ ବଞ୍ଚାଅ ସମାବେଶ । ଶତାଧିକ ଦଳୀୟ କର୍ମୀ ସ୍ଥାନୀୟ ମାଦିକୁନ୍ଦା ଛକଠାରୁ ଏକ ରାଲିରେ ବାହାରି ସହର ପରିକ୍ରମା କରିଥିଲା । ଏହା ପରେ ପାରିଜାତ କଲ୍ୟାଣ ମଣ୍ଡପ ଠାରେ ପହଞ୍ଚି ସେଠାରେ ସଭାର ଆୟୋଜନ ହୋଇଥିଲା । ଦଳୀୟ ନେତା ମାନେ ଉଦବୋଧନ ଦେଇ ବିଜେପ ସମ୍ବିଧାନ ଉପରେ ଆକ୍ରମଣ କରୁଛି କହି ପ୍ରତିବାଦ କରିଥିଲେ । ଦେଶରେ କଂଗ୍ରେସ ଦଳ ଥିବା ପର୍ଯ୍ୟନ୍ତ ବାବା ସାହେବଙ୍କ ପ୍ରଣୀତ ସମ୍ବିଧାନ ଉପରେ କୌଣସି ଆଞ୍ଚ୍ ଆସିବାକୁ ଦିଆଯିବ ନାହିଁ ବୋଲି କହିଛନ୍ତି କଂଗ୍ରେସର ବରିଷ୍ଠ ନେତା। ଜିଲ୍ଲା କଂଗ୍ରେସ ସଭାପତି ଚନ୍ଦ୍ର ଶେଖର ପରିଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପିସିସି ଉପସଭାପତି ତଥା ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା, ଜି. ଉଦୟଗିରି ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ, ରାୟଗଡ଼ା ବିଧାୟକ ଆପଲ୍ ସ୍ୱାମୀ କାଡ୍ରାକା, ପିସିସି ସମ୍ପାଦକ ରୁପକ ତୁରୁକ୍, ପର୍ଯ୍ୟବେକ୍ଷକ ହଳଧର ସେଠୀ, ପୂର୍ବତନ ସାଂସଦ ରାଧାକାନ୍ତ ଦିଗାଲ, ନକୁଳ ନାୟକ, ପୂର୍ବତନ ବିଧାୟକ ଅଭିମନ୍ୟୁ ବେହେରା, ଜାକବ ପ୍ରଧାନଙ୍କ ଘନ ଶବର ସମେତ ବହୁ ସଂଖ୍ୟାରେ ଜିଲ୍ଲା ସ୍ତରୀୟ ନେତା ଓ କର୍ମୀ ସାମିଲ ହୋଇଛନ୍ତି।

# ମୋବାଇଲ ଚୋରି ଘଟଣା ;୪ଗିରଫ



**ବ୍ରହ୍ମପୁର,୧୮।୬(ସଂଚାର ବ୍ୟୁରୋ):** ସ୍ଥାନୀୟ ସିଟି ହସ୍ପିଟାଲରୁ ରୋଗୀଙ୍କ ମୋବାଇଲ ଚୋରି ଘଟଣାରେ ପୋଲିସ୍ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ମାନେ ହେଲେ ଭି. ଆଶିଷ କୁମାର(୨୦),ଆରିଆନା ଗୌଡ଼(୧୯),ଏସ. କେ ଅସିଫ୍(୨୦)ଏ. ରାବି ରେଡ୍ଡୀ(୨୦)। ପୋଲିସ୍ ଅଭିଯୁକ୍ତ ମାନଙ୍କ ଠାରୁ ଚୋରି ହୋଇଥିବା ୨ଟି ମୋବାଇଲ ଜବତ୍ କରି ରୋଗୀଙ୍କୁ ହସ୍ତାନ୍ତର କରିଛି। ସୂଚନା ଅନୁଯାୟୀ, ହସ୍ପିଟାଲରେ ଥିବା ବୁଗୁଡା ଅଂଚଳର ରୋଗୀଙ୍କ ମୋବାଇଲ ଚୋରି ହୋଇଥିଲା। ପରେ ସିସିଟିଭି ଆଧାରରେ ପୋଲିସ୍ ଚିହ୍ନଟ କରି ଅଭିଯୁକ୍ତଙ୍କୁ କାବୁ କରିଥିଲା। ସମସ୍ତ ଅଭିଯୁକ୍ତ ପୂର୍ବରୁ ବିଭିନ୍ନ ଅପରାଧିକ ମାମଲାରେ ଜଡିତ ଥିବା ପୋଲିସ୍ ସ୍ପଷ୍ଟ କରିଛି।

# ମୁଖ୍ୟ ରାସ୍ତା ପାଲଟିଛି ଗୋଶାଳା

## ପୌରପରିଷଦର ଗୋରୁଧରା ଅଭିଯାନ କେବେ ?



**ହିଞ୍ଜିଳିକାଟୁ,୧୮।୬(ସଂଚାର ବ୍ୟୁରୋ):** ଦିନ ହେଉ କି ରାତି ହିଞ୍ଜିଳିକାଟୁ ସହରର ପ୍ରମୁଖ ରାସ୍ତାଗୁଡ଼ିକ କାଞ୍ଜିଆହୁଦା ପାଲଟିଛି।କଲେଜ ଛକରୁ ଜଗନ୍ନାଥ ମନ୍ଦିର ଛକ ପର୍ଯ୍ୟନ୍ତ ମାଳମାଳ ଗୋରୁ ଗୋଠରେ ପଡ଼ି ରହିଲା ଭଳି ରାସ୍ତାରେ ଶୋଇବା ଓ ଠିଆ ହୋଇ ରହୁଥିବା ଦେଖାଦେଇଛି । ଯାହା ଅନେକ ସମୟରେ ଦୁର୍ଘଟଣାର କାରଣ ହେଉଛି। ଗାଈ ମରୁଛନ୍ତି, ମଣିଷ ବି ମୃତାହତ ହେଉଥିବା ନଜିର ରହିଛି। ବିଶେଷ କରି ରାତିରେ ରାସ୍ତାରେ ବିଶ୍ରାମ ନେଉଥିବା ବୁଲା ଗୋରୁ ଗାଡ଼ିମଟରରେ ଆସୁଥିବା ଲୋକଙ୍କୁ ପାଇଁ ବିପଦର କାରଣ ହୋଇଛନ୍ତି। ଏହା ସତ୍ତ୍ୱେ ହିଞ୍ଜିଳିକାଟୁ ପୌରପରିଷଦ କର୍ତ୍ତୃପକ୍ଷ ସ୍ୱତନ୍ତ୍ର କାଞ୍ଜିଆହୁଦାରେ ବୁଲା ଗୋରୁଙ୍କୁ ଅଟକ ରଖିବାକୁ ଆଗ୍ରହ ପ୍ରକାଶ କରୁ ନାହିଁ। ଅନ୍ୟପକ୍ଷେ ଚାରି ଚକିଆ ଯାନ ଗଲାବେଳେ ହର୍ଣ୍ଣ ବଜାଇଲେ ମଧ୍ୟ ଗାଈ ଉଠୁନଥିବାରୁ ଗାଡ଼ିରୁ ଚାଳକ ଓହ୍ଲାଇ ସେମାନଙ୍କୁ ହଟାଇବାକୁ ପଡୁଛି। ଗୋଟିଏ ସ୍ଥାନରେ ଏତେ ସଂଖ୍ୟକ ଗାଈ ରହୁଛନ୍ତି ଯେ ରାସ୍ତାଟି ଗୁହାଳ ଭଳି ମନେ ହେଉଛି। ବେଳେବେଳେ ରାସ୍ତାର କେଉଁ କଡ ଦେଇ ଯିବ,ବାଇକ ଚାଳକ ତାହା ମଧ୍ୟ ଜାଣିପାରୁନାହିଁ। ଗାଈଗୋରୁଙ୍କ ରହଣି ପାଇଁ କୁଡ଼ିଆ କରି ସଫାସୁତୁରା ରଖିବା ପାଇଁ ପୌର ପରିଷଦ ପକ୍ଷରୁ ଗାଡ଼ି ଯୋଗେ ତାଗିଦ କରାଯାଉଥିଲେ ବି ଗାଈଗୋରୁଙ୍କ ମାଲିକ ଏହାକୁ କର୍ଣ୍ଣପାତ କରୁନାହାଁନ୍ତି ଓ ତେବେ କିଛି ବର୍ଷ ହେବ ରାସ୍ତାରେ ଗାଈଗୋରୁଙ୍କ ଉତ୍ପାତ ଦିନକୁ ଦିନ ବଢୁଥିବାରୁ ଏହା ଉପରେ ରୋକ୍ ଲଗାଇବା ପାଇଁ ହିଞ୍ଜିଳିକାଟୁ ପୌର ପରିଷଦ ପକ୍ଷରୁ ଆରମ୍ଭ ହୋଇଥିଲା ନୋଳିକରଣ ଯୋଜନା। ଏଥିରେ ବୁଲା ଗୋରୁଙ୍କ କାନରେ ଏକ ଟ୍ୟାଗ୍ ଲଗା ଯାଇଥିଲା।

- ସିଆରପିଏଫ ଯବାନ୍ ଦ୍ୱିତୀୟ ପତ୍ନୀ ଗ୍ରହଣ ବିବାଦ

# ପ୍ରଥମ ପତ୍ନୀ ଆଣିଲେ ଦୁର୍ବ୍ୟବହାର ଅଭିଯୋଗ



**ବୈଶିଙ୍ଗା,୧୮।୬(ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅନ୍ତର୍ଗତ କଳମା ପଞ୍ଚାୟତର ତାଳପଦା ଗ୍ରାମର ଦାସ ମହମ୍ମଦଙ୍କର ପୁତ୍ର ମନତାଜ୍ ମହମ୍ମଦ ଜଣେ ସିଆରପିଏଫ ର ଜବାନ ଭାବେ ସମ୍ବଲପୁର ରେଞ୍ଜ ରେ କର୍ତ୍ତବ୍ୟରତ। ମୁସଲମାନ ରୀତିନୀତି ଅନୁଯାୟୀ ବାରିପଦାର ମନୱର ଖାଁ ଙ୍କ ଝିଅ ଅଫସାନା ପରବିନ ଙ୍କୁ ଦୁଇ ବର୍ଷ ତଳେ ବିବାହ କରିଥିଲେ। ପ୍ରସୂତୀ ସମୟରେ ବାପଘର ବାରିପଦାରେ ରହି ଅଫସାନ କନ୍ୟା ସନ୍ତାନଟିଏ ଜନ୍ମ ଦେଇଥିଲେ । ପିଲାର ସଠିକ୍ ଯତ୍ନ ଚିକିତ୍ସା ସୁବିଧା ପାଇଁ ୪/୫ ମାସ ବାରିପଦା ରେ ରହିବା କୁ ନେଇ ଉଭୟ ପରିବାର ମଧ୍ୟରେ ତିକ୍ତତା ବୃଦ୍ଧି ପାଇଥିଲା।ଏହାର ସୁଯୋଗ ନେଇ ମନତାଜ ର ପିତା ଦାସ ମହମ୍ମଦ ଦ୍ବିତୀୟ ବିବାହ ପାଇଁ ପୁଅକୁ ରାଜି କରାଇ ଗୋସେଇଁଗାଁ ର ସେଖ୍ ରଣଜି ର ଝିଅ ସରଜିନା ଖାତୁନ୍ ସହିତ ଲୁଚା ଛପାରେ ମୌଲବୀ ମୁକ୍ତି ହାଇଦର ଜରିଆରେ ବାହାଘର କରାଇ ଦେଇଥିଲେ।ପ୍ରଥମ ସ୍ତ୍ରୀକୁ ଛାଡପତ୍ର ନ ଦେଇ ଦ୍ୱିତୀୟ ସ୍ତ୍ରୀ ଗ୍ରହଣ କରିଥିବା ଖବର ପାଇ ଅଫସାନା ବୈଶିଙ୍ଗା ଥାନାରେ ପହଞ୍ଚି ଗତ ତା୯-୮-୨୦୨୪ ରିଖ ରେ ଏକ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ଆଧାରରେ ବୈଶିଙ୍ଗା ଥାନା ୨୬୮/୨୪ ମୂଳେ ମାମଲା କୋର୍ଟ ରେ ଚାଲିଥିବା ଜଣାଯାଇଛି । ଚଳିତ ମାସ ୭ ତାରିଖ ଦିନ ଇଦ୍ ପର୍ବ ଦେଖିବା ପାଇଁ ଅଫସାନା ଏବଂ ତାର ବାପ ଘରର ପରିବାର ତାଳପଦା ଗ୍ରାମକୁ ଆସିଥିବା ବେଳେ ଅଫସାନା ର ନଣଦେଇ ସରଫରାଜ ଖାନ୍ ସେମାନଙ୍କୁ ରାସ୍ତାରେ ଅଟକାଇ ଗାଳି ଗୁଲଜ କରିବା ସହିତ ଅଭଦ୍ର ବ୍ୟବହାର କରିବା ତଥା ଜୀବନରୁ ମାରି ଦେବାର ଧମକ ଦେଇଥିଲେ। ଅଫସାନା ଓ ପରିବାର ଆସିଥିବା ଖବର ପାଇ ସ୍ୱାମୀ ମନତାଜ, ଶ୍ୱଶୁର ଦାସ ମହମ୍ମଦ ,ଶାଶୁ ହସିନା ବିବି ଓ ସାନ ନଣନ୍ଦ ରେହେନା ଖାତୁନ୍ ପ୍ରମୂଖ ପହଞ୍ଚି ଗାଁ ଦାଣ୍ଡରେ ଧମକାଇଲେ ଆମ ଗାଁକୁ ଆଉ କେବେ ଆସିଲେ ତୋତେ ଓ ତୋର ପିଲାକୁ ଜୀବନରୁ ମାରିଦେବୁ ଏବଂ ଏସିଡ୍ ପକାଇ ଜାଳି ଦେବୁ। ଆମର କିଏ କଣ କରିବ ଦେଖିବା ।

# ବର୍ଷାରେ ବିଦ୍ୟାଳୟ ପାଚେରୀ ଭୁଶୁଡିଲା



**କଣାସ,୧୮।୬(ସଂଚାର ବ୍ୟୁରୋ):** ଦିନକ ପରେ ବିଦ୍ୟାଳୟ ଖୋଲିବାକୁ ଥିବାବେଳେ ଗତକାଲି କଣାସ ବ୍ଲକ ଦେଇପୁର ଗ୍ରାମପଞ୍ଚାୟତର ତେଲଙ୍ଗାପଡା ସରକାରୀ ପ୍ରାଥମିକ ବିଦ୍ୟାଳୟର ଦୁଇ ଶହ ଫୁଟରୁ ଅଧିକ ବିଦ୍ୟାଳୟ ସୁରକ୍ଷା ପାଚେରୀ ଭୁଷୁଡି ପଡିଥିବାରୁ ବିଦ୍ୟାଳୟ ଖୋଲିଲେ ଛାତ୍ରଛାତ୍ରୀମାନେ ବହୁ ଅସୁବିଧାରେ ସମ୍ମୁଖୀନ ହେବେ ବିଦ୍ୟାଳୟର ଶ୍ରେଣୀ ଗୃହକୁ ଲାଗି ପାଚେରୀଟି ଥିବାରୁ ପାଚେରୀ ଭୁଷୁଡି ପଡିବାରୁ ପ୍ରଧାନ ଶିକ୍ଷକ ପ୍ରତାପ କେଶରୀ ରାୟ କଣାସ ବ୍ଲକ ଶିକ୍ଷା ଅଧିକାରୀଙ୍କ ନିକଟରେ ଅଭି ଯୋଗ କରିଛନ୍ତି। ଯୁଦ୍ଧ କାଳୀନ ଭିତରେ ତାହା ମରାମତି କରା ନଗଲେ ଅବାଧରେ ଗୋରୁ ଗାଈ ,କୁକୁର ସ୍କୁଲ ପରିସରରେ ପ୍ରବେଶ କରିବେ। ଫଟୋ ଇମେଲରେ ପଠାଗଲା ।

# ଲୋକକଳା ମାଧ୍ୟମରେ ନିଶା ନିବାରଣ ସଚେତନତା

**ଜଗତସିଂହପୁର,୧୮।୬(ସଂଚାର ବ୍ୟୁରୋ):** ଜଗତସିଂହପୁର ପୌରପରିଷଦର କଲେଜ ଛକ , ହାଟ ବଜାର ଓ ରଘୁନାଥପୁର ବ୍ଲକ ର ବିଜୁପଟ୍ଟନାୟକ ଛକ ଠାରେ ଅବକାରୀ ବିଭାଗ ଏବଂ ସଂସ୍କୃତି ବିଭାଗର ମିଳିତ ଉଦ୍ୟମରେ ପାଲା ଓ ପଥ ପ୍ରାନ୍ତର ନାଟକ ମାଧ୍ୟମ ରେ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ ପରିବେଷଣ ହୋଇଛି ।

ଏହି କାର୍ଯ୍ୟକ୍ରମରେ ସାଧାରଣ ଜନତା ଙ୍କୁ ସଚେତନ କରିବାପାଇଁ ଗୀତ ଓ ନାଟକ ପରିବେଷଣ କରାଯିବା ସହ ସେମାନଙ୍କୁ ପ୍ରଚାର ପତ୍ର ବଣ୍ଟନ କରାଯାଇ ଥିଲା।



ଆଦିବାସୀ ପୋତିଲେ ଲାଲ ପତାକା

# ଜମି ଅଧିକାର ପାଇଁ ଏଏସଏମର ଦୃଢ଼ ଦାବି



**କୋଲନରା,୧୮।୬(ସଂଚାର ବ୍ୟୁରୋ):** ରାୟଗଡ଼ା ଜିଲ୍ଲାର କୋଲନରା ବ୍ଲକ ଅନ୍ତର୍ଗତ ତଳ ସିକାବାଡି ଗାଁରେ ଆଦିବାସୀ ମାନେ ତାଙ୍କ ପୂର୍ବପୁରୁଷ ଦଖଲରେ ଥିବା ଜମି ଉପରେ ଲାଲ ପତାକା ପୋତି ତାଙ୍କ ଅଧିକାର ପ୍ରତି ସଂକେତ ଦେଇଛନ୍ତି । ଏହି କାର୍ଯ୍ୟକ୍ରମ ଆଦିବାସୀ ସଂଘର୍ଷ ମୋର୍ଚ୍ଚା (ଏଏସଏମ) ର ନେତୃତ୍ୱରେ ଆୟୋଜିତ ହୋଇଥିଲା କ୍ଷ ତଳ ସିକାବାଡି ଗାଁଟି ପାହାଡ଼ ଓ ଜଙ୍ଗଲରେ ଘେରାଯାଇଥିବା ଏକ ଆଦିବାସୀ ଅଞ୍ଚଳ ଯେଉଁଠି ୧୮ଟି ଆଦିବାସୀ ପରିବାର ବର୍ଷ ବର୍ଷ ଧରି ବସବାସ କରୁଛନ୍ତି । ସମ୍ବିଧାନର ୫ମ ଅନୁଛେଦ ଅନୁଯାୟୀ ଏହି ଆଦିବାସୀ ମାନଙ୍କୁ ଜମି ଉପରେ ଅଧିକାର ମିଳିବା ଉଚିତ୍ ଥିଲେ ମଧ୍ୟ ସରକାର ତାହାକୁ ପ୍ରତିବନ୍ଧ କରୁଛି ବୋଲି ଦାବି କରାଯାଇଛି । ଏହି ସମସ୍ୟା କେବଳ ଏକ ଗାଁ ପରିଧିରେ ସୀମିତ ନୁହେଁ ବରଂ ପୂରା ରାୟଗଡ଼ା ଜିଲ୍ଲା ର ଅନେକ ଆଦିବାସୀ ଅଞ୍ଚଳରେ ଏହି ପରିସ୍ଥିତି ଜାରି ରହିଛି । ଏଏସଏମ ର ଦାବି ଅନୁଯାୟୀ, ସରକାର ଆଦିବାସୀ ଅଞ୍ଚଳରେ ଅଣ-ଆଦିବାସୀ ମାନଙ୍କୁ ପ୍ରବେଶ ଦେଇ ସ୍ଥାନୀୟ ଆଦିବାସୀଙ୍କୁ ତାଙ୍କ ଅଧିକାରରୁ ବଞ୍ଚିତ କରୁଛନ୍ତି। ଠକି, କୁମୁଟି, ଶୁଣ୍ଢି, ବ୍ରାହ୍ମଣ, ସୁନାରି ଭଳି ଅଣ-ଆଦିବାସୀ ମାନଙ୍କୁ ଜମି ଦିଆଯାଇଥିବା ଦାବି କରି, ଏଏସଏମ ତରଫରୁ ଆଗାମୀ ୬ ତାରିଖ ରେ କୋଲନରା ତହସିଲ କାର୍ଯ୍ୟାଳୟ ସାମ୍ନାରେ ବିକ୍ଷୋଭ ପ୍ରଦର୍ଶନ ଓ ୨୧ ଦଫା ଦାବି ସହିତ ମୁଖ୍ୟମନ୍ତ୍ରୀଙ୍କୁ ଉଦ୍ଦେଶ୍ୟ କରି ସ୍ମାରକପତ୍ର ଦେବା କଥା ଘୋଷଣା କରାଯାଇଛି । ଏହି ଅନ୍ଦୋଳନର ମୁଖ୍ୟ ମାନ୍ୟତା ହେଉଛି ଆଦିବାସୀ ମାନଙ୍କର ଜମି ଉପରେ ନ୍ୟାୟସଙ୍ଗତ ଅଧିକାର ଦେବା ଓ ସରକାର ଓ ପ୍ରଶାସନ ତାହାର ଉପରେ ଦୃଷ୍ଟି ଦିଅନ୍ତୁ । ଏହି ଦାବିକୁ ସମର୍ଥନ କରି ସଂଘର୍ଷ ମୋର୍ଚ୍ଚାର ଜାତୀୟ ନେତା ତ୍ରିପତି ଗମାଙ୍ଗ, ପୂର୍ବତନ ସରପଞ୍ଚ ଅନିରୁଦ୍ଧ ନିଶିକା ଓ ୱାର୍ଡ ମେମ୍ବର କ୍ରିଷ୍ଟା ପଦକା ମାନେ ମଧ୍ୟ ଉପସ୍ଥିତ ଥିଲେ ।

# ତହସିଲ କାର୍ଯ୍ୟାଳୟ ଦୁଆର ମୁହଁରେ ବିରାଟ ଗାଡ଼



**କଳିଙ୍ଗନଗର,୧୮।୬(ସଂଚାର ବ୍ୟୁରୋ):** ଦାନଗଦୀ ବଜାର ଭିତରେ ରାସ୍ତା ପ୍ରଶସ୍ତି କରଣ କାମ ଆଜି ପ୍ରଯ୍ୟନ୍ତ ସରିଲା ନାହିଁ, ଡ୍ରେନ କାମ ମଧ୍ୟ ଅଧୁରା, ଶିଲ୍ପାଞ୍ଚଳ ର ପ୍ରବେଶପଥ ସହ ସ୍ୱାସ୍ଥ୍ୟ କେନ୍ଦ୍ର, ବ୍ଲକ, ବ୍ୟାଙ୍କ, ବ୍ଲକ ଶିକ୍ଷା ବିଭାଗ ଅଫିସ, ହାଟ, ପୋଷ୍ଟ ଅଫିସ, ଦମକଳ କେନ୍ଦ୍ର, ପୋଲିସ ଫାଣ୍ଡି, କୃଷି ବିଭାଗ ଅଫିସ, ଉଦ୍ୟାନ ବିଭାଗ ଅଫିସ, ପଶୁ ଡାକ୍ତର ଖାନା, ବେସରକାରୀ ବିଦ୍ୟାଳୟ, ହୋଟେଲ ଓ ବିଭିନ୍ନ ବେସରକାରୀ ଅଫିସ ରେ ଦୈନିକ କାମ ପାଇଁ ହଜାର ହଜାର ସଂଖ୍ୟା ରେ ଲୋକ ମାନଙ୍କର ଭିଡ଼ ହୋଇଥାଏ, ଦୀର୍ଘ ବର୍ଷ ହେଲା ଏହି ବଜାର ଭିତର ର ରାସ୍ତା କୁ ନେଇ ଦୁର୍ଘଟଣା ମାନ ଘଟିଛି, ଧନ ଜୀବନ ହାନୀ ହୋଇଛି, କିନ୍ତୁ ଟ୍ରାଫିକ ଭିଡ଼ ଅଧିକାଂଶ ସମୟରେ ଅଣ ଆୟତ୍ତ କରୁଛି, ଆଉ ସବୁଠାରୁ ଦୁଃଖ ଦୁର୍ଭାଗ୍ୟ ର କଥା ଦାନଗଦି ତହସିଲ ଅଫିସ କୁ ଯିବା ବାଟ ରେ ଏକ ବିରାଟ ଗର୍ତ୍ତ ହୋଇଛି, ମରଣ ଯନ୍ତା ପାଲଟିଛି ଏହି ଯାତାୟାତ ପ୍ରବେଶ ପଥ,ଅସାରଏ ବର୍ଷା ହେଲେ କଥା ସରିଲା ପାଣି ଆଣ୍ଠୁଅ ଜମିକି ରହୁଛି, ତହସିଲଦାର ବାବୁ ସେଇ ରାସ୍ତା ଦେଇ ଚାରି ଚକିଆ ଗାଡ଼ିରେ ଦୈନିକ ମଧ୍ୟ ଯାତାୟାତ କରୁଛନ୍ତି, ତହସିଲ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଓ ଦୈନିକ ଶହ ଶହ ଲୋକ ବିଭିନ୍ନ କାମ ପାଇଁ ଯିବା ଆସିବା ପାଇଁ ନାହିଁ ନ ଥିବା ହିନସ୍ତା ହେଉଛନ୍ତି, କିନ୍ତୁ ସରକାରୀ ବାବୁ ଙ୍କର ଯେପରି ଦୃଷ୍ଟି ପଡୁନାହିଁ, ସେହି ଗାଡ଼ ରାସ୍ତା ଦେଇ ସୋଲେଇ ଗାଁ ର ଲୋକମାନେ ଦୈନିକ ବହୁକଷ୍ଟ ରେ ଯିବା ଆସିବା କରୁଛନ୍ତି, ବେଶୀ ବିପଦ ପୂର୍ଣ୍ଣ ଭାବେ ଛୋଟ ଛୋଟ ପିଲାମାନେ ବିଦ୍ୟାଳୟ କୁ ସାଇକେଲ ରେ ଯାଉଛନ୍ତି, ଦୀପ ତଳ ଅନ୍ଧାର ପରି ରହିଯାଇଛି ଏହି ରାସ୍ତା ଟି, ପ୍ରଶାସନ ଏହି ବିପଦ ପୂର୍ଣ୍ଣ ଗର୍ତ୍ତ ଟି ଉପରେ ଦୃଷ୍ଟି ଦେଇ ମରାମତି କରିବା ପାଇଁ ସାଧାରଣ ରେ ଦାବୀ ହେଉଛି।

# ରାକ୍ସି ଓ ମାଣ୍ଡେଲରେ ଗଡ଼ିଲା ବିକାଶ ରଥ

**ନର୍ଲା,୧୮।୬(ସଂଚାର ବ୍ୟୁରୋ):** ବିକାଶ ବାହନ ସଚେତନତା ରଥକୁ ନର୍ଲା ବ୍ଲକର ରାକ୍ସି ଓ ମାଣ୍ଡେଲ ପଞ୍ଚାୟତରେ ବୁଧବାର ଦିନ ସ୍ୱାଗତ କରାଯାଇଛି। ରାକ୍ସି ପଞ୍ଚାୟତରେ ସରପଞ୍ଚ ଯେମନ୍ତ ପୋଢଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସରପଞ୍ଚ ସଂଘ ସଭାପତି ଅନ୍ତରାମ ମାଝୀ, ଘଣ୍ଟମାଳ ସରପଞ୍ଚ ଦେବେନ୍ଦ୍ର ସା, ସରିଆଁ ସରପଞ୍ଚ ଓମପ୍ରକାଶ ଛତ୍ରିଆ, ବାଗପୁର ସରପଞ୍ଚ ଗୋପାଳ ହାତୀ, ଭୀମକେଲା ସରପଞ୍ଚଙ୍କ ପ୍ରତିନିଧି ଜୟନ୍ତ ଗଉଡ, ଜିପିଡିଓ ରବି ନାଏକ, ସିଡିପିଓ ଅଞ୍ଜଳି ପଟ୍ଟନାୟକ, ରାକ୍ସି ସମିତି ସଭ୍ୟ ଚୁମନ ଭୋଇ, ନାଏବ ସରପଞ୍ଚ କୁନ୍ତି ମାଝୀ ପ୍ରମୁଖ ମଞ୍ଚାସୀନ ଥିଲେ। ରାକ୍ସି ପିଇଓ ସହଶ୍ରାଂଶୁ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶିକ୍ଷାବିତ ମନୋଜ କୁମାର ଭୋଇ ମଞ୍ଚ ସଂଯୋଜନା କରିଥିଲେ। ଏହି ଅବସରରେ ପଞ୍ଚାୟତର ହିତାଧିକାରୀମାନଙ୍କୁ ଜବ୍ କାର୍ଡ, ସାମାଜିକ ନିରାପତ୍ତା ଭତ୍ତା, ହୁଇଲ ଚେୟାର, ଅନ୍ତୋଦୟ ଗୃହ, ରାସନ କାର୍ଡ ଆଦି ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଏଡିଇଓ ଭଗବତ ପ୍ରସାଦ ସାହୁ, ଯୋଗାଣ ସହାୟକ ଚୈତନ୍ୟ ସାହୁ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ମାଣ୍ଡେଲରେ ଭାରପ୍ରାପ୍ତ ସରପଞ୍ଚ ସୁଧାଙ୍ଗନା ନାଏକଙ୍କ ଅଧ୍ୟକ୍ଷତାରେ ଏନେଇ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନର୍ଲା ବିଡ଼ିଓ ବିପିନ ବିହାରୀ ଦୀପ, ସମ୍ମାନିତ ଅତିଥି ଭାବେ ଜିପିଡିଓ ରବି ନାଏକ, ନର୍ଲା ସରପଞ୍ଚ ସଂଘ ସଭାପତି ଅନ୍ତରାମ ମାଝୀ, ବାଗପୁର ସରପଞ୍ଚ ଗୋପାଳ ହାତୀ, ଦିବଂଗତ ସରପଞ୍ଚ ପଦ୍ମଲୋଚନ ଜାଲଙ୍କ ସୁପୁତ୍ର ପ୍ରସୁନ କୁମାର ଜାଲ (ରଞ୍ଜନ), ୱାର୍ଡ ସଭ୍ୟ ମାର୍କଣ୍ଡ ଜାଲ, ଶିକ୍ଷାବିତ ରାମ ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ନରହରି ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶିକ୍ଷାବିତ ଶରତ ଚନ୍ଦ୍ର ଭୋଇ ମଞ୍ଚ ପରିଚାଳନା କରିଥିଲେ। ମାଣ୍ଡେଲ ଏଡିଇଓ ସବିତା ଦାସ, ବାସବ ମହାନନ୍ଦ, ମୁକୁନ୍ଦ ମାହାର ପ୍ରମୁଖ ସହଯୋଗ କରିଥିଲେ।